RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-313 • BHUBANESWAR • FRIDAY • 10 MAY 2024 • PAGE-16 • ₹ 6.00

• ବର୍ଷ-୪୧ • ସଂଖ୍ୟା-୩୧୩ • ଭୁବନେଶ୍ୱର • ଶୁକ୍ରବାର • ୧୦ ମେ ୨୦୨୪ • ପୃଷ୍ଠା-୧୬ • ଟ.୬.୦୦




ଅଳିଆ ଗଦାରେ ଧନୁଷ

▶ଭିତର ପୃଷ୍ଠାରେ...

## ୨୦୩୪ ସୁଦ୍ଧା ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନ ନିମନ୍ତେ ବିଜେଡିର ସଙ୍କଳ୍ପ

# ନବୀନ ଗ୍ୟାରେଣ୍ଟି ୧୦୦ ୟୁନିଟ ମାଗଣା ବିଜୁଳି



### ୧୦ବର୍ଷ ପାଇଁ ୧ଲକ୍ଷ କୋଟିର ସ୍ୱତନ୍ତ୍ର ଯୁବ ବଜେଟ

- ଜଳବାୟୁ ଓ ଜେଣ୍ଡର ବଜେଟ ପରି ରାଜ୍ୟ ସରକାର ଆଣିବେ 'ସ୍ୱତନ୍ତ୍ର ଯୁବ ବଜେଟ୍'
- ୧୪ ହଜାରକୁ ବୃଦ୍ଧି ହେବ 'ନୂଆ-ଓ' ଛାତ୍ରୀବୃତ୍ତି, ଛାତ୍ରଙ୍କୁ ମିଳିବ ୧୨ହଜାର
- ପାଞ୍ଚବର୍ଷରେ ଯୁବବର୍ଗଙ୍କୁ ଦୁଇଲକ୍ଷ ସରକାରୀ ଚାକିରି
- ମିଶନ ଶକ୍ତି ମା'ମାନଙ୍କୁ ପେନ୍‌ସନ୍; ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ
- ୫ ବର୍ଷ ମଧ୍ୟରେ ଏସ୍‌ଏମ୍‌ଇରେ ପରିଣତ କରାଯିବ ସବୁ ସ୍ୱୟଂ ସହାୟକ ଗୋଷ୍ଠୀ
- ବିଏସ୍‌କେୱାଇରେ ସାମିଲ ହେବେ ଠିକା କର୍ମଚାରୀ, ମଧ୍ୟବିତ୍ତ ଓ ସରକାରୀ କର୍ମଚାରୀ
- ବୈଜ୍ଞାନିକ ଯୋଜନା ଆଧାରରେ ଚାରିଟି ପ୍ରମୁଖ ସହରରେ ଅର୍ବାନ୍ କ୍ଲଷ୍ଟର
- ଓଡ଼ିଆ ଭାଷା ପାଇଁ ସ୍ୱତନ୍ତ୍ର ପାଣ୍ଠି

■ ଭୁବନେଶ୍ୱର, ୯ ।୫ (ସମିସ): ବିଜୁଳି ଦେୟରୁ ମୁକ୍ତି ପାଇବେ ରାଜ୍ୟର ଜନସାଧାରଣ। ୧୦୦ ୟୁନିଟ୍ ଯାଏ ବିଜୁଳି ବ୍ୟବହାର କରୁଥିବା ପରିବାରକୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ୧୫୦ ୟୁନିଟ୍ ଯାଏ ବିଜୁଳି ବ୍ୟବହାର କରୁଥିବା ପରିବାରକୁ ୧୦୦ ୟୁନିଟ୍ ବିଜୁଳି ଦେୟ ଛାଡ଼ କରାଯିବ। ୨୦୨୪ ନିର୍ବାଚନ ନିମନ୍ତେ ଦଳର ଇସ୍ତାହାର ପ୍ରକାଶ ଅବସରରେ ଏହା ଘୋଷଣା କରିଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟର ୭୫% ପରିବାର ୧୦୦ ୟୁନିଟ୍‌ରୁ କମ୍ ବିଜୁଳି ବ୍ୟବହାର କରୁଛନ୍ତି ଓ ୧୦% ପରିବାର ୧୦୦ରୁ ୧୫୦ ୟୁନିଟ୍ ବିଜୁଳି ବ୍ୟବହାର କରୁଛନ୍ତି । ଶକ୍ତି ସୁରକ୍ଷା ସହ ଏହି ୮୫ରୁ ୯୦% ଜନସଂଖ୍ୟାକୁ ଆଚ୍ଛାଦନ ସହ ବିଜେଡି ସରକାର ମାଗଣା ବିଜୁଳି ଦେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହା ରାଜ୍ୟର ଶକ୍ତି ସୁରକ୍ଷାକୁ ବୃଦ୍ଧି କରିବା ସହ ବିଦ୍ୟୁତ୍‌ର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ଉତ୍ସାହିତ କରିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ଲୋକଙ୍କ ମତ ଆଧାରରେ ବିଜେଡି ନିଜର ନିର୍ବାଚନୀ ଘୋଷଣାପତ୍ର ପ୍ରସ୍ତୁତ କରିଛି । ଗୁରୁବାର ସନ୍ଧ୍ୟାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ନିର୍ବାଚନ ଇସ୍ତାହାର ପ୍ରକାଶ ସହ ୨୦୩୪ ସୁଦ୍ଧା ରାଜ୍ୟକୁ ସମୃଦ୍ଧ ଓ ସଶକ୍ତ ଲକ୍ଷ୍ୟରେ ଦଳ କାର୍ଯ୍ୟ କରିବ ବୋଲି ଘୋଷଣା କରିଛନ୍ତି। ନୂଆ ସରକାରର ପ୍ରଥମ କ୍ୟାବିନେଟ୍ ବୈଠକରେ ଏହି ବୈପ୍ଳବିକ ଘୋଷଣାପତ୍ରକୁ ଓଡ଼ିଶା ସରକାରଙ୍କ ନୀତି ଭାବରେ ଗ୍ରହଣ କରାଯିବ। ଏହା ହେବ ମୋର ଗ୍ୟାରେଣ୍ଟି। 'ନବୀନ ୫-ଟି ଗ୍ୟାରେଣ୍ଟି'। ଘୋଷଣାପତ୍ରରେ ପ୍ରତିଟି ପ୍ରତିଶ୍ରୁତି ସମୟୋଚିତ ଭାବେ ପାଳନ କରାଯିବ। ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟ ଭାବେ ଗଢ଼ିବା ସହିତ ଯୁବଶକ୍ତିଙ୍କୁ ସଶକ୍ତ କରି ସେମାନଙ୍କ ଆଶାକୁ ପୂରଣ କରିବା ଓ ସ୍ୱପ୍ନକୁ ସାକାର କରିବା ଦିଗରେ ଏହି ଘୋଷଣାପତ୍ର ହେବ ତା'ର ▶ପୃଷ୍ଠା-୯

**ଓଡ଼ିଶାରେ ସୁବର୍ଣ୍ଣ ଯୁଗର ଭିତ୍ତି ସ୍ଥାପନ କରିଛି ଘୋଷଣାପତ୍ର**

---

### ବ୍ରହ୍ମପୁର, ଆସ୍କା ଓ କନ୍ଧମାଳ ଲୋକସଭା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ ପ୍ରଚାର

# ଅପରାଧୀଙ୍କୁ ନୁହେଁ; ଶଙ୍ଖ ଚିହ୍ନକୁ ଆଶୀର୍ବାଦ କରନ୍ତୁ

- ବିରୋଧୀ କାଲି ମିଛ କହୁଥିଲେ, ଆଜି ବି ମିଛ କହୁଛନ୍ତି
- ନିର୍ବାଚନ ବେଳେ ବିରୋଧୀ କୁମ୍ଭୀର କାନ୍ଦଣା କାନ୍ଦନ୍ତି
- ଭୋଟ ସରିବା ପରେ ସେମାନଙ୍କ ଦେଖା ମିଳେନାହିଁ



■ ବ୍ରହ୍ମପୁର/ଆସ୍କା/ଫୁଲବାଣୀ, ୯ ।୫(ସମିସ): ଅପରାଧୀଙ୍କୁ ନୁହେଁ, ନିର୍ବାଚନରେ ଭଲ ପ୍ରାର୍ଥୀଙ୍କୁ ବାଛନ୍ତୁ। ଅପରାଧୀ ପ୍ରାର୍ଥୀଙ୍କୁ ଭଲ କରି ଚିହ୍ନରଖନ୍ତୁ, ଆଉ ସେମାନଙ୍କୁ ମୁହଁତୋଡ଼ ଜବାବ୍ ଦିଅନ୍ତୁ। ବିଜୁ ଜନତା ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରନ୍ତୁ, ଶଙ୍ଖଚିହ୍ନରେ ଭୋଟ ଦିଅନ୍ତୁ। ବିଜେଡି ଲୋକଙ୍କ ସହ ରହି ଆସିଛି ଆଉ ସବୁ ନିର୍ବାଚନରେ ରହିବ। ଶଙ୍ଖ ଚିହ୍ନକୁ ଆଶୀର୍ବାଦ କରନ୍ତୁ, ରାଜ୍ୟର ବିକାଶ ରଥକୁ ଆଗେଇ ନିଅନ୍ତୁ ବୋଲି ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ▶ପୃଷ୍ଠା-୯

## ବିଜେପି ଇସ୍ତାହାର ମିଛ ପ୍ରତିଶ୍ରୁତିର ଗନ୍ତାଘର: ପାଣ୍ଡିଆନ

- ଜନଜାତି ଭାଇମାନଙ୍କ ଉପରୁ ୫୦ ହଜାର ମାମଲା ରଦ୍ଦ କରିଛନ୍ତି ମୁଖ୍ୟମନ୍ତ୍ରୀ
- ବିଜେପି ଗତ ୨୪ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମଧ୍ୟ ଠିକ୍ କରିପାରୁନି
- ୨୦୨୪ ଇସ୍ତାହାରରେ ମଧ୍ୟ ସେମାନେ ଦେଇଛନ୍ତି ପ୍ରବଳ ମିଛ ପ୍ରତିଶ୍ରୁତି
- ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବିଜେଡିର ଷ୍ଟ୍ରାଇକ୍ ରେଟ୍ ୯୦%ରୁ ଅଧିକ

ମୁଖ୍ୟମନ୍ତ୍ରୀଙ୍କ ସହ ବ୍ରହ୍ମପୁର, ଆସ୍କା ଓ କନ୍ଧମାଳ ସଂସଦୀୟ କ୍ଷେତ୍ରର ବିଭିନ୍ନ ଅଞ୍ଚଳରେ ନିର୍ବାଚନ ପ୍ରଚାର କରିଛନ୍ତି ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। ଏହି ଅବସରରେ ସେ କହିଛନ୍ତି ଯେ ଆସ୍କା ଲୋକସଭା ନିର୍ବାଚନ ମଣ୍ଡଳୀର ୭ଟି ବିଧାନସଭା ମଧ୍ୟରୁ ଆମର ୫ଜଣ ପ୍ରାର୍ଥୀ ହେଉଛନ୍ତି ମହିଳା। ଲୋକସଭା ପ୍ରାର୍ଥୀ ମଧ୍ୟ ଜଣେ ଯୁବ ମହିଳା। ଏଥିରୁ ଆପଣମାନେ ଜାଣନ୍ତୁ ମହିଳା ▶ପୃଷ୍ଠା-୯







## ଆଜି ଆସୁଛନ୍ତି ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୯ ।୫(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଏକ ରୋଡ ସୋ'ରେ ଯୋଗ ଦେବେ। ଏହି ରୋଡ ସୋ ସନ୍ଧ୍ୟା ୬ଟାରେ ରାଜ୍ୟ



କାର୍ଯ୍ୟାଳୟଠାରୁ ବାହାରି ବାଣୀବିହାରଠାରେ ପହଞ୍ଚିବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି ବୋଲି ବିଜେପି ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଭୁବନେଶ୍ୱରରେ

### ସନ୍ଧ୍ୟାରେ ରାଜଧାନୀରେ ରୋଡ ସୋ'

ରାତ୍ରିଯାପନ କରିବା ପରେ ପ୍ରଧାନମନ୍ତ୍ରୀ ୧୧ ତାରିଖ ଦିନ କନ୍ଧମାଳ ଲୋକସଭାର ଫୁଲବାଣୀ ଷ୍ଟାଡିୟମ, ପୂର୍ବାହ୍ନ ୧୧.୩୦ରେ ବଲାଙ୍ଗୀର ଏବଂ ଅପରାହ୍ନ ୧.୩୦ରେ ବରଗଡ଼ଠାରେ ଅନୁଷ୍ଠିତ ହେବାକୁ ଥିବା ସମାବେଶରେ ଯୋଗ ଦେବେ ବୋଲି ସୂଚନା ମିଳିଛି।

## ବିଜେପିର 'ପାଇକ' ଛଳ

# ପାଇକ ବିଦ୍ରୋହକୁ ମିଳିଲା ନାହିଁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା

**ଭୁବନେଶ୍ୱର, ୯ ।୫ (ସମିସ):** ଓଡ଼ିଶାର ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପ୍ରସଙ୍ଗରେ ବିଜେପି ଅକଳରେ। ଏହି ଐତିହାସିକ ସତ୍ୟକୁ ଇତିହାସରେ ସ୍ଥାନ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ, ରାଜ୍ୟ ସରକାରଙ୍କ ସଂକଳ୍ପ, ଶାସକ ବିଜେଡିର ଦାବିକୁ କେନ୍ଦ୍ର ସରକାର କର୍ଣ୍ଣପାତ କରିନାହାନ୍ତି। ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଏଯାଏ ମିଳିନାହିଁ। ପାଇକ ବିଦ୍ରୋହର ଦ୍ୱିଶତବର୍ଷ ଉତ୍ସବ ପାଳନ କରି କେନ୍ଦ୍ର ସରକାର ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ସ୍ୱୀକାର କରିଛନ୍ତି। ମାତ୍ର ଏହାକୁ ବିଧିବଦ୍ଧ ସ୍ୱୀକୃତି ଦେବାକୁ କେନ୍ଦ୍ର ସରକାର ଗତ ୭ ବର୍ଷ ମଧ୍ୟରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏ ପ୍ରସଙ୍ଗରେ ବିଜେଡ଼ିର ସାଂସଦମାନେ କେନ୍ଦ୍ର ନିକଟରେ ବାରମ୍ବାର ଦାବି ଦୋହରାଇଛନ୍ତି। ରାଜ୍ୟ ସରକାର ବିଧାନସଭାରେ ଏ ସଂକ୍ରାନ୍ତରେ ସଂକଳ୍ପ ଗୃହୀତ କରି କେନ୍ଦ୍ର ନିକଟକୁ ପଠାଇଛନ୍ତି; ମାତ୍ର କୌଣସି ଫଳ ମିଳିନାହିଁ। ବିଡ଼ମ୍ବନା ହେଉଛି ରାଜ୍ୟର ପାଇକ ସମୃଦ୍ଧ ଅଞ୍ଚଳ ଖୋର୍ଦ୍ଧା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ନିର୍ବାଚନୀ କ୍ଷେତ୍ର ଅନ୍ତର୍ଗତ ହୋଇଥିଲେ ସୁଦ୍ଧା ଏ ସମ୍ପର୍କରେ ସେ ଥରଟିଏ ବି କେନ୍ଦ୍ର ନିକଟରେ ପ୍ରସ୍ତାବ ରଖି ନାହାନ୍ତି। କେବଳ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ନୁହନ୍ତି; ରାଜ୍ୟରୁ ନିର୍ବାଚିତ ୮ ଜଣ ବିଜେପି ସାଂସଦ ଓ କଥା କଥାରେ ଅସ୍ମିତା କଥା କହୁଥିବା କେନ୍ଦ୍ରମନ୍ତ୍ରୀ ଏହି ପ୍ରସଙ୍ଗରେ ରହସ୍ୟମୟ ନିରବତା ଅବଲମ୍ବନ କରିଛନ୍ତି।

୨୦୧୭ରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଲେଖିଥିବା ଚିଠିରେ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପ୍ରଦାନର ଯଥାର୍ଥତା ମଧ୍ୟ ଉପସ୍ଥାପନ କରିଥିଲେ। ପାଇକ ବିଦ୍ରୋହ ଓଡ଼ିଆ ଜାତୀୟତାବାଦର ପ୍ରଥମ ସ୍ୱର ଏବଂ କୌଣସି ସାମରିକ ଶକ୍ତି କେବେ ବି ଗୋଟିଏ ସ୍ୱାଭିମାନ ଜାତିର ଚେତନାକୁ ପରାସ୍ତ କରି ପାରିବ ନାହିଁ ତାହା ପାଇକ ବିଦ୍ରୋହ ପ୍ରମାଣିତ କରିଛି। ୧୮୫୭ରେ ବ୍ରିଟିଶ୍ ବିରୋଧରେ ଦେଶରେ ପ୍ରଥମ ସଂଗ୍ରାମ ହୋଇଥିଲା। ମାତ୍ର ଏହାର ଢ଼େର ପୂର୍ବରୁ ୧୮୧୭ରେ ଓଡ଼ିଆ ବୀର ପାଇକମାନେ ବ୍ରିଟିଶ୍ ସରକାରର ଅନ୍ୟାୟ ବିରୋଧରେ ସଂଗ୍ରାମ ଆରମ୍ଭ କରିଥିଲେ। ପାଇକମାନଙ୍କର ସାହସ ଓ ବୀରତ୍ୱ ଯୋଗୁଁ ଦୀର୍ଘଦିନ ଧରି ଓଡ଼ିଶା ଅପରାଜେୟ ରହିଥିଲା। ମହାନ ସଂଗ୍ରାମୀ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ପାଇକମାନଙ୍କ ସଂଗ୍ରାମ

- ସାତ ବର୍ଷ ହେଲା କେନ୍ଦ୍ରର ଶୀତଳଭଣ୍ଡାରରେ 'ବକ୍ସି ଏକ୍ସପ୍ରେସ' ଦାବି
- ୨୦୧୭ ତତ୍କାଳୀନ ରେଳମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ ମୁଖ୍ୟମନ୍ତ୍ରୀ
- ଥରେ ବି ତୁଣ୍ଡ ଖୋଲି ନାହାନ୍ତି ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ
- ତୁଣ୍ଡରେ ତାଲା ଦେଇ ବସିଛନ୍ତି ଅସ୍ମିତା କଥା ଗାଉଥିବା କେନ୍ଦ୍ରମନ୍ତ୍ରୀ

ଓଡ଼ିଶା ଇତିହାସକୁ ସମୃଦ୍ଧ କରିଛି। ୧୮୧୭ରେ ବ୍ରିଟିଶ୍ ସରକାରଙ୍କ ବିରୋଧରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ପାଇକ ବିଦ୍ରୋହ ଇତିହାସର ଏକ ଗୌରବମୟ ଅଧ୍ୟାୟ। ସାରା ଭାରତରେ ବ୍ରିଟିଶ୍ ସରକାର ବିରୋଧରେ ଏହାଥିଲା ପ୍ରଥମ ସ୍ୱାଧୀନତା ସଂଗ୍ରାମ। ତେଣୁ ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ସ୍ମୃତିରେ ପୁରୀ ବା ଖୋର୍ଦ୍ଧାରୁ ମୁମ୍ବାଇକୁ ଏକ ଦ୍ରୁତଗାମୀ ଟ୍ରେନ୍ (ବକ୍ସି ଏକ୍ସପ୍ରେସ) ଚଳାଚଳ ନିମନ୍ତେ ମୁଖ୍ୟମନ୍ତ୍ରୀ ତତ୍କାଳୀନ ରେଳମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ଚିଠି ଲେଖିଥିଲେ। ମାତ୍ର ଇତିମଧ୍ୟରେ ୭ ବର୍ଷ ବିତିଗଲାଣି, ବିଜେପି ନେତୃତ୍ୱାଧୀନ ଏନ୍‌ଡ଼ିଏ ସରକାରର ଦ୍ୱିତୀୟ ପାଳି ସରିଲାଣି; ତଥାପି ନା ପାଇକ ବିଦ୍ରୋହକୁ ମାନ୍ୟତା ମିଳିଲା, ନା ବକ୍ସିଙ୍କ ନାମରେ ଟ୍ରେନ୍‌ଟିଏ ଚଳାଇବାକୁ କେନ୍ଦ୍ର ସରକାର ସକ୍ଷମ ହେଲେ। ଓଡ଼ିଶାରୁ ବହୁ ଲୋକ ବିଭିନ୍ନ କାର୍ଯ୍ୟ ଉଦ୍ଦେଶ୍ୟରେ ମୁମ୍ବାଇ ଯାତାୟତ କରୁଛନ୍ତି। ସେହିପରି ମହାରାଷ୍ଟ୍ରରୁ ବହୁ ପର୍ଯ୍ୟଟକ ଓ ଯାତ୍ରୀ ବିଭିନ୍ନ କାର୍ଯ୍ୟରେ ଦୈନିକ ଓଡ଼ିଶା ଆସୁଛନ୍ତି। ତେଣୁ ମୁମ୍ବାଇ-ପୁରୀ ବା ମୁମ୍ବାଇ-ଖୋର୍ଦ୍ଧା ଟ୍ରେନ୍ ଚଳାଚଳ ହେଲେ ଏହି ସମସ୍ୟାର କିଞ୍ଚିତ୍ ସମାଧାନ ହୋଇପାରନ୍ତି ଏବଂ ବକ୍ସିଙ୍କ ସ୍ମୃତି ରକ୍ଷା ଦିଗରେ ପଦକ୍ଷେପ ନିଆଯାଇପାରନ୍ତା ବୋଲି ମୁଖ୍ୟମନ୍ତ୍ରୀ ସେତେବେଳେ ଚିଠି ଲେଖିଥିଲେ। ଇତିମଧ୍ୟରେ ୬ ବର୍ଷ ବିତିଗଲାଣି; ଦ୍ୱିତୀୟବାର କେନ୍ଦ୍ରରେ ବିଜେପି ସରକାର ଗଢ଼ିଛି, ରେଳ ମନ୍ତ୍ରଣାଳୟରେ ୩ ଜଣ ମନ୍ତ୍ରୀ ବଦଳିଛନ୍ତି। ମାତ୍ର 'ବକ୍ସି ଏକ୍ସପ୍ରେସ'ର ଭାଗ୍ୟ ଖୋଲୁନାହିଁ। ଅନ୍ୟପକ୍ଷରେ ୧୮୧୭ ପାଇକ ବିଦ୍ରୋହର ଦ୍ୱିଶତବର୍ଷ ଅବସରରେ ବରୁଣେଇଠାରେ ଏକ 'ପାଇକ ସ୍ମାରକୀ' ନିର୍ମାଣ ନିମନ୍ତେ କରାଯାଇଥିବା ଘୋଷଣା ୫ ବର୍ଷ ପରେ ବି ଆଗେଇ ପାରିନାହିଁ। 'ପାଇକ' ଶ୍ରେୟ ନେବାକୁ ଉଦ୍ୟମ କରୁଥିବା କେନ୍ଦ୍ରମନ୍ତ୍ରୀ, ଓଡ଼ିଶାରୁ ନିର୍ବାଚିତ ୮ ବିଜେପି ସାଂସଦ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ଚୁପ୍। ଏହି ସାଂସଦ ଓ ମନ୍ତ୍ରୀମାନଙ୍କ ମଧ୍ୟରୁ କେହି ବି ଦିନେ 'ବକ୍ସି ଏକ୍ସପ୍ରେସ' ସଂକ୍ରାନ୍ତରେ କେନ୍ଦ୍ର ରେଳମନ୍ତ୍ରୀ ବା କେନ୍ଦ୍ର ସରକାରଙ୍କ ନିକଟରେ ତୁଣ୍ଡ ଖୋଲିବାକୁ ଉଚିତ୍ ମଣିନାହାନ୍ତି।

## ଜୋର୍ ଧରୁଛି ପ୍ରଚାର ରାଜନୀତି

# ବିଜେପିର ଦିଲ୍ଲୀ ବ୍ରିଗେଡ୍ ବନାମ ଏକାକୀ ନବୀନ

ଭୁବନେଶ୍ୱର, ୯ ।୫(ସମିସ): ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ରାଜ୍ୟରେ ପ୍ରଚାର ମାହୋଲ ସେତେ ସରଗରମ ହେଉଛି। ଗତ ୩ଟି ବିଧାନସଭା ନିର୍ବାଚନରେ ନିଜର ସମସ୍ତ ଶକ୍ତି ଲଗାଇ ସଫଳ ହୋଇ ନ ଥିବା ବିଜେପି ଚଳିତ ନିର୍ବାଚନରେ ଶେଷ ଚେଷ୍ଟା ଚଳାଇଛି। ୨୦୦୯ ନିର୍ବାଚନରେ ବିଜେପି ମାତ୍ର ୬ଟି ବିଧାନସଭା ଆସନ ଜିଣିଥିବା ବେଳେ ୨୦୧୪ ଏହି ସଂଖ୍ୟା ୧୦କୁ ବୃଦ୍ଧି ପାଇଥିଲା। ସେହିପରି ବ୍ୟୟବହୁଳ ପ୍ରଚାର, ଯୋଜନାବଦ୍ଧ ରଣନୀତି ଓ ସର୍ବୋପରି କେନ୍ଦ୍ରୀୟ ନେତାଙ୍କ ଘନଘନ ଓଡ଼ିଶା ଗସ୍ତ ସତ୍ତ୍ୱେ ୨୦୧୯ରେ ବିଜେପି ମାତ୍ର ୨୩ ଆସନରେ ସୀମିତ ରହିଥିଲା। ଚଳିତଥର ମଧ୍ୟ ବିଜେପି ସମାନ ରଣନୀତି ପ୍ରସ୍ତୁତ କରିବା ସହ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ଜୋର୍‌ଦାର କରିଛି। ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର ମଙ୍ଗ ଧରିଥିବା ବେଳେ '୫-ଟି' ଅଧ୍ୟକ୍ଷ ତଥା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ଦଳ ପାଇଁ ତୋଫାନୀ ପ୍ରଚାର ଜାରି ରଖିଛନ୍ତି। ବର୍ତ୍ତମାନ ରାଜ୍ୟରେ ନିର୍ବାଚନୀ ପ୍ରଚାର ନବୀନ ବନାମ ବିଜେପିର ଦିଲ୍ଲୀ ବ୍ରିଗେଡ଼ରେ ପହଞ୍ଚିଛି।

ରାଜ୍ୟରେ ନିର୍ବାଚନ ବିଗୁଲ୍ ବାଜିବା ପୂର୍ବରୁ ଦିଲ୍ଲୀ ବିଜେପିର ଶୀର୍ଷ ନେତାଙ୍କ ଘନଘନ ଓଡ଼ିଶା ଗସ୍ତ ଲାଗିରହିଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ଆଜି ତାରିଖ ଯାଏଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି

- ନବୀନ ପ୍ରାଚୀର ଭେଦିବାରେ ବିଫଳ ହୋଇଛି ବିଜେପି
- ଗତ ୩ଟି ନିର୍ବାଚନରେ ବିଜେପିକୁ ମିଳିନାହିଁ ସଫଳତା
- ୨୦୧୯ଠାରୁ ୨୦୨୪ରେ ସୁବିଧାଜନକ ସ୍ଥିତିରେ ବିଜେଡି

ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡା, ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଭୂପୃଷ୍ଠ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ପ୍ରମୁଖ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିସାରିଲେଣି। ସେହିପରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ ପ୍ରମୁଖ ବିଭିନ୍ନ ଜନସଭାକୁ ସମ୍ବୋଧିତ କରିସାରିଛନ୍ତି।

ତେବେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ଘନଘନ ଓଡ଼ିଶା ଗସ୍ତକୁ ନେଇ ରାଜନୈତିକ ମହଲ ଭିନ୍ନ ମତ ରଖିଛି। ଗତ ୩ଟି ବିଧାନସଭା ନିର୍ବାଚନରେ ଓଡ଼ିଶା ବିଜେପି ସମାନ ରଣନୀତିରେ ନିର୍ବାଚନ ଲଢ଼ି ବଡ଼ ପରାଜୟର ମୁହଁ ଦେଖିସାରିଛି। ବିଶେଷକରି ୨୦୧୯ ବିଧାନସଭା ନିର୍ବାଚନରେ ରାଜ୍ୟରେ ବିଜେପି ନିଜର ସମସ୍ତ ଶକ୍ତି ଲଗାଇ ଦେଇଥିବା ବେଳେ ନିଜ ସପକ୍ଷରେ ମାହୋଲ ସୃଷ୍ଟି କରିବାକୁ କଳ, ବଳ ଏବଂ କୌଶଳ ଲଗାଇଦେଇଥିଲା। ସେତେବେଳେ ବିଜେପି ୧୨୦ ପ୍ଲସ ନାରା ଦେଇଥିବା ବେଳେ ନବୀନ ସରକାରଙ୍କୁ ଓପାଡ଼ି ଫୋପାଡ଼ି ଦେବାକୁ ବିଜେପି କର୍ମୀ ଏବଂ ଓଡ଼ିଶାବାସୀଙ୍କୁ ଜାତୀୟ ନେତାମାନେ ଆହ୍ୱାନ ଦେଇଥିଲେ। କିନ୍ତୁ ନିର୍ବାଚନ ଫଳଫଳା ବିଜୁ ଜନତା ଦଳକୁ ରେକର୍ଡ ବିଜୟ ଦେଇଥିଲା।

ରାଜନୈତିକ ସମୀକ୍ଷକଙ୍କ ମତରେ ନବୀନଙ୍କ ଈର୍ଷଣୀୟ ସଫଳତା ପଛରେ ୩-୪ଟି ପ୍ରମୁଖ କାରଣ ରହିଛି। ନବୀନଙ୍କ ସ୍ୱଚ୍ଛ ଏବଂ ନିର୍ମଳ ଭାବମୂର୍ତ୍ତି, ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳ ନୀତି, ସୁଶାସନ, ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତ। ଏହି କାରଣ ଗୁଡ଼ିକ ପାଇଁ ରାଜ୍ୟବାସୀ ବିଜେପି ପରି ରାଷ୍ଟ୍ରୀୟ ଦଳକୁ ରାଜ୍ୟରେ ସୁଯୋଗ ଦେବାକୁ ଉଚିତ୍ ମଣୁନଥିବା ବେଳେ ୨୦୧୯ ତୁଳନାରେ ବିଜେଡି ୨୦୨୪ରେ ଅଧିକ ସୁବିଧାଜନକ ସ୍ଥିତିରେ ରହିଛି। '୫-ଟି' ଅଧିନରେ ଓଡ଼ିଶାର ରୂପାନ୍ତରଣ ଏବଂ ବ୍ୟାପକ ଭିତ୍ତିଭୂମି ନିର୍ମାଣ ଓଡ଼ିଶାକୁ ଏକ ନୂଆ ପରିଚୟ ଦେଇଛି। ସବୁ କ୍ଷେତ୍ରରେ ରୂପାନ୍ତରଣ ଏବେ ନୂଆ ଓଡ଼ିଶାର ପରିଚୟ ପାଲଟିଥିବା ବେଳେ ଏହାକୁ ମୁଦ୍ଦା କରି ନବୀନ ଲୋକଙ୍କ ନିକଟରେ ପହଞ୍ଚିଛନ୍ତି। ଯାହା ତାଙ୍କୁ ଆଗାମୀ ନିର୍ବାଚନରେ ବୃହତ୍ ସଫଳତା ଦେଇପାରେ ବୋଲି ରାଜନୈତିକ ମହଲ ଆକଳନ କରୁଛି।

- ହିମନ୍ତ ବିଶ୍ୱଶର୍ମାଙ୍କୁ କଡ଼ା ଜବାବ ଦେଲେ ସସ୍ମିତ

# ବିତ୍ତୀୟ ପରିଚାଳନାରେ ଏକନମ୍ବର ରାଜ୍ୟକୁ ଜ୍ଞାନ ଦେବା ହାସ୍ୟାସ୍ପଦ

**ଭୁବନେଶ୍ୱର, ୯ ।୫(ସମିସ):** ନିର୍ବାଚନ ପ୍ରଚାର ନିମନ୍ତେ ଓଡ଼ିଶା ଆସିଥିବା ବିଜେପି ନେତା ତଥା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ କଡ଼ା ଜବାବ ଦେଇଛି ବିଜେଡି।



ରାଜ୍ୟ ବିଜେପି ନିର୍ବାଚନୀ ସଭାରେ ଓଡ଼ିଶା ସରକାର ବିରୋଧୀ ମନ୍ତବ୍ୟ ପାଇଁ ଶ୍ରୀ ବିଶ୍ୱଶର୍ମାଙ୍କୁ ନିଜ ରାଜ୍ୟ ଓ ଓଡ଼ିଶା ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଇ ବିଜେଡି ବିତ୍ତୀୟ ପରିଚାଳନାରେ ଦେଶର ଏକନମ୍ବର ରାଜ୍ୟକୁ ଜ୍ଞାନ ଦେବା ହାସ୍ୟାସ୍ପଦ ବୋଲି ଟିପ୍ପଣୀ ଦେଇଛି।

ବିଜେଡି ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡ. ସସ୍ମିତ ପାତ୍ର ହିମନ୍ତଙ୍କୁ ସିଧା ନିଶାଣ କରିବା ସହ ନିଜ ରାଜ୍ୟ ଆସାମକୁ ସଠିକ୍ ଢଙ୍ଗରେ ପରିଚାଳନା କରିବାରେ ବିଫଳ ହୋଇଥିବାବେଳେ ଓଡ଼ିଶାକୁ ଆସି ବିକାଶର ଜ୍ଞାନ ବାଣ୍ଟିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଶ୍ରୀ ବିଶ୍ୱଶର୍ମା ନିଜେ ଭଲ ଭାବେ ଜାଣିଛନ୍ତି, ଆସାମ ସ୍ଥିତି କେଉଁଭଳି ରହିଛି। ଋଣ ନେଇ ନେଇ ରାଜ୍ୟର ବିତ୍ତୀୟ ନିଅଣ୍ଟକୁ ଭରଣା କରୁଛନ୍ତି। ମାତ୍ର ଦେଶରେ ବିତ୍ତୀୟ ପରିଚାଳନାରେ ୧ ନମ୍ବର ରାଜ୍ୟ ଓଡ଼ିଶାକୁ ଆସି ଆର୍ଥିକ ପରିଚାଳନା ନେଇ ଭାଷଣ ମାରୁଛନ୍ତି। ଯାହା ଶୁଣି ଲୋକ ହସିବା ଆରମ୍ଭ କଲେଣି ବୋଲି ଡ. ପାତ୍ର କହିଛନ୍ତି। ଶ୍ରୀ ବିଶ୍ୱଶର୍ମା ବିକାଶର ଗୋଟିଏ କ୍ଷେତ୍ର ଦେଖାଇ ପାରିବେ କି, ଯେଉଁଥିରେ ଓଡ଼ିଶା ତୁଳନାରେ ଆସାମ୍ ଭଲ ପ୍ରଦର୍ଶନ କରିଥିବ ? ଏଭଳି ଶସ୍ତା ମନ୍ତବ୍ୟ ଦେଇ ନିଜ ଗାରିମା ହରାଇବାରୁ ସେ ନିବୃତ୍ତ ରୁହନ୍ତୁ ବୋଲି ଡ. ପାତ୍ର ପରାମର୍ଶ ଦେଇଛନ୍ତି।




### ସମୟସ୍ରୋତରେ ନିର୍ବାଚନରୁ ଦୂରରେ ହେଭିୱେଟ୍ ନେତା

# କାଲି ପ୍ରାର୍ଥୀ ହେଉଥିଲେ, ଆଜି ପୁଅଙ୍କ ପାଇଁ କଷୁଛନ୍ତି ଅଙ୍କ





**ବଲାଙ୍ଗିର, ୯।୫(ସମିସ):** ଦିନେ ନିଜ ପାଇଁ ପ୍ରଚାର କରୁଥିଲେ। ଗାଁ ଗାଁ, ଘରଘର ବୁଲି ଲୋକଙ୍କ ସହ ମିଶୁଥିଲେ। ଭୋଟ ମାଗୁଥିଲେ ଏବଂ ନିର୍ବାଚିତ ହୋଇଯିବା ପରେ ବିଧାନସଭାରେ ସ୍ଥାନୀୟ ଦାବି

### କସରତ କରୁଛନ୍ତି ଅନଙ୍ଗ, ଯୋଗେନ୍ଦ୍ର ଓ ନରସିଂହ

ରଖୁଥିଲେ। ସମୟାନୁକ୍ରମେ ଏବେ ଏହି ସବୁ ନେତା ପ୍ରାୟତଃ ପ୍ରତ୍ୟକ୍ଷ ରାଜନୀତିରୁ ବହୁ ଦୂରରେ। ନିଜେ ଆଉ ନିର୍ବାଚନ ଲଢୁନାହାନ୍ତି। କିନ୍ତୁ ନିଜ ପୁଅ ପାଇଁ ଚଳିତ ନିର୍ବାଚନରେ ଅଙ୍କ କଷୁଛନ୍ତି। ପୁଅ ପାଇଁ ଭୋଟ ମାଗୁଛନ୍ତି। ନିଜର ପୁରୁଣା ସମର୍ଥକଙ୍କ ସହ ମିଶି ରାଜନୀତିର ଗୋଟି ଚାଳନା କରୁଛନ୍ତି। ବଲାଙ୍ଗିରରେ ଏହିଭଳି କିଛି ହେଭିୱେଟ ନେତାଙ୍କ ପୁଅ ନିର୍ବାଚନ ଲଢୁଛନ୍ତି। ସେହି ହେଭିୱେଟ ନେତା; ଯିଏ ଦିନେ ରାଜ୍ୟ ରାଜନୀତିରେ ଛାପ ଛାଡ଼ି ଯାଇଥିଲେ, ସମୟଚକ୍ରରେ ଆଜି ସେମାନେ ପ୍ରାର୍ଥୀରୁ ପ୍ରଚାରକ ସାଜିଛନ୍ତି।

ବଲାଙ୍ଗିର ଜିଲ୍ଲାରୁ ନିର୍ବାଚିତ ହୋଇଯାଉଥିବା ରାଜନେତାଙ୍କ ସବୁବେଳେ ରାଜ୍ୟ ରାଜନୀତିରେ ସ୍ୱତନ୍ତ୍ର ପ୍ରଭାବ ରହିଥାଏ। ଏହି କ୍ରମରେ ନରସିଂହ ମିଶ୍ର, ଯୋଗେନ୍ଦ୍ର ବେହେରା, ଅନଙ୍ଗ ଉଦୟ ସିଂହଦେଓ, ବାଲଗୋପାଲ ମିଶ୍ର, ଆୟୁବ ଖାନଙ୍କ ଭଳି ନେତା ବଲାଙ୍ଗିରର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରିଥିଲେ। ଏହି ସବୁ ନେତା ଏବେ ସମୟଚକ୍ରରେ ରାଜନୀତିରୁ ସନ୍ନ୍ୟାସ ନେଇସାରିଛନ୍ତି। କିନ୍ତୁ ଆଜି ବି ରାଜନୀତି ମୈଦାନରେ ଗୋଟିଚାଳନା କରିବାକୁ ଭୁଲିନାହାନ୍ତି। ଚଳିତ ନିର୍ବାଚନରେ ଏହି ନେତାମାନଙ୍କ ମଧ୍ୟରୁ ତିନି ବରିଷ୍ଠ ନେତାଙ୍କ ପୁଅ ନିର୍ବାଚନ ଲଢୁଛନ୍ତି। କାଲି ସେମାନେ ପ୍ରାର୍ଥୀ ଥିଲେ ସତ, କିନ୍ତୁ ଆଜି ତାଙ୍କର ରାଜନୀତିର ରଣନୀତି ପ୍ରସ୍ତୁତ କରୁଛନ୍ତି। ବଲାଙ୍ଗିର ସଦର ବିଧାୟକ ନରସିଂହ ମିଶ୍ର ୨୦୧୪ ଓ ୨୦୧୯ ନିର୍ବାଚନରେ ବଲାଙ୍ଗିରରୁ ନିର୍ବାଚିତ ହୋଇଥିଲେ। ଶ୍ରୀ ମିଶ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସମୟରେ ରାଜନୀତି ଆରମ୍ଭ କରିଥିଲେ। ସେ ୧୯୯୦ରେ ପ୍ରଥମଥର ପାଇଁ ଲୋଇସିଂହା ବିଧାୟକ ହୋଇ ମନ୍ତ୍ରୀ ହୋଇଥିଲେ। ଏହା ପରେ ସେ ୨୦୦୦ରେ ବିନିକା ଓ ୨୦୦୪ରେ ପୁଣି ଲୋଇସିଂହା ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହି ପାଞ୍ଚ ଥରର ବିଧାୟକ ଚଳିତ ନିର୍ବାଚନରେ ପ୍ରାର୍ଥୀ ହେବେ ନାହିଁ ବୋଲି ଘୋଷଣା କରିଥିଲେ। ତାଙ୍କ ସ୍ଥାନରେ ଚଳିତ ନିର୍ବାଚନରେ ତାଙ୍କ ପୁଅ ସମରେନ୍ଦ୍ର ମିଶ୍ର ଛିଡ଼ା ହୋଇଛନ୍ତି। ଶ୍ରୀ ମିଶ୍ର ଏବେ ପୁଅଙ୍କୁ ଜିତାଇବା ପାଇଁ ଅଙ୍କ କଷୁଥିବା ଦେଖିବାକୁ ମିଳିଛି।

ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସମୟରେ ରାଜନୀତି କରିଥିବା ଆଉ ଜଣେ ବରିଷ୍ଠ ନେତା ହେଉଛନ୍ତି ଯୋଗେନ୍ଦ୍ର ବେହେରା। ଶ୍ରୀ ବେହେରା ୧୯୯୦, ୧୯୯୫, ୨୦୦୦ ଓ ୨୦୦୪ରେ ଟିଟିଲାଗଡ଼ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପରେ ସେ ୨୦୧୪ରେ ଲୋଇସିଂହାରୁ ବିଧାୟକ ହୋଇ ମନ୍ତ୍ରୀ ହୋଇଥିଲେ। ଗତ ନିର୍ବାଚନରେ ତାଙ୍କ ସାନପୁଅ ନୀହାର ରଞ୍ଜନ ବେହେରାଙ୍କୁ ଦାୟିତ୍ୱ ଦେଇ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। କିନ୍ତୁ ତାଙ୍କ ପୁଅଙ୍କୁ ଟିକଟ ମିଳି ନଥିଲା। ଚଳିତ ନିର୍ବାଚନରେ ତାଙ୍କ ପୁଅ ନୀହାରଙ୍କୁ ଟିକଟ ମିଳିଛି। ପୁଅଙ୍କ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମେ ସେ ସାମିଲ ହୋଇଥିବା ବେଳେ ପୁଅ ପାଇଁ ସେ କସରତ ଆରମ୍ଭ କରିଛନ୍ତି। ବୟସାଧିକ ଯୋଗୁଁ ସେ ବେଶି ବୁଲାବୁଲି କରୁ ନଥିବା ସତ୍ତ୍ୱେ ନିଜ ବୁଦ୍ଧି, ଜ୍ଞାନକୌଶଳ ଓ ଲୋକସମ୍ପର୍କକୁ ଏକାଠି କରି ପୁଅ ପାଇଁ ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି।

ଅପରପକ୍ଷେ, ଆଉ ଜଣେ ବରିଷ୍ଠ ନେତା ଅନଙ୍ଗ ଉଦୟ ସିଂହଦେଓ। ଆଜି ବି ପୂର୍ବଭଳି ରାଜନୀତିରେ ସେ ବେଶ୍ ସକ୍ରିୟ। କିନ୍ତୁ ପୁଅମାନଙ୍କ ରାଜନୈତିକ ଭବିଷ୍ୟତ ପାଇଁ ସେ ନିର୍ବାଚନ ଲଢୁନାହାନ୍ତି। ଚଳିତଥର ବଲାଙ୍ଗିର ସଦର ଆସନରେ ତାଙ୍କ ପୁଅ ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂହଦେଓ ନିର୍ବାଚନ ଲଢୁଛନ୍ତି। କଳିକେଶଙ୍କୁ ସମରେନ୍ଦ୍ର କଡ଼ା ଟକ୍କର୍ ଦେଉଥିବା ବେଳେ ଏବେ ତାଙ୍କ ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି ଅନଙ୍ଗ ଉଦୟ ସିଂହଦେଓ। ସେ ନିର୍ବାଚନମଣ୍ଡଳୀରେ ବୁଲି ପୁରୁଣା ସମର୍ଥକଙ୍କ ସହ ମିଶି କଳିକେଶଙ୍କ ପାଇଁ ଭୋଟ ମାଗୁଥିବା ଦେଖିବାକୁ ମିଳିଛି। ସମୟସ୍ରୋତରେ ଯଦିଓ ଏହି ନେତାମାନେ ନିର୍ବାଚନ ଲଢୁନାହାନ୍ତି; ତଥାପି ତାଙ୍କ ପୁଅଙ୍କ ପାଇଁ ରଣନୀତି ପ୍ରସ୍ତୁତ କରିବା ପୁଅମାନଙ୍କୁ ସାହସ ଯୋଗାଉଛି।

### ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା

# ବିରୋଧୀଙ୍କ ଖେଳ ବିଗାଡ଼ିବେ ଅସନ୍ତୁଷ୍ଟ ନେତା ଓ କର୍ମୀ





**ଭବାନୀପାଟଣା, ୯।୫(ସମିସ):** ଆସନ୍ତା ୧୩ ତାରିଖରେ ଓଡ଼ିଶାର ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡିରେ ସାଧାରଣ ନିର୍ବାଚନ ପାଇଁ ମତଦାନ ଅନୁଷ୍ଠିତ ହେବ। ହାତରେ ସମୟ କମ ଥିବାରୁ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସର ପ୍ରାର୍ଥୀମାନେ ନିଜ ସମର୍ଥକଙ୍କ ସହ ଗାଁକୁ ଗାଁ ବୁଲି ନିଜ ସପକ୍ଷରେ ଭୋଟ ପ୍ରଚାର ଜୋରଦାର କରୁଛନ୍ତି। ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ଲଢ଼େଇ ହେବାର ଯଥେଷ୍ଟ ଆଶଙ୍କା ଦେଖାଦେଇଛି। ଏହି ନିର୍ବାଚନମଣ୍ଡଳୀରୁ କଂଗ୍ରେସରୁ ସାଗର ଚରଣ ଦାସ ଓ ବିଜେପିରୁ ପ୍ରଦୀପ୍ତ ନାଏକ ଉଭୟ ପୁରୁଣା ଚେହେରା। ଶାସକ ବିଜେଡି ଦଳ ମହିଳା କାର୍ଡ ଖେଳି ପ୍ରାର୍ଥୀ ବଦଳେଇ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକଙ୍କ ଧର୍ମପତ୍ନୀ ଲଳିତା ନାଏକଙ୍କୁ ମଇଦାନରେ ଓହ୍ଲାଇଛି।

ଭବାନୀପାଟଣା ପୌରପାଳିକା, ଭବାନୀପାଟଣା ବ୍ଲକ ଓ କେସିଙ୍ଗା ଏନ୍ଏସି ଏବଂ କେସିଙ୍ଗା ବ୍ଲକର ୧୭ଗୋଟି ପଞ୍ଚାୟତକୁ ନେଇ ଗଠିତ ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ଭୋଟର୍ ସଂଖ୍ୟା ୨ଲକ୍ଷ ୩୨ହଜାର ୭୮୦। ଏଥିରେ ପାଖାପାଖି ୩୦ ପ୍ରତିଶତ ନୂଆ ଭୋଟର ଓ ୪୭ ପ୍ରତିଶତ ମହିଳା ଭୋଟର ଅଛନ୍ତି। ତେବେ ମହିଳା ଭୋଟରଙ୍କ ମଧ୍ୟରୁ ଅଧିକାଂଶ ଭୋଟ ବିଜୁ ଜନତା ଦଳକୁ ଯାଇପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି।

ବର୍ତ୍ତମାନ ବିଭିନ୍ନ ଦଳରେ ମିଶ୍ରଣ ପର୍ବ ଚାଲିଛି। ମିଶ୍ରଣ ପର୍ବରେ ବିଜେଡି ଫାଇଦାରେ ରହିଥିବା ଦେଖାଯାଉଛି। ବିଜେପି ଓ କଂଗ୍ରେସର ଅନେକ ପୁରୁଣା କର୍ମୀ ଦଳରେ କଣଠେସା ହୋଇ ଅସନ୍ତୁଷ୍ଟ ଥିବାରୁ ଦଳ ତ୍ୟାଗ କରି ବିଜେଡିରେ ମିଶୁଛନ୍ତି। ତେବେ ଏହି ନିର୍ବାଚନମଣ୍ଡଳୀରେ ଯେତେବେଳେ କଂଗ୍ରେସ ଦୁର୍ବଳ ହୋଇଥାଏ, ସେତେବେଳେ ବିଜୁ ଜନତା ଦଳକୁ ଏହାର ଫାଇଦା ମିଳିବାର ପୂର୍ବରୁ ନଜିର୍ ରହିଛି। କଂଗ୍ରେସରୁ ଭକ୍ତ ଦାସଙ୍କ ପୁଅ ସାଗର ପ୍ରାର୍ଥୀ ରହିଥିବା ବେଳେ ପାରିବାରିକ ରାଜନୀତିକୁ ନାପସନ୍ଦ କରି ଅନେକ ସ୍ଥାନୀୟ କଂଗ୍ରେସ ନେତା ଓ କର୍ମୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଜେପିର ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ ନାଏକଙ୍କ ଅସୁସ୍ଥତା ଓ ୩ବର୍ଷରୁ ଊର୍ଦ୍ଧ୍ୱ ନିର୍ବାଚନମଣ୍ଡଳୀରେ ଅନୁପସ୍ଥିତି ରହିବା ଯୋଗୁଁ ଚଳିତ ନିର୍ବାଚନ ତାଙ୍କ ପାଇଁ କଷ୍ଟକର ହୋଇପାରେ ବୋଲି କୁହାଯାଉଛି। ଏସବୁ ଦିଗକୁ ପର୍ଯ୍ୟାଲୋଚନା କଲେ, ଏହାର ଫାଇଦା ବିଜେଡି ନେଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ ନିର୍ବାଚନ ଯେତେ ପାଖେଇ ଆସୁଛି ରାଜନୈତିକ ଦଳଗୁଡ଼ିକ ନୂଆନୂଆ କୌଶଳ ଆପଣାଇବାରେ ଲାଗିଛନ୍ତି। କଳାହାଣ୍ଡି ଜିଲ୍ଲାର ୫ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ନର୍ଲା ଓ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀରେ ବିଜେଡି ଓ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର୍ ହେବା ଅନୁମାନ କରାଯାଉଛି। ସେହିପରି ଜୁନାଗଡ଼ ନିର୍ବାଚନମଣ୍ଡଳୀରେ ବିଜେପି ଓ କଂଗ୍ରେସ ମଧ୍ୟରେ ଟକ୍କର୍ ହେଉଥିବା ବେଳେ ଧର୍ମଗଡ଼ରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ସମ୍ଭାବନା ଦେଖାଦେଇଛି।

### ସମ୍ବଲପୁର ଲୋକସଭା ଆସନ

# ହାଇଭୋଲ୍ଟେଜ୍ ଲଢ଼େଇରେ ୩ ଅଭିଜ୍ଞ

**ସମ୍ବଲପୁର, ୯।୫(ସମିସ):** ସବୁଠୁ ଚର୍ଚ୍ଚାରେ ଏବେ ସମ୍ବଲପୁର ଲୋକସଭା ଆସନ। ଏହି ନିର୍ବାଚନମଣ୍ଡଳୀକୁ ନେଇ ପ୍ରତିଦିନ ଅଙ୍କକଷା ଚାଲିଛି। ରାଜନୈତିକ ପଣ୍ଡିତମାନଙ୍କ ଦୃଷ୍ଟି ନିବଦ୍ଧ ହୋଇଛି ସମ୍ବଲପୁରକୁ ନେଇ। ବିଜେଡି





- ବାଜିରେ ଲାଗିଛି ଦୁଇ 'ପ୍ରଧାନ'ଙ୍କ ପତିଆରା
- ନିଜ ସମ୍ପ୍ରଦାୟ ଭୋଟ ଦଖଲ ପାଇଁ ଉଭୟଙ୍କ ଉଦ୍ୟମ
- ନଗେନ୍ଦ୍ରଙ୍କ ଉପରେ ଲାଗିଛି କଂଗ୍ରେସର ସମ୍ମାନ ବାଜି

ଓ ବିଜେପିର ଦୁଇ ଭେଟେରାନ୍ ଏବେ ନିର୍ବାଚନ ମୈଦାନରେ ରହିଛନ୍ତି। ସେମାନଙ୍କୁ ଟକ୍କର ଦେବାକୁ କଂଗ୍ରେସ ମଧ୍ୟ ଜଣେ ଅଭିଜ୍ଞ ପ୍ରାର୍ଥୀଙ୍କୁ ଛିଡ଼ା କରାଇଛି। ସମ୍ପ୍ରତି ସମ୍ବଲପୁର ଲୋକସଭା ଆସନ ରାଜ୍ୟ ଓ ଜାତୀୟ ରାଜନୀତିରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବିଜେଡିରୁ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଜେପିର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କଂଗ୍ରେସରୁ ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ ଆସନ୍ତା ୨୫ ତାରିଖରେ ନିଜ ଭାଗ୍ୟ ପରୀକ୍ଷା କରିବେ। ଏଠାରେ ହାଇ ଭୋଲ୍ଟେଜ ଲଢ଼େଇ ହେଉଥିବାରୁ ଦଳ ଓ ପ୍ରାର୍ଥୀଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ବିଜେଡି ଓ ବିଜେପି ମଧ୍ୟରେ ସିଧାସଳଖ ଲଢ଼େଇ ହେଉଥିଲେ ହେଁ କଂଗ୍ରେସ ନିଜର ଭୋଟବ୍ୟାଙ୍କ ସୁରକ୍ଷିତ ରଖିବାକୁ ଆପ୍ରାଣ ଉଦ୍ୟମ ଚଳାଇଛି। ତେବେ କଂଗ୍ରେସର ଏହି ଆଶା କେତେ ଫଳବତୀ ହେବ ତାହା ନଗେନ୍ଦ୍ରଙ୍କ ଉପରେ ନିର୍ଭର କରୁଛି।

କଂଗ୍ରେସ ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ ୨୦୧୪ରେ ସାଂସଦ ରୂପେ ନିର୍ବାଚିତ ହୋଇଥିଲେ। ସମ୍ବଲପୁର ଲୋକସଭାରେ ଅଧିକ ଚଷା ସମ୍ପ୍ରଦାୟର ଭୋଟର ଅଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କଂଗ୍ରେସ ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ ଉଭୟ ଚଷା ଜାତିର ହୋଇଥିବାରୁ ନିଜ ଜାତିରେ କାହାର କେତେ ପତିଆରା ରହିଛି ତାହା ଏହି ନିର୍ବାଚନ ସ୍ପଷ୍ଟ କରିବ ବୋଲି ଚର୍ଚ୍ଚା ହେଉଛି। ନିଜ ଜାତିରୁ ଅଧିକ ସଂଖ୍ୟକ ଭୋଟ ଅକ୍ତିଆର କରିବାକୁ ଉଭୟ ଉଦ୍ୟମ ଚଳାଇଛନ୍ତି। ଅନ୍ୟପକ୍ଷରେ ଚାଷୀମାନଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମର୍ପିତ କାର୍ଯ୍ୟ, ବିଭିନ୍ନ ଯୋଜନାର ସଫଳତା ଆଧାରରେ ଏହି ବର୍ଗର ଭୋଟ ଦଖଲ ନିମନ୍ତେ ଆଶା ରଖିଛନ୍ତି ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ। ସେ ଦଳର ସମ୍ବଲପୁର ପର୍ଯ୍ୟବେକ୍ଷକ ଭାବେ ଦୀର୍ଘ ସମୟ ଧରି କାର୍ଯ୍ୟ କରୁଛନ୍ତି ଏବଂ ଜଣେ ଦକ୍ଷ ସଂଗଠକ ଭାବେ ବେଶ ପରିଚିତ। ସମ୍ବଲପୁର ଜିଲ୍ଲା ସହିତ ଦେବଗଡ଼ ଓ ଅନୁଗୁଳ ଜିଲ୍ଲାରେ ମଧ୍ୟ ତାଙ୍କର କର୍ମୀ ଓ ସମର୍ଥକ ରହିଛନ୍ତି। ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସେମାନେ ମାରାଥନ ପ୍ରଚାର ଜାରି ରଖିଛନ୍ତି। ରାଜ୍ୟ ସରକାରଙ୍କ ବିକାଶମୂଳକ କାମ ଓ କେନ୍ଦ୍ରର ଅବହେଳା ଏବେ ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ ହୋଇଛି। ପ୍ରଣବଙ୍କ ତୁହାକୁତୁହା ବୈଠକ ଓ ସଭାସମିତି କରି ନିଜ ସପକ୍ଷରେ ବିପୁଳ ଜନ ସମର୍ଥନ ଗୋଟାଇବା ଉଦ୍ୟମ ଅବ୍ୟାହତ ରହିଛି।

୨୦୦୯ରେ କଂଗ୍ରେସର ଅମରନାଥ ପ୍ରଧାନ ୩ ଲକ୍ଷ ୪ ହଜାର ୮୯୦ ଭୋଟ୍ ପାଇ ବିଜୟୀ ହୋଇଥିଲେ। ୨୦୧୪ରେ ନଗେନ୍ଦ୍ର ପ୍ରଧାନ ୩ଲକ୍ଷ ୫୮ହଜାର ୬୧୮ଖଣ୍ଡ ଭୋଟ୍ ପାଇ ନିର୍ବାଚିତ ହୋଇଥିଲେ ଓ ବିଜେପିର ସୁରେଶ ପୂଜାରୀ ୩ଲକ୍ଷ ୨୮ହଜାର ୪୨ଖଣ୍ଡ ସହ ଦ୍ୱିତୀୟ ସ୍ଥାନରେ ଥିଲେ। କଂଗ୍ରେସ ପ୍ରାର୍ଥୀ ଅମରନାଥ ପ୍ରଧାନଙ୍କୁ ୨ଲକ୍ଷ ୪୨ହଜାର ୧୩୧ଭୋଟ ମିଳିଥିଲା। ୨୦୧୯ରେ ବିଜେପିର ନିତେଶ ଗଙ୍ଗଦେବ ପ୍ରାୟ ୯ ହଜାର ଭୋଟରେ ବିଜେଡିର ନଳିନୀ ପ୍ରଧାନଙ୍କୁ ପରାଜିତ କରିଥିଲେ। ନିତେଶ ୪ଲକ୍ଷ ୭୩ ହଜାର ୭୭୦ଖଣ୍ଡ ଭୋଟ ଓ ନଳିନୀ ପ୍ରଧାନ ୪ଲକ୍ଷ ୬୪ହଜାର ୬୦୮ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକଙ୍କୁ ମାତ୍ର ୧ଲକ୍ଷ ୩୫ ହଜାର ୯୬୯ ଭୋଟ ମିଳିଥିଲା।

### କେନ୍ଦ୍ରାପଡ଼ା ଲୋକସଭା ଆସନ

# ବଡ଼ ବ୍ୟବଧାନ ପାଇଁ ଅଂଶୁମାନଙ୍କ ଗୋଟିଚାଳନା

**କେନ୍ଦ୍ରାପଡ଼ା, ୯।୫(ସମିସ):** ମତଦାନ ପାଇଁ ଦିନ ଯେତିକି ପାଖଉଛି, କେନ୍ଦ୍ରାପଡ଼ା ଲୋକସଭା ଆସନରେ ବିଜେଡିର ସ୍ଥିତି ସେତିକି ମଜଭୁତ ହେବାରେ ଲାଗିଛି। କେନ୍ଦ୍ରାପଡ଼ା ରାଜନୀତିରେ ରୁଚି ରଖୁଥିବା ମହଲରେ ଏବେ ଏପରି ଏକ ଆଲୋଚନା ଜୋର୍ ଧରିଛି। ସେମାନଙ୍କ କହିବା କଥା, ସାଂସଦ ପ୍ରାର୍ଥୀ ବଦଳାଇବା ସତ୍ତ୍ୱେ ବିଜେଡି ଏଠାରେ ଗତଥର ପରି ଲୋକସଭା ସମେତ ସମସ୍ତ ୭ ବିଧାନସଭା ଆସନକୁ ନିଜ କବ୍‌ଜାକୁ




ନେବାକୁ ପୂରା ଜୋର୍‌ରେ ଲାଗି ପଡ଼ିଛି। ଏଥିପାଇଁ ତୃଣମୂଳସ୍ତରର କର୍ମୀଙ୍କୁ ଏକଜୁଟ କରାଯିବା ସହ ପ୍ରଚାର ଅଭିଯାନକୁ ଜୋରଦାର୍ କରାଯାଇଛି। ସେହିପରି ମିଶ୍ରଣ ପର୍ବ ଜରିଆରେ ପ୍ରତିଦିନ ବହୁ ସଂଖ୍ୟାରେ ବିଜେପି ଓ କଂଗ୍ରେସର ଅସନ୍ତୁଷ୍ଟମାନେ ବିଜେଡିରେ ସାମିଲ ହେଉଛନ୍ତି। ଏହାଦ୍ୱାରା ଲଗାତାର ଭାବେ ବିଜେଡିର ବଳ ବଢ଼ି ଚାଲିଛି। ଅପରପକ୍ଷେ, ମତଦାନକୁ ହାତରେ ଆଉ ମାତ୍ର ୩ ସପ୍ତାହ ବାକି ଥିବା ବେଳେ ଏବେ ଦଳୀୟ ବିଧାୟକ ପ୍ରାର୍ଥୀ ସାଂସଦ ପ୍ରାର୍ଥୀଙ୍କୁ ନେଇ ପଞ୍ଚାୟତସ୍ତରରେ କର୍ମୀ ସମ୍ମିଳନୀ କରିବା ସହ ନବୀନ ସରକାରଙ୍କ ଜନକଲ୍ୟାଣ ନୀତି ଓ '୫-ଟି' ଗ୍ୟାରେଣ୍ଟି ସମ୍ପର୍କରେ ଭୋଟର୍‌ଙ୍କୁ ଆକୃଷ୍ଟ କରୁଥିବା ଦେଖାଯାଉଛି।

ଏଠାରେ ବିଜେଡି ଏଥରକ ସାଂସଦ ପ୍ରାର୍ଥୀ ବଦଳାଇ ଦେଇଛି। ସାଂସଦ ଅନୁଭବ ମହାନ୍ତିଙ୍କ ଟିକଟ କାଟି ଯୁବ ଚେହେରା ଅଂଶୁମାନ ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି। ଅଂଶୁମାନ ହେଉଛନ୍ତି, ଦିବଂଗତ ଭେଟରାନ ନେତା ନଳିନୀ ମହାନ୍ତିଙ୍କ ପୁଅ। ୨୦୧୪ରେ ଥରେ ରାଜନଗର ନିର୍ବାଚନମଣ୍ଡଳୀରୁ ସେ ବିଧାୟକ ହୋଇଥିଲେ। ମାତ୍ର କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ପରେ ଦଳ ତାଙ୍କୁ ସାଂସଦ ପ୍ରାର୍ଥୀ ରୂପେ ମଇଦାନକୁ ଉତାରିଛି। ଅଂଶୁମାନଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଯୋଗୁଁ ସବୁ ମହଲ ତାଙ୍କୁ ଗ୍ରହଣ କରୁଥିବା ଦେଖାଯାଉଛି।

ଅପରପକ୍ଷେ, ଜିଲ୍ଲାର ସବୁ ବିଧାନସଭା ଆସନରେ ବିଜେଡି ପୁରୁଖା ଓ ଅଭିଜ୍ଞ ନେତାଙ୍କୁ ପ୍ରାର୍ଥୀ କରିଛି। ଏହାଦ୍ୱାରା ସାଂସଦ ପ୍ରାର୍ଥୀ ଅଂଶୁମାନଙ୍କ ବିଜୟପଥ ପରିଷ୍କାର ହେଉଛି ବୋଲି ଚର୍ଚ୍ଚା ହେଉଛି।

ଆଉ ଗୋଟିଏ କଥା ହେଲା, ଗତ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିର ସାଂସଦ ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କୁ ୬ ଲକ୍ଷ ୩୦ହଜାର ୧୭୯ ଭୋଟ ମିଳିଥିବା ବେଳେ ବିଜେପି ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ୪ଲକ୍ଷ ୭୬ ହଜାର ୫୯୮ ଖଣ୍ଡ ଭୋଟ ମିଳିଥିଲା। କଂଗ୍ରେସ ପ୍ରାର୍ଥୀ ଧରଣୀଧର ନାୟକଙ୍କୁ ୧ ଲକ୍ଷ ୧୪ ହଜାର ୮୯ ଖଣ୍ଡ ଭୋଟ ମିଳିଥିଲା। ତେବେ ହାରିବା ପରେ ବୈଜୟନ୍ତ କେନ୍ଦ୍ରାପଡ଼ା ଜନସାଧାରଣଙ୍କ ସହ ଆଉ ବିଶେଷ ଭାବେ ସମ୍ପର୍କ ରଖି ନଥିଲେ। ଏହା ଏବେ ତାଙ୍କ ପାଇଁ ଅଡୁଆ କରୁଥିବା ଦେଖାଯାଉଛି। ରାଲି, ରାଜନୈତିକ ସଭାରେ ତାଙ୍କୁ ହତୋତ୍ସାହିତ ହେବାକୁ ପଡୁଛି। ସେହିପରି ଟିକଟ ବଣ୍ଟାରେ ମୁଣ୍ଡ ପୂରାଇ ବୈଜୟନ୍ତ ଜିଲ୍ଲା ବିଜେପିରେ ଥିବା ଅସନ୍ତୋଷକୁ ଆହୁରି ତେଜୀୟାନ୍ କରିଦେଇଛନ୍ତି। ଚଳିତ ନିର୍ବାଚନରେ ବିଧାୟକ ପଦ ପାଇଁ ବିଜେପିରେ ଗଣ୍ଡାଗଣ୍ଡା ଆଶାୟୀ ଥିଲେ ହେଁ ସେମାନଙ୍କୁ ଅଣଦେଖା କରାଯାଇଛି। ଟିକଟ ନ ମିଳିବା ଯୋଗୁଁ ସେମାନେ ଏବେ ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ବହୁ ଅସନ୍ତୁଷ୍ଟ ବିଜେପି ଛାଡ଼ି ବିଜେଡି ଶିବିରରେ ସାମିଲ

### ବିଜେପି ହାତ ଛାଡୁଛନ୍ତି ତୃଣମୂଳସ୍ତରର କର୍ମୀ

ହୋଇଛନ୍ତି। ଅଂଶୁମାନ ମଧ୍ୟ ସେମାନଙ୍କୁ ଖୋଲା ହୃଦୟରେ ଶଙ୍ଖ ଶିବିରକୁ ନେଉଛନ୍ତି। ଏହି ସବୁ କାରଣ ଉଭୟ ବିଜେପି ଓ ବୈଜୟନ୍ତଙ୍କ ପାଇଁ ବଡ଼ ଅଡୁଆ ସ୍ଥିତି ସୃଷ୍ଟି କରିଛି।

ଅପରପକ୍ଷେ ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନଙ୍କୁ ତାଙ୍କ ଅତୀତ ସହାୟ ହେବ ବୋଲି କୁହାଯାଉଛି। ସେ ପୂର୍ବରୁ କଂଗ୍ରେସ ସଂଗଠନ ସହ ଜଡ଼ିତ ଥିବାରୁ କଂଗ୍ରେସ ଭୋଟ୍ ଏଠାରେ ଭାଗ ହେବ ଓ ତାଙ୍କ ସପକ୍ଷରେ ଯିବ ବୋଲି ରାଜନୈତିକ ମହଲ ଆକଳନ କରୁଛନ୍ତି।

ଗତ ୨୦୧୪ ଏବଂ ୨୦୧୯ ନିର୍ବାଚନ ତଥ୍ୟକୁ ଦେଖିଲେ, ଏଠାରେ ବିଜେଡିର ଭୋଟ୍ ହାର ବଢ଼ିଛି। ତେଣୁ ସେହି ଧାରାକୁ ବଜାୟ ରଖିବା ପାଇଁ ଅଂଶୁମାନ ପୂରା ଜୋରସୋର୍‌ରେ ଲାଗି ପଡ଼ିଛନ୍ତି। ବିଜେଡି ଭୋଟ୍ ସହ ଉଭୟ କଂଗ୍ରେସ ଓ ବିଜେପିର ଭୋଟ୍ ହାତେଇ ବଡ଼ ବ୍ୟବଧାନରେ ଜିତିବାକୁ ସେ ଗୋଟିଚାଳନା କରୁଛନ୍ତି।

# ଆଦିମ ଜନଜାତିଙ୍କୁ ଆକୃଷ୍ଟ କରିବ ବିଷୟବସ୍ତୁ ଆଧାରିତ ମତଦାନ କେନ୍ଦ୍ର

**ଭୁବନେଶ୍ୱର, ୯।୫(ସମିସ):** ଆଦିମ ଜନଜାତିର ଲୋକଙ୍କ ମଧ୍ୟରେ ଭୋଟ ହାର ବୃଦ୍ଧି ପାଇଁ ସ୍ୱତନ୍ତ୍ର ପଦକ୍ଷେପ ସ୍ୱରୂପ ୬୦୦ରୁ ଅଧିକ ମତଦାନ କେନ୍ଦ୍ରକୁ ସ୍ଥାନୀୟ ଅଞ୍ଚଳର ବିଷୟବସ୍ତୁକୁ ନେଇ ପ୍ରସ୍ତୁତ କରାଯାଉଛି। ଏ ସମସ୍ତ ମତଦାନ କେନ୍ଦ୍ର ଆଦିମ ଜନଜାତି (ପିଭିଟିଜି) ବହୁଳ ଅଞ୍ଚଳରେ ରହିଛି। ଏସବୁ ମତଦାନ କେନ୍ଦ୍ରରେ ଆଦିବାସୀଙ୍କ ପରମ୍ପରା, ସଂସ୍କୃତିର ଝଲକ ସହିତ ମତଦାନର ମୂଲ୍ୟବୋଧକୁ ପ୍ରଦର୍ଶନ କରିବ।

ଓଡ଼ିଶାରେ ମତଦାନ ହାର ସନ୍ତୋଷଜନକ ହେଉ ନଥିବା ବେଳେ ଉଭୟ ସହରୀ ଏବଂ ଗ୍ରାମାଞ୍ଚଳରେ ଉତ୍ସାହ କିଛି କମ୍ ରହୁଛି। ସେଥିପାଇଁ ପ୍ରତି ନିର୍ବାଚନରେ ଭୋଟରମାନଙ୍କ ମଧ୍ୟରେ ମତଦାନକୁ ନେଇ ସଚେତନତା ସୃଷ୍ଟି ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ ଏକ ଅଭିନବ ପଦକ୍ଷେପ ସ୍ୱରୂପ, ଆଦିମ ଜନଜାତି ବହୁଳ ଅଞ୍ଚଳରେ ବିଷୟବସ୍ତୁ ଆଧାରିତ ମତଦାନ କେନ୍ଦ୍ର ପ୍ରସ୍ତୁତ କରାଯାଉଛି। ବିଷୟବସ୍ତୁ ଆଧାରିତ ମତଦାନ କେନ୍ଦ୍ର ପାଇଁ ବୁଥ୍ ଚିହ୍ନଟ କରାଯିବା ପରେ ସେଠାରେ ସେମାନଙ୍କ କଳା, ସଂସ୍କୃତି, ପରମ୍ପରା, ଭାଷାକୁ ସ୍ଥାନ ଦିଆଯାଇ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ୟମ କରାଯାଇଛି।

ରାଜ୍ୟରେ ୧୩ଟି ବର୍ଗରେ ଆଦିମ ଜନଜାତି ସମ୍ପ୍ରଦାୟର ଲୋକେ ରହୁଥିବା ବେଳେ ସେମାନଙ୍କ ଜନସଂଖ୍ୟା ପ୍ରାୟ ୨ ଲକ୍ଷ ୭୦ ହଜାର ହେବ। ସେମାନଙ୍କ ମଧ୍ୟରେ ୧୮ ବର୍ଷରୁ ଅଧିକ ମତଦାତାଙ୍କୁ ଚିହ୍ନଟ କରାଯାଇ ମତଦାତା ତାଲିକାରେ ସ୍ଥାନ ଦିଆଯାଇଛି। ସେହିପରି ସ୍ଥାନୀୟ ଭାଷାରେ ପିଭିଟିଜି ବର୍ଗର ନାଗରିକଙ୍କୁ ସଚେତନ କରାଯାଉଛି। ସେହିପରି ସ୍ଥାନୀୟ ସଂସ୍କୃତି, ଭାଷା ଏବଂ ଲୋକକଳା ଜରିଆରେ ମଧ୍ୟ ନିର୍ବାଚନ ଦିନ ନିଶ୍ଚିତ ଭାବେ ମତଦାନ କରିବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରାଯାଉଛି। ପଥପ୍ରାନ୍ତ ନାଟକ ଏବଂ ପ୍ରାଚୀର ଚିତ୍ର ମାଧ୍ୟମରେ ଭୋଟରମାନଙ୍କୁ ମତଦାନ ପାଇଁ ନିବେଦନ କରାଯାଉଛି। ଆଦିବାସୀବହୁଳ ଅଞ୍ଚଳରେ ଭ୍ରାମ୍ୟମାଣ ଭ୍ୟାନ୍ ସହାୟତାରେ ପ୍ରଚାର କରାଯାଉଛି। ଏପରିସ୍ଥଳେ ବିଷୟବସ୍ତୁ ଆଧାରିତ ମତଦାନ କେନ୍ଦ୍ର ପିଭିଟିଜି ସମ୍ପ୍ରଦାୟର ଭୋଟରଙ୍କ ମଧ୍ୟରେ ମତଦାନ ହାର ବୃଦ୍ଧିରେ ସହାୟକ ହେବ ବୋଲି କୁହାଯାଇଛି।

## ଆଜିଠୁ ଚନ୍ଦନ ଯାତ୍ରା

# ଜଳକ୍ରୀଡ଼ା କରିବେ ମହାପ୍ରଭୁ



**ପୁରୀ, ୯।୫(ସମିସ):** ଶୁକ୍ରବାର ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା। ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିବେ ମହାପ୍ରଭୁ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହାପ୍ରଭୁଙ୍କ ସ୍ୱାଗତ ଲାଗି ଦେଖିବା ଲାଗି ଭକ୍ତଙ୍କ ପ୍ରବଳ ଭିଡ଼ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱାରଫିଟା, ମଙ୍ଗଳ ଆଳତି, ସକାଳ ଧୂପ ନୀତି ସରିବା ପରେ ଦକ୍ଷିଣୀ ଘର ଭୋଗ କରାଯାଇ ଅପରାହ୍ଣ ୧ଟାରୁ

### ଚାହିଁ ବସିଛନ୍ତି ନରେନ୍ଦ୍ର, ନନ୍ଦା ଓ ଭଦ୍ରା

ଅପେକ୍ଷାରତ ନରେନ୍ଦ୍ର ସରୋବର। ନନ୍ଦା ଓ ଭଦ୍ରା ଜଳକ୍ରୀଡ଼ା କରାଇବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ମହାପ୍ରଭୁଙ୍କୁ ଚାହିଁ ରହିଛନ୍ତି। ତେବେ ଗୁରୁବାର ପୂଜାପଣ୍ଡା ସେବାୟତ ଚନ୍ଦନକୁଣ୍ଡ ସଂସ୍କାର କରିଥିବା ବେଳେ ଶ୍ରୀମନ୍ଦିରରେ ଚନ୍ଦନ ଅଧିବାସ ନୀତି ସମ୍ପନ୍ନ ହୋଇଛି।

ମହାପ୍ରଭୁଙ୍କ ସହ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ (ଶ୍ରୀଲୋକନାଥ, ଶ୍ରୀଯମେଶ୍ୱର, ଶ୍ରୀକପାଳମୋଚନ, ଶ୍ରୀମାର୍କଣ୍ଡେଶ୍ୱର ଓ ଶ୍ରୀନୀଳକଣ୍ଠେଶ୍ୱର) ଜଳକ୍ରୀଡ଼ା କରିବେ। ତେଣୁ ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କ ଜଳକ୍ରୀଡ଼ା ସାଢ଼େ ୨ଟା ମଧ୍ୟରେ ଯାତଭୋଗ ଓ ମଧ୍ୟାହ୍ନ ଧୂପ ସରିବ। ଅପରାହ୍ଣ ୩ଟାରେ ଦ୍ୱାଦଶ ଯାତ୍ରା ବନ୍ଦାପନା ପରେ ଅପରାହ୍ଣ ସାଢ଼େ ୩ଟାରୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଏବଂ ପଞ୍ଚମହାଦେବ ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ଯିବେ। ଚାପ ଖେଳି ସାରି ରାତି ୧୦ଟାରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ିବା ଲାଗି ନିଷ୍ପତ୍ତି ହୋଇଛି। ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରାଯାଇଛି। ଚନ୍ଦନ ମଣ୍ଡପକୁ ରଙ୍ଗ କରାଯାଇଛି। ଚନ୍ଦନ ଚକଡ଼ାକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ନନ୍ଦା ଓ ଭଦ୍ରା ଚାପ ଏବଂ ବୈଜୟନ୍ତୀ ଡଙ୍ଗାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଶୁକ୍ରବାର ଚାପରେ କନା ପଡ଼ିବ ଓ ହଂସ ଲଗାଯିବ।

ଆଜି ପୂର୍ବାହ୍ନରେ ଠାକୁରଙ୍କ ରୁପା ସିଂହାସନ ନରେନ୍ଦ୍ର ପୁଷ୍କରିଣୀ ପରିସରକୁ ନିଆଯାଇଛି। ଏହି ସିଂହାସନରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଧୁସୂଦନ, ଭୂଦେବୀ, ଶ୍ରୀଦେବୀ ବିଜେ କରି ନୌକାରେ ଜଳକ୍ରୀଡ଼ା କରିବେ। ସେହିପରି ଅକ୍ଷୟ ତୃତୀୟା ଓ ଚନ୍ଦନ ଯାତ୍ରା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସରିଛି। ମହାପ୍ରଭୁ ଚନ୍ଦନ ପୁଷ୍କରିଣୀକୁ ଯିବା ଏବଂ ପୁଷ୍କରିଣୀ ନିକଟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ୱତନ୍ତ୍ର ଭାବେ ପୁଲିସ ମୁତୟନ ରହିବେ। ସେହିପରି ଭିଡ଼ର ସୁଯୋଗ ନେଇ ଲୁଟେରାମାନେ ଲୁଟ୍‌ପାଟ, ପକେଟ୍‌ମାର କରିବା ସମ୍ଭାବନା ରହିଛି। ଏଥିପ୍ରତି ମଧ୍ୟ ସତର୍କତା ଅବଲମ୍ବନ କରିଛି ପୁଲିସ।

# ଆଜି ରଥ ନିର୍ମାଣ ଅନୁକୂଳ

### ରଥଖଳା ପ୍ରସ୍ତୁତ; ମହାପ୍ରଭୁଙ୍କ ଆଜ୍ଞାମାଳକୁ ଅପେକ୍ଷା



**ପୁରୀ, ୯।୫(ସମିସ):** ଶୁକ୍ରବାର ଅକ୍ଷୟ ତୃତୀୟା। ଏହି ପବିତ୍ର ତିଥିରୁ ଆରମ୍ଭ ହେବ ମହାପ୍ରଭୁଙ୍କ ତିନିରଥ ନିର୍ମାଣ। ଏଥିଲାଗି ରଥଖଳା ପ୍ରସ୍ତୁତ ହୋଇ ରହିଛି। ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ ମଧ୍ୟ ପହଞ୍ଚି ସାରିଛି। ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଅନୁକୂଳ ହେବାକୁ ଥିବା ତିନିଖଣ୍ଡ ଧଉରା କାଠ ପ୍ରସ୍ତୁତ ଅଛି। ଅପେକ୍ଷା ରହିଛି, ମହାପ୍ରଭୁଙ୍କ ନିର୍ଦ୍ଦେଶ ଅର୍ଥାତ୍ ଆଜ୍ଞାମାଳକୁ।

ରଥ ନିର୍ମାଣ ପାଇଁ ଶ୍ରୀନଅର ସମ୍ମୁଖରେ ଛାମୁଡ଼ିଆ ପକାଯାଇ ରଥଖଳା ନିର୍ମାଣ ସରିଛି। ଅପରାହ୍ଣ ୪ଟାରେ ରଥଖଳାରେ ରଥ ଆଜ୍ଞାମାଳ ପହଞ୍ଚିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ମହାପ୍ରଭୁଙ୍କ ଆଜ୍ଞାମାଳ ପହଞ୍ଚିବା ପରେ ରଥ ଅନୁକୂଳ ନୀତି ସମ୍ପନ୍ନ ହେବ। ନନ୍ଦିଘୋଷ, ଦର୍ପଦଳନ ଏବଂ ତାଳଧ୍ୱଜ ରଥ ନିର୍ମାଣ ଆରମ୍ଭ ହେବ। ବିଧି ଅନୁଯାୟୀ, ଅକ୍ଷୟ ତୃତୀୟାରେ ୧୨ଫୁଟିଆ ତିନିଖଣ୍ଡ ଧଉରା କାଠକୁ ସ୍ନାନ କରାଯିବ। ଦେଉଳ ପୁରୋହିତଙ୍କ ସମେତ ସୋତ୍ରୀୟ ବ୍ରାହ୍ମଣମାନେ ରଥ ଅନୁକୂଳ ହୋମ କରିବେ। ମଧ୍ୟାହ୍ନ ଧୂପ ସରିବା ପରେ ପୂଜାପଣ୍ଡା ସାମନ୍ତ ତିନିଦିଅଁଙ୍କ ଶ୍ରୀଅଙ୍ଗରୁ ତିନିଗୋଟା ଆଜ୍ଞାମାଳ ନେଇ ହାତରେ ଧରି ରଥଖଳାକୁ ଯିବେ। ତାଙ୍କ ସହିତ ମଣିବିମାନରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ପାଲିଙ୍କିରେ ରାମ ଓ କୃଷ୍ଣ ଯିବେ। ପୂଜାପଣ୍ଡା ସାମନ୍ତ ତିନିରଥ ଅନୁକୂଳ ନିମନ୍ତେ ଆଜ୍ଞାମାଳ ପ୍ରଦାନ କରିବେ। ଏହାପରେ ରଥ ଅନୁକୂଳର ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ଏହି ଅବସରରେ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ବିଶ୍ୱକର୍ମା ଏବଂ ଅନ୍ୟ ସେବକମାନଙ୍କ ଶାଢ଼ିବନ୍ଧା ପର୍ବ ସମ୍ପନ୍ନ ହେବ। ଏହାପରେ ଠାକୁର ଚନ୍ଦନ ଯାତ୍ରା ନିମନ୍ତେ ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଯାତ୍ରା କରିବେ। ପରମ୍ପରା ଅନୁଯାୟୀ, ଶାଢ଼ି ବନ୍ଧାଇଥିବା ବିଶ୍ୱକର୍ମାମାନେ ସେମାନଙ୍କ ସହଯୋଗୀଙ୍କୁ ମହାପ୍ରସାଦ ଓ ଗୁଆ ପଠାଇ ନିମନ୍ତ୍ରଣ କରିବେ।

## ରତ୍ନଭଣ୍ଡାର ତଦାରଖ କମିଟି ବୈଠକ

# ରଥଯାତ୍ରା ସମୟରେ ହେବ ରତ୍ନ ଅଳଙ୍କାର ଯାଞ୍ଚ

### କମିଟିକୁ ଦିଆଯାଇଛି ୧୯୭୮ ମସିହା ଗଣତି ରିପୋର୍ଟ

**ପୁରୀ, ୯।୫(ସମିସ):** ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ମହାପ୍ରଭୁଙ୍କ ଦୁର୍ଲ୍ଲଭ ରତ୍ନ ଅଳଙ୍କାରର ଯାଞ୍ଚ ହେବ। ରଥଯାତ୍ରା ସମୟରେ ପୂର୍ବ ତାଲିକା ଅନୁଯାୟୀ ମହାପ୍ରଭୁଙ୍କ ଅଳଙ୍କାର ଏବଂ ବିଭିନ୍ନ ମୂଲ୍ୟବାନ ବସ୍ତୁର ମେଳ କରାଯିବ। ତେବେ ରତ୍ନ ଅଳଙ୍କାର ଗଣତି ଓ ମଣତି କେଉଁଭଳି କରାଯିବ, ସେନେଇ ଗଠନ କରାଯାଇଥିବା ରତ୍ନଭଣ୍ଡାର ତଦାରଖ କମିଟିର ଠିକ୍ ସମୟରେ ହୋଇପାରିବ; ସେ ବିଷୟରେ ଆଲୋଚନା ହୋଇଛି। ଏହା ଏକ ଛୋଟିଆ କାମ ନୁହେଁ। ୧୯୭୮ ମସିହା ପରେ ପ୍ରଥମଥର ପାଇଁ ଏମିତି ଏକ ବଡ଼ଧରଣର କାମ ହେବାକୁ ଯାଉଛି। କ'ଣ ସମସ୍ୟା ରହିଛି, ତାହାର କିପରି ସମାଧାନ ହୋଇପାରିବ; ସେ ବିଷୟରେ ଆଲୋଚନା ହୋଇଥିଲା। ସବୁ ସମୟରେ ରତ୍ନଭଣ୍ଡାର ଖୋଲି ଯାଞ୍ଚ



ଦ୍ୱିତୀୟ ବୈଠକରେ ଏହା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଛି।

ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ କମିଟି ଅଧ୍ୟକ୍ଷ ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅରିଜିତ୍ ପଶାୟତ ଅଧ୍ୟକ୍ଷତା କରିଥିଲେ। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ପରିଚାଳନା କମିଟି ସେବାୟତ ପ୍ରତିନିଧି, ଏଏସଆଇ ଅଧିକାରୀ ଏବଂ ରତ୍ନଭଣ୍ଡାର କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ପରେ ଅଧ୍ୟକ୍ଷ ଜଷ୍ଟିସ୍ ପଶାୟତ କହିଥିଲେ, ରତ୍ନଭଣ୍ଡାର ଖୋଲାଯାଇ ରତ୍ନ ଅଳଙ୍କାରର ଗଣତି ଓ ମଣତି କିପରି ସୁବିଧାରେ ଏବଂ କରିବା ସମ୍ଭବପର ନୁହେଁ। ରଥଯାତ୍ରା ସମୟ ହିଁ ଯାଞ୍ଚ ପାଇଁ ପ୍ରକୃଷ୍ଟ ସମୟ। ସେ ସମୟରେ ମନ୍ଦିରରେ ଭକ୍ତ ନ ଥିବେ। ଫଳରେ ଶ୍ରଦ୍ଧାଳୁଙ୍କ ଦର୍ଶନରେ ବାଧା ଉପୁଜିବାର ଅବକାଶ ରହିବ ନାହିଁ। ୧୯୭୮ ମସିହାରେ ଶେଷଥର ପାଇଁ ହୋଇଥିବା ରତ୍ନ ଅଳଙ୍କାର ଯାଞ୍ଚ ରିପୋର୍ଟ ହସ୍ତଗତ ହୋଇଛି। ଏହି ରିପୋର୍ଟ ଆଧାରରେ ରତ୍ନ ଅଳଙ୍କାର ଗଣତି ମଣତି କରାଯିବ।

ବୈଠକ ପୂର୍ବରୁ ପୂର୍ବତନ ବିଚାରପତି ଜଷ୍ଟିସ୍ ପଶାୟତ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ସହ ଆଶିଷ ଲାଭ କରିଥିଲେ। ମହାପ୍ରଭୁଙ୍କ ଇଚ୍ଛାରେ ହିଁ ସବୁ କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ମହାପ୍ରଭୁଙ୍କୁ ଦର୍ଶନ କଲେ ନିତିନ ଗଡ଼କରୀ



**ପୁରୀ, ୯।୫(ସମିସ):** ଗୁରୁବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ। ଅପରାହ୍ଣରେ ଶ୍ରୀ ଗଡ଼କରୀ କଡ଼ା ସୁରକ୍ଷା ମଧ୍ୟରେ ଆସି ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ତାଙ୍କ ସହ ବିଜେପିର ପୁରୀ ଲୋକସଭା ସାଂସଦ ପ୍ରାର୍ଥୀ ସମ୍ବିତ ପାତ୍ର, ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ସମେତ ଦଳୀୟ କର୍ମୀ ସ୍ୱାଗତ କରିଥିଲେ। ଏହାପରେ ଶ୍ରୀ ଗଡ଼କରୀଙ୍କୁ ମନ୍ଦିର ଭିତରକୁ ପାଛୋଟି ନିଆଯାଇଥିଲା। ସେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବା ସହ ବେଢ଼ା ପରିସର ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ମନ୍ଦିରରେ ରହି ବାହାରିଥିଲେ। ଦର୍ଶନ ପରେ କେନ୍ଦ୍ରମନ୍ତ୍ରୀ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି କହିଥିଲେ ଯେ ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାର ସୌଭାଗ୍ୟପ୍ରାପ୍ତ ହେଲା। ଦେଶର ସମୃଦ୍ଧି, ସମ୍ପନ୍ନତା ଓ ସମଗ୍ର ବିଶ୍ୱରେ ଦେଶ ଶକ୍ତିଶାଳୀ ରାଷ୍ଟ୍ର ହେଉ ବୋଲି ପ୍ରାର୍ଥନା କରିଛି। ଦେଶର ଗରିବ, କୃଷକ ଓ ଶ୍ରମିକଙ୍କ ସହ ସବୁବର୍ଗର ଲୋକଙ୍କ କଲ୍ୟାଣ ପାଇଁ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରିଛି।

# ପୁଲିସ ଗୁଳିରେ ମାଓବାଦୀ ମୃତ

**ନବରଙ୍ଗପୁର, ୯।୫(ସମିସ):** ନବରଙ୍ଗପୁର ଜିଲ୍ଲାରେ ଥିବା ହାତୀଗାଁ ସଂରକ୍ଷିତ ଜଙ୍ଗଲରେ ପୁଲିସ ଗୁଳିରେ ଜଣେ କ୍ୟାଡର୍ ମାଓବାଦୀର ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ଏହି ଘଟଣା ଘଟିଛି। ଏହାସହ ପୁଲିସ ଏକ ମାଓ କ୍ୟାମ୍ପ

### ବିପୁଳ ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ

ଠାବ କରିବା ସହ ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରିଛି। ଜବତ ସାମଗ୍ରୀ ମଧ୍ୟରେ ଗୋଟିଏ ସିଙ୍ଗଲ ବେରେଲ ଥିବା ଠେସା ବନ୍ଧୁକ, ଗୋଟିଏ ଦେଶୀ ପିସ୍ତଲ, ୬ଟି ଟିଫିନ୍ ବୋମା, ୪ଟି ଗୁଳି,ଗୋଟିଏ ବଣ୍ଡଲ ବିଦ୍ୟୁତ୍ ତାର, ଦଶଟି ବ୍ୟାଟେରୀ, ଦୁଇଟି ହବରସେକ୍, ଗୋଟିଏ ହଳ ମାଓ ପୋଷାକ ଏବଂ କିଛି ମାଓ ପୁସ୍ତିକା ରହିଛି। ମୃତ ମାଓବାଦୀର ପରିଚୟ ସନ୍ଧାନ କରାଯାଉଛି। ଗୁରୁବାର ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଡିଆଇଜି



ଚରଣ ସିଂ ମିନା ଏହି ସୂଚନା ଦେଇଛନ୍ତି। ଶ୍ରୀ ମିନାଙ୍କ ସୂଚନାନୁଯାୟୀ, ବୁଧବାର ରାତିରେ ହାତୀଗାଁ ସଂରକ୍ଷିତ ଜଙ୍ଗଲରେ ଏକ ମାଓବାଦୀ ଗୋଷ୍ଠୀ ସକ୍ରିୟ ରହିଥିବା ବିଶ୍ୱସ୍ତ ସୂଚନା ମିଳିଥିଲା। ସେହି ଆଧାରରେ ୭ଟି ଏସ୍‌ଓଜି ଟିମ ପକ୍ଷରୁ ଆଣ୍ଟି-ନକ୍ସଲ ଅପରେସନ୍ ଆରମ୍ଭ କରାଯାଇଥିଲା। ଗୁରୁବାର ସକାଳେ ଏସଓଜି ଟିମ୍ ଘଞ୍ଚ ଜଙ୍ଗଲ ଅଞ୍ଚଳରେ ଖୋଜାଖୋଜି କରୁଥିବା ବେଳେ ହଠାତ୍ ମାଓବାଦୀଙ୍କ ଏକ ଦଳ ପୁଲିସ ଉପରକୁ ଗୁଳି ଚଳାଇଥିଲା। ଜବାବରେ ଏସ୍‌ଓଜି କମାଣ୍ଡୋମାନେ ପାଲଟା ଗୁଳି ଚାଳନା କରିଥିଲେ। ଏଥିରେ ଗୋଟିଏ ମାଓବାଦୀର ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ଛତ୍ରଭଙ୍ଗ ଦେଇଥିଲେ। ଏହାପରେ କମ୍ବିଂ ଅପରେସନ୍‌କୁ ଆହୁରି ଜୋରଦାର କରିଦିଆଯାଇଥିବା ଡିଆଇଜି ଶ୍ରୀ ମିନା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ଏବଂ ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ କୁମାର ବେହେରା ଉପସ୍ଥିତ ଥିଲେ।

# ବନ ବିଭାଗ ପକ୍ଷରୁ ୨ ହାତୀଦାନ୍ତ ଜବତ; ଦୁଇ ଅଟକ

**କଲ୍ୟାଣସିଂହପୁର, ୯।୫(ସମିସ):** ରାୟଗଡ଼ା ବନଖଣ୍ଡ କଲ୍ୟାଣସିଂହପୁର ରେଞ୍ଜରୁ ବନ ବିଭାଗ ଦୁଇଟି ହାତୀଦାନ୍ତ ଜବତ କରିବା ସହ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଜବତ ହାତୀଦାନ୍ତଦ୍ୱୟର ଓଜନ ୫ କେଜି ୨୦୦ ଗ୍ରାମ ଏବଂ ଅନ୍ତର୍ଜାତୀୟ ଚୋରା ବଜାରରେ ଏହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ବନଖଣ୍ଡ ଅଧିକାରୀ ସଚିନ ଆନାସାହେବ ଓହଲ ସୂଚନା ଦେଇଛନ୍ତି। ଧରାପଡ଼ିଥିବା ଦୁଇ ଅଭିଯୁକ୍ତ ହେଲେ, ସୁରେନ୍ଦ୍ର ନାହାକ, ଶଙ୍କର କଣ୍ଡାଗରୀ। ସୁରେନ୍ଦ୍ର କଲ୍ୟାଣସିଂହପୁର ଅଞ୍ଚଳରେ ମସଲା ବେପାର କରନ୍ତି। ସେହିପରି ସୁନାଖଣ୍ଡି ପଞ୍ଚାୟତର ମନେଇଗୁଡ଼ା ଗାଁର ଶଙ୍କର ବିଷମ କଟକରେ ବିଜୁଳି ବିଭାଗରେ କାର୍ଯ୍ୟରତ। ସେମାନେ ଏ ହାତୀଦାନ୍ତ ଦୁଇଟିକୁ କେଉଁଠୁ ଓ କାହାଠାରୁ ଆଣିଛନ୍ତି, ସେନେଇ ପଚରାଉଚରା ଚାଲିଛି। ଅନ୍ୟ ଏକ ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ଯେ ଏ ଦୁଇଜଣଙ୍କ ସମେତ ଆଉ କିଛି ଅଭିଯୁକ୍ତ ରାୟଗଡ଼ା ରେଞ୍ଜ କୋଲନରା ବ୍ଲକର ପାଲମା ଜଙ୍ଗଲରେ ବିଦ୍ୟୁତ୍ ତାର ଲଗାଇ



ଗୋଟିଏ ଦନ୍ତା ହାତୀକୁ ହତ୍ୟା କରିଥିଲେ। ପରେ ତା'ର ଦାନ୍ତ ବାହାର କରି ମୃତ ହାତୀଟିକୁ ପୋତି ଦେଇଥିଲେ। ଘଟଣାଟିକୁ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ହାତୀଦାନ୍ତ ରାକେଟକୁ ଠାବ କରିଛି। ଏହି ଘଟଣାରେ ବହୁ ଅଭିଯୁକ୍ତ ସମ୍ପୃକ୍ତ ଥିବାରୁ ବନ ବିଭାଗ ବିଭିନ୍ନ ଗାଁରେ ଚଢ଼ଉ କରି ଖାନତଲାସି ଚଳାଇଛି। ଏ ସମ୍ପର୍କରେ ବନଖଣ୍ଡ ଅଧିକାରୀଙ୍କୁ ପଚରାଯାଇଥିଲେ ହେଁ ତଦନ୍ତରେ ବାଧା ଉପୁଜିବା ଦୃଷ୍ଟିରୁ ସେ କିଛି କହିବାକୁ ମନା କରିଦେଇଥିଲେ।

ସୂଚନା ଅନୁଯାୟୀ, କୌଣସି ସୂତ୍ରରୁ ସୂଚନା ପାଇ ଗୁଡ଼ାରୀ ରେଞ୍ଜର୍ ଦିଲ୍ଲୀପ ପଟ୍ଟନାୟକ, ରାୟଗଡ଼ା ରେଞ୍ଜର୍ କାମେଶ ରାଓ ଆଚାରୀଙ୍କ ସମେତ କଲ୍ୟାଣସିଂହପୁର ବନପାଳ ପ୍ରଦୀପ ଜେନା ପ୍ରମୁଖ ନାରାୟଣପୁର ପଞ୍ଚାୟତର ଶିବମନ୍ଦିର ପ୍ରାଙ୍ଗଣରେ ଥିବା କଲ୍ୟାଣ ମଣ୍ଡପରେ ଚଢ଼ଉ କରିଥିଲେ। ସେଠାରେ ସୁରେନ୍ଦ୍ର ଓ ଶଙ୍କର ରୋଷେଇ କରୁଥିବା ବେଳେ ପାଖରେ ଦୁଇଟି ହାତୀଦାନ୍ତ ରଖିଥିଲେ।

## ସାଇବର ଠକେଇ

# ପାର୍ସଲ ଆଳରେ ମହିଳାଙ୍କୁ ୧୩ ଲକ୍ଷର ଚୂନ

**ବାରିପଦା, ୯।୫(ସମିସ):** ବାରିପଦା ସହରର ପ୍ରଫୁଲ୍ଲନଗର ଅଞ୍ଚଳରେ ରହୁଥିବା ଜଣେ ମହିଳା ସାଇବର୍ ଠକେଇର ଶିକାର ହୋଇଛନ୍ତି। ୟୁରୋପର ଏକ ଦେଶରୁ ମହିଳାଙ୍କ ନାମରେ ଏକ ପାର୍ସଲ ଆସିଥିବା କହି ସାଇବର୍ ଠକ ପର୍ଯ୍ୟାୟକ୍ରମେ ତାଙ୍କଠାରୁ ୧୩ ଲକ୍ଷ ୫୫ ହଜାର ଟଙ୍କା ଠକି ନେଇଛି। ଠକେଇର ଶିକାର ହୋଇଥିବା ମହିଳାଜଣଙ୍କ ହେଲେ, ଜ୍ୟୋତ୍ସ୍ନା ଦାସ। ଏ ସଂପର୍କରେ ସେ ବାରିପଦାସ୍ଥିତ ସାଇବର୍ ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୱାର୍ଲଡ ୱାଇଡ୍ କୋରିୟର ସର୍ଭିସ ନାମକ ସଂସ୍ଥାରୁ ଜ୍ୟୋତ୍ସ୍ନାଙ୍କୁ ଗତ ୨୯ ତାରିଖରେ ଏକ ଫୋନ୍ କଲ୍ ଆସିଥିଲା। ୟୁରୋପର ଏକ ଦେଶରୁ ତାଙ୍କ ନାମରେ ଏକ ପାର୍ସଲ ଆସିଛି ଏବଂ ତାହା ନେବାକୁ ୩୫ ହଜାର ଟଙ୍କା ପ୍ରଦାନ କରିବାକୁ କୁହାଯାଇଥିଲା। ଆଗପଛ ବିଚାର ନ କରି ଜ୍ୟୋତ୍ସ୍ନା ଠକଙ୍କ ଦ୍ୱାରା ପ୍ରଦତ୍ତ ବ୍ୟାଙ୍କ ଆକାଉଣ୍ଟରେ ୩୫ ହଜାର ଟଙ୍କା ଜମା କରିଥିଲେ। ପରେ ଆୟକର ଶୁଳ୍କ, ଜରିମାନା ଭଳି ନୂଆ ନୂଆ ବାହାନା କରି ଜ୍ୟୋତ୍ସ୍ନାଙ୍କଠାରୁ ଠକ ପର୍ଯ୍ୟାୟକ୍ରମେ ୧୩ଲକ୍ଷ ୫୫ହଜାର ଟଙ୍କା ଠକି ନେଇଥିଲା। ତେବେ ଏହା ପରେ ବି ତାଙ୍କ ପାଖରେ ପାର୍ସଲ ନ ପହଞ୍ଚିବାରୁ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଏନେଇ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ମାମଲା ରୁଜୁ କରି ପୁଲିସ ତଦନ୍ତ ପ୍ରକ୍ରିୟା ଜାରି ରଖିଛି।

## ବିଜେଡିରୁ ଗୟାଧର ପରିଡ଼ା ବହିଷ୍କୃତ

**ଭୁବନେଶ୍ୱର, ୯।୫(ସମିସ):** ନୟାଗଡ଼ ଭାପୁର ବ୍ଲକର ଗୟାଧର ପରିଡ଼ାଙ୍କୁ ବିଜୁ ଜନତା ଦଳରୁ ବହିଷ୍କାର କରାଯାଇଛି। ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ବହିଷ୍କାର କରିଛନ୍ତି। ବହିଷ୍କାର ଆଦେଶ ସମ୍ପର୍କରେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ୍ ବାର୍ତ୍ତାରେ ସୂଚନା ଦେଇଛନ୍ତି।

## ବଜ୍ରପାତରେ ଜଣେ ମୃତ; ବାପପୁଅ ଗୁରୁତର

**ତୁରୁମୁଙ୍ଗା, ୯।୫ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁରୁସୁଆଁ ପଞ୍ଚାୟତ ମୁରୁସୁଆଁ ଗ୍ରାମର ମୁଣ୍ଡା ସାହିରେ ଗୁରୁବାର ଅପରାହ୍ଣରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ମାନସ ମୁଣ୍ଡା। ଗୁରୁବାର ଅପରାହ୍ଣରେ ସେ ଘର ନିକଟରେ ଥିବା ବିଦ୍ୟୁତ ଖୁଣ୍ଟ ନିକଟରେ ଛିଡ଼ା ହୋଇଥିବା ବେଳେ ବଜ୍ରପାତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ସଦର ଥାନା କାଠବରୀ ପଞ୍ଚାୟତ ଯମୁନାପଶି ଗ୍ରାମ ବୃନ୍ଦାବଣ ସାହିର ବିଦେଶୀ ମହାରଣା ଓ ତପନ ମହାରଣା ବ୍ରଜପାତରେ ଗୁରୁତର ହୋଇଛନ୍ତି। ଉଭୟ କାଶୀପୁର ଗ୍ରାମର ବୈଷ୍ଣବ ନାଏକଙ୍କ ଘରର କାଠ କବାଟ କାମ ଗଛ ମୂଳରେ କରୁଥିଲେ। ହଠାତ ବର୍ଷା ପବନ ହେବାରୁ ଗଛ ମୂଳରେ ଆଶ୍ରୟ ନେଇଥିବା ବାପ-ପୁଅ ବଜ୍ରପାତର ଶିକାର ହୋଇଥିଲେ। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ଲୋକକଥା



'ହାତ-ଫୁଲ' ଇସ୍ତାହାର ଦେଇଚନ୍ତି
ଲୋକଙ୍କ ପାଖରେ ନେଇ,
ଲୋକ ଆଜି ଉଲ୍ଲସିତ ହୋଇଲେଣି
ଶଙ୍ଖ ଇସ୍ତାହାର ପାଇ !
'ମାଗଣା ବିଜୁଳି' ପାଇଁ,
ଭୋଟର ଇଆଡ଼େ ଡିଆଁ ମାରିଲେଣି
'ଶଙ୍ଖ' ଧରି ଥେଇଥେଇ !!

# ସକାଳେ ଖରା, ଅପରାହ୍ଣରେ କାଳବୈଶାଖୀ

**ଭୁବନେଶ୍ୱର, ୯।୫(ସମିସ):** ରାଜ୍ୟରେ ବର୍ତ୍ତମାନ ମିଶ୍ରିତ ପାଗ ଜାରି ରହିଛି। ପୂର୍ବାହ୍ଣରେ ଖରା ଅନୁଭୂତ ହେଉଥିବା ବେଳେ ଅପରାହ୍ଣରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳୁଛି। ଗତ କିଛି ଦିନ ହେବ, ଉପକୂଳ ଓଡ଼ିଶାରେ ପ୍ରତିଦିନ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳୁଥିବା ବେଳେ ଗୁରୁବାର ଦକ୍ଷିଣ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ପବନ ହୋଇଛି। ଗୁରୁବାର କୋରାପୁଟରେ ପ୍ରବଳ କାଳବୈଶାଖୀ ଯୋଗୁଁ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସହ ଗଛ ଡାଳ ଭାଙ୍ଗିଛି। ଏହାସହ ବିଭିନ୍ନ ସ୍ଥାନରେ ଜଳାର୍ଣ୍ଣବ ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟରେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ପାଗ ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ବିଶେଷକରି ଉପକୂଳ, ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ହେବାର ସମ୍ଭାବନା ରହିଛି। କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଶୁକ୍ରବାର ସକାଳ ସାଢ଼େ ୮ଟାରୁ ୧୧ ତାରିଖ ସକାଳ ସାଢ଼େ ୧୧ଟା ପର୍ଯ୍ୟନ୍ତ ୧୯ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା, ପବନ ଓ ବଜ୍ରପାତ ନେଇ ୪ ଦିନ ପର୍ଯ୍ୟନ୍ତ ଏଭଳି ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

କାଳବୈଶାଖୀ ବର୍ଷା ଯୋଗୁଁ ଦ୍ୱୈତନଗରୀରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ତଳେ ରହିବା ସହ ଅପରାହ୍ଣରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପରିସ୍ଥିତି ଆକଳନ କରାଯାଇଛି। ସେହିପରି କାଳବୈଶାଖୀ ସାଙ୍ଗକୁ ୪୦-୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହୁଥିବାରୁ ରାଜ୍ୟବାସୀଙ୍କୁ ସତର୍କ ରହିବା ପାଇଁ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ବର୍ତ୍ତମାନ ସମୁଦ୍ରରୁ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ସ୍ଥଳଭାଗକୁ ଆସୁଥିବା ଯୋଗୁଁ ବର୍ଷା ପାଇଁ ପାଗ ଅନୁକୂଳ ରହୁଛି। ଆଜିଠୁ ୧୨ ତାରିଖ ଯାଏ ଉତ୍ତର ଉପକୂଳ ସଂଲଗ୍ନ ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି।

ସେହିପରି ଦକ୍ଷିଣ ଓଡ଼ିଶାରେ ୧୦, ୧୨ ଓ ୧୪ରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହୋଇପାରେ। ଦକ୍ଷିଣ ଆଭ୍ୟନ୍ତରରେ ୧୨ ଯାଏ ଓ ଉତ୍ତର ଆଭ୍ୟନ୍ତରରେ ୧୩ ଯାଏ ହାଲୁକା ବର୍ଷା ହେବ। ଅନ୍ୟପଟେ ଦକ୍ଷିଣ ଆଭ୍ୟନ୍ତରରେ ବୌଦ୍ଧ, ନୂଆପଡ଼ା, ସୋନପୁର, ବଲାଙ୍ଗୀର, କଳାହାଣ୍ଡିରେ ୧୧ରୁ ତାତି ବଢ଼ିବ। ଏଠାରେ ତାପମାତ୍ରା ୪୨ରୁ ୪୩ ଡିଗ୍ରୀ ରହିପାରେ ବୋଲି ଆକଳନ କରାଯାଉଛି।




# କନିଷି, ଆସିକା ଓ ଫୁଲବାଣୀରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

## ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବିଜେଡି ୯୯% ସିଟ୍ ହାତେଇବ : ପାଣ୍ଡିଆନ




**ବ୍ରହ୍ମପୁର, ୯ ।୫(ସମିସ):** ମମତା, ଲକ୍ଷ୍ମୀ, କାଳିଆ, ପିଲାଙ୍କ ବୃତ୍ତି ଓ ବିଏସକେୱାଇ ଯୋଜନା ଭଲ କି? ନବୀନ ପଟ୍ଟନାୟକ ଭଲ କି? ଶଙ୍ଖ ଚିହ୍ନ ଭଲ କି? ବିଜୁ ଜନତା ଦଳ ଭଲ କି? ବୋଲି ଲୋକଙ୍କ ଠାରୁ ଉତ୍ତର ଚାହିଁଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସମସ୍ତଙ୍କ ମୁହଁରୁ ଏକକାଳୀନ ଗୋଟିଏ ସ୍ୱରରେ ଉତ୍ତର ଆସିଥିଲା 'ଭଲ'। ଏହା ପରେ ସିଧାସଳଖ ଜନସାଧାରଣଙ୍କୁ ନିବେଦନ କରିଥିଲେ 'ଭଲ' ଲୋକଙ୍କୁ ଭୋଟ ଦିଅନ୍ତୁ, ଚୋର ପ୍ରାର୍ଥୀଙ୍କୁ ନୁହେଁ। ଏଭଳି ଭାଷଣ ଜରିଆରେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କନିଷି ଠାରେ ଆୟୋଜିତ ସଭାରେ ବିଜେଡି ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୨୮ଟି ବିଧାନସଭା ଓ ୪ଟି ଲୋକସଭା ଆସନରେ ନିର୍ବାଚନ ହେବାକୁ ଥିବା ବେଳେ ଏଠାରେ ଶତକଡା ୯୯ଭାଗ ସିଟ ବିଜେଡି ଜିତିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରତି ରାଜ୍ୟବାସୀଙ୍କର ଥିବା ସ୍ନେହ ଓ ଭଲ ପାଇବା ଆଗରେ ଯେତେ ବଡ ବଡ ନେତା ଆସିଲେ ମଧ କିଛି ପ୍ରଭାବ ପଡିବ ନାହିଁ। ହାତରେ ସମୟ ଖୁବ୍ କମ୍ ଏଣୁ ସମସ୍ତେ ମିଳିମିଶି ଦୃଢତାର ସହିତ କାମ କରିବା ସହ ବିଜେଡିର ନିର୍ବାଚନୀ ଇସ୍ତେହାରକୁ ଲୋକଙ୍କ ପାଖରେ ପହଁଞ୍ଚାଇଲେ ଆମକୁ ରାଜ୍ୟବାସୀ ବହୁ ପରିମାଣରେ ଭୋଟ ଦେଇ ଆଶୀର୍ବାଦ କରିବେ। ଚଳିତ ନିର୍ବାଚନରେ ବିଜେପି ଆଣିଥିବା ଇସ୍ତେହାର ଉପରେ ପୁଣି ଲୋକଙ୍କର ବିଶ୍ୱାସ ନାହିଁ। ଏଣୁ ବର୍ତ୍ତମାନ ଚୋର ଓ ମିଥ୍ୟାବାଦୀଙ୍କୁ ମୁହଁ ତୋଡ ଜବାବ ଦେବା ଉଚିତ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ବିକାଶର ଧାରାକୁ ଆଗେଇ ନେବା ସହିତ ରାଜ୍ୟକୁ ନମ୍ବର ୱାନ କରିବାକୁ ହେଲେ ବିଜେଡିର ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଦୁଇଟି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସେ ବିନମ୍ର ନିବେଦନ କରିଥିଲେ।

ସଭାରେ ବ୍ରହ୍ମପୁର ଲୋକସଭା ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ତଥା ରାଜ୍ୟସଭା ସାଂସଦ ମାନସ ରଂଜନ ମଙ୍ଗରାଜ ସ୍ୱାଗତ ଅଭିଭାଷଣ ରଖିଥିଲେ। ପରେ ପରେ ଗୋପାଳପୁର ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଗତ ୨୪ବର୍ଷ ଧରି ରାଜ୍ୟରେ ସ୍ୱଚ୍ଛ, ନିର୍ମଳ ଓ ସ୍ଥିର ସରକାର ଚାଲିଥିବା ବେଳେ ବିକାଶର ଧାରା ଜାରି

- ବିଜେପିର ନିର୍ବାଚନୀ ଇସ୍ତାହାର ସବୁବେଳେ ଲୋକଙ୍କୁ ପ୍ରତାରଣା ଓ ନିରାଶ କରିଛି: ମାନସ
- ବିଏସକେୱାଇ, ମିଶନ ଶକ୍ତି ଓ ମଧୁବାବୁ ଭଳି ଯୋଜନା ବନ୍ଦ ପାଇଁ ବିଜେପିର ଷଡ଼ଯନ୍ତ୍ର : ଭୃଗୁ
- କନିଷି: ନିର୍ବାଚନୀ ସଭାରେ ୭୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ବିଶାଳ ସମାବେଶ

ରହିଥିବା କହିଥିଲେ। ଏହି ପରିପ୍ରେକ୍ଷୀରେ ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଧ ଅଶାନୁରୁପ ବିକାଶ ପହଁଞ୍ଚିପାରିଥିବା ନିଜ ଅଭିଭାଷଣରେ କହିଥିଲେ। ଏବଂ ନବୀନ ବାବୁଙ୍କ ହାତମୁଠାକୁ ଟାଣ କରିବା ସହ ଏହି ବିକାଶ ଧାରାକୁ ଆଗେଇ ନେବାକୁ ହେଲେ ଚଳିତ ନିର୍ବାଚନରେ ଉଭୟ ବିଧାନସଭା ଓ ସାଂସଦ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ବିନମ୍ର ନିବେଦନ କରିଥିଲେ। ପରେ ଦିଗପହଣ୍ଡି ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ର ଓ ଚିକିଟି ବିଧାୟକ ପ୍ରାର୍ଥୀ ତଥା ଯୁବରାଜ ଶ୍ରୀରୁପ ଦେବ ନିଜ ଅଭିଭାଷଣ ରଖିଥିଲେ। ଛତ୍ରପୁର ବିଧାୟକ ପ୍ରାର୍ଥୀ ସୁବାଷ ହେବେରା ନିଜ ବକ୍ତବ୍ୟରେ ନବୀନ ସରକାରରେ ବିକାଶ ଶିଖର ଛୁଇଁଥିବା ଥିବା ବେଳେ ନବୀନ ଓ ବିଜେଡି ପ୍ରତି ଥିବା ଲୋକଙ୍କର ସ୍ନେହ ଓ ଭଲପାଇବା ବିରୋଧୀଙ୍କୁ ଅସହ୍ୟ କରୁଥିବା ସେ କହିଥିଲେ। ସଭାରେ ବିଜେପିର ପ୍ରାର୍ଥୀଙ୍କୁ ସିଧାସଳଖ ଟାର୍ଗେଟ କରିଥିଲେ ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର। ଚଳିତ ନିର୍ବାଚନ ସତ୍ୟର ଅସତ୍ୟ ଉପରେ, ନ୍ୟାୟର ଅନ୍ୟାୟ ବିରୁଦ୍ଧରେ ଓ ଅରାଜକତା ବିରୁଦ୍ଧରେ ଶାନ୍ତିର ଲଢେଇ। ଅତୀତରେ ଜନବିରୋଧୀ ନେତାଙ୍କୁ ଯେଉଁ ଦଳ ଗିରଫ କରିବା ପାଇଁ ଓ ଜେଲ ପଠାଇବା ପାଇଁ ରାଜରାସ୍ତାକୁ ଓହ୍ଲାଇଥିଲା ଆସି ସେହି ବିଜେପି ଦଳ ଜନବିରୋଧୀଙ୍କୁ କୋଳେଇ ନେଇ ତାଙ୍କ ପାଇଁ ଭୋଟ ଭିକ୍ଷା କରୁଛି। ରାଜ୍ୟରେ ସରକାର ଗଠନ କରିବାର ଦିବା ସ୍ୱପ୍ନ ଦେଖୁଥିବା ବିଜେପି ରାଜ୍ୟ ସରକାରଙ୍କ ବିଏସକେୱାଇ, ମିଶନ ଶକ୍ତି ଓ ମଧୁବାବୁ ପେନସନ ଭଳି ଯୋଜନାକୁ ବନ୍ଦ କରିବାକୁ ଷଡଯନ୍ତ୍ର କରୁଥିବା ସୂଚନା ଦେଇଥିଲେ। ଏଣୁ ଏଭଳି ଦଳ ଓ ପ୍ରାର୍ଥୀଙ୍କୁ ଚିହ୍ନ ରଖିବା ସହିତ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିବାକୁ ସେ ଆହ୍ୱାନ ଦେଇଥିଲେ।

ଏହି ନିର୍ବାଚନୀ ସଭା ମୁଖ୍ୟତଃ ବ୍ରହ୍ମପୁର ଲୋକସଭା ସଂସଦୀୟ କ୍ଷେତ୍ରର ବ୍ରହ୍ମପୁର, ଗୋପାଳପୁର, ଦିଗପହଣ୍ଡି, ଚିକିଟି ଓ ଛତ୍ରପୁର ଭଳି ୫ଟି ବିଧାନସଭା ଆସନ ପାଇଁ ଆୟୋଜିତ ହୋଇଥିଲା। ଶେଷରେ ବ୍ରହ୍ମପୁର ସାଂସଦ ତଥା ନିର୍ବାଚନୀ ଇସ୍ତେହାର କମିଟି ଅଧକ୍ଷ ଚନ୍ଦ୍ରଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ନବୀନଙ୍କ ପ୍ରଚାର ସଭାରେ ବିଭିନ୍ନ ବିଧାନସଭା କ୍ଷେତ୍ରରୁ ୭୦ହଜାରରୁ ଉଦ୍ଧ୍ୱର୍ ଲୋକଙ୍କ ବିଶାଳ ସମାଗମ ହୋଇଥିଲା। ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ଅଧକ୍ଷ ଭି. କାର୍ତ୍ତିକ ପାଣ୍ଡିଆନ ଆସିକା ଅଭିମୁଖେ ଯାତ୍ରା କରିଥିଲେ।

### ଆସିକାରେ ନବୀନଙ୍କ ପ୍ରଚାର ସଭାରେ ସ୍ଥାନୀୟ ଲୋକଙ୍କ ଦୃଢୋକ୍ତି

## ଷଷ୍ଠଥର ନିର୍ବାଚିତ ହୋଇ ଇତିହାସ ରଚିବେ ମୁଖ୍ୟମନ୍ତ୍ରୀ

**ବ୍ରହ୍ମପୁର/ଆସିକା, ୯ ।୫(ସମିସ):** ଆସିକା ସଂସଦୀୟ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର କରିଛନ୍ତି। ଦଳୀୟ ପ୍ରାର୍ଥୀଙ୍କ ଲାଗି ଭୋଟ ଭିକ୍ଷା କରିବା ସହ ଶଙ୍ଖ ଚିହ୍ନକୁ ଆଶୀର୍ବାଦ କରିବାକୁ କହିଛନ୍ତି। ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ନିଜର ଉଦବୋଧନରେ ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି।

ଆୟୋଜିତ ସଭାରେ ଗଞ୍ଜାମ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ରାଜ୍ୟ ସରକାରଙ୍କ ନିବେଦ କରିଛନ୍ତି। ସେହିପରି ପୋଲସରା ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ କହିଛନ୍ତି ଯେ, ଭାରତ ବର୍ଷରେ ଓଡ଼ିଶା ଏକ ନମ୍ବର। ବିରୋଧି କେବଳ କଥା କହୁଛନ୍ତି। ବିଗତ ଦିନର ଅନେକ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛନ୍ତି। ଏଥର ଭୋଟର କଡ଼ା ଜବାବ ଦେବେ ବୋଲି ସେ କହିଥିଲେ। କବିସୂର୍ଯ୍ୟନଗର ବିଧାୟିକା ପ୍ରାର୍ଥୀ ଲତିକା ପ୍ରଧାନ କହିଛନ୍ତି ଯେ, ବିରୋଧି ମିଶନ ଶକ୍ତି ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି। ଏହାର କଡ଼ା ଜବାବ ଦିଆଯିବ। ଖଲ୍ଲିକୋଟ ବିଧାୟିକା ପ୍ରାର୍ଥୀ ସୂର୍ଯ୍ୟମଣୀ ଚିହ୍ନକୁ ଆଶୀର୍ବାଦ କରିବାକୁ କହିଥିଲେ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନା ଅପେକ୍ଷା ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବେଶ ଉଚ୍ଚକୋଟୀର ବୋଲି କହିଥିଲେ। ସାମ୍ପ୍ରତିକ ଯୁଦ୍ଧରେ ବିଜୁ ଜନତା ଦଳର ସମସ୍ତ କର୍ମୀ ଜଣେ ଜଣେ ସିପାହୀ ଭାବରେ କାମ କରି ମୁଖ୍ୟମନ୍ତ୍ରୀଙ୍କ ଟେକ ରଖିବାକ ସେ ଆହ୍ୱାନ କରିଥିଲେ। ସେହିଭଳି ସାନଖେମୁଣ୍ଡି ବିଧାୟିକା ପ୍ରାର୍ଥିନୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ ବିଜୁ ଜନତା ଦଳରେ ମା' ମାନେ ହିଁ ଶକ୍ତି ସେମାନେ ଏହି ବିଜୟ ରଥକୁ ଆଗେଇ ନେବେ




ଜନହିତକର ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଆଉ କିଛି ଦିନ ପରେ ମୁଖ୍ୟମନ୍ତ୍ରୀ ଇତିହାସ ରଚିବେ। ଏଣୁ ସମସ୍ତେ ଶଙ୍ଖ ଚିହ୍ନରେ ମୋହର ମାରିବାକୁ ସେ ନିବେଦନ କରିଥିଲେ। ସେହିଭଳି ଆସିକା ବିଧାୟିକା ପ୍ରାର୍ଥୀ ମଞ୍ଜୁଳା ସ୍ୱାଇଁ କହିଛନ୍ତି ଯେ, ପ୍ରଗତୀର ମୂଳମନ୍ତ୍ର ହେଉଛି ଓଡ଼ିଶା। ଏହି ଧାରାକୁ ଆଗେଇ ନେବାକୁ ହେଲେ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବାକୁ ବୈଦ୍ୟ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା ବିଷୟରେ କହି ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବାକୁ ନିବଦେନ କରିଥିଲେ। ସୋରଡ଼ା ବିଧାୟିକା ପ୍ରାର୍ଥୀ ସଂଘମିତ୍ରା ସ୍ୱାଇଁ ସରକାରୀ ଯୋଜନାର ବିଷୟରେ ମତବ୍ୟକ୍ତ କରି ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ କହିଥିଲେ। ଆସିକା ସାଂସଦ ପ୍ରାର୍ଥୀନୀ ରଞ୍ଜିତା ସାହୁ ଓଡ଼ିଶାର ଦ୍ରୁତ ବିକାଶକୁ ଆଗେଇ ନେବାକୁ ଶଙ୍ଖ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଆସିକା ସାଂସଦ ପ୍ରମିଳା ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଆସିକାର ପୂର୍ବତନ ବିଧାୟକ ଦେବରାଜ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସେଲିବ୍ରେଟୀ ସ୍ୱରାଜ, ଭୂମିକା, ସନ୍ଥୁ ଓ ଚକ୍ରବର୍ତ୍ତୀ ପ୍ରମୁଖ ସଂଗୀତ ଓ ନୃତ୍ୟ ମାଧରେ ବିଜୁ ଜନତା ଦଳକୁ ଭୋଟ ଦେବାକୁ କହିଥିଲେ।

### ଗଞ୍ଜାମରେ ମୁଖ୍ୟମନ୍ତ୍ରୀ...

#### ସବୁ ପ୍ରାର୍ଥୀଙ୍କ ଅଭିଭାଷଣ ରଖିବାର ସୁଯୋଗ

ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସବୁପ୍ରାର୍ଥୀଙ୍କୁ ଅଭିଭାଷଣ ରଖିବାର ସୁଯୋଗ ମିଳିଛି। ଯାହା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଦୃଷ୍ଟିଗୋଚର ହୋଇନଥିଲା। ନିଜ ନେତା ଉପସ୍ଥିତ ଥାଇ ମନର କଥା କହିବାକୁ ବିଜୁ ଜନତା ଦଳର ପ୍ରାର୍ଥୀମାନେ କନିଷିଠାରେ ଆୟୋଜିତ ବିରାଟ ଜନସଭାରେ ଦେଖିବାକୁ ମିଳିଥିଲା। ଏନେଇ ଉଭୟ ନେତା ଓ କର୍ମୀ ମହଲରେ ଖୁସିର ଲହରି ଖେଳିଯାଇଛି।

#### ଯୋଡ଼ି ଶଙ୍ଖରେ କମ୍ପିଲା ଅଞ୍ଚଳ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତକୁ ନେଇ ଜିଲ୍ଲା ବିଜେଡି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ ନିମନ୍ତେ ଜିଲ୍ଲା ବିଭିନ୍ନ ଦିଗକୁ ବହୁ ପାରମ୍ପରିକ ନୃତ୍ୟ ତଥା ଯୋଡ଼ି ଶଙ୍ଖ ମହୁରୀ, ଚଇତି ଘୋଡ଼ା ଓ କଣ୍ଢେଇ ନୃତ୍ୟ ନିଜ ନୃତ୍ୟ ପରିବେଷଣ କରୁଥିବା ଦେଖିବାକୁ ମିଳିଥିଲା। ସେଥି ମଧରୁ ଯୋଡ଼ି ଶଙ୍ଖ ମହୁରୀ ଲୋକଙ୍କ ବେଶ୍ ପସନ୍ଦ ହୋଇଥିଲା। ପୁରା ଅଞ୍ଚଳ ଯୋଡ଼ି ଶଙ୍ଖର ଶବ୍ଦରେ ପ୍ରକମ୍ପିତ ହୋଇଥିଲା। ଯାହାକୁ ନେଇ କର୍ମୀ ଓ ସାଧାରଣ ଜନତା ବେଶ ଖୁସି ବ୍ୟକ୍ତ କରିଥିଲେ।

#### ହେ ନବୀନ ବାବୁ ଆମେ ତୁମର ଫ୍ୟାନ୍... ଗୀତରେ ନାଚିଲେ ସମର୍ଥକ

ସଭାସ୍ଥଳରେ ହଜାର ହଜାର ଲୋକଙ୍କ ସମାଗମ ହେଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସିବା ପୂର୍ବରୁ ଓଡ଼ିଶାର ବିଭିନ୍ନ ଲୋକପ୍ରିୟ କାକରା ନିଜ ନିଜର ଅଭିନୟ ଜରିଆରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହ ବିଜେଡି ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନଟ ବିପୁଳ ମାତ୍ରାରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଏଥି ମଧରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ବିଷ୍ଣୁ ଦାଶଙ୍କ ହେ ନବୀନ ବାବୁ ଆମ ତୁମର ଫ୍ୟାନ ସଙ୍ଗୀତ କର୍ମୀ ଓ ସାଧନା ଲୋକ ନାଚିଥିବା ଦେଖିବାକୁ ମିଳିଥିଲା।

### ଫୁଲବାଣୀରେ ନବୀନଙ୍କ ନିର୍ବାଚନୀ ସଭା

## 'ବିରୋଧୀ ମିଛ କହୁଛନ୍ତି, କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି'



କନ୍ଧମାଳର ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେଇଥିବା ବେଳେ କନ୍ଧମାଳର ସ୍ୱାଭିମାନୀ ଜନତା ସବୁବେଳେ ମୁଖ୍ୟମନ୍ତ୍ରୀଙ୍କ ସହିତ ରହି ଆସିଛନ୍ତି। ଅପରପକ୍ଷରେ ବିରୋଧୀ କେବଳ ଏହି ଜିଲ୍ଲାକୁ ପ୍ରତାରିତ କରିଛନ୍ତି। ଗତ ଥର ଭଳି ଏଥର ମଧ କନ୍ଧମାଳ ଲୋକସଭା ସମେତ ସମସ୍ତ ସାତଟି ବିଧାନସଭା ଆସନରେ ବିଜୁ ଜନତା ଦଳର ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସେ ନିବେଦନ କରିଥିଲେ। ଫୁଲବାଣୀ ବିଧାୟକ ପ୍ରାର୍ଥୀ ଜୟଶ୍ରୀ କହଁର, ବାଲିଗୁଡା ପ୍ରାର୍ଥୀ ଚକ୍ରମଣି କହଁର, ବୌଦ୍ଧ ବିଧାନସଭା ଆସନ ପ୍ରାର୍ଥୀ ପ୍ରଦୀପ ଅମାତ, କଣ୍ଟାମାଳ ପ୍ରାର୍ଥୀ ମହୀଧର ରଣା, ଜି.ଉଦୟଗିରି ବିଧାୟକ ପ୍ରାର୍ଥୀ ସାଲୁଗା ପ୍ରଧାନ ଓ ଦଶପଲ୍ଲା ଆସନର ପ୍ରାର୍ଥୀ ରମେଶ ବେହେରା ଜନସଭାକୁ ସମ୍ବୋଧିତ କରିଥିଲେ। ଜିଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ବିଜେଡି ସଭାପତି ଅଙ୍ଗଦ କହଁର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧରେ ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାୟକ ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ଫୁଲବାଣୀ, ୯।୫(ସମିସ):** ନବୀନ ପଟ୍ଟନାୟକ ଭଲ କି ? ଶଙ୍ଖ ଚିହ୍ନ ଭଲ କି? ଓ ସରକାରୀ ଯୋଜନର ନାମ ବିସେକେୱାଇ ଯୋଜନା ଭଲ କି ? ମିଶନ ଶକ୍ତି ଭଲ କି, ମମତା ଯେଜନା ଭଲ କି? ଲକ୍ଷ୍ମୀ ବସ ଭଲକି? ୫-ଟି ସ୍କୁଲ ଭଲ କି? ମଧୁବାବୁ ପେନସନ ଯୋଜନା ଭଲ କି ? ବୋଲି ପ୍ରଶ୍ନ କରି ଆଜି ମୁଖ୍ୟମନ୍ତ୍ରୀ ଫୁଲବାଣୀରେ ଲୋକଙ୍କ ମନକଥା ଜାଣିବା ସହ ନିର୍ବାଚନ ପ୍ରଚାର କରିଛନ୍ତି। ସେ କହିଛନ୍ତି ବିରୋଧୀ ମିଛ କହୁଛନ୍ତି ଓ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ନିର୍ବାଚନରେ ତାଙ୍କୁ ଜବାବ ଦେବାକୁ ଆହ୍ୱାନ ଦେଇଛନ୍ତି।

ଏହି ଜନସଭାରେ କନ୍ଧମାଳ ଲୋକସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ଅଚ୍ୟୁତ ସାମନ୍ତ ଉଦବୋଧନ ଦେଇ ଫୁଲବାଣୀରେ ମେଡିକାଲ କଲେଜ ସ୍ଥାପନ ନବୀନ ପଟ୍ଟନାୟକଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସ ଯୋଗୁଁ କନ୍ଧମାଳ ଜିଲ୍ଲା ଆଜି ଆକାଂକ୍ଷୀ ଜିଲ୍ଲା ତାଲିକାରେ ଷଷ୍ଠ ସ୍ଥାନକୁ ଉନ୍ନୀତ ହୋଇ ପାରିଥିବା ସେ ପ୍ରକାଶ କରିଥିଲେ। ଓଡ଼ିଶାର ବିକାଶ ରଥରେ ନବୀନ ବାବୁ ରଥୀ ହୋଇଥିବା ବେଳେ ପାଣ୍ଡିଆନ ଏହାର ସାରଥୀ ସାଜିଛନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧରେ ଭଞ୍ଜନଗର ବିଧାୟକ ପ୍ରାର୍ଥୀ ବିକ୍ରମ କେଶରୀ ଆରୁଖ କହିଥିଲେ ମୁଖ୍ୟମନ୍ତ୍ରୀ

### ଆଦିବାସୀଙ୍କୁ ଭଲ ପାଆନ୍ତି ମୁଖ୍ୟମନ୍ତ୍ରୀ: ପାଣ୍ଡିଆନ

## ଆଦିବାସୀଙ୍କ ଉପରୁ ୫୦ ହଜାର ମାମଲା ପ୍ରତ୍ୟାହାର ହୋଇଛି

**ଫୁଲବାଣୀ, ୯।୫(ସମିସ):** ଆମ ମୁଖ୍ୟମନ୍ତ୍ରୀଙ୍କ କଥା କମ୍, କାମ ବେଶୀ। ବିଜେଡି ଆଦିବାସୀଙ୍କ ଉପରୁ ୫୦ ହଜାର ମାମଲା ପ୍ରତ୍ୟାହାର କରିଛି। ଆଜି ସ୍ଥାନୀୟ କନ୍ଧମାଳ ଷ୍ଟାଡିୟମରେ ଲୋକଙ୍କୁ ସମ୍ବୋଧନ କରି ବିଜେଡି ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ କହିଥିଲେ, ସମସ୍ତ ଧର୍ମ ଓ ଜାତିଙ୍କୁ ସମାନ ଦୃଷ୍ଟିରେ ଦେଖୁଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ କନ୍ଧମାଳ ଜିଲ୍ଲା ଓ ଏହାର ଆଦିବାସୀଙ୍କୁ ବହୁତ ଭଲ ପାଆନ୍ତି। ତେଣୁ ଏହି ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ସେ ବିଶେଷ ଧ୍ୟାନ ଦେଇଛନ୍ତି। ଆଦିବାସୀଙ୍କ ନାମରେ ରହିଥିବା ୫୦ ହଜାର ମାମଲା ରଦ୍ଦ କରିଥିବା ଏହାର ପ୍ରମାଣ ବୋଲି ସେ କହିଛନ୍ତି। ଆଦିବାସୀଙ୍କ ଉନ୍ନତି ପାଇଁ ଏସଡିସି ସ୍ଥାପନ ଏକ ଅଭିନବ ପଦକ୍ଷେପ ବୋଲି ସେ କହିଥିଲେ। କନ୍ଧମାଳ ଜିଲ୍ଲାରେ ହଳଦୀ ଚାଷର ବିକାଶ ପାଇଁ ରାଜ୍ୟ ସରକାର ରିଭଲଭିଙ୍ଗ ଫଣ୍ଡ ବ୍ୟବସ୍ଥା କରିଛନ୍ତି। ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନର ଯଥେଷ୍ଟ ବିକାଶ ହୋଇଛି ଏବଂ ଆଗକୁ ମଧ ଏହା ଜାରି ରହିବ ବୋଲି ସେ କହିଥିଲେ। କଥା କମ ଓ କାମ ବେଶୀରେ ବିଶ୍ୱାସ କରୁଥିବା ମୁଖ୍ୟମନ୍ତ୍ରୀ ସବୁବେଳେ ରାଜ୍ୟବାସୀଙ୍କ ସୁଖଦୁଃଖର ସାଥୀ ହୋଇ ରହିଛନ୍ତି। ବିରୋଧୀ ଦଳଙ୍କୁ ଟାର୍ଗେଟ କରି ପାଣ୍ଡିଆନ କହିଥିଲେ, ସେମାନେ କେବଳ ପାଞ୍ଚ ବର୍ଷରେ ଥରେ ଆସନ୍ତ। ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇ ଭୁଲି ଯାଆନ୍ତି। ତେଣୁ ବିରୋଧୀଙ୍କ ମିଥ୍ୟା ପ୍ରଚାରରେ ପ୍ରଭାବିତ ନ ହୋଇ ପୁଣି ଥରେ ବିଜୁ ଜନତା ଦଳକୁ ଯୋଡି ଶଙ୍ଖରେ ଭୋଟ ଦେଇ ନବୀନଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ସେ ଆହ୍ୱାନ ଦେଇଥିଲେ।



# ମୁଖ୍ୟମନ୍ତ୍ରୀଙ୍କୁ ନାରାୟଣୀ ଯାତ୍ରା ପାଇଁ ନିମନ୍ତ୍ରଣ

**ଫୁଲବାଣୀ, ୯।୫(ସମିସ):** କନ୍ଧମାଳ ଜିଲା ସଦର ମହକୁମା ଫୁଲବାଣୀରେ ପ୍ରତି ଦୁଇ ବର୍ଷ ଅନ୍ତରରେ ଅନୁଷ୍ଠିତ ହେଉଥିବା ମା ନାରାୟଣୀ ଯାତ୍ରା ମେ ୧୦ ତାରିଖ ଠାରୁ ଜୁନ୍ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିପାଇଁ ଯାତ୍ରା ପରିଚାଳନା କମିଟି ପକ୍ଷରୁ ସାଧାରଣ ଜନତାଙ୍କ ସହଯୋଗରେ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଥିବା ବେଳେ ଫୁଲବାଣୀକୁ ବିଜେଡି ଦଳର ଏକ ନିର୍ବାଚନୀ ପ୍ରଚାରକୁ ଆସିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟନାୟକଙ୍କୁ ଷ୍ଟାଡ଼ିୟମ୍‌ରେ ଯାତ୍ରା ପରିଚାଳନା କମିଟିର ସଭାପତି ପି.ସୁଧାଂଶୁ ସେନାପତି ଓ ସଂପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ ମିଳିତ ଭାବେ ଚଳିତ ଯାତ୍ରାରେ ସାମିଲ୍ ହେବା ପାଇଁ ନିମନ୍ତ୍ରଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ ଗ୍ରହଣ କରିବା ସହିତ ନାରାୟଣୀ ଯାତ୍ରାର ଏକ ସ୍ମୃତିଫଳକ ମଧ ଗ୍ରହଣ କରିଥିଲେ । ଏଥି ସହିତ କାର୍ତ୍ତିକ ପାଣ୍ଡିଆନଙ୍କୁ ମଧ ଯାତ୍ରା ପାଇଁ ନିମନ୍ତ୍ରଣ କରାଯିବା ସହିତ ସ୍ମୃତିଫଳକ ପ୍ରଦାନ କରାଯାଇଛି । ଉଭୟେ ନିମନ୍ତ୍ରଣ ପାଇବା ପରେ ଆନନ୍ଦ ପ୍ରକାଶ କରିବା ସହିତ ସଫଳତା କାମନା କରିଥିଲେ । ପ୍ରକାଶ ଯେ ପ୍ରତି ଦୁଇ ବର୍ଷ ଅନ୍ତରରେ ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ତଥା ହନୁମାନ ଜୟନ୍ତୀରେ ମା ନାରାୟଣୀ ଠାକୁରାଣୀଙ୍କ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ ହୋଇଥାଏ ଓ ଅକ୍ଷୟ ତୃତୀୟ ଅବସରରେ ଯାତ୍ରା ଆରମ୍ଭ ହୋଇଥାଏ । ବୁଧବାର ଦିନରେ ପାଶ୍ୱର୍ଦେବୀ ମା ବରାଳଦେବୀ , ମା ବ୍ୟାଘ୍ରଦେବୀ , ମା ବ୍ରାହ୍ମଣଦେବୀ ଓ ମା ଗ୍ରାମ୍ୟଦେବୀଙ୍କୁ ପଟୁଆରରେ ଆମନ୍ତ୍ରଣ କରାଯିବ ଏବଂ ରାତିରେ ଏକ ବିରାଟ ପଟୁଆରରେ ଯାଇ ପାରମ୍ପରିକ ପୂଜା ପଦ୍ଧତି ପରେ ମା ନାରାୟଣୀଙ୍କୁ ଆମନ୍ତ୍ରଣ କରାଯିବ । ଏଥିରେ ହଜାର ହଜାର ସଂଖ୍ୟାରେ ଭକ୍ତ , ଦର୍ଶକ ଓ ଅଞ୍ଚଳବାସୀ ସାମିଲ୍ ହୋଇଥାନ୍ତି । ଚଳିତ ଯାତ୍ରାର ସଫଳତା ପାଇଁ ଇତି ମଧରେ ଜିଲା ପ୍ରଶାସନ ଓ ଯାତ୍ରା ପରିଚାଳନା କମିଟି ମଧରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ପଦକ୍ଷେପ ମଧ ଗ୍ରହଣ କରାଯାଇଛି ।





ଫୁଲବାଣୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଫୁଲମାଳ ଦେଇ ସମ୍ବର୍ଦ୍ଧନା

● ବଢୁଛି ବିଜେଡିର ଲୋକପ୍ରିୟତା

# ସାମନ୍ତରାପୁର ପଞ୍ଚାୟତରେ ଭୃଗୁ ଓ ଶ୍ରୀରୂପଙ୍କ ପ୍ରଚାର



**ବ୍ରହ୍ମପୁର, ୯ ।୫(ସମିସ):** ସରି ଆସିଲାଣି ନିର୍ବାଚନ ପ୍ରଚାର। ଏବେ ସମସ୍ତେ ଭୋଟକୁ ଅପେକ୍ଷା କରିଛନ୍ତି। ଆକଳନ ଓ ଅନୁଶୀଳନରୁ ଦେଖିଲେ ଚଳିତ ନିର୍ବାଚନରେ ମଧ୍ୟ ବିଜୁ ଜନତା ଦଳର ପଲ୍ଲା ଭାରୀ ରହିଛି। ଗଂଜାମ ଜିଲ୍ଲାର ଅଭେଦ୍ୟ ଦୁର୍ଗ ଚିକିଟୀରେ ପୁଣି ବିଜେଡି ବାଜିମାତ କରିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିଃସ୍ୱାର୍ଥପର ସେବା, ମନ୍ତ୍ରୀ ତଥା ରାଣୀମା ଉଷାଦେବୀଙ୍କ ଶାନ୍ତିପ୍ରିୟତାକୁ ନେଇ ପୂର୍ବଭଳି ଚଳିତ ଥର ନିର୍ବାଚନରେ ଭୋଟ ଦେବେ ଭୋଟର । ଚିକିଟୀ ନିର୍ବାଚନ ମଣ୍ଡଳୀ ମଧ୍ୟରେ ହୋଇଥିବା କୋଟି କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟକୁ ଦେଖି ଭୋଟରଙ୍କ ପ୍ରଥମ ପସନ୍ଦ ବିଜେଡି । ପୂର୍ବରୁ ଉଷାଦେବୀ ଏହି ନିର୍ବାଚନ ମଣ୍ଡଳୀରୁ କ୍ରମାଗତ ଭାବେ ଗତ ୨୫ ବର୍ଷ ଧରି ଜିତିଆସୁଛନ୍ତି । ଚିକିଟୀ ନିର୍ବାଚନ ମଣ୍ଡଳୀରେ ବିରୋଧୀ ଦଳ ସକ୍ରିୟ ଥିଲେ ମଧ୍ୟ ସବୁଥର ବିଜେଡି ହିଁ ନିର୍ବାଚନ ଭୋଟ ପେଡି ଖୋଲିବା ବେଳେ ବିଜୟ ମୁକୁଟ ପିନ୍ଧିବାର ନଜିର ରହିଛି । ଏଥର ପ୍ରଥମ ଥର ପାଇଁ ଚିକିଟୀ ଆସନରୁ ବିଜେଡି ଉଷାଦେବୀଙ୍କ ସୁପୁତ୍ର ଚିକିଟୀ ଯୁବରାଜ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓଙ୍କୁ ବିଜେଡି ଟିକଟ ଦେଇଛି ।ଜଣେ ଉଚ୍ଚ ଶିକ୍ଷିତ ଯୁବକ ଓ ସମାଜସେବାରେ ନିଜକୁ ସାମିଲ କରିଥିବା ଶ୍ରୀରୂପ ବେଶ କିଛି ବର୍ଷ ଧରି ଚିକିଟୀ ରାଜନୀତିରେ ସକ୍ରିୟ ହୋଇ ରହି ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ଭୋଟରଙ୍କ ମନ ଜିଣିଛନ୍ତି । ଯୁବଗୋଷ୍ଠୀ ପାଇଁ ସେ ଉତ୍ସାହର ଏକ ସ୍ରୋତ ଭଳି । ତାଙ୍କ ଯୋଗୁଁ ନିର୍ବାଚନ ମଣ୍ଡଳୀ ରେ ଯୁବଗୋଷ୍ଠୀ ପୂର୍ବ ନିର୍ବାଚନ ଅପେକ୍ଷା ଅଧିକ ସଂଗଠିତ । ବିଶେଷ କରି ଆଦିବାସୀ ଅପହଞ୍ଚ ଇଲାକା, ତେଲୁଗୁ ଭାଷାଭାଷୀ ଅଂଚଳ ଏବଂ ସମୁଦ୍ର ତଟବର୍ତ୍ତି ଅଂଚଳର ବିକାଶ ଉପରେ ଅଧିକ ଗୁରୁତ୍ୱ ଦେଇ ଆସୁଛନ୍ତି ଶ୍ରୀରୂପ । ଚଳିତ ନିର୍ବାଚନରେ ଶ୍ରୀରୂପ ଚିକିଟୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାତ୍ରପୁର ବ୍ଲକର ୨୩ ଗୋଟି ପଂଚାୟତ,ଚିକିଟୀ ବ୍ଲକର୧୭ ଗୋଟି ପଂଚାୟତ ଏବଂ ଚିକିଟୀ ଏନଏସି ରେ ନିଜର ଭୋଟ ପ୍ରଚାର ଜୋରସୋରରେ କରିଛନ୍ତି ।ସବୁଠି ତାଙ୍କୁ ମିଳିଛି ଭବ୍ୟ ସ୍ୱାଗତ। ରାଜପରିବାରର ଦାୟାଦ ଭାବେ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ସହିତ ଉଷାଦେବୀଙ୍କ ପ୍ରତି ଲୋକଙ୍କ ଯୋଉ ଭଲପାଇବା ରହିଛି ତାହା ଏବେ ପ୍ରଚାର ବେଳେ ଶ୍ରୀରୂପଙ୍କୁ ମିଳୁଛି। ଚଳିତ ନିର୍ବାଚନରେ ୩୦ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିରୋଧୀଙ୍କୁ ହରେଇ ଶ୍ରୀରୂପ ପୁଣି ଚିକିଟୀ ବିଜେଡି ଦଖଲକୁ ଆଣି ଅଂଚଳର ବିକାଶ ପାଇଁ ପ୍ରସ୍ତୁତି ଚଳେଇଛନ୍ତି । ଗୋଟିଏ ପଟେ ବିରୋଧୀ ପରିବର୍ତ୍ତନ ପାଇଁ ପ୍ରାଣ ପଣେ ଚେଷ୍ଟା ଚଳେଇଥିଲେ ବି ଶ୍ରୀରୂପଙ୍କ ନିର୍ବାଚନୀ ଗୋଟିଚାଳଣା ଆଗରେ ସବୁ ଫିକା ପଡିଛି । ଚିକିଟୀ ଯୁବରାଜଙ୍କ ବିଜୟ ଅଭିଷେକ ପାଇଁ ଭୋଟ ପୂର୍ବରୁ ଭୋଟର ମାନେ ଚାତକ ଭଳି ଚାହିଁ ରହିଥିବା ବେଳେ ଏଥର ବି ବିଜେଡି ଚିକିଟୀରେ ସବୁଥର ଭଳି ଭୋଟ ପୂର୍ବରୁ ଜନ ଆକଳନରେ ତାର ପଲ୍ଲା ଭାରୀ ଥିବାର ଆଗୁଆ ସୂଚନା ଦେଇଛି । ଆଜି ବିଜେଡ଼ି ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ବିଧାୟକ ପ୍ରାର୍ଥୀ ଶ୍ରୀରୂପ ଦେଓ ସାମନ୍ତରାପୁର ପଞ୍ଚାୟତରେ ପ୍ରଚାର କରିଛନ୍ତି। ଏଠାରେ ତାଙ୍କୁ ବିପୁଳ ଜନସମର୍ଥନ ମିଳିଥିବା ଦେଖିବାକୁ ମିଳିଛି। ପ୍ରଚାର ସମୟରେ ସ୍ଥାନୀୟ ସରପଞ୍ଚ ପ୍ରତିମା ପ୍ରଧାନ, ଜରଡା ଜୋନ ଜିଲ୍ଲା ପରିଷଦ ସଭ୍ୟା ଯଶୋଦା ଶବର, ବରିଷ୍ଠ ବିଜେଡି ନେତା ସଚ୍ଚିଦାନନ୍ଦ ରାଜଗୁରୁ, ବାପୁଜୀ ବିଷୋୟୀ, ରାମନାଥ ପାଣିଗ୍ରାହୀ, ନରେନ୍ଦ୍ର ପ୍ରଧାନ, ମୁରଲୀ ପ୍ରଧାନ, ସଂଗ୍ରାମ ନାୟକ, ଓ .ନାଗାମ୍ମା,ଆଲୋକ ପ୍ରଧାନ,ସମେତ ବହୁ ନେତା ଓ ଶହ ଶହ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଟ୍ରେନ୍ ସମ୍ମୁଖକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର, ୯।୫ (ସମିସ):** ସରକାରୀ ରେଳବାଇ ପୋଲିସ(ଜିଆରପି) ଗୁରୁବାର ଅପରାହ୍ନରେ ଜଗନ୍ନାଥପୁର ରେଳଧାରଣ ନିକଟରୁ ଗୁରୁବାର ଅପରାହ୍ନରେ ଏକ ମୃତଦେହ ଜବତ କରିଛି। ମୃତକଙ୍କ ନିକଟରୁ ମିଳିଥିବା ଆଧାର କାର୍ଡ ଅନୁଯାଇ ତାଙ୍କ ନାମ ସନ୍ତୋଷ ନାୟକ (୨୮) ବୋଲି ପୋଲିସ ସନ୍ଦେହ କରୁଛି। ଅନ୍ୟପଟେ ମୃତଦେହ ଚିହ୍ନଟ ହୋଇପାରିନଥିବା ବେଳେ ତାହା ପଞ୍ଚନାମା ପରେ ସଂରକ୍ଷିତ ରଖାଯାଇଛି। ପୋଲିସ ଏସଂକ୍ରାନ୍ତରେ ୪୧/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରଥମିକ ତଦନ୍ତରୁ ଯୁବକ ଜଣଙ୍କ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଘଟଣାରୁ ପ୍ରକାଶ ଯେ, ଜଗନାଥପୁର ଓ ଛତ୍ରପୁର ରେଳଧରଣାରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଜିଆରପି ଥାନାକୁ ଖବର ମିଳିଥିଲା। ସେଠାରେ ପହଞ୍ଚି ମୃତକଙ୍କ ପକେଟରୁ ଏକ ମୃତଦେହ ଜବତ କରିଥିଲା। ଏପରିକି ଦୁଇଟି ମୋବାଇଲ ମଧ୍ୟ ଜବତ କରିଥିଲା। ତେବେ ମୋବାଇଲ ଦୁଇଟି ଟ୍ରେନ ଧକ୍କାରେ ସମ୍ପୂର୍ଣ ଭାବେ ନଷ୍ଟ ହୋଇଯାଇଥିବା ପୋଲିସ କହିଛି।

# ହଜାର ହଜାର ସମର୍ଥକଙ୍କ ସହ ପ୍ରଚାର କଲେ ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀ

**ବ୍ରହ୍ମପୁର, ୯ ।୫(ସମିସ):** ସହରରେ ପ୍ରାର୍ଥୀମାନେ ପ୍ରଚାର ମଇଦାନରେ ସକ୍ରିୟ ଥିବା ବେଳେ ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀ ଲୋକଙ୍କ ନିକଟତର ହେଉଛନ୍ତି। ଗୁରୁବାର ବିଜେଡି ବିଧାୟକ ପ୍ରାର୍ଥୀ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ବିଏମସିର ୧୮ ଓ ୩୨ନମ୍ବର ୱାର୍ଡର ବିଭିନ୍ନ ସାହି ବୁଲି ପ୍ରଚାର କରିଥିଲେ। ଉଭୟ ନେତା ସେମାନଙ୍କ ହଜାର ହଜାର ସମର୍ଥନଙ୍କୁ ନେଇ ପ୍ରଚାର କରିଥିବା ଦେଖିବାକୁ ମିଳିଥିଲା। ଉକ୍ତ ଦୁଇ ଅଞ୍ଚର ବିଭିନ୍ନ ସ୍ଥାନ ବୁଲିବା ସାଙ୍ଗକୁ ଅଞ୍ଚଳବାସୀଙ୍କୁ ସିଧାସଳଖ ସାକ୍ଷାତ କରି ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହି ସମୟରେ ଏକ ନିଆରା ଦୃଶ୍ୟ



ଦେଖିବାକୁ ମିଳିଥିଲା। ସାଧାରଣତଃ ନେତାଙ୍କ ସହ ଶତାଧିକ କର୍ମୀ ସାମିଲ ରହିଥାନ୍ତି। କିନ୍ତୁ ବିଜେଡିର ବିଧାୟକ ଓ ସାଂସଦ ପ୍ରାର୍ଥୀ ପ୍ରଚାର ବେଳେ ସେମାନଙ୍କ ସହ ବହୁ ଭୋଟର ମଧ୍ୟ ସାମିଲ ହୋଇଥିଲେ। ଯାହାକି ଉଭୟ ନେତାଙ୍କ ପାଇଁ ଏକ ଶୁଭ ସଙ୍କେତ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ପ୍ରଚାର ବେଳେ କାଜୁ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡି, ବିଜେଡି ନେତା ସନ୍ତୁ ପାତ୍ର, ବିଜୟ ସାମଲ, କର୍ପୋରେଟର ସୁରେନ୍ଦ୍ର ମହାରଣା ଓ କିରଣ ପାତ୍ର, ଅର୍ବାନ ବ୍ୟାଙ୍କ ସଭାପତି ଆର ମୁରଲି ମୋହନଙ୍କ ସମେତ ବହୁ ଦଳୀୟ କର୍ମୀମାନେ ସାମିଲ ଥିଲେ।

# ଭୋଟଭିକ୍ଷା କରୁଛନ୍ତି ସ୍ୱାଧୀନ ପ୍ରାର୍ଥୀ






**ବ୍ରହ୍ମପୁର, ୯ ।୫(ସମିସ):** ବ୍ରହ୍ମପୁର ଲୋକସଭା ଅନ୍ତର୍ଗତ ସମସ୍ତ ବିଧାନସଭାରେ ସ୍ୱାଧନ ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟଭିକ୍ଷା କରୁଛନ୍ତି। ଆଉ କିଛି ଦିନ ପରେ ନିର୍ବାଚନ ହେବାକୁ ଥିବା ବେଳେ ପ୍ରଚାର ଦିନ ମଧ୍ୟ ଗଡ଼ି ଗଡ଼ି ଯାଉଛି। ଏହି ଆଧାରରେ ପ୍ରାର୍ଥୀମାନେ ପ୍ରଚାର ପ୍ରସାରକୁ ବ୍ୟାପକ କରୁଛନ୍ତି। ବ୍ରହ୍ମପୁର ଲୋକସଭାର ସ୍ୱାଧିନ ଭାବେ ଲଢୁଥିବା ସାଂସଦ ପ୍ରାର୍ଥୀ ଭି ଚନ୍ଦ୍ର ଶେଖର ନାଇଡୁ ଗାଁ ଓ ସହରରେ ପ୍ରଚାର ବ୍ୟାପକ କରିଥିବା ବେଳେ ଗୁରୁବାର ଦିଗପହଣ୍ଡି ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲି ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ। ସେହିଭଳି ବ୍ରହ୍ମପୁର ବିଧାନସଭା ଆସନ ଲାଗି ସ୍ୱାଧିନ ଭାବେ ଲଢୁଥିବା ପୂର୍ବତନ ମେୟର ଶିବ ଶଙ୍କର ଦାସ ମଧ୍ୟ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ତାଙ୍କ ସହ ତାଙ୍କ ସ୍ତ୍ରୀ ଓ ହଜାର ହଜାର ସମର୍ଥକ ମଧ୍ୟ ପ୍ରଚାରକୁ ବ୍ୟାପକ କରିଛନ୍ତି। ଅନୁରୂପ ଭାବେ ସ୍ୱାଧିନ ପ୍ରାର୍ଥୀ ବ୍ରହ୍ମାନନ୍ଦ ତ୍ରିପାଠୀ, ଝସକେତନ ପାଢୀ, ସରିତା ପଣ୍ଡା ପ୍ରଚାରକୁ ଜୋରଦାର କରିଛନ୍ତି। ସେହିଭଳି ଦିଗପହଣ୍ଡି ବିଧାନସଭା ଆସନରେ ସ୍ୱାଧିନ ଭାବେ ଲଢୁଥିବା ବୃନ୍ଦାବନ ଖଟେଇ ମଧ୍ୟ ଲୋକଙ୍କ ନିକଟତର ହେଉଛନ୍ତି। ସେହିଭଳି ଏସୟୁସିଆଇ କମ୍ୟୁନିଷ୍ଟ ପକ୍ଷରୁ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ସୋମନାଥ ବେହେରା ଓ ଗୋପାଳପୁର ବିଧାନସଭା ପ୍ରାର୍ଥୀ ଶୁଭସ୍ମିତା ପାଣିଗ୍ରାହୀ ଓ ଚିକିଟି ବିଧାନସଭାର ଅଲ ଇଣ୍ଡିଆ ଫରୱାଡର୍ ବ୍ଲକ ପ୍ରାର୍ଥୀ ବିଭୂଧେନ୍ଦ୍ର ପାଢୀ ମଧ୍ୟ ପ୍ରଚାର ପ୍ରସାର ଜୋରଦାର କରୁଛନ୍ତି। ବିଭିନ୍ନ ପଞ୍ଚାୟତ ଓ ଗାଁ ବୁଲି ଲୋକଙ୍କୁ ଭୋଟଭିକ୍ଷା କରୁଥିବା ବେଳେ ବିଭିନ୍ନ ସ୍ଥାନରେ ସମର୍ଥନ ମିଳୁଥିବା ଦେଖିବାକୁ ମିଳୁଛି।





# ଗଞ୍ଜାମ ଓକିଲ ସଂଘର ପ୍ରଥମ ସାଧାରଣ ପରିଷଦ ବୈଠକ

**ବ୍ରହ୍ମପୁର, ୯ ।୫(ସମିସ):** ଗଞ୍ଜାମ ଓକିଲ ସଂଘର ପ୍ରଥମ ସାଧାରଣ ପରିଷଦ ବୈଠକ ବୁଧବାର ପୂର୍ବାହ୍ନରେ ସଙ୍ଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ନୟନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି ରାମପ୍ରସାଦ ପଣ୍ଡା, ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର ଓ ସହସମ୍ପାଦକ ଗିରିଜା ଶଙ୍କର ବେହେରାଙ୍କ ସମେତ କାର୍ଯ୍ୟକାରୀ ସଦସ୍ୟ ଅନିରୁଦ୍ଧ କୁମାର ପାତ୍ର, ପ୍ରଭାତ କୁମାର ପାତ୍ର, ମନୋଜ ନାୟକ, ପ୍ରଭାତ କୁମାର ନାୟକ, ନିରଞ୍ଜନ ବେହେରା, ରାଜେଶ କୁମାର ରାଉଳ ଓ ମିରାବାଇ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପ୍ରସ୍ତାବିତ ନୂତନ ଜୁଡିସିଆଲ କଂପ୍ଲେକ୍ସ କୋଠା ନିର୍ମାଣ ସହର ବାହାରେ ଅନ୍ୟତ୍ର ନକରି ବରଂ ସହର ମଧ୍ୟରେ ଥିବା ପୁରୁଣା ତଥା ବର୍ତ୍ତମାନର କୋର୍ଟ ପରିସରରେ ହିଁ ନିର୍ମାଣ କରିବାକୁ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହିତ ହୋଇଛି। ସେହିପରି ରାଜ୍ୟ ବାର କାଉନସିଲର ପ୍ରସ୍ତାବ ଅନୁସାରେ ୨ବର୍ଷକୁ ଥରେ ଓକିଲ ସଂଘ ନିର୍ବାଚନ କରାଯିବା ନିଷ୍ପତ୍ତିକୁ ବୈଠକରେ ଉପସ୍ଥିତ ସମସ୍ତ ଆଇନଜୀବୀ ଦୃଢ ବିରୋଧ କରିଥିଲେ। ଏହାସହ ମୃତକଙ୍କ ପରିବାରକୁ ମିଳୁଥିବା ଆର୍ଥିକ ସହାୟତା ରାଶିକୁ ବୃଦ୍ଧି କରିବା ପାଇଁ ମଧ୍ୟ ଏଠାରେ ଆଲୋଚନା ହୋଇଥିଲା। ୫ବର୍ଷ ଧରି ସଂଘର ଆୟବ୍ୟୟ ଓଡ଼ିଟ ହୋଇନଥିବା ବେଳେ ଖୁବଶୀଘ୍ର ଓଡ଼ିଟ କରାଯିବାକୁ ନିଷ୍ପତ୍ତି ହୋଇଛି। ଆଗାମୀଦିନରେ ଜିଲ୍ଲା କୋର୍ଟ ପରିସରରେ ହେବାକୁ ଥିବା ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ସମ୍ପର୍କିତ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା କୃଷ୍ଣପ୍ରସାଦ ସାହୁ, ଶିଶିର ପାଢୀ, ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ, କପିଳେଶ୍ୱର ପଟ୍ଟନାୟକ, ମୋହନ ସିଙ୍ଗାରି, ନିରଞ୍ଜନ ନାୟକ, ପ୍ରସାଦ ଦୋରା, ରମେଶ ପ୍ରଧାନ, ରଘୁନାଥ ପାଣିଗ୍ରାହୀ, ଅକ୍ଷୟ କୁମାର ପଟ୍ଟନାୟକ, ବରୁଣ ଗୌଡ ମିନତୀ ରଥ, ନିର୍ମଳ କୁମାର ସାହୁ, ତାପସ ସାହୁ, ଶିବ ଶଙ୍କର ସାହୁ, ବାପୁଜି, ରଞ୍ଜନ ନାହାକ, ସୂର୍ଯ୍ୟ ନାରାୟଣ ଚୌଧୁରୀ, ଅନିଲ ପଣ୍ଡା, ସରୋଜ ଗୌଡ଼, ହିରିକ ରଥଙ୍କ ସମେତ ଅନ୍ୟ ଆଇନଜୀବୀ ଉପସ୍ଥିତ ଥିଲେ।



ଯୁକ୍ତତିନି ସ୍ନାତକ ବିଜ୍ଞାନ ଫଳାଫଳ

# ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟାମନ୍ଦିରର ମୋଟ ୪୨ଟି ର୍ୟାଙ୍କ୍

**ବ୍ରହ୍ମପୁର, ୯ ।୫(ସମିସ):** ବୁଧବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଷଷ୍ଠ ସେମିଷ୍ଟାର୍ ଯଥା +୩ ବିଜ୍ଞାନ ଫଳାଫଳରେ ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର ବ୍ରହ୍ମପୁର ଏକ ଅଭୁତପୂର୍ବ ସଫଳତା ଆଣିଦେଇଛି। କ୍ରମାନ୍ୱୟରେ ୨୦୧୯ମସିହାରୁ ଏହି ଅନୁଷ୍ଠାନକୁ ପ୍ରତିବର୍ଷ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ସ୍ନାତକର ଗୌରବ ପ୍ରାପ୍ତ ହୋଇଅଛି। ପୂର୍ବ ଗୌରବକୁ ବଜାୟ ରଖି ଏହି ଅନୁଷ୍ଠାନ ୨୦୨୪ ମସିହାର ଏକ ସର୍ବୋତ୍କୃଷ୍ଟ ଫଳାଫଳ ଦେଇପାରୁଥିବା ଏକ ଭରସାଯୋଗ୍ୟ ଅନୁଷ୍ଠାନ ରୂପେ ଓଡ଼ିଶାରେ ସମସ୍ତ ଛାତ୍ରଛାତ୍ରୀମାନଙ୍କ ପାଖରେ ଆଦୃତ ହୋଇପାରିଛି। ପୂର୍ବବର୍ଷ ଭଳି ଏହି ବର୍ଷ ମଧ୍ୟ ସମଗ୍ର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟର ବିଜ୍ଞାନ ସମ୍ମାନର ସହିତ ୧୩୪୬ ମାର୍କ ରଖି ଆଦିତ୍ୟ ଚୌଧୁରୀ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠସ୍ନାତକ ସ୍ଥାନ ଅଧିକାର କରି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଏହି ବର୍ଷ ଏହି ଅନୁଷ୍ଠାନ ଏକ ଅନନ୍ୟ କୃତିତ୍ୱ ହାସଲ କରି ୪ଟି ସମ୍ମାନ ବିଷୟରେ ବିଦ୍ୟାର୍ଥୀମାନେ ବିଶ୍ୱବିଦ୍ୟାଳୟର ପ୍ରଥମ ର୍ୟାଙ୍କ୍ ଅଧିକାର କରି ସମସ୍ତଙ୍କୁ ଚମତ୍କୃତ କରିଛନ୍ତି। ବିଭିନ୍ନ ସମ୍ମାନ ବିଷୟ ମଧ୍ୟରୁ ୧୦ନମ୍ବର ର୍ୟାଙ୍କ୍ ମଧ୍ୟରେ ଏହି ଅନୁଷ୍ଠାନର ୪୨ଜଣ ବିଦ୍ୟାର୍ଥୀ ନିଜର ଶ୍ରେଷ୍ଠ ଯୋଗ୍ୟତା ପ୍ରତିପାଦନ କରିଛନ୍ତି। ପ୍ରାଣୀ ବିଜ୍ଞାନ ଏବଂ କମ୍ପ୍ୟୁଟର ବିଜ୍ଞାନ ସମ୍ମାନରେ କ୍ରମାନ୍ୱୟରେ ଏହି ଅନୁଷ୍ଠାନର ଛାତ୍ରଛାତ୍ରୀ ସମସ୍ତ ର୍ୟାଙ୍କ୍ ହାସଲ କରି



ସମସ୍ତଙ୍କୁ ଭାବବିହ୍ୱଳ କରିଛନ୍ତି। ପ୍ରକାଶଯୋଗ୍ୟ, ଏହି ଅନୁଷ୍ଠାନରୁ ବହୁ ଛାତ୍ରଛାତ୍ରୀ ସର୍ବଭାରତୀୟ ସ୍ତରର ବିଭିନ୍ନ ସ୍ନାତକତୋର ଅନୁଷ୍ଠାନରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥାନ୍ତି। ବିଭିନ୍ନ ସରକାରୀ ସଂସ୍ଥାରେ ନିଯୁକ୍ତି ପାଇଥାନ୍ତି। କମ୍ପ୍ୟୁଟର ବିଜ୍ଞାନ ବିଭାଗରୁ ଆଦିତ୍ୟ ଚୌଧୁରୀ ୧ମ ର୍ୟାଙ୍କ୍, ସ୍ନିଗ୍ଧା ଦେବୀ ୨ୟ ର୍ୟାଙ୍କ୍, ଭି. ସାଇ ଭାବନା ୩ୟ ର୍ୟାଙ୍କ୍, ରାଜେନ୍ଦ୍ର କୁମାର ପାତ୍ର ୪ର୍ଥ ର୍ୟାଙ୍କ୍, ସାରୀ ଶ୍ରେୟା ଚୌଧୁରୀ ୫ମ ର୍ୟାଙ୍କ୍, ସୁଶ୍ରୀତା କୁମାରୀ ସାହୁ ୬ଷ୍ଠ ର୍ୟାଙ୍କ୍, ସ୍ୱପ୍ନିଳ ପଣ୍ଡା ୭ମ ର୍ୟାଙ୍କ୍, ଏ.ପ୍ରିୟଙ୍କା ଆଚାରୀ ୮ମ ର୍ୟାଙ୍କ୍, ମୋନାଲିସା ମହାପାତ୍ର ୯ମ ର୍ୟାଙ୍କ୍, ଅନିଷା କୁମାରୀ ମାଝି ୧୦ମ ର୍ୟାଙ୍କ୍ ହାସଲ କରିଛନ୍ତି। ପଦାର୍ଥ ବିଜ୍ଞାନ ବିଭାଗରୁ ଡ଼ି. ଓମ୍ ସଦ୍‌ଭାବନା ୧ମ ର୍ୟାଙ୍କ୍, ସୁଭଶ୍ରୀ ବାଡ଼ତ୍ୟା ୩ୟ ର୍ୟାଙ୍କ୍, ପ୍ରିୟରଞ୍ଜନ ବାରିକ ୫ମ ର୍ୟାଙ୍କ୍, ନନ୍ଦିନୀ ପ୍ରିୟଦର୍ଶିନୀ ପାତ୍ର ୬ଷ୍ଠ ର୍ୟାଙ୍କ୍, ସୋନାଲିକା ଦାଶ ୯ମ ର୍ୟାଙ୍କ୍ ହାସଲ କରିଛନ୍ତି। ପ୍ରାଣୀ ବିଜ୍ଞାନ ବିଭାଗରୁ ସିଲା ସଞ୍ଜନା କୁମାରୀ ପାତ୍ର ୧ମ ର୍ୟାଙ୍କ୍, ପ୍ରୀତିସୌରଭ ମିଶ୍ର ୨ୟ ର୍ୟାଙ୍କ୍, ସାଧନା ସାହୁ ୨ୟ ର୍ୟାଙ୍କ୍, ପ୍ରତିଭା ପ୍ରିୟଦର୍ଶିନୀ ଚୌଧୁରୀ ୪ର୍ଥ ର୍ୟାଙ୍କ୍, ଭି.ଅନିସା ୫ମ ର୍ୟାଙ୍କ୍, ସୌମ୍ୟକାନ୍ତ ପଣ୍ଡା ୬ଷ୍ଠ ର୍ୟାଙ୍କ୍, ତନ୍ମୟୀ ପାତ୍ର ୭ମ ର୍ୟାଙ୍କ୍, ବିଶ୍ୱବେଦାନ୍ତ ଆଚାର୍ଯ୍ୟ ୮ମ ର୍ୟାଙ୍କ୍, ୱାଇ. ହର୍ଷିତା ୯ମ ର୍ୟାଙ୍କ୍, କୃଷ୍ଣପ୍ରିୟା ସାହୁ ୧୦ମ ର୍ୟାଙ୍କ୍ ହାସଲ କରିଛନ୍ତି। ଗଣିତ ବିଭାଗରୁ ଏ. ଶାନ୍ତିଶ୍ରୀ ୨ୟ ର୍ୟାଙ୍କ୍, ଆଶିଷ ବିଲୁଙ୍ଗ ୩ୟ ର୍ୟାଙ୍କ୍, ଶ୍ରଦ୍ଧା ସ୍ୱରୁପା ସାହୁ ୫ମ ର୍ୟାଙ୍କ୍ ହାସଲ କରିଛନ୍ତି। ଉଦ୍ଭିଦ ବିଜ୍ଞାନ ବିଭାଗରୁ ପାୟଲ ପଣ୍ଡା ୧ମ ର୍ୟାଙ୍କ୍, ଏମ୍. ପ୍ରଜ୍ଞା ପାରମିତା ୨ୟ ର୍ୟାଙ୍କ୍, ସ୍ୱେତାଲିନା ସେଠୀ ୪ର୍ଥ ର୍ୟାଙ୍କ୍, କୁନ୍ତୁନ୍ ମହାରଣା ୫ମ ର୍ୟାଙ୍କ୍, ତୁଳସୀ ପଣ୍ଡା ୭ମ ର୍ୟାଙ୍କ୍, ମଧୁସ୍ମିତା ବେହେରା ୯ମ ର୍ୟାଙ୍କ୍ ହାସଲ କରଛନ୍ତି । ଭୂତତ୍ୱ ବିଜ୍ଞାନ ବିଭାଗରୁ ଶ୍ରୁତିରାଣୀ ସାହୁ ୪ର୍ଥ ର୍ୟାଙ୍କ୍, ରୁଦ୍ରନାରାୟଣ ଜେନା ୫ମ ର୍ୟାଙ୍କ୍, ମନିଷା ଖଟେଇ ୬ମ ର୍ୟାଙ୍କ୍, ଚିନ୍ମୟୀ ପ୍ରଭା ୭ମ ର୍ୟାଙ୍କ୍, ଅନିଷା ପ୍ରଧାନ ୮ମ ର୍ୟାଙ୍କ୍, ଆୟୁଷ ଅଂଶୁମାନ ୧୦ମ ର୍ୟାଙ୍କ୍ ହାସଲ କରିଛନ୍ତି । ରସାୟନ ବିଜ୍ଞାନ ବିଭାଗରୁ ଶ୍ରୀତମ ନାୟକ ୫ମ ର୍ୟାଙ୍କ୍, ଅଂଶୁମାନ ପ୍ରଧାନ ୬ଷ୍ଠ ର୍ୟାଙ୍କ୍ ହାସଲ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କର ଆତ୍ମବିଶ୍ୱାସ, କଠୋର ପରିଶ୍ରମ, ଅଧାପକ ଏବଂ ଅଧାପିକା ମାନଙ୍କର ଉତ୍କୃଷ୍ଟ ଅଧାପନା ଶୈଳୀ ଦ୍ୱାରା ଏହା ସମ୍ଭବ ହୋଇପାରିଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏହି ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା କମିଟିର ସଭାପତି ଡ. ଜିବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତୀ ସାମଲ, ବାସନ୍ତୀ ବେହେରା, ଉପଦେଷ୍ଟା ମଣ୍ଡଳୀରେ ଥିବା ସମସ୍ତ କର୍ମକର୍ତ୍ତା, ଡିନ୍, ପ୍ରଫେସର ବିବେକାନନ୍ଦ ପଣ୍ଡା, ପ୍ରଧାପକ ଡ. ଉମେଶ ସାହୁ, ପ୍ରଧାପକ ଡ. ପି.ରାଜେନ୍ଦ୍ର ମୂର୍ତ୍ତୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଏସ୍.ମୋହନ ରାଓ, ଅନୁଷ୍ଠାନର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଏବଂ କୃତଜ୍ଞତା ଜ୍ଞାପନ କରିଛନ୍ତି।

## କର୍ପୋରେଟରଙ୍କ ମାତୃ ବିୟୋଗ



**ବ୍ରହ୍ମପୁର, ୯ ।୫(ସମିସ):** ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୧୭ନଂ ୱାର୍ଡ଼ର କର୍ପୋରେଟର ଦୁର୍ଗା କୁମାର ଲାୟକଙ୍କ ମାତା ରାଜେଶ୍ୱରୀ ଲାୟକ (୭୫) ପରଲୋକ ହୋଇଯାଇଛି। ସ୍ୱର୍ଗତ ରାଜେଶ୍ୱରୀ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ଚିକିତ୍ସା ମଧ୍ୟ ଜାରି ରହିଥିଲା। ଗୁରୁବାର ନିଜ ବାସଭବନରେ ତାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ଶର୍ଯ୍ୟା ନିକଟରେ ପୁଅ ଦୁର୍ଗା, ବୋହୁ ସୂଜାତା ଓ ସପରିବାର ଉପସ୍ଥିତ ଥିଲେ। ସେ ଜଣେ ମିଷ୍ଟଭାଷୀ, ପରପୋକାରୀ, ମେଳାପି ମହିଳା ଥିଲେ। ତାଙ୍କ ବିୟୋଗରେ ଚାରିଆଡ଼େ ଶୋକର ଛାୟା ଖେଳିଯାଇଛି। ବ୍ରହ୍ମପୁର ବିଧାନସଭା ବିଜେଡି ବିଧାୟକ ପ୍ରାର୍ଥୀ ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଜେପି ପ୍ରାର୍ଥୀ ଅନୀଲ କୁମାରଙ୍କ ସମେତ ବହୁ କର୍ପୋରେଟର ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ସରପଞ୍ଚଙ୍କ ଉଦ୍ୟମରେ ଗାଁକୁ ଆସିଲା ଶବ

**ବ୍ରହ୍ମପୁର, ୯ ।୫(ସମିସ):** ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଡା ହରିଜନ ବସ୍ତିର ସ୍ୱର୍ଗତ ମାଗି ଦାସଙ୍କ ପୁଅ ମିଟୁ ଦାସ ହାଇଦ୍ରାବାଦରେ କାମ କରୁଥିଲେ। ଗତ ଦୁଇଦିନ ପୂର୍ବେ କୌଣସି କାରଣରୁ ମିଟୁଙ୍କ ମୃତ୍ୟୁ ହୋଇଥିଲା। ସେଠାରୁ ମୃତ ମିଟୁର ଶବକୁ ଆଣିବା ପାଇଁ ପରିବାରବର୍ଗଙ୍କ ପାଇଁ ସମ୍ଭବପର ନଥିଲା। ମିଟୁଙ୍କ ମୃତ ଦେହ ଆଣିବା ପାଇଁ ରଣ୍ଡା ସରପଞ୍ଚ ଅଜିତ ରାଉଳଙ୍କୁ ଏବିଷୟରେ ଅବଗତ କରିଥିଲେ। ପରିବାର ଲୋକଙ୍କଠାରୁ ଶୁଣିବ ମାତ୍ରେ ହିଁ ସରପଞ୍ଚ ଅଜିତ ରାଉଳ ନିଜସ୍ୱ ଉଦ୍ୟମ ଏବଂ ପ୍ରଚେଷ୍ଟାରେ ଏକ ଆମ୍ବୁଲାନ୍ସ ଯୋଗେ ହାଇଦ୍ରାବାଦରୁ ମିଟୁର ଶବକୁ ନିଜ ଜନ୍ମମାଟିକୁ ଆଣିବାର ବ୍ୟବସ୍ଥା କରିଥିଲେ। ଆଜି ଆମ୍ବୁଲାନ୍ସ ଯୋଗେ ମିଟୁଙ୍କ ମୃତ ଦେହ ଜନ୍ମମାଟିରେ ପହଞ୍ଚିଥିଲା। ପରେ ସରପଞ୍ଚ ସେଠାକୁ ଯାଇ ମିଟୁର ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ।

ସାମ୍ପ୍ରତିକ ସମୟରେ ଜୈବିକ କୃଷିକୁ ଆପଣେଇଥିବା କୃଷକ ହିଁ ଶାନ୍ତିର ସର୍ବୋଉମ ବାର୍ତ୍ତାବହ। -ବନ୍ଦନା ଶିବା।



ସକାଳ
THE SAKALA

# ପିତ୍ରୋଡ଼ାଙ୍କ ପାଣ୍ଡିତ୍ୟ ଓ କଂଗ୍ରେସର ପୀଡ଼ା

ସାମ ପିତ୍ରୋଡ଼ା ଓରଫ ସତ୍ୟ ନାରାୟଣ ପିତ୍ରୋଡ଼ା ଜଣେ ସଞ୍ଚାର ପ୍ରଯୁକ୍ତି ବିଶାରଦ(ଟେକ୍‌ନୋକ୍ରାଟ୍)। ପ୍ରଯୁକ୍ତିର ଉପଯୋଗ କରି ଦେଶର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ତାଙ୍କ ବୁଦ୍ଧି, ବିଦ୍ୟା ଓ ରଣନୀତିକୁ ଅସ୍ୱୀକାର କରାଯାଇ ନ ପାରେ। ଓଡ଼ିଶାର ଟିଟିଲାଗଡ଼ରେ ଜନ୍ମିତ ଏହି ଟେକ୍‌ନୋକ୍ରାଟଙ୍କୁ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଭାରତର ଟେକ୍‌ନୋଲୋଜି ମିଶନର ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଥିଲା। ଆମେରିକାରେ ନିଜର ସୁଖଦ ଜୀବନ କାଟୁଥିବା ପିତ୍ରୋଡ଼ା ଭାରତ ଆସି ରାଜନୀତି ଏବଂ ଗାନ୍ଧୀ-ନେହେରୁ ପରିବାର ସହ ଓତପ୍ରୋତ ଭାବେ ଜଡ଼ିତ ହୋଇଯାଇଥିଲେ। ୟା' ଭିତରେ ଅନେକ ସମୟ ବିତିଯାଇଛି। ସାମ ପିତ୍ରୋଡ଼ା କିନ୍ତୁ ନିଜର ବୟସାଧିକ୍ୟ ସତ୍ତ୍ୱେ କଂଗ୍ରେସରେ ନିଜର ସ୍ଥିତିକୁ ଅଧିକ ମଜବୁତ କରିବା ସହ ରାହୁଲ ଗାନ୍ଧୀଙ୍କ ରାଜନୈତିକ ପରାମର୍ଶଦାତା ପାଲଟିଥିଲେ ଏବଂ କଂଗ୍ରେସର ଦରିଆପାରି ସେଲ୍‌ର ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହନ କରୁଥିଲେ।

ଯେକୌଣସି ବଡ଼ ରାଜନୈତିକ ଦଳ ଉତ୍ତମ ଓ ଯୋଗ୍ୟ ପରାମର୍ଶଦାତା ଲୋଡ଼େ। ଦଳର ନେତା ଓ ନେତୃମଣ୍ଡଳୀ ବିଭିନ୍ନ ପ୍ରସଙ୍ଗରେ ଏଭଳି ବିଷୟ-ବିଶେଷଜ୍ଞ ଓ ଯୋଗ୍ୟ ବ୍ୟକ୍ତିଙ୍କ ସାହାଯ୍ୟ ଆବଶ୍ୟକ କରନ୍ତି। ବିଡ଼ମ୍ବନା ହେଉଛି, ସାମ ପିତ୍ରୋଡ଼ା ତାଙ୍କର ସମସ୍ତ ବୈଷୟିକ ଜ୍ଞାନ, ଗରିମା, ପାଣ୍ଡିତ୍ୟ ଓ ବୁଦ୍ଧିମତ୍ତା ସତ୍ତ୍ୱେ ସାଧାରଣ ବ୍ୟାବହାରିକ ଜ୍ଞାନର ଅଧିକାରୀ ନଥିବା ପରି ଜଣାପଡ଼େ। ସେ ବୋଧହୁଏ ଦେଶର ଜଟିଳ ରାଜନୀତିର ସମ୍ବେଦନଶୀଳ ଦିଗ ଓ ତତ୍ତ୍ୱକୁ ବୁଝିବାରେ ଅନେକ ଥର ଅସମର୍ଥ ଜଣାପଡ଼ୁଥିଲେ। ନିୟମିତ ଭାବେ ବିବାଦୀୟ ମନ୍ତବ୍ୟମାନ ଦେଇ ସେ ନିଜେ ଲୋକହସା ହେବା ସହିତ କଂଗ୍ରେସ ଦଳକୁ ଉପହସିତ ଓ ଲଜ୍ଜିତ କରାଇ ଆସୁଥିଲେ। କେତେବେଳେ କେଉଁ କଥା କୁହାଯିବା ଉଚିତ ଓ ଅନୁଚିତ ସେ ବିଚାର ବୋଧହୁଏ ତାଙ୍କର କମ୍ ଥିଲା। ତେଣୁ ବାରମ୍ବାର ସେ ଦଳକୁ ବିବାଦ ମଧ୍ୟକୁ ଟାଣି ନେଉଥିଲେ। ଏଭଳି ଜଣେ ବ୍ୟକ୍ତି ରାହୁଲ ଗାନ୍ଧୀଙ୍କର ଅଘୋଷିତ ରାଜନୈତିକ ପରାମର୍ଶଦାତା ହେବା ନିଶ୍ଚିତ ଏକ ବିଡ଼ମ୍ବନା ବୋଲି କୁହାଯାଇପାରେ।

ଚଳିତ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ନିକଟରେ ସେ ଆମେରିକାରେ ଏକ ସାକ୍ଷାତକାର ଦେଇ ଭାରତୀୟ ଜନତାଙ୍କ ବିବିଧତା ଓ ଦେଶର ଏକତା ସମ୍ପର୍କରେ କହିବା ବେଳେ ସମଗ୍ର ଦେଶର ଲୋକମାନଙ୍କୁ ଚାରିଭାଗରେ ବିଭକ୍ତ କରିଛନ୍ତି। ସେଥିରେ ସମଗ୍ର ଦକ୍ଷିଣ ଭାରତୀୟଙ୍କୁ ସେ ଆଫ୍ରିକୀୟ, ଉତ୍ତର ଭାରତୀୟଙ୍କୁ ୟୁରୋପୀୟ, ପଶ୍ଚିମ ଭାରତୀୟଙ୍କୁ ଆରବୀୟ ଏବଂ ପୂର୍ବ ଭାରତୀୟଙ୍କୁ ଚୀନା ଲୋକଙ୍କ ଗୋଷ୍ଠୀର ବୋଲି ବିଭ୍ରାନ୍ତିକର ବର୍ଣ୍ଣନା କରିଛନ୍ତି। ମଣିଷ ଜାତି (ରେସ୍)ର ଆଧାର ଭିତ୍ତିରେ ଭାରତୀୟମାନଙ୍କୁ ସେ ଯେଭଳି ବର୍ଣ୍ଣନା କରିଛନ୍ତି, ସେଥିରେ ସେ ନିଜର ଜାତିଆଣ ଓ ବର୍ଣ୍ଣବିଦ୍ୱେଷ ଭାବର ସୂଚନା ଦେଖାଇଛନ୍ତି। ତାଙ୍କର ଉଦ୍ଦେଶ୍ୟ ଯାହା ହେଉନା କାହିଁକି ଏଥିରେ ସେ ପ୍ରକୃତ ଭାରତୀୟଙ୍କୁ ଅପମାନିତ କରିଛନ୍ତି। ବିବିଧତା ସତ୍ତ୍ୱେ ସବୁ ନାଗରିକ ଯେ ଭାରତୀୟ, ସେ ତତ୍ତ୍ୱଟିକୁ ପିତ୍ରୋଡ଼ା ଠିକ୍ ଭାବେ ଉପସ୍ଥାପନ କରି ପାରିନାହାନ୍ତି। ତେଣୁ ଦେଶର ନିର୍ବାଚନ ସମୟରେ ବିରୋଧୀ ପିତ୍ରୋଡ଼ାଙ୍କର ଏହି ଭ୍ରମାତ୍ମକ ମତାମତକୁ ଜାତି ଓ ବର୍ଣ୍ଣବିଦ୍ୱେଷୀ ତଥା ଦେଶବିରୋଧୀ କହିବାରେ ଆଶ୍ଚର୍ଯ୍ୟ ହେବାର ନାହିଁ। ସ୍ୱୟଂ ପ୍ରଧାନମନ୍ତ୍ରୀ ଓ ଅନ୍ୟ ଦଳର ତୁଙ୍ଗ ନେତାମାନେ ଏଥିପାଇଁ କଂଗ୍ରେସକୁ କଠୋର ସମାଲୋଚନା କରିବା ପରେ କଂଗ୍ରେସ ଦଳ ଏହି ମତାମତରୁ ନିଜକୁ ଦୂରେଇ ରଖିବା ସହ ତାଙ୍କୁ ଭର୍ତ୍ସନା କରିବାରୁ ପିତ୍ରୋଡ଼ା ଶେଷରେ ନିଜ ପଦ ଓ ଦଳରୁ ଇସ୍ତଫା ଦେଇଛନ୍ତି।

ଅଶୀତିପର ବୟସରେ ପିତ୍ରୋଡ଼ାଙ୍କ ମନ୍ତବ୍ୟ ସବୁକୁ ମନେ ପକାଇଲେ ଜଣାପଡ଼େ ଯେ ଏହା ତାଙ୍କ ବାର୍ଦ୍ଧକ୍ୟଜନିତ ବାଚାଳତା ବା ଦୁର୍ବଳତାର ପରିପ୍ରକାଶ ନ ହୋଇପାରେ। ସେ ଜଣେ ଅଭ୍ୟାସଗତ ବିବାଦ ସୃଷ୍ଟିକାରୀ ଏବଂ ନିଜ ବୁଦ୍ଧିବିଦ୍ୟାର ଅହମିକା ଦେଖାଇବାକୁ ଯାଇ ବିବାଦୀୟ କଥା କହିବାରେ ଅଭ୍ୟସ୍ତ। ଦେଶର ସବୁଠୁ ପୁରୁଣା ଦଳ କଂଗ୍ରେସ ବିଭିନ୍ନ କାରଣରୁ ଏବେ ଦୁର୍ବଳ ହୋଇପଡ଼ିଥିବା ବେଳେ ପିତ୍ରୋଡ଼ାଙ୍କ ଭଳି ତଥାକଥିତ ବୁଦ୍ଧିମାନ ପରାମର୍ଶଦାତା ବିବାଦୀୟ ମନ୍ତବ୍ୟ ଦେଲେ ଦଳର ରାଜନୈତିକ ଭବିଷ୍ୟତ କ'ଣ ହେବ ଓ ନେତୃତ୍ୱ ପାଇଁ କି ଦୟନୀୟ ଅବସ୍ଥା ସୃଷ୍ଟି ହେବ ବୁଝାଇ କହିବା ଅନାବଶ୍ୟକ। ଅନାବଶ୍ୟକ ଓ ଅବାଞ୍ଛିତ ମତାମତ ଦେଇ ଦଳକୁ ବିବାଦରେ ପକାଉଥିବା ଲୋକ ପାଇଁ ରାଜନୀତି ବା ପରାମର୍ଶଦାତା ପରିଷଦରେ ସ୍ଥାନ ରହିବା ଅଗ୍ରହଣୀୟ। ଆମେରିକୀୟ ଶୈଳୀରେ ଭାରତୀୟଙ୍କ ଉପରେ ଉତ୍ତରାଧିକାର ଟିକସ ଲାଗୁ କରି ମୃତବ୍ୟକ୍ତିଙ୍କ ସମ୍ପତ୍ତିର ୫୫ ଭାଗ ରାଷ୍ଟ୍ରଙ୍କୁ ଦେବା, ଧନିକଙ୍କଠାରୁ ସମ୍ପତ୍ତି ଆଣି ଗରିବଙ୍କ ମଧ୍ୟରେ ବାଣ୍ଟିବା ଭଳି ତତ୍ତ୍ୱକୁ ଅଗ୍ରାଧିକାର ଦେଇ ତାହାକୁ ନିର୍ବାଚନ ଇସ୍ତାହାରରେ ସ୍ଥାନ ଦେବା ଏବଂ ସେଥିପାଇଁ ସର୍ବସାଧାରଣରେ ଯୁକ୍ତି ଉପସ୍ଥାପନ କରିବା ଭଳି ବିଷୟରେ ପିତ୍ରୋଡ଼ା ନିଜର ମତାମତ ଦେଇ ନିଶ୍ଚୟ ଏକ ବଡ଼ ଭୁଲ୍ କରିଛନ୍ତି। ତାଙ୍କର ଅନ୍ୟ ମୁଖ୍ୟ ବିବାଦୀୟ ବକ୍ତବ୍ୟଗୁଡ଼ିକ ମଧ୍ୟରେ ରାମମନ୍ଦିର ପ୍ରକଳ୍ପକୁ ବିକାଶ ବିରୋଧୀ ବୋଲି ଆଖ୍ୟା ଦେବା, ପୁଲୱାମା ଆତଙ୍କବାଦୀ ଆକ୍ରମଣ ବିଷୟରେ ଅବାଞ୍ଛିତ ମନ୍ତବ୍ୟ, ଇନ୍ଦିରା ଗାନ୍ଧୀ ହତ୍ୟା ପରବର୍ତ୍ତୀ ଶିଖ ବିରୋଧୀ ଦଙ୍ଗାକୁ ସମର୍ଥନ ଆଦି ପ୍ରମାଣିତ କରୁଛି ଯେ ସାମ ପିତ୍ରୋଡ଼ା ଜଣେ ଅଭ୍ୟାସଗତ ବିବାଦ ସୃଷ୍ଟିକାରୀ। ଏଭଳି ଜଣେ ବ୍ୟକ୍ତିଙ୍କୁ କଂଗ୍ରେସ ଭଳି ଏକ ପୁରୁଣା ଓ ଐତିହ୍ୟ ସମ୍ପନ୍ନ ଦଳରେ ଦୀର୍ଘ ବର୍ଷ ଧରି ସହ୍ୟ କରାଯିବା ବାସ୍ତବରେ ରହସ୍ୟମୟ। ଦଳର ତୁଙ୍ଗ ଏବଂ ପ୍ରଭାବଶାଳୀ ନେତାଙ୍କ ଆଶିଷ ତଥା ସମର୍ଥନ ବିନା ସେ ଏତେ ଦିନ କଂଗ୍ରେସରେ ତିଷ୍ଠି ପାରିବା କଥା ନୁହେଁ। ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଦେଶର ବିବିଧତା ମଧ୍ୟରେ ଏକତା ପ୍ରକରଣକୁ ବର୍ଣ୍ଣନା କରିବାକୁ ଯାଇ ପିତ୍ରୋଡ଼ା ଦେଇଥିବା ଉଦାହରଣ ଅପ୍ରାସଙ୍ଗିକ ଓ ବିବାଦୀୟ ହୋଇଛି। ଭାରତୀୟ ଜାତୀୟ ଜୀବନରେ ଜାତି, ଧର୍ମ, ବର୍ଣ୍ଣ ଓ ଭାଷାର ବିବିଧତା ମଧ୍ୟରେ ଏକତାର ପରିପ୍ରକାଶ ପ୍ରକୃତରେ ଆମ ଦେଶର ଏକ ସଫଳତା। ବୋଧହୁଏ ଏହି କଥାଟି ବୁଝାଇବାକୁ ଯାଇ ପିତ୍ରୋଡ଼ା ବହୁତ ବଡ଼ ଭୁଲ୍‌ଟିଏ କରି ପକାଇଛନ୍ତି, ଯାହାକି ଦେଶର ବହୁଳ ବିବିଧତାକୁ ତାଚ୍ଛଲ୍ୟ କଲା ଭଳି ଜଣାପଡୁଛି।

ପିତ୍ରୋଡ଼ାଙ୍କର ପାଣ୍ଡିତ୍ୟ ଓ ଯୋଗ୍ୟତା ତା' ଜାଗାରେ ଅଛି। କିନ୍ତୁ ତାଙ୍କ ଦାୟିତ୍ୱବୋଧ, ବିଚାରବନ୍ତ ବୁଦ୍ଧିବୃତ୍ତି ଓ ବ୍ୟାବହାରିକ ଜ୍ଞାନର ଅଭାବ ଭାରତୀୟ ଜନତାଙ୍କୁ ତଥା ଭାରତର ସଂବେଦନଶୀଳତାକୁ ଆଘାତ କରିଛି। କଂଗ୍ରେସ ତାଙ୍କୁ ବହୁତ ସହିଛି। ତଥାପି ତାଙ୍କ ସ୍ୱଭାବକୁ ବାରମ୍ବାର ଦେଖିବା ପରେ ତାଙ୍କୁ ଏତେଦିନ ଦଳରେ ପ୍ରାଧାନ୍ୟ ଦେଇଥିବା କଂଗ୍ରେସର ନେତୃବର୍ଗ ନିଜକୁ ଦୋଷମୁକ୍ତ କରିପାରିବେ ନାହିଁ। ସେ ଦଳ ପାଇଁ ଯାହା କରିଛନ୍ତି, ତା'ଠାରୁ ଅଧିକ କ୍ଷତି କରିଯାଇଛନ୍ତି - ଏହା କଂଗ୍ରେସ ପାଇଁ ଏକ ବିଡ଼ମ୍ବନା। ପରିଶେଷରେ କଂଗ୍ରେସ ପିତ୍ରୋଡ଼ା ପୀଡ଼ାରୁ ମୁକ୍ତ ହୋଇ ଆଶ୍ୱସ୍ତି ଲାଭ କରିଥିବ।

# ପ୍ରାକୃତିକ ଚାଷ ଅନୁକୂଳକୁ ଅପେକ୍ଷା



ନଟବର ଷଡ଼ଙ୍ଗୀ
ନିଆଳି, ମୋ: ୯୯୩୭୬୨୦୮୮୩

ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟ ଦିନଟି ଅକ୍ଷୟ ତୃତୀୟା। ଆମ ଓଡ଼ିଶାରେ ଏହି ଦିନ ଅକ୍ଷି ମୁଠି ଅନୁକୂଳ। ବିହନ ଅନୁକୂଳ ପର୍ବ। ମାଘ ଶେଷ ଫଗୁଣ ଆରମ୍ଭ। ବର୍ଷା ଅସରାଏ ଦିଅସରା ହେଲା ତ ବିଲ ଚାଷ ହବ। କଥା ଅଛି -

'ଯଦି ବରଷଇ ମାଘର ଶେଷ, ଧନ୍ୟ ସେ ରଜା ଧନ୍ୟ ସେ ଦେଶ।'

ଚାଷୀ ସକାଳୁ ସକାଳୁ ହଳ ଯୋଚି ବିଲକୁ ନେଲା। ଷାଠିଏ ଓଡ଼ ମୂଳା, ତହିଁର ଅଧା ଗୁଳା। ତହିଁର ଅଧା ଧାନ, ତେବେ ଖାଏ ଚାଷୀ ମହତା ପାନ। ଗୋଡ଼ିଙ୍ଘା ଲଙ୍ଗଳରେ ପଡ଼ିଆ ଭାଙ୍ଗିଲା। ଅଧା ଫାଳିରେ ୩/୪ ଓଡ଼ ଧରି ମାଟି ଗୁଣ୍ଡ କଲା। ପଟା ଲଙ୍ଗଳରେ ଓଡ଼େ ଦିଓଡ଼ ପକାଇ ମାଟି କାଣ୍ଡି ଦେଲା। ଖରାଟିଆ ଚାଷରେ ମାଟି ଭିତରକୁ ପବନ, ସୂର୍ଯ୍ୟ ତାପ ପସିଗଲା। ପୋକ ଜୋକ ମରିଯିବେ। ମାଟି ଜୀବନ ପାଇଯିବ। ଶଗଡ଼ ଓଦରରେ ଖତ ବୁହାହେଲା। ଖତ ଖେଳେଇ ପୁଣି ଓଡ଼େ ଚଷି ମାଟିରେ ମିଶାଇ ଦେଲେ। ମାଟି ଟିକେ ନିଃଶ୍ୱାସ ମାରୁ!

ବିହନ ରଖିବା ଟିକେ ମୁଣ୍ଡ ଖର୍ଚ୍ଚ କାମ। ବିଲ ମଝିରୁ ୧୦/୧୫ ହଳା ବନ୍ଧା ହବ। ବିହନ ହଳା ଖଳାକୁ ଗଲା। ହଳାଗୁଡ଼ିକୁ ଫିଟାଇ ମିଶା ଧାନ କେଣ୍ଡା କାଢ଼ି ଦେଲେ। ଗୋଡ଼ରେ ମକଚି ଧାନ ଅମଳ କଲେ। କୁଲାରେ ପାଛୁଡ଼ି ଅଗାଡ଼ି କାଢ଼ି ଦେଲେ। କୁଲାର ଅଗ କଣ୍ଡାକୁ ଛେଦି ଦେଲେ। ମୂଳ ଧାନ ବିହନ ହବ। ଗୋଟେ ଦି ଟା ଖରା ଖାଇବ। ଶୁଖିଲା ନ ଶୁଖିଲା ଦାନ୍ତରେ ପରୀକ୍ଷା କଲେ। ଏ ସବୁ କାମ ସ୍ତ୍ରୀ ଲୋକମାନଙ୍କର। ଚାଷୀ ଭାଇ ବିହନକୁ ଓଳିଆ ବାନ୍ଧି ଭାଡ଼ିରେ ଥୋଇବ।

୧୯୬୭ ଆଗ କଥା। ସେତେବେଳେ ଓଡ଼ିଶାରେ ପ୍ରାୟ ୩୦ ହଜାର କିସମର ଧାନ ଚାଷ ହେଉଥିବା ଧାନ ବିଜ୍ଞାନୀ ଆର.ଏଚ.ରିଚାରିୟା ଆକଳନ କରିଥିଲେ। ଡେର ଜମି ପାଇଁ ସହଳ କିସମ ବିଆଳି, ଶାଠିକା, ଭୋଜନି, ଗୋଲାହୁଣ୍ଡି ଇତ୍ୟାଦି। ମଝିଆଣି ଜମିରେ ୧୨୦/୧୩୦ ଦିନିଆ କିସମ ସରୁଚିନାମାଳି, ସୋଲରି, ଅଟୌରି, ନଡ଼ିଆଫୁଲ, କଳାଜିରି, ପିମ୍ପୁଡ଼ିବାସ ଭଳି ବାସନା ଧାନ, ଖାଲ ବିଲ କିସମ ପଦ୍ମକେଶୋରୀ, ବାଲାମ, ଚମ୍ପା, ରତ୍ନଚୁଡ଼ି, ଭୋଟିଆ, ରାଜବଲ୍ଲଭ ଇତ୍ୟାଦି। ପ୍ରତି ଚାଷୀ ୮/୧୦ କିସମ ବିହନ ରଖିଥିବ। ତାଳପତ୍ର ଆଣି ଲେଖନୀରେ ଧାନ ନାଁ ଲେଖି ଓଳିଆରେ ଖୋସିଦବ।

ବିହନ ଭାଡ଼ିରୁ ଚାଷୀର ଜମି ଅନୁମାନ କରାଯାଇପାରେ। ଝିଅ ବାହାଦେବେ। ଝିଅର ବାପା ଙ୍କାଇଁ ଖୋଜି ଆସିଛନ୍ତି। ସମୁଧି ଘରେ ବିହନ ଭାଡ଼ି ଉପରେ ଆଖି ପକାଇବେ। ସମୁଧି ତହୁଁ ତରକା। ଜମି କମ। ପଡ଼ିଶା ଘରୁ ୮/୧୦ଟା ବିହନ ଓଳିଆ ଆଣି ତାଙ୍କ ଭାଡ଼ିରେ ରଖି ଦେଇଛନ୍ତି। ଝିଅର ବାପା ଦେଖି ଖୁସ। ବୁଝି ଗଲେ ଝିଅର ବର୍ଷକ ଭାତ ଥୁଆ। ସମୁଧି ଘରେ ହାତ ଧୋଇଲେ। କହିଲେ, 'ସମୁଧି ତୁମେ ବୋହୂ ଦେଖି ଆସିଲେ ବାହାଘର ଦିନ ବାର ଧରିବା।' ଚାଷୀ ଭାଇ ପାଇଁ ବିହନ ଠାକୁର। ଲକ୍ଷ୍ମୀସାଆନ୍ତାଣୀ। ବିହନ ଅମଳ ଦିନ ପିଠା ପଣା ହବ। ଭାଡ଼ି ପାଖେ ଲାଗି ଦେଇ ସମସ୍ତେ ଖାଇବେ।

ଅକ୍ଷୟ ତୃତୀୟା ଆଗ ଦିନ ଶଗଡ଼ ଲଙ୍ଗଳ ଧୂଆ ହବ। ମାଇପିମାନେ ଅରୁଆ ଚାଉଳ ପିଠଉ କରି ଶଗଡ଼, ଲଙ୍ଗଳରେ ଝୋଟି ଦେବେ। ବିହନ ବେତ ଟୋକେଇ, ଗଉଣୀ ଧୂଆ ହୋଇ ଚିତା ପଡ଼ିବ। ଚାଷୀ ପାଇଁ ନୂଆ ଲୁଗା, ନୂଆ ଗାମୁଛା, ଘରଣୀ ପାଇଁ ନୂଆ ଶାଢ଼ି ଆସିବ। ତୃତୀୟା ଦିନ ସକାଳୁ ସକାଳୁ ସ୍ୱାମୀସ୍ତ୍ରୀ ଗାଧୋଇ ପଡ଼ନ୍ତି। ବଳଦ ଆଗ ଦିନରୁ ଗାଧୋଇ ଥିବେ। କୋଳଥ ଶିଝା, କୁଳୁଚି, ଗୁଣ୍ଡା, ପାଣି ତୋରାଣି କୁଣ୍ଡରେ ଯୋଗାଡ଼ି ବଳଦଙ୍କୁ ଖୋଇବେ। ବଳଦଙ୍କ ବେକରେ ଫୁଲମାଳ ପଡ଼ିବ। ଦାଣ୍ଡଦୁଆର ମୁହଁରେ କଳସ ଥୁଆ ହବ। ଓଳିଆରୁ ବିହନ ଗାଳି ଟୋକେଇରେ ରଖିବେ। ଗୌଣି ଟି ଧାନ ଉପରେ ବସେଇବେ। ଶଙ୍ଖ ବାଜୁଥିବ। ହୁଳହୁଳି ପଡୁଥିବ। ଗାଁ ଦାଣ୍ଡରେ ୩୦/୪୦ ହଳ। ବଡ଼ ମକଦ୍ଦମଙ୍କ ବଳଦ ବେକରେ ଘଣ୍ଟି ଘାଗୁଡ଼ି ଟଣ୍ ଟଣ୍ ବାଜୁଥିବ। ଚାଷୀ ଭାଇ ବଳଦ ଯୋଚି ବାହାରିଲା ତ ଘରଣୀ ବିହନ ଟୋକେଇ ମୁଣ୍ଡାଇ ପଛେ ପଛେ ଚାଲିଲେ। ନିଜ ନିଜ ବିଲରେ ପହଞ୍ଚିଲେ। ଅବଧାନ ଶୁଭମୁହୂର୍ତ୍ତ କହିଥିବ। ଓଡ଼ିଶାର ଗାଁ ଗାଁ ରେ କଥା ଅଛି -

'ଝିଁ ଝିଁ ଡାକିଲା ଝିଙ୍କାରି ଉଠ ଚଷା ପୁଅ ଧାନ ବୁଣ, ଅକ୍ଷିତୃତୀୟା ମୁଠି ଅନୁକୂଳ ବୈଶାଖ ଖରା ହେଲାଣି ଟାଣ।'

'ଜେଷ୍ଠେ ରଜ ଯାତ ହୋଇଯିବ ଗଜା ଅଦିନ ବରଷା ପାଣି ପାଇ, ଆଷାଢ଼େ ଗୁଣ୍ଡିଚା କରିବୁ ବେଉଡ଼ା ମଇ ଦଉଥିବ ଗୀତ ଗାଇ।'

ହଳ ଠିଆ କରି ଜମିର ପୂର୍ବ କଣରେ ମାଟି ଆଡ଼େଇ ବିହନ ଦିଟା ପକାନ୍ତି। ମାଟି ଘୋଡ଼ାଇ ପୂଜା ପୂଜି କଲେ। ମାଟିମା' ଙ୍କୁ ଦିହେଁ ମୁଣ୍ଡିଆ ମାଇଲେ। ଚାଷୀ ଭାଇ ହଳ କଲେ ତ ଘରଣୀ ହଳ ପଛେ ପଛେ ବିହନ ବୁଣିଲେ। ହଳ ଲେଉଟାଇ କଅଁଳ ଗାଧୁଆ ବେଳକୁ ଘରକୁ ଫେରନ୍ତି। ଖେଚେଡ଼ି, ଡାଲମା, ଖିରୀ, ଆମ୍ବ ଖଟା କରି ଲକ୍ଷ୍ମୀ ପୂଜା କରିବେ। ସମସ୍ତେ ଏକାଠି ବସି ଖାପିଆ କଲେ। ସେ ଦିନ ଗୋଟେ ପବିତ୍ର ଦିନ। ବିହନ ଅନୁକୂଳ ଦିନ। ଚାଷୀ ଘରେ ବଡ଼ ପର୍ବ।

ସେ ଦିନର ବିହନ ଅନୁକୂଳର ଆମେ ବୁଝୁଛୁ ଚାଷୀର ହଳ ଲଙ୍ଗଳ ଥିଲା। ବାଡ଼ିରେ ଖତ ଥିଲା। ଓଳିଆରେ ବିହନ ଥିଲା। ସେ ସ୍ୱୟଂସମ୍ପୂର୍ଣ୍ଣ ଥିଲା। ଚାଷୀ କାହାର ମହାଜନ ନ ହେଲେ ବି ଖାତକ ନଥିଲା। ଊଣେଇଶ ଷାଠିଏ ଦଶକ ଯାଏଁ ଏ ସ୍ଥିତି ବଳବତ୍ତର ଥିଲା। ବହୁ ଦିନରୁ ସାମ୍ରାଜ୍ୟବାଦୀ ଆମେରିକା ଆମ ଚାଷ ଉପରେ ଆଖି ପକାଇଲାଣି। ଆମ ଚାଷ ଓ ଚାଷୀଙ୍କୁ କବ୍‌ଜା କରିବ। ୧୯୫୦ ଠାରୁ ଆମକୁ ଜର୍ସି ଗାଈ ଧରାଇ ଦେଲା। ଅଧିକ କ୍ଷୀର ଦେବେ। ଦେଶୀ ଗାଈ ଅଲୋଡ଼ା ହୋଇଗଲେ। ଜର୍ସି ଅଣ୍ଡିରା ବଳଦକୁ ନୁହନ୍ତି। ଜମି ଚାଷ ହେବ କିମିତି? ଚାଷୀର ମୁଣ୍ଡ ଧରିଲାଣି। ୧୯୬୭। ସବୁଜ ବିପ୍ଳବ ଜନ୍ତୁଟି ଆମ ଚାଷୀ ଭାଇ ପାଖେ ଠିଆ। କମ୍ପାନୀ ଚାଷ ଚାଷୀକୁ ଟ୍ରାକ୍ଟର ଧରାଇଲା। ଅଧିକ ଅମଳକ୍ଷମ ବିହନ ପହଞ୍ଚାଇଲା। ରାସାୟନିକ ସାର, କୀଟନାଶକ ତା' ଘରେ ପହଞ୍ଚିଲା। ଚାଷ ପାଇଁ ବ୍ୟାଙ୍କ କରଜ ଦେଲା। ସରକାର କହୁଛନ୍ତି। ବେଦର ଗାର। ଚାଷୀ ଭଳି ଗଲେ। ଅଧିକ ଫଳିବ। ଚାଷୀ ବିଷ ଚାଷ ଯନ୍ତାରେ ପଡ଼ିଗଲେ। ୫/୧୦ ବର୍ଷ ଅଧିକ ଫଳିଲା। ଚାଷରୁ ଆଇନ୍ଦା ସାଲକୁ ବିହନ ରଖିଲେ ଫଳ ନାହିଁ। ବାଞ୍ଝ ବିହନ। ଚାଷୀକୁ ପ୍ରତିବର୍ଷ କମ୍ପାନୀ ବିହନ କିଣିବାକୁ ପଡ଼ିଲା। ଆମ ଦେଶୀ ବିହନ ତ ଅଲୋଡ଼ା ହେଲା। ବୁଡ଼ିଗଲା। ଚାଷୀର ଚାରା କ'ଣ? କମ୍ପାନୀ ଚାଷୀର ନାକ ଘଷେଇଲାଣି। ଚାଷୀ ଋଣୀ ହୋଇଗଲା। ଫସଲରେ ରୋଗ ପୋକ ବଢ଼ି ଚାଲିଲା। ଅଭାବୀ ବିକ୍ରି। ଚାଷୀ ଆତ୍ମହତ୍ୟା କରୁଛି। ମାଟି ରୋଗିଣା ହୋଇଯାଉଛି। ଆଗ ଭଳି ଆଉ ଅମଳ ଆସୁନି। ଘରେ ଘରେ କ୍ୟାନ୍ସର। ଚାଷୀ ବଜାର ଅର୍ଥନୀତିରେ ବଳି ପଡ଼ିଗଲା।

ଭାରତର ବିହନ ବିବିଧତା ପୃଥିବୀରେ ଅଦ୍ୱିତୀୟ ଥିଲା। ଆଜି ଭାରତରେ ୮୦ ପ୍ରତିଶତ ବିହନ ବଜାର କମ୍ପାନୀ କବଜାରେ। ଚାଷୀର ବଡ଼ ସମ୍ପତ୍ତି ବିହନ ତା' ହାତରୁ କମ୍ପାନୀ ହାତକୁ ଚାଲିଗଲା। ସେ ତ ହାତ ମାଛ ଚିଲକୁ ଦେଇଛି। କମ୍ପାନୀ ଏବେ ୫ କିଲିଆ ହାଇବ୍ରିଡ ଧାନ ବିହନ ମଣେଇଲାଣି। ଗୁଣ୍ଠକୁ ୧୫/୨୦ କିଲୋ ସାର ଖାଉଛି। ରୋଗ ପୋକ ମାଡ଼ିଯାଉଛି। ବିଷ ଯେତେ ଛିଞ୍ଚିଲେ ବି ରୋଗ ପୋକ ଅଣଆୟତ୍ତ। ଚାଷୀ ଲୁହ ନ କାନ୍ଦି ରକ୍ତ କାନ୍ଦୁଛି। ବର୍ଷକୁ ବର୍ଷ ବିହନ କିଣିବାକୁ ପଡୁଛି। ତା' ହାତରୁ ଲଙ୍ଗଳ ଚାଲିଗଲା। ବିହନ ଚାଲିଗଲା। ସେ ଅକ୍ଷି ମୁଠି ଅନୁକୂଳ କାହାକୁ ନେଇ କରିବ?

ଆଜି ଆଉ ଅକ୍ଷି ମୁଠି ଅନୁକୂଳ ନାହିଁ। ଓଡ଼ିଶାର ସ୍ତ୍ରୀ ଲୋକ ମାନେ ତ ସଂସ୍କୃତି, ପରମ୍ପରା ସୁରକ୍ଷା ପାଇଁ ଠିକା ନେଇଛନ୍ତି। ଅକ୍ଷିତୃତୀୟା ଦିନ ଚାଷୀ ଘର ସ୍ତ୍ରୀ ଲୋକମାନେ ଚଉରା ମୂଳେ ଦିଟା ଧାନ ମାଟିରେ ପୋତି ଦେଇ ପୂଜା କଲେ। ହୋଇ ଗଲା ଅକ୍ଷି ମୁଠି ଅନୁକୂଳ!

ଆଜି କାଲି ନକଲି ଅକ୍ଷି ମୁଠି ଅନୁକୂଳ କରାଯାଉଛି। କମ୍ପାନୀମାନେ ଟ୍ରାକ୍ଟର, କୃଷି ଯନ୍ତ୍ରପାତି ଜମା କରିବେ। ମନ୍ତ୍ରୀ, ବିଧାୟକ, ସାଂସଦ ବା କେହି ଜଣେ କ୍ଷମତାସୀନ ଦଳର ନେତା ଆସିବେ। ଟ୍ରାକ୍ଟରରେ ହାତ ଲଗାଇଲେ। କମ୍ପାନୀର ସଙ୍କର ବିହନ ଦିଟା କିଏ ଧରାଇ ଦେଲା। ନେତା ବିଲରେ ଛାଟି ଦେଲେ ତ ଅକ୍ଷି ମୁଠି ଅନୁକୂଳ ହୋଇଗଲା। ମନ କଲେ ସେ କାଳ ଚାଷ ଫେରି ପାରିବ। ଏବେ ବି କିଛି ଲୋକ, କିଛି ଅନୁଷ୍ଠାନ ଦେଶୀ ଧାନ ବିହନକୁ ବଞ୍ଚାଇ ରଖିଛନ୍ତି। ଚାଷୀ ହାତକୁ ବିହନ ଫେରି ପାରିବ। ଦେଶୀ ଗାଈ ପାଳିଲେ ହଳ ଲଙ୍ଗଳ ଫେରି ପାରିବ।

# ଭାରତୀୟ ସୌରଶକ୍ତି ପ୍ରକଳ୍ପ



ପ୍ରଦୀପ୍ତ କୁମାର କର
ଭୁବନେଶ୍ୱର, ମୋ: ୯୪୩୭୦୮୪୩୧୨

ଗୁଜୁରାଟ ପ୍ରଦେଶ ସୀମାନ୍ତବର୍ତ୍ତୀ କଚ୍ଛ ଜିଲ୍ଲାର ଲବଣାକ୍ତ ଖଭଡ଼ା ଅଞ୍ଚଳରେ ପ୍ରତିଷ୍ଠା ହେବାକୁ ଯାଉଛି ପୃଥିବୀର ସବୁଠାରୁ ବଡ଼ ସୌର ଶକ୍ତି ବା ଅକ୍ଷୟ ଶକ୍ତି ପ୍ରକଳ୍ପ। ଏହାର ପରିସୀମା ପ୍ରାୟ ୭୨୬ ବର୍ଗ କିଲୋମିଟର। ଏହି ପ୍ରକଳ୍ପର ଆକାର ଏତେ ବଡ଼ ହେବ ଯେ ମହକାଶରୁ ମଧ୍ୟ ସ୍ପଷ୍ଟ ଦୃଷ୍ଟିଗୋଚର ହେବ। ଏବେ ବିଶ୍ୱର ସର୍ବବୃହତ୍ ସୌରଶକ୍ତି ପ୍ରକଳ୍ପ ସିଙ୍ଗାପୁରରେ ଥିବା ବେଳେ ଭାରତ ତାହାର ସମକକ୍ଷ ହେବାକୁ ଯାଉଛି। ଆଦାନୀ ଗ୍ରୁପ୍, ଗୁଜୁରାଟ ଷ୍ଟେଟ ଇଲେକ୍ଟ୍ରିକାଲ କର୍ପୋରେସନ ଲିମିଟେଡ, ନ୍ୟାଶ୍‌ନାଲ ଥର୍ମାଲ ପାୱାର ଲିମିଟେଡର ମିଳିତ ଭାଗିଦାରୀରେ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ଏହି ପ୍ରକଳ୍ପରୁ ୩୦ ଗିଗାୱାଟ ଶକ୍ତି ଉତ୍ପାଦନ ହେବ, ଯାହା ଗୁଜୁରାଟ ସମେତ ପଡ଼ୋଶୀ ରାଜ୍ୟର ପ୍ରାୟ ୧୮ ନିୟୁତ ଲୋକଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ କରିହେବ। ଆସନ୍ତା ତିନିବର୍ଷ ମଧ୍ୟରେ ଏହି ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

ଏହି ସ୍ଥାନରେ ସୌରଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ହେବାର କାରଣ ଏହି ଯେ ଏଠାରେ ସୂର୍ଯ୍ୟର ତାପ ଅତ୍ୟନ୍ତ ପ୍ରଖର। ଦିନର ତାପମାତ୍ରା ହାରାହାରି ପ୍ରାୟ ୩୫ ଡିଗ୍ରୀ ସେଲସିୟସ ଥାଏ। ଏହାର ପ୍ରାୟ ୩୫ କିଲୋମିଟର ଦୂରରେ ହିଁ ଶେଷ ଜନବସତି ଅଛି। ଏଠାରେ ମଧ୍ୟ ପବନ ସବୁ ସମୟରେ ବୋହୁଥିବାରୁ ଭବିଷ୍ୟତରେ ଏଠାରେ ପବନକଳ ଚାଳିତ ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ତାହା ମଧ୍ୟ ସାକାର ହୋଇପାରିବ।

୨୦୧୪ ରେ କେନ୍ଦ୍ର ସରକାର ସୌର ଶକ୍ତି ଓ ମେଗା ସୋଲାର ପାୱାର ପ୍ରୋଜେକ୍ଟ ଯୋଜନାରେ ସାରା ଦେଶରେ ୫୦ ଟି ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଥିଲେ। ପ୍ରତି ପ୍ରକଳ୍ପରୁ ୫୦୦ ମେଗାୱାଟ ବିଜୁଳି ଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଏହି ଲକ୍ଷ୍ୟକୁ ବୃଦ୍ଧି କରାଯାଇଛି। ଭାରତ ୨୦୩୦ରେ ଅଧିକ ସୌର ଶକ୍ତି ଉତ୍ପାଦନ କରିବା ଲକ୍ଷ୍ୟରେ ନୂଆ ଯୋଜନା ହାତକୁ ନେବାକୁ ଯାଉଛି। ରାଜସ୍ଥାନର ଭାଦଲା ଠାରେ ମଧ୍ୟ ୨୦୩୦ ସୁଦ୍ଧା ସୌରଶକ୍ତି ପ୍ରକଳ୍ପ ପ୍ରାୟ ୫୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ପ୍ରକଳ୍ପ ଆରମ୍ଭ ହେବାକୁ ଯାଉଛି। ନିକଟରେ ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ କ୍ରିକେଟ ଷ୍ଟାଡିୟମ୍‌କୁ ୪୦୦କିଲୋୱାଟ୍ ସୌରଶକ୍ତି ଯୋଗାଇ ଦିଆଯାଇଛି, ଯାହା ସାରା ପୃଥିବୀରେ ପ୍ରଥମ।

ଭାରତ ବର୍ତ୍ତମାନ ସୌରଶକ୍ତି ପ୍ରକଳ୍ପ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଏହାଫଳରେ ସରକାରୀ ଓ ବେସରକାରୀ ସ୍ତରରେ ଅନେକ ଉଦ୍ୟୋଗୀ ଆଗ୍ରହୀ ହେଉଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା ହେଲେ ଜଳବିଦ୍ୟୁତ୍ ଉତ୍ପାଦନ ଓ ତାପଜ ବିଦ୍ୟୁତ୍ ଉତ୍ପାଦନରେ ଯେଉଁ ସମସ୍ୟା ରହୁଛି ତାହା ଦୂର ହୋଇପାରିବ। ଯଦି କେନ୍ଦ୍ର ସମେତ ରାଜ୍ୟସ୍ତରରେ ସୌର ଶକ୍ତି ଉତ୍ପାଦନକୁ ଉତ୍ସାହିତ କରନ୍ତି ତେବେ ଆମେ ଖୁବ୍‌ଶୀଘ୍ର ଅକ୍ଷୟ ଶକ୍ତି ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ସହିତ ପରିବେଶ ପ୍ରଦୂଷଣ ଅନେକାଂଶରେ ହ୍ରାସ ପାଇବ। ଭବିଷ୍ୟତରେ ସୌରଶକ୍ତି ସମ୍ପନ୍ନ ଟ୍ରେନ୍ ଚଳାଚଳ ପାଇଁ ମଧ୍ୟ ଯେଉଁ ଯୋଜନା ରଖାଯାଇଛି ତାହା ମଧ୍ୟ ସାକାର ହୋଇପାରିବ।

# ନିର୍ବାଚନ ଓ ସାମାଜିକ ସୁସମ୍ପର୍କ



ରାକେଶ ପଣ୍ଡା
ଟାଙ୍ଗୀ(କଟକ), ମୋ: ୯୩୩୭୮୯୭୬୫୦

ଚଳିତବର୍ଷ 'ଜାତୀୟ ଭୋଟର ଦିବସ' ଉପଲକ୍ଷେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିବା ଶପଥ ପାଠ କାର୍ଯ୍ୟକ୍ରମ ସମ୍ବନ୍ଧରେ ଜାଣିବା ପରେ ଆଜିର ନିର୍ବାଚନ ଏବଂ ସାମାଜିକ ସମ୍ପର୍କକୁ ନେଇ ମନ ମଧ୍ୟରେ ଅନେକ କଥା ଏବଂ ପ୍ରଶ୍ନ ଉଙ୍କି ମାରୁଥାଏ। ନିର୍ବାଚନର ମାହୋଲ ମଧ୍ୟରେ ଏମିତି କିଛି ଘଟଣା ଓ ଦୁର୍ଘଟଣାମାନ ଆମ ଚାରିପାଖ ଘଟିଚାଲେ, ଯାହା ସାଧାରଣ ଜୀବନଶୈଳୀ ମଧ୍ୟରେ ରହିଥିବା ସାମାଜିକ ସମ୍ପର୍କର ସ୍ଥିତି ଏବଂ ସତ୍ତାକୁ ସ୍ତବ୍ଧ କରିଦିଏ!

କିଛିଦିନ ତଳେ, ଜଣେ ବନ୍ଧୁଙ୍କ ଘରେ ବସି ଅବସରକାଳୀନ ସମୟ ଅତିବାହିତ କରୁଥିବା ସମୟରେ କିଛି ହୋ ହଲ୍ଲା ଶୁଣି ଆମେ ଦୁହେଁ ଘର ବାହାରକୁ ଆସି ଦେଖିବାକୁ ପାଇଲୁ ଯେ ପଡ଼ିଶା ଘରର ଦୁଇ ଭାଇ ନିଜ ମଧ୍ୟରେ ଝଗଡ଼ା କରୁଛନ୍ତି! ଜାଣିବାକୁ ମିଳିଲା, ବଡ଼ଭାଇ ଜଣଙ୍କ ଚଳିତ ନିର୍ବାଚନ ନିମନ୍ତେ ଜଣେ ପ୍ରାର୍ଥୀଙ୍କୁ ସମର୍ଥନ କରୁଥିବା ବେଳେ ସାନଭାଇଙ୍କୁ ବାଧ୍ୟ କରୁଛନ୍ତି ଉକ୍ତ ପ୍ରାର୍ଥୀଙ୍କ ନିମନ୍ତେ ନିର୍ବାଚନ ପ୍ରଚାର, ପ୍ରସାରରେ ଯୋଗଦାନ ତଥା ସହଯୋଗ କରିବା ଲାଗି। କିନ୍ତୁ କୌଣସି ଏକ କାରଣରୁ ସାନଭାଇ ଜଣଙ୍କ ଏଥିରେ ରାଜି ନ ହେବାରୁ ଘଟଣାଟି ପାରିବାରିକ ତଥା ବ୍ୟକ୍ତିଗତ କଳହରେ ରୂପାନ୍ତରିତ ହୋଇଛି ଏବଂ ତାହା ଝଗଡ଼ା ତଥା ମାଡ଼ପିଟ ସ୍ତରରେ ପହଞ୍ଚିଛି। ଏମିତି କି' ଜଣେ ଅନ୍ୟ ଜଣଙ୍କ ସହ ରକ୍ତଗତ ସମ୍ପର୍କ ଛିନ୍ନ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି!

ଉକ୍ତ ଦୃଶ୍ୟଟିର ଅବଲୋକନ ପରେ ଏହିପରି ଆଉକିଛି ଘଟଣାର ଚିତ୍ର ମନକୁ ସ୍ପର୍ଶ କରି ଯାଉଥାଏ। ନିର୍ବାଚନ ସମୟରେ ଗୋଟିଏ ଗାଁ, ସହର କିମ୍ବା ବ୍ଲକ ତଥା ଅଞ୍ଚଳରେ ବାସ କରୁଥିବା ଲୋକମାନେ ନିଜର ମତ, ବିଚାର ଏବଂ ଚିନ୍ତାଧାରା ଆଧାରରେ ପ୍ରାର୍ଥୀ ଚୟନ କରି ଛୋଟ ଛୋଟ ଗୋଷ୍ଠୀରେ ନିଜକୁ ବିଭକ୍ତ କରିଥା'ନ୍ତି। ବ୍ୟକ୍ତିଗତ ସମ୍ପର୍କ ଓ ସ୍ତରରେ କୌଣସି ମତଭେଦ ତଥା କଳହ ନ'ଥାଇ ମଧ୍ୟ ସେଥିମଧ୍ୟରୁ ଅନେକ ସବଳ ବ୍ୟକ୍ତି ଦୁର୍ବଳ ଲୋକ ତଥା ଗୋଷ୍ଠୀ ଉପରେ ବିଭିନ୍ନ ଉପାୟରେ ଆକ୍ରମଣ କରିଥା'ନ୍ତି। ଏହି ଘଟଣାଗୁଡ଼ିକରେ କିଛିବ୍ୟକ୍ତି ନିରବଦ୍ରଷ୍ଟା ସାଜିଥା'ନ୍ତି ଏବଂ କିଛିଲୋକ ଉପରେ ନିରବ ରହି ସମସ୍ତଙ୍କ ସହ ସମ୍ପର୍କ ଭଲ ରଖି, ଗୋଷ୍ଠୀଗୁଡ଼ିକ ମଧ୍ୟରେ ସେମାନଙ୍କ ଅଜାଣତରେ କଥାର ଆଦାନ ପ୍ରଦାନ କରିଥା'ନ୍ତି। ଏହାଦ୍ୱାରା, ଗୋଷ୍ଠୀ କଳହ ତଥା କନ୍ଦଳର ସୂତ୍ରପାତ ହୋଇଥାଏ। ଅନେକ ସମୟରେ ଜଣେ ବ୍ୟକ୍ତି ନିଜର ବିରୋଧୀ ତଥା ବିରୋଧୀ ଗୋଷ୍ଠୀର କୌଣସି ସମର୍ଥକ ଓ କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରମଣ ତଥା ଜୀବନରେ ମାରିଦେବା ପରି ଘଟଣା ଦୈନିକ ସମ୍ବାଦପତ୍ରରେ ଆଗଧାଡ଼ିର ଖବର ଭାବରେ ରୂପାନ୍ତରିତ ହେଉଛି। ଏହି ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କର ପରିବାରର ସଦସ୍ୟ ଓ ତାଙ୍କର ଭବିଷ୍ୟତ ଅନ୍ଧକାର ଏବଂ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଏ।

ଏକାନ୍ତରେ ଏକ ନିରବ ପରିବେଶ ମଧ୍ୟରେ ରହି ଏହିସବୁ କାର୍ଯ୍ୟକଳାପ ଏବଂ ଘଟଣାଗୁଡ଼ିକୁ ତର୍ଜମା କଲେ ଜଣାପଡ଼େ ଯେ, କୌଣସି ଏକ ନିଜସ୍ୱ କାରଣ ନ ଥାଇ, ବିନା ବ୍ୟକ୍ତିଗତ ସ୍ୱାର୍ଥରେ ନିଜ ମଧ୍ୟରେ ଲଢ଼ି, ଶତ୍ରୁତା ସୃଷ୍ଟିକରି ବାସ୍ତବରେ କାହାକୁ କ'ଣ ପ୍ରାପ୍ତି ହୋଇଥାଏ? ଏହି ସନ୍ଦର୍ଭରେ ଏକ ବଡ଼ ପ୍ରଶ୍ନବାଚୀ ମନ ମଧ୍ୟରେ ଉଙ୍କିମାରେ ଯେ ନିର୍ବାଚନ ଆସିବ, ଯିବ। କିନ୍ତୁ ସେହି କାରଣରୁ ଭାଙ୍ଗିଯାଇଥିବା ରକ୍ତଗତ, ବ୍ୟକ୍ତିଗତ ଏବଂ ସାମାଜିକ ସମ୍ପର୍କମାନ ଆଉଥରେ ଯୋଡ଼ି ହେବ ତ? ଯଦି ବା ଯୋଡ଼ି ହୁଏ, ତେବେ ସେଥିରେ ପୂର୍ବପରି ରହିଥିବା ସେ ବିଶ୍ୱାସ, ଆତ୍ମୀୟତା ଏବଂ ଭଲପାଇବା ବଜାୟ ରହିବ ତ? ତେବେ ଗୋଟିଏ ନିର୍ବାଚନ ପ୍ରକ୍ରିୟାରେ ଭୋଟ ବ୍ୟବସ୍ଥା ମାଧ୍ୟମରେ ନିଜର ମତାଧିକର ସାବ୍ୟସ୍ତ କରିବା ସହ ମନ ପସନ୍ଦର ଜନ ପ୍ରତିନିଧି ବାଛିବା ହେଉଛି ଜଣେ ନାଗରିକର ଏକ ସାମ୍ବିଧାନିକ ତଥା ମୌଳିକ ଅଧିକାର, ଯାହା ଏକ ନିରେପେକ୍ଷ ତଥା ଅବାଧ ପ୍ରକ୍ରିୟା ଓ ପରିବେଶ ମଧ୍ୟରେ ସମ୍ପାଦିତ ହେବା ବିଧେୟ। ଯେଉଁଥିରେ, କୌଣସି ବି ଉପାୟ ଅବଲମ୍ବନ କରି ଜଣଙ୍କର ମତାଧିକାରକୁ ପ୍ରଭାବିତ କରିବା ଆଇନ ବିରୁଦ୍ଧ ତଥା ଅମାନ୍ୟ ଅଟେ।

ଏହି ପରିପ୍ରେକ୍ଷୀରେ ସାଧାରଣ ଜନତାଙ୍କ ମଧ୍ୟରେ ଏକ ସଚେତନତା ସୃଷ୍ଟି ହେବା ଜରୁରୀ ଯେ ନିର୍ବାଚନ ପ୍ରଚାର ତଥା ଭୋଟ ଦେବା ପ୍ରକ୍ରିୟାରେ ଜଡ଼ିତ ରହି ଜଣେ ସାଧାରଣ ବ୍ୟକ୍ତି ନିଜ ପରିବାରର ସଦସ୍ୟ, ସମ୍ପର୍କୀୟ, ପଡ଼ୋଶୀ, ଗ୍ରାମବାସୀ ତଥା ଅଞ୍ଚଳର କୌଣସି ବି ବାସିନ୍ଦାଙ୍କ ସହ ନିଜର ସାମାଜିକ ଓ ବ୍ୟକ୍ତିଗତ ସମ୍ପର୍କକୁ ଖରାପ କରନ୍ତୁ ନାହିଁ। ନିର୍ବାଚନ ଜନିତ କୌଣସି ବି ଘଟଣାକୁ ବ୍ୟକ୍ତିଗତ ତଥା ସାମାଜିକ ସମ୍ପର୍କ ସ୍ତରକୁ ନିଆ ନ ଯାଉ। ସାମୟିକ ଭାବରେ ଏଥିରେ ପ୍ରଭାବିତ ହେବା ସହ ଉତ୍ତେଜନାର ଶିକାର ହୋଇ କେଉଁ ଜଣେ ନିଜ ଲୋକର କ୍ଷତି ନ କରନ୍ତୁ। ନିର୍ବାଚନର ପରିବେଶ ଆଜି ଅଛି, ଗୋଟିଏ ମାସ ପରେ ତାହା ସମାପ୍ତ ହୋଇଯିବ। କିନ୍ତୁ ଏହାପରେ ଆମକୁ ଆମ ପରିବାର, ସମାଜ, ଗ୍ରାମ ତଥା ଅଞ୍ଚଳରେ ବାସ କରୁଥିବା ପ୍ରତିଟି ଲୋକ ସହ ସାମାଜିକ ସମ୍ପର୍କକୁ ନେଇ ତଥା ବଜାୟ ରଖି ବଞ୍ଚିବାକୁ ପଡ଼ିବ। ଏଣୁ ନିର୍ବାଚନର ଏହି ପ୍ରଚାର, ପ୍ରସାର ଓ ଭୋଟ ମାଧ୍ୟମରେ ନିଜ ମତ ସାବ୍ୟସ୍ତ କରିବାର କାର୍ଯ୍ୟ ବ୍ୟକ୍ତିଗତ ସ୍ତରକୁ ନ ଆସି କେବଳ ସାମ୍ବିଧାନିକ ତଥା ନିର୍ବାଚନ ସ୍ତରରେ ହିଁ ରହୁ। ଏକ ସୁସ୍ଥ ସମାଜ ଗଠନରେ ଏହା ହିଁ ଏକ ବଡ଼କାରକ ସାଜିବ।

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ଅବଶିଷ୍ଟାଂଶ...

## ୧୦୦ ୟୁନିଟ୍...

ଗ୍ୟାରେଣ୍ଟି ବୋଲି ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଶାର ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରି ଆସୁଛି, ବହୁତ କ୍ଷତି ସହିଛି। ଏକ ଗରିବ ପଛୁଆ ରାଜ୍ୟ ଭାବେ ଓଡ଼ିଶାର ପରିଚୟ ଆଜି ଇତିହାସ ହୋଇଛି। ଆଜିର ଓଡ଼ିଶା ଏକ ଆଧୁନିକ ଓଡ଼ିଶା, ବିକାଶମୁଖୀ ଓଡ଼ିଶା। ସଂସ୍କୃତି ଓ ପରମ୍ପରା ସହ ଗଭୀର ଭାବେ ଯୋଡ଼ିହୋଇ ରହିଥିବା ଏକ ସାମଗ୍ରିକ ରାଜ୍ୟ। ଆମର ଏହି ଘୋଷଣାପତ୍ର ଓଡ଼ିଶାରେ ଏକ ସୁବର୍ଣ୍ଣ ଯୁଗର ଭିତ୍ତି ପକାଇଛି। ୨୦୩୪ ସୁଦ୍ଧା ଓଡ଼ିଶା ହେବ ଦେଶର ଏକ ନମ୍ବର ରାଜ୍ୟ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ୨୦୩୬ରେ ପାଳନ ହେବ। ତାହାର ଦୁଇ ବର୍ଷ ପୂର୍ବରୁ ଆମେ ଓଡ଼ିଶାକୁ ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବୁ। ୫-ଟି ଉପକ୍ରମରେ ଓଡ଼ିଶା ଲେଖିବ ନୂଆ ଇତିହାସ। ଯୁବ ଶକ୍ତି ହେବେ ଏହାର ସାରଥୀ। ଏହି ଘୋଷଣାପତ୍ର ବିଶେଷକରି ଯୁବଶକ୍ତିଙ୍କ ପାଇଁ ହେବ ଘୋଷଣାପତ୍ର। ଯୁବଶକ୍ତି ପାଇଁ ସ୍ୱତନ୍ତ୍ର ବଜେଟ୍, ଯୁବ ବଜେଟ ଆସିବ। ଏହା ହେବ ଦେଶର ପ୍ରଥମ ଯୁବ ବଜେଟ। ଆଗାମୀ ୧୦ ବର୍ଷରେ ଏଥିପାଇଁ ୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ। ଆମର ଯୁବ ସମୁଦାୟ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହା କାର୍ଯ୍ୟକାରୀ କରିବା ପାଇଁ ୧ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ନୂଆ ଓ' ସ୍କଲାରସିପ୍‌ରେ ଝିଅ ମାନଙ୍କୁ ୧୪ ହଜାର ଏବଂ ପୁଅ ମାନଙ୍କୁ ୧୨ ହଜାର ଟଙ୍କା ଦିଆଯିବ। ୨ ଲକ୍ଷ ସରକାରୀ ଚାକିରୀ ସୃଷ୍ଟି କରାଯିବ। ବୈଜ୍ଞାନିକ ଯୋଜନା ଆଧାରରେ ଚାରିଟି ପ୍ରମୁଖ ସହରରେ ଅର୍ବାନ୍ କ୍ଲଷ୍ଟର ଏବଂ ୨୦ଟି ସହରର ବିକାଶ କରାଯିବ। ଜନସାଧାରଣ ତଥା ଭକ୍ତମାନଙ୍କ ସୁବିଧା ପାଇଁ ବିଶ୍ୱସ୍ତରୀୟ ବ୍ୟବସ୍ଥା ସହିତ ପୁରୀକୁ ଏକ ଅନ୍ତର୍ଜାତୀୟ ସହର ଭାବେ ବିକଶିତ କରାଯିବ।

ବିଏସ୍‌କେୱାଇ, ବିଏସ୍‌କେୱାଇ ନବୀନ କାର୍ଡ ଜରିଆରେ ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବାର ପରିସର ବୃଦ୍ଧି କରାଯିବ। ଏଥିରେ ମଧ୍ୟବିତ୍ତ, ସରକାରୀ କର୍ମଚାରୀ, ଠିକା କର୍ମଚାରୀ ଓ ତୃଣମୂଳ ସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କୁ ସାମିଲ କରାଯିବ। ଘର ତିଆରି ପାଇଁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ରିହାତିରେ ଯୋଗାଇ ଦିଆଯିବ। ସୁଲଭ ପରିବହନ, ଶିକ୍ଷାବୃତ୍ତି, ୧୦୦ ୟୁନିଟ୍ ମାଗଣା ବିଜୁଳି ଆମ ମଧ୍ୟବିତ୍ତ ପରିବାରକୁ ସଶକ୍ତ କରିବ। ମା' ମାନେ ହେଉଛନ୍ତି ବିକାଶ ମୂଳ ଭିତ୍ତି। ଆଗାମୀ ୫ ବର୍ଷ ଭିତରେ ସବୁ ଏସ୍‌ଏଚ୍‌ଜିକୁ ଏସ୍‌ଏମ୍‌ଇରେ ପରିଣତ କରାଯିବ। ସବୁ ମା' ମାନେ ହେବେ ଉଦ୍ୟୋଗୀ। ଏଥିପାଇଁ ଆଗାମୀ ୫ ବର୍ଷରେ ଦେଢ଼ ଲକ୍ଷ କୋଟି ଟଙ୍କା ଋଣ ଯୋଗାଇ ଦିଆଯିବ। ଏଥିପାଇଁ ସୁଧ ରିହାତି ବାବଦରେ ରାଜ୍ୟ ସରକାର ୨୫୦୦ କୋଟି ଟଙ୍କା ଦେବେ। ଆଗାମୀ ୧୦ ବର୍ଷରେ ମିଶନ୍ ଶକ୍ତି ମାନଙ୍କୁ ୫୦ ହଜାର କୋଟି ଟଙ୍କାର ସରକାରୀ କାର୍ଯ୍ୟ ଦିଆଯିବ। ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଦିଆଯିବ। ମିଶନ୍ ଶକ୍ତି ମା' ମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା କରାଯିବ। ମା' ମାନଙ୍କୁ ବ୍ୟକ୍ତିଗତ ଉଦ୍ୟୋଗୀ କରିବା ପାଇଁ ୧୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଗଠନ କରାଯିବ। ତୃଣମୂଳ ସ୍ତରରେ କାର୍ଯ୍ୟରତ ସବୁ ମା' ମାନଙ୍କୁ ବିଏସ୍‌କେୱାଇ ସହିତ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରାଯିବ। ସମସ୍ତଙ୍କୁ ସାମିଲ କରି ବିକାଶକୁ ଆଗେଇ ନେବା ଆମର ନୀତି। ଆଗାମୀ ୧୦ ବର୍ଷ ଭିତରେ ଏସ୍‌ସି, ଏସ୍‌ଟି ଏବଂ ଓବିସି ଯୁବକ ଯୁବତୀମାନଙ୍କୁ ଉଦ୍ୟୋଗୀ କରିବା ପାଇଁ ୧୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥିପାଇଁ ସୁଧ ରିହାତି ସହିତ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉଦ୍ୟୋଗୀ ଋଣ ଯୋଗାଇ ଦିଆଯିବ। ଗ୍ରାମାଞ୍ଚଳର ସବୁ ଯୋଗ୍ୟ ପରିବାରକୁ ଘର ଯୋଗାଇ ଦିଆଯିବ। ଏଥିପାଇଁ ୧୦ ଲକ୍ଷ ଘର ନିର୍ମାଣ କରାଯିବ। କୃଷି କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଚାଷୀଙ୍କୁ ମାଗଣାରେ ବିଜୁଳି ମିଳିବ। ବିନା ସୁଧରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ମିଳିବ। ବିରତି ସମୟରେ ସବୁ ମତ୍ସ୍ୟଜୀବୀମାନଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ଦିଆଯିବ। ରାସନ କାର୍ଡ ପାଇନଥିବା ସବୁ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ମିଳିବ। ୧୦୦୦ କୋଟି ଟଙ୍କାର ଐତିହ୍ୟ ବିକାଶ ପାଣ୍ଠି ଆରମ୍ଭ ହେବ। ଓଡ଼ିଆ ଭାଷାର ବିକାଶ ପାଇଁ ୧୦୦ କୋଟି ଟଙ୍କାର ଓଡ଼ିଆ ଶାସ୍ତ୍ରୀୟ ଭାଷା ପାଣ୍ଠି ଗଠନ ହେବ। ପଶ୍ଚିମ ଓଡ଼ିଶାର ଭାଷା ଗୁଡିକର ବିକାଶ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବ। ଗବେଷଣା ଓ ବିକାଶ ପାଇଁ ୨୫ ଲକ୍ଷ ଟଙ୍କାର କର୍ପସ୍ ପାଣ୍ଠି ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଅପରାଧୀଙ୍କୁ ନୁହେଁ...

ପଟ୍ଟନାୟକ। ଆସନ୍ତା ୧୩ ତାରିଖରେ ପ୍ରଥମ ପର୍ଯ୍ୟାୟ ମତଦାନ ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ଗୁରୁବାର ବ୍ରହ୍ମପୁର, ଆସ୍କା ଓ କନ୍ଧମାଳ ଲୋକସଭା ନିର୍ବାଚନମଣ୍ଡଳୀରେ କରିଛନ୍ତି ମାରାଥନ ପ୍ରଚାର। ଏହି ଅବସରରେ ସେ ଦଳୀୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ନିର୍ବାଚନ ପ୍ରଚାରର କୋଳାହଳ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସରଳ ଓ ନିରାଡ଼ମ୍ବର ଶୈଳୀର ପ୍ରଚାର ଲୋକଙ୍କ ହୃଦୟକୁ ଛୁଇଁଛି। ଉଚ୍ଛ୍ୱସିତ ଜନତା ସହ ମୁଖ୍ୟମନ୍ତ୍ରୀ ସିଧାସଳଖ ଭାବ ବିନିମୟ ଓ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସଂକ୍ରାନ୍ତ ପ୍ରଶ୍ନରେ ଜନସାଧାରଣଙ୍କ ସ୍ୱୀକୃତି ସୂଚକ "ହଁ" ରେ ସମାବେଶ ପ୍ରକମ୍ପିତ ହୋଇଛି।

ସମାବେଶରେ ମୁଖ୍ୟମନ୍ତ୍ରୀ ନିଜ ସ୍ୱଭାବ ସୁଲଭ ଢ଼ଙ୍ଗରେ ସରକାରୀ ଯୋଜନାକୁ ନେଇ ଲୋକଙ୍କ ମତ ଲୋଡ଼ିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି, ଲକ୍ଷ୍ମୀ ବସ୍, କାଳିଆ ଯୋଜନା, ନୂଆ-ଓ ଛାତ୍ରବୃତ୍ତି ଯୋଜନା ଆଦି ସବୁ ଯୋଜନା ବିଷୟରେ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ପ୍ରଶ୍ନ କରିଥିଲେ। ମୁଖ୍ୟମନ୍ତ୍ରୀ ପଚାରିଥିଲେ ନବୀନ ପଟ୍ଟନାୟକ ଭଲ ତ? ଏଥିରେ ଉପସ୍ଥିତ ସବୁ ଲୋକ ଠିଆ ହୋଇ କରତାଳି ଦେଇ ବହୁତ ଜୋର୍‌ରେ "ହଁ" ସମ୍ବୋଧନ କରି ମୁଖ୍ୟମନ୍ତ୍ରୀଙ୍କୁ ସମର୍ଥନ ଜଣାଇଥିଲେ।

ଜନସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିରୋଧୀ ଦଳ ମିଛ କହୁଛନ୍ତି। ତାଙ୍କ ନେତାମାନେ ମଧ୍ୟ ଖାଲି କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି। ନିର୍ବାଚନ ଆସିଲେ ଓଡ଼ିଶାର ଲୋକଙ୍କ କଥା ମନେପଡେ। ବର୍ଷ ବର୍ଷ ଧରି ଲୋକେ ଭୋଗୁଥିବା ସମସ୍ୟା ସେମାନଙ୍କର ନିର୍ବାଚନ ସମୟରେ ମନେପଡେ। ଆଉ ନିର୍ବାଚନ ସରିଲେ ସେମାନଙ୍କ ଦେଖା ମିଳେ ନାହିଁ। ଆପଣମାନେ ନିର୍ବାଚନରେ ଭଲ ପ୍ରାର୍ଥୀଙ୍କୁ ବାଛନ୍ତୁ, ବିଜୁ ଜନତା ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରନ୍ତୁ, ଶଙ୍ଖଚିହ୍ନରେ ଭୋଟ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ନିବେଦନ କରିଥିଲେ। ଏହି ସଭାଗୁଡ଼ିକରେ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ଆସ୍କା ଲୋକସଭା ପ୍ରାର୍ଥୀ ରଞ୍ଜିତା ସାହୁ ଓ କନ୍ଧମାଳ ଲୋକସଭା ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତଙ୍କ ସହିତ ସବୁ ବିଧାନସଭା ମଣ୍ଡଳୀର ପ୍ରାର୍ଥୀମାନେ ନିଜର ଅଭିଭାଷଣ ରଖି ଯୋଡ଼ିଶଙ୍ଖରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ।

## ବିଜେପି ଇସ୍ତାହାର...

ସଶକ୍ତିକରଣ ଉପରେ ମୁଖ୍ୟମନ୍ତ୍ରୀ ଯାହା କହନ୍ତି ତାହା କରନ୍ତି। କିନ୍ତୁ କଂଗ୍ରେସ, ବିଜେପି କେବଳ ବଡ଼ ବଡ଼ କଥା କହି ଜାଣନ୍ତି, କିନ୍ତୁ କିଛି କରନ୍ତି ନାହିଁ। ବିଜେପି ଇସ୍ତାହାର ହେଉଛି କେବଳ ମିଛର ଗନ୍ତାଘର। ୨୦୧୪ ଓ ୨୦୧୯ରେ ସେମାନେ ମିଛ କହିଥିଲେ, ୨୦୨୪ ଇସ୍ତାହାରରେ ମଧ୍ୟ ସେମାନେ ପ୍ରବଳ ମିଛ ପ୍ରତିଶ୍ରୁତି ଦେଇଛନ୍ତି, ସେମାନଙ୍କୁ ବିଶ୍ୱାସ କରନ୍ତୁ ନାହିଁ। ବିଜେପି ଗତ ୨୪ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମଧ୍ୟ ଠିକ୍ କରିପାରୁ ନାହିଁ। କାରଣ ସେମାନେ ଜାଣିଛନ୍ତି ଯେଉଁଦିନ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବେ ସେହିଦିନ ତାଙ୍କର ଆସନ ସଂଖ୍ୟା ୧୦ରୁ ବି କମିଯିବ। ପ୍ରଥମ ପର୍ଯ୍ୟାୟରେ ୪ଟି ଲୋକସଭା ଓ ୨୮ଟି ବିଧାନସଭା ପାଇଁ ନିର୍ବାଚନ ହେବାକୁ ଯାଉଛି, ଏଥିରେ ବିଜେଡ଼ିର ୯୦ ପ୍ରତିଶତ ଷ୍ଟ୍ରାଇକ୍ ରେଟ୍ ରହିଛି, ଆମେ ଏହାକୁ ଶତ ପ୍ରତିଶତ କରିବା।

ସେହିପରି ଗୋପାଳପୁରରେ ଶ୍ରୀ ପାଣ୍ଡିଆନ କହିଲେ ଯେ ବିରୋଧୀ ଦଳରୁ ପ୍ରାର୍ଥୀ ହୋଇଥିବା ଚୋରଙ୍କୁ ମୁହଁତୋଡ଼ ଜବାବ ଦିଅନ୍ତୁ। କିଛିଦିନ ତଳେ ବିରୋଧୀ ଦଳ ଏଠାରେ କାର୍ଯ୍ୟକ୍ରମ କରିଥିଲେ। ବିରୋଧୀଙ୍କ ସେହି ସମାବେଶ ଓ ଆଜିର ଏହି ସମାବେଶ ମଧ୍ୟରେ ଆକାଶପାତାଳ ଫରକ୍। ମୁଖ୍ୟମନ୍ତ୍ରୀଙ୍କୁ ଏତେସଂଖ୍ୟାରେ ଆପଣଙ୍କ ଭଲପାଇବା ଏକ ଭଲ ବାର୍ତ୍ତା ଦଉଛି। ଏହି ଭଲପାଇବା ସବୁଦିନ ଅତୁଟ ରହିବ ବୋଲି କହିଥିଲେ।

କନ୍ଧମାଳ ଲୋକସଭା ଆସନରେ ଅଭିଭାଷଣ ସମୟରେ ପାଣ୍ଡିଆନ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଆଦିବାସୀ ଭାଇଭଉଣୀମାନଙ୍କୁ ବହୁତ ଭଲ ପାଆନ୍ତି। ଆପଣଙ୍କ ସୁଖଦୁଃଖର ସାଥି ହୋଇଛନ୍ତି। ଜନଜାତିଙ୍କ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଜନଜାତି ଉନ୍ନୟନ ପରିଷଦ ଗଠନ କରିଛନ୍ତି। ବିଭିନ୍ନ ଛୋଟ ବଡ଼ ଜଙ୍ଗଲ, ଅବକାରୀ ତଥା ପୁଲିସ ମାମଲାରେ ଛନ୍ଦି ହୋଇ ସେମାନେ ବହୁତ ସମସ୍ୟାର ସମ୍ମୁଖୀନ ହେଉଥିଲେ। ମୁଖ୍ୟମନ୍ତ୍ରୀ ତାକୁ ସହୃଦୟତାର ସହିତ ନେଇ ସେମାନଙ୍କ ଉପରୁ ୫୦,୦୦୦ ପୋଲିସ କେସ ରଦ୍ଦ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଦେଖନ୍ତୁ, ତାଙ୍କ ପ୍ରାର୍ଥୀଙ୍କୁ ଭୋଟ ଦେଇ ଓଡ଼ିଶାର ବିକାଶଧାରାକୁ ଜାରି ରଖନ୍ତୁ ବୋଲି ଶ୍ରୀ ପାଣ୍ଡିଆନ ଆହ୍ୱାନ ଦେଇଥିଲେ।

---

**ଅନ୍‌ଲାଇନ୍ ବେଟିଂର କରୁଣ ପରିଣତି**

# ସ୍ତ୍ରୀ ଓ ଝିଅକୁ ଗୁଳି କରି ଯୁବକଙ୍କ ଆତ୍ମହତ୍ୟା




**ଝାରସୁଗୁଡ଼ା/ବ୍ରଜରାଜନଗର, ୯।୫ (ସମିସ):** ଅନ୍‌ଲାଇନ ବେଟିଂରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହାରିଯିବାରୁ ପତ୍ନୀ ଓ ଝିଅକୁ ଗୁଳି କରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିବା ଭଳି ଘଟଣା ଝାରସୁଗୁଡ଼ା ସମେତ ପୂରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଲଖନପୁର ଥାନା ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟସ୍ଥ ବାଣୀପାହାଡ଼ ମିନି ଷ୍ଟାଡିୟମ୍ ଭିତରେ ରହିଥିବା ଏକ କାର୍ ମଧ୍ୟରୁ ପୁଲିସ ୩ଜଣଙ୍କ ଶବ ସହ ଗୋଟିଏ ବନ୍ଧୁକ, ଖୋକା ଓ ଏକ ଗୁଳି ଜବତ କରିଛି। ମୃତକମାନେ ହେଲେ, ବ୍ରଜରାଜନଗର ଓରିଏଣ୍ଟ ଥାନା ଅର୍ନ୍ତଗତ କାଳୀନଗର ଅଞ୍ଚଳର ସୁଜିତ ରାଏ (୩୭), ତାଙ୍କ ପତ୍ନୀ ଖୁସବୁ ରାଏ (୨୭) ଓ ଝିଅ ଅର୍ପିତା ରାଏ (୧୨)। ସୁଜିତ ଓ ତାଙ୍କ ସ୍ତ୍ରୀ ଖୁସବୁଙ୍କ ମୃତଦେହ କାର୍‌ର ଆଗ ସିଟ୍‌ରେ ଥିବା ବେଳେ ଝିଅ ଅର୍ପିତାର ମୃତଦେହ ପଛ ସିଟରେ ରହିଥିଲା। ସ୍ତ୍ରୀ ଏବଂ ଝିଅର ଆଖିରେ କପଡ଼ାବନ୍ଧା ହୋଇଥିବା ଦେଖିବାକୁ ମିଳିଛି। ୩ ଜଣଙ୍କ ମୁଣ୍ଡରେ ଗୁଳି ବାଜିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କଲାବେଳକୁ ଗାଡ଼ିର ଇଞ୍ଜିନ୍ ଚାଲୁ ରହିଥିଲା ଏବଂ ଭିତରେ ଏସି ମଧ୍ୟ ଚାଲିଥିଲା। ଏ ସଂପର୍କରେ ଆଜି ଏକ ସମ୍ବାଦିକ ସମ୍ମିଳନୀରେ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ସୁଜିତ ଝାରସୁଗୁଡ଼ାର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ବୁଧବାର ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ସୁଜିତ ତାଙ୍କ କାର୍‌ରେ ସ୍ତ୍ରୀ ଖୁସବୁ ଓ ଝିଅ ଅର୍ପିତାକୁ ନେଇ ଏକ ବାବା ପାଖକୁ ଯାଉଛୁ ବୋଲି କହିଥିଲେ। ରାତି ୧୦ଟା ପର୍ଯ୍ୟନ୍ତ ସେମାନେ ଘରକୁ ଫେରି ନଥିଲେ କି କାହାରି ଫୋନ ଉଠାଇ ନଥିଲେ। ସୁଜିତଙ୍କ ମା' ଓ କିଛି ପଡ଼ୋଶୀ ଏ ସଂପର୍କରେ ଓରିଏଣ୍ଟ ଥାନାରେ ଜଣାଇଥିଲେ। ପୁଲିସ ସୁଜିତଙ୍କ ମୋବାଇଲ ଟ୍ରାକ୍ କରିବାରୁ ସେ ଲଖନପୁର ଥାନା ଅଞ୍ଚଳ ବାଣୀପାହାଡ଼ ନିକଟରେ ନିର୍ମାଣଧୀନ ଥିବା ମିନି ଷ୍ଟାଡିୟମ୍‌ଠାରେ ଥିବା ଜାଣିବାକୁ ପାଇଥିଲା। ଏ ସମ୍ପର୍କରେ ଓରିଏଣ୍ଟ ପୁଲିସ ଲଖନପୁର ଥାନାକୁ ଖବର ଦେଇଥିଲା। ଲଖନପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଭିତରୁ ୩ ଜଣଙ୍କ ମୃତଦେହ ଜବତ କରିଥିଲା। ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ବୁଧବାର ବିଳମ୍ବିତ ରାତିରେ ବାଣୀପାହାଡ଼ ଖେଳପଡ଼ିଆରେ ପହଞ୍ଚି ଘଟଣାର ଛାନ୍‌ଭିନ୍ କରିଥିଲେ। ଗୁରୁବାର ସକାଳ ୫ଟାରେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଦଳ, ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସକାଳୁ ନିଜେ ଏସ୍‌ପି ଉପସ୍ଥିତ ରହି ଘଟଣାର ଅନୁଧ୍ୟାନ କରିଥିଲେ।

---

**ଜାଲ୍ ଦସ୍ତାବିଜ୍ ଜରିଆରେ କମ୍ପାନୀରୁ ୨.୬୩ କୋଟି ଠକେଇ**

# ପୂର୍ବତନ ଆକାଉଣ୍ଟାଣ୍ଟ ଗିରଫ

**ଭୁବନେଶ୍ୱର, ୯।୫(ସମିସ):** ଜାଲ୍ ଦସ୍ତାବିଜ୍ ମାଧ୍ୟମରେ ଚାକିରି କରି କମ୍ପାନୀକୁ ଚୂନ ଲଗାଇବା ମହଙ୍ଗା ପଡ଼ିଛି। ସିଆଲକୋଟ୍ ଷ୍ଟ୍ରକଚରାଲ୍ ୱାର୍କସ୍ ସଂସ୍ଥାର ପୂର୍ବତନ ଆକାଉଣ୍ଟାଣ୍ଟକୁ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଗିରଫ କରିଛି। ସେ ହେଲେ, ଜଗତସିଂହପୁର ଜିଲ୍ଲା କାଳିଆବୋରା ଗ୍ରାମର ସରୋଜ କୁମାର ମହାନ୍ତି। ଗିରଫ ପରେ ତାଙ୍କୁ କଟକସ୍ଥିତ ଓପିଆଇଡି କୋର୍ଟକୁ ପଠାଇ ଦିଆଯାଇଛି। କମ୍ପାନୀ ଏମ୍‌ଡି ବିଶ୍ୱଜିତ୍ ଭୂୟାଁଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ କରିବା ପରେ କମ୍ପାନୀ ଆକାଉଣ୍ଟରୁ ଅଭିଯୁକ୍ତ ସରୋଜଙ୍କ ଆକାଉଣ୍ଟ ଯାଇଥିବା ସ୍ପଷ୍ଟ ହେବା ପରେ ତାଙ୍କୁ ଗିରଫ କରାଯାଇଛି। ସରୋଜ ୨୦୦୬-୦୮ ମସିହାରେ ସରୋଜ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। କମ୍ପାନୀର ଆର୍ଥିକ କାରବାର ସବୁ ସରୋଜଙ୍କ ହାତରେ ରହିଥିଲା। କମ୍ପାନୀ ପକ୍ଷରୁ ସେ ବ୍ୟାଙ୍କଗୁଡ଼ିକ ସହ ଆର୍ଥିକ କାରବାର ମଧ୍ୟ ପରିଚାଳନା କରୁଥିଲେ। ସମସ୍ତ ସମ୍ବନ୍ଧୀୟ ବ୍ୟାଙ୍କ କାରବାର, ଟ୍ୟାକ୍ସ, ବାଲାନ୍ସ ସିଟ୍, ଲାଭ ଏବଂ କ୍ଷତି ସରୋଜ ବୁଝୁଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ ସରୋଜ ଆର୍ଥିକ ବର୍ଷ ୨୦୧୫-୧୬ରୁ ୨୦୧୭-୧୮ ମସିହା ମଧ୍ୟରେ ସିଆଲକୋଟ୍ ଷ୍ଟ୍ରକଚରାଲ୍ ୱାର୍କସ୍ କମ୍ପାନୀରୁ ଜାଲ୍ ଦସ୍ତାବିଜ୍ ମାଧ୍ୟମରେ ୨.୬୩ କୋଟି ଟଙ୍କା ଠକି ନେଇଥିଲେ। ବ୍ୟାଙ୍କ ଚେକ୍‌ରେ ଜାଲ୍ ଦସ୍ତଖତ କରି ଟଙ୍କା ନିଜ ଆକାଉଣ୍ଟ ସହ ଅନ୍ୟ ଆକାଉଣ୍ଟକୁ ଟ୍ରାଞ୍ଜାକ୍‌ସନ କରିଥିଲେ। କମ୍ପାନୀର ଟଙ୍କା କାରବାରରେ ସାଧାରଣତ ଆରଟିଜିଏସ୍ ଚେକ୍ ପ୍ରଦାନ କରିଥାଏ। କିନ୍ତୁ ସରୋଜ ଏହି ଚେକ୍‌କୁ ବ୍ୟାଙ୍କିଙ୍ଗ୍ ଉପକରଣରେ ଜାଲ୍ କରି ଟଙ୍କା ଉଠାଇ ନେଇଥିଲେ। ଏଥିସହ କମ୍ପାନୀ ଏମ୍‌ଡିଙ୍କ ନାମରେ ମଧ୍ୟ ଜାଲ ଦସ୍ତଖତ କରି ବ୍ୟାଙ୍କ୍‌ରେ ଚେକ୍ ଜମା କରି ଟଙ୍କା ଉଠାଉଥିଲେ। ଅଭିଯୁକ୍ତ ମଧ୍ୟ ବେଆଇନ ଭାବେ ବିଭିନ୍ନ ଆକାଉଣ୍ଟକୁ ଟଙ୍କା ଟ୍ରାଞ୍ଜାକ୍ସନ୍ କରୁଥିଲେ। ଏଥିସହ ପାର୍ଟି ହେଉଥିବା ପେମେଣ୍ଟରୁ ସେ ଅଳ୍ପ ପରିମାଣର ଟଙ୍କା ଜମା କରି ବାକି ଟଙ୍କା ଲୁଟ୍ କରୁଥିଲେ। ଏଭଳି ଭାବେ ସରୋଜ ୨.୬୩ କୋଟି ଟଙ୍କା ଠକେଇ କରିଛନ୍ତି। କମ୍ପାନୀର ଅଡିଟ୍ ହେବା ପରେ ଟଙ୍କା ହେରଫେର୍ ଧରାପଡ଼ିଥିଲା। ଏନେଇ ସରୋଜଙ୍କୁ ପଚରାଯାଇଥିଲେ ମଧ୍ୟ ସେ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଏହା ପରେ ଏନେଇ ଇଓଡବ୍ଲ୍ୟୁରେ ଅଭିଯୋଗ କରାଯିବା ପରେ ତଦନ୍ତ କରାଯାଇ ସରୋଜଙ୍କୁ ଗିରଫ କରାଯାଇଛି।

---

**ମେଡିକାଲ କ୍ୟାମ୍ପସରେ ଥିବା ଔଷଧ ଦୋକାନ ଉଚ୍ଛେଦ ପ୍ରସଙ୍ଗ**

# ଜଣିକିଆ ବିଚାରପତିଙ୍କ ରାୟକୁ ଚାଲେଞ୍ଜ

**କଟକ, ୯।୫(ସମିସ):** ସରକାରୀ ମେଡିକାଲ କ୍ୟାମ୍ପସ୍‌ଗୁଡ଼ିକରେ ଥିବା ୨୪ ଘଣ୍ଟିଆ ଘରୋଇ ଔଷଧ ଦୋକାନଗୁଡ଼ିକର ଲାଇସେନ୍ସ ନବୀକରଣ ପ୍ରସଙ୍ଗରେ ଜଣିକିଆ ବିଚାରପତିଙ୍କ ରାୟକୁ ବିରୋଧ କରି ଦାୟର ରିଟ୍ ଅପିଲଗୁଡ଼ିକର ଏକତ୍ର ଶୁଣାଣି କରିଛନ୍ତି ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାଗୁଡ଼ିକର ଶୁଣାଣି କରିବା ସହ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସମସ୍ତ ପକ୍ଷ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଦୀର୍ଘବର୍ଷ ଧରି ଚାଲି ଆସୁଥିବା ୨୪ ଘଣ୍ଟିଆ ଔଷଧ ଦୋକାନଗୁଡ଼ିକର ଲାଇସେନ୍ସ ନବୀକରଣ ନ କରିବାକୁ ଦିଆଯାଇଥିବା ଆଦେଶକୁ ହାଇକୋର୍ଟଙ୍କ ଜଣିକିଆ ବିଚାରପତି କାଏମ ରଖିବା ସହ ଔଷଧ ବିକ୍ରୟ ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ଦାୟର ଏକାଧିକ ଆବେଦନକୁ ରଦ୍ଦ କରିଥିଲେ। ଏହାକୁ ଚାଲେଞ୍ଜ କରି ଆବେନଦକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିସହ ରାଜ୍ୟ ସରକାରଙ୍କ ପକ୍ଷରୁ ଉପରୋକ୍ତ ଔଷଧ ଦୋକାନଗୁଡ଼ିକୁ ଉଚ୍ଛେଦ କରିବାକୁ ହୋଇଥିବା ନୋଟିସ ଉପରେ ସ୍ଥଗିତାଦେଶ ଜାରି ପାଇଁ ମଧ୍ୟ ଅନ୍ତରୀଣ ଆବେଦନ ରୁଜୁ ହୋଇଥିଲା। ଏହି ମାମଲାରେ ଆଜି ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଅଦାଲତରେ ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରିଥିଲେ।

**ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

ମେଡିକାଲଗୁଡ଼ିକରେ ଥିବା ନିରାମୟ କେନ୍ଦ୍ରରୁ ରୋଗୀମାନେ ମାଗଣାରେ ଔଷଧ ପାଇପାରୁଛନ୍ତି। ସେହିପରି ମେଡିକାଲ ଭିତ୍ତିଭୂମିର ବିକାଶ ପାଇଁ ଏହାର ପରିସରରେ ଥିବା ଘରୋଇ ଔଷଧ ଦୋକାନଗୁଡ଼ିକ ଉଚ୍ଛେଦ ଜରୁରୀ ବୋଲି ଦର୍ଶାଇଥିଲେ। ଅନ୍ୟପଟେ, କେତେକ ମେଡିକାଲ କଲେଜ ଓ ହସପିଟାଲ ପରିସରରେ ଏଚ୍‌ଏଲ୍‌ଏଲ୍ ନାମକ ସଂସ୍ଥାକୁ ଅନୁମତି ଦିଆଯାଇଥିବା ନେଇ ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଆସନ୍ତା ଜୁଲାଇ ୩ରେ ଏହି ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ହେବ ବୋଲି ଧାର୍ଯ୍ୟ ହୋଇଛି।

ମାମଲାରୁ ପ୍ରକାଶ ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୮୩ ଜୁନ୍ ୧୦ରୁ ୨୦୧୩ ଜୁଲାଇ ୧ ମଧ୍ୟରେ ବିଭିନ୍ନ ସମୟରେ ଜାରି ବିଜ୍ଞପ୍ତି ଅନୁସାରେ, ମେଡିକାଲ କ୍ୟାମ୍ପସ୍‌ଗୁଡ଼ିକରେ ୨୪ ଘଣ୍ଟିଆ ଔଷଧ ଦୋକାନ ଖୋଲାଯାଇଥିଲା। ହେଲେ ନିରାମୟ ଯୋଜନା ଲାଗୁ ପରେ ଆଉ ଉପରୋକ୍ତ ଔଷଧ ଦୋକାନଗୁଡ଼ିକର ଲାଇସେନ୍ସ ଅବଧି ଆଉ ନ ବଢ଼ାଇବାକୁ ଏକ ବିଜ୍ଞପ୍ତି ଜାରି ହୋଇଥିଲା।ଏହା ବିରୋଧରେ ଆବେଦନକାରୀ ପ୍ରତିଷ୍ଠାନଗୁଡ଼ିକ ଜଣିକିଆ ବିଚାରପତିଙ୍କ ଅଦାଲତରୁ ନିରାଶ ହୋଇଥିଲେ।

---

# ବିଜେଡିରେ ମିଶିଲେ କଣ୍ଟାବାଞ୍ଜି କଂଗ୍ରେସ ନେତା ଉପେନ୍ଦ୍ର ମେହେର



ଭୁବନେଶ୍ୱର, ୯।୫(ସମିସ): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଉପେନ୍ଦ୍ର ମେହେରଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଆଜି ଶଙ୍ଖଭବନଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ। ଏହି ଅବସରରେ ଉପେନ୍ଦ୍ର କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ, ତାକୁ ସୂଚାରୁରୂପେ ତୁଲାଇବି। ଏହି ମିଶ୍ରଣ ପର୍ବରେ ପୂର୍ବତନ ଜିଲ୍ଲାପରିଷଦ ଦେବଦତ୍ତ ସରାଫ, ସମାଜସେବୀ ଯୋଗେନ୍ଦ୍ର ମିଶ୍ର, ପରମେଶ୍ୱର ମେହେର, ଯଯାତି କେଶରୀ ମେହେର, କୃଷକ ସାଥୀ ରଘୁନାଥ ବେହେରା, ମାଳି ସମାଜର ସଦସ୍ୟ ସୁବାସ ପଟେଲ, ଗୁପ୍ତେଶ୍ୱର ପଟେଲଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଶେଷରେ ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

---

**କାର୍ଯ୍ୟାନୁଷ୍ଠାନ ଦାବିରେ ସିଇଓଙ୍କୁ ଫେରାଦ ହେଲା ବିଜେଡି**

# ସରକାରୀ ଅଧିକାରୀଙ୍କୁ ବଦଳି ଧମକ ଦେଉଛନ୍ତି ରାଜ୍ୟ ବିଜେପି ନେତା

**ଭୁବନେଶ୍ୱର, ୯।୫(ସମିସ):** ସରକାରୀ ଅଧିକାରୀଙ୍କୁ ରୀତିମତ ଧମକାଉଛନ୍ତି ରାଜ୍ୟ ବିଜେପି ନେତା। ତାଙ୍କୁ ସୁହାଇଲା ପରି କାର୍ଯ୍ୟ ନକଲେ ବିଡିଓ, ତହସିଲଦାର, ପୁଲିସ୍ ଆଇଆଇସି ଓ ଡିଏସ୍‌ପି ରାଙ୍କର ଅଧିକାରୀଙ୍କୁ ବଦଳି କରିବାକୁ ଧମକ ଦେଉଛନ୍ତି। ସରକରୀ ଅଧିକାରୀଙ୍କ ନୈତିକ ମନୋବଳକୁ ତଳେ ପକାଇବା ପାଇଁ ପ୍ରୟାସ କରୁଛନ୍ତି। ବିଜେପି ନେତାଙ୍କ ଏପରି କାର୍ଯ୍ୟକୁ ଅନୈତିକ ଓ ବେଆଇନ ଦର୍ଶାଇ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଆଜି ଫେରାଦ ହୋଇଛି ବିଜେଡି। ରାଜ୍ୟ ବିଜେପି ନେତାମାନେ କହୁଛନ୍ତି, ଭାରତୀୟ ନିର୍ବାଚନ ଆୟୋଗ ନିକଟରେ ସେମାନେ ଅଭିଯୋଗ କରି ରାଜ୍ୟର ବରିଷ୍ଠ ଆଇଏଏସ୍, ଆଇପିଏସ୍ ଅଧିକାରୀଙ୍କୁ ବଦଳି କରୁଛନ୍ତି। ସମାନ ଭାବେ ସମସ୍ତ ଅଧିକାରୀଙ୍କୁ ବଦଳି କରିଦେବେ। ମୁକ୍ତ ଓ ଅବାଧ ନିର୍ବାଚନ ପରିଚାଳନାରେ ଏହା ପ୍ରମୁଖ ପ୍ରତିବନ୍ଧକ ହେବ। ଇସିଆଇ ଏହାକୁ ସଂଜ୍ଞାନକୁ ନେଇ ତଦନ୍ତ କରିବା ସହ ପଦକ୍ଷେପ ନେବା ଆବଶ୍ୟକ ବୋଲି ବିଜେଡି ଦର୍ଶାଇଛି। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସରକାରୀ କର୍ମଚାରୀଙ୍କୁ ସୁରକ୍ଷା ଦେବାକୁ ସିଇଓଙ୍କ ନିକଟରେ ବିଜେଡି ଦାବି କରିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଯାଇଥିବା ବିଜେଡି ପ୍ରତିନିଧିମଣ୍ଡଳୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ସସ୍ମିତ ପାତ୍ରଙ୍କ ସମେତ ଓମ୍ ପ୍ରକାଶ ସାହୁ, ମଧୁସ୍ମିତା ନାୟକ, ମିହାର ରାୟ, ଡ. ପ୍ରିୟବ୍ରତ ମାଝୀ, ଇପ୍ସିତା ସାହୁ ପ୍ରମୁଖ ସାମିଲ ଥିଲେ।

---

**ଜୟପୁରରେ ଓହ୍ଲାଇଲା ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର୍**

# ଭଡ଼ା ବାବଦକୁ ୧୫,୪୦୦ ଟଙ୍କା ଆଦାୟ

**ଜୟପୁର, ୯।୫(ସମିସ):** ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର୍ ଜୟପୁର ବିମାନବନ୍ଦରରେ ଜରୁରୀ ଅବତରଣ କରିଥିବାରୁ ଭଡ଼ା ବାବଦକୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ୧୫ ହଜାର ୪୦୦ ଟଙ୍କା ଗଣିବାକୁ ପଡ଼ିଛି। ସୂଚନାନୁଯାୟୀ, ଗୁରୁବାର ଅପରାହ୍ଣରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଓଡ଼ିଶାରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବାକୁ ଆସିଥିଲେ। କିନ୍ତୁ ପାଗ ଖରାପ ହେବାରୁ ଲକ୍ଷ୍ମୀପୁର ପରେ କୋରାପୁଟ ଓ ସେମିଳିଗୁଡ଼ା କାର୍ଯ୍ୟକ୍ରମକୁ ଯାଇ ନପାରି ଜୟପୁର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର୍ ଜରୁରୀ ଅବତରଣ କରିଥିଲା। ଏନେଇ ୨୦ମିନିଟ ପୂର୍ବରୁ ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି)କୁ ସୂଚନା ମିଳିଥିଲା। ସୂଚନା ପାଇବା ପରେ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜରୁରୀକାଳୀନ ଭାବେ ବିମାନବନ୍ଦର ଅଗ୍ନିଶମ, ଆମ୍ବୁଲାନ୍ସ, ସୁରକ୍ଷା ଏବଂ ଅନ୍ୟାନ୍ୟ ବିଭାଗକୁ ସୂଚନା ଦିଆଯାଇଥିଲା। ଏହାପରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଜରୁରୀକାଳୀନ ଅବତରଣ କରିଥିଲା। ହେଲିକପ୍ଟରଟି ଅଧଘଣ୍ଟା ଜୟପୁର ବିମାନବନ୍ଦରରେ ରହିବା ପରେ ପୁଣି ମୁଖ୍ୟମନ୍ତ୍ରୀ ଶ୍ରୀ ଦେଓ ସାଏ ନିଜର ଅନ୍ୟ ୫ଜଣ ସହକର୍ମୀଙ୍କୁ ନେଇ ଉଡ଼ାଣ ଭରିଥିଲେ। ଏଠାରେ ହେଲିକପ୍ଟର୍ ଅବତରଣ ନେଇ ଅନୁମତି ନଥିବା ବେଳେ ହଠାତ୍ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର୍ ଅବତରଣ କରିଥିବାରୁ ତାଙ୍କଠାରୁ ବିମାନବନ୍ଦର ଭଡ଼ା ବାବଦକୁ ୧୫ ହଜାର ୪୦୦ ଟଙ୍କା ଆଦାୟ କରାଯାଇଥିବା ନେଇ ସୂଚନା ମିଳିଛି।

# ନବରଙ୍ଗପୁରରେ ରୁବେଲା ସ୍ଥିତି ସ୍ୱାଭାବିକ

**ଗର୍ଭବତୀମାନଙ୍କୁ ସତର୍କ କରାଇଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ**

**ଭୁବନେଶ୍ୱର, ୯।୫(ସମିସ):** ରୁବେଲା ଭାଇରସ୍‌ର ଭୟାବହତାକୁ ନେଇ ଗର୍ଭବତୀମାନଙ୍କୁ ସତର୍କ କରାଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ଗର୍ଭବତୀ ମହିଳାଙ୍କଠାରେ ଏହି ଭାଇରସ୍ ଦେଖାଦେଲେ, ଗର୍ଭସ୍ଥ ଶିଶୁମାନଙ୍କ ଉପରେ ଏହାର ପ୍ରତ୍ୟକ୍ଷ କୁପ୍ରଭାବ ପଡ଼ିଥାଏ। ତେଣୁ ମହିଳାମାନଙ୍କ ନିକଟରେ କୁଣ୍ଡେଇ ହେବା କିମ୍ବା ଜ୍ୱର ଭଳି ଲକ୍ଷଣ ଦେଖାଗଲେ, ରୁବେଲା ପାଇଁ ପରୀକ୍ଷା କରାଇବା ପାଇଁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି।

ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ତେନ୍ତୁଳିଖୁଣ୍ଟି ଓ ନନ୍ଦାହାଣ୍ଡି ଦୁଇଟି ବ୍ଲକରେ ୧୮ଜଣ ରୁବେଲାରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି। ଏହି ରୋଗୀମାନଙ୍କ ଦେହରେ ଜ୍ୱର ଓ କୁଣ୍ଡେଇ ହେବା ଭଳି ଭଳି ଲକ୍ଷଣ ଦେଖାଦେଇଥିଲା। ଏବେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଥିବା ସେ ସୂଚନା ଦେଇଛନ୍ତି। ଏ ସଂପର୍କରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଶ୍ରୀ ମହାପାତ୍ର କହିଛନ୍ତି, ଏଥିରେ ଭୟଭୀତ ହେବାର ବିଶେଷ ଆବଶ୍ୟକତା ନାହିଁ। ରାପିଡ୍ ରେସପନ୍ସ ଟିମ୍(ସର୍ଭେଲାନ୍ସ) ପକ୍ଷରୁ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏହା ସହ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ୧ରୁ ୮ ବର୍ଷ ପିଲା ଏହି ଭାଇରସ୍ ଦ୍ୱାରା ବେଶି ଆକ୍ରାନ୍ତ ହେଉଥିବା ଦେଖାଯାଉଛି। ତେଣୁ ପ୍ରାଥମିକ ପର୍ଯ୍ୟାୟରେ ସେମାନଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଆଜି ପରୀକ୍ଷା କରାଯାଇଥିବା ମୋଟ୍ ୧୮ଟି ନମୁନାରୁ ୨ଜଣ ସଂକ୍ରମିତ ହୋଇଥିବାବେଳେ ଜଣେ ମହିଳା ମିଳିମିଳା ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇଛନ୍ତି। ଏବେ ସ୍ଥିତି ସ୍ୱାଭାବିକ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ବଦଳିଲେ କୋରାପୁଟ, କେନ୍ଦୁଝର ଓ ଝାରପଡ଼ା ଜେଲ୍ ଅଧୀକ୍ଷକ

**ଭୁବନେଶ୍ୱର, ୯।୫(ସମିସ):** ରାଜ୍ୟର ୩ଟି ଜେଲ୍‌ରେ ଜେଲ୍ ଅଧୀକ୍ଷକଙ୍କ ବଦଳି ହୋଇଛି। ଝାରପଡ଼ା ଜେଲ ଅଧୀକ୍ଷକ ସତ୍ୟପ୍ରକାଶ ସ୍ୱାଇଁଙ୍କୁ କେନ୍ଦୁଝର ଜେଲକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ନୂଆ ଅଧୀକ୍ଷକ ଭାବେ କୋରାପୁଟ ସର୍କଲ ଜେଲର ବରିଷ୍ଠ ଅଧୀକ୍ଷକ ମନୋରଞ୍ଜନ ପ୍ରତିହାରୀଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି କେନ୍ଦୁଝର ଜେଲର ଅଧୀକ୍ଷକ କୁଅଁର ମାରାଣ୍ଡିଙ୍କୁ କୋରାପୁଟ ସର୍କଲ ଜେଲର ନୂଆ ଅଧୀକ୍ଷକ ଭାବେ ଦାୟିତ୍ୱ ମିଳିଛି।

# ଅଡିଓ ଭିଜୁଆଲ କଣ୍ଟେଣ୍ଟ ପ୍ରଯୋଜକ ଚୟନରେ ଅନିୟମିତତା ଅଭିଯୋଗ

**କଟକ, ୯।୫(ସମିସ):** ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଅଡିଓ ଭିଜୁଆଲ କଣ୍ଟେଟ ପ୍ରଯୋଜନା ପାଇଁ ଅନୁଷ୍ଠିତ ଚୟନ ପ୍ରକ୍ରିୟାର ଅନିୟମିତତା ନେଇ ହାଇକୋର୍ଟରେ ମାମଲା ଦାୟର ହୋଇଛି। ଫିଲ୍ମ ପ୍ରଯୋଜକ ସତ୍ୟବ୍ରତ ଦ୍ୱିବେଦୀଙ୍କ ପକ୍ଷରୁ ଏହି ଆବେଦନ ଦାୟର କରାଯାଇଛି। ୨୦୨୩, ଅଗଷ୍ଟ ୭ରେ ପ୍ରଯୋଜକ ସଂସ୍ଥା/ଏଜେନ୍ସିଙ୍କ ନିକଟରୁ ଅଡିଓ ଭିଜୁଆଲ କଣ୍ଟେଟ ପ୍ରଯୋଜନା ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। କିନ୍ତୁ ଏହି ଚୟନ ପ୍ରକ୍ରିୟା ବାତିଲ କରାଯାଇଥିଲା।

**AFFIDAVIT**

I, Anju Kumari, D/o- Sri Chandrama Prasad, W/o- Sanjay Kumar, Resident of At-Flat No 509, A-Block, LTB Ashish Appartment, Canal Road, Jharpada, Bhubaneswar, Dist- Khurda, Odisha-751006, declare by this affidavit No.377 dtd 08.05.2024 that now onwards I shall be known as **Anju Rani** for all future purposes.

**AFFIDAVIT**

I, Sanchita Poddar, W/o- Ankish Poddar, resident of House No: C-105 (3), Shyamkunj, B.C. Sen Road, Ps-Sahadev, Khunta, Dist-Balasore, Pin-756001, Odisha declare by this affidavit No.6389, dt-09/05/2024, that now onwards I shall be known as **Sanchita Shah** for all future purposes.

● ଆଜି ଅକ୍ଷୟ ତୃତୀୟା

## କୃଷି କେନ୍ଦ୍ରରେ ବିହନ ବଦଳରେ ଗଦା ହୋଇଛି ସାର

**ଶେରଗଡ଼, ୯ ।୫(ସମିସ):** ଆଜି ଅକ୍ଷୟ ତୃତୀୟା। ଚାଷୀ ପହିଲି ଲଙ୍ଗଳରେ ଚାଷ କରି ଅଖୀ ମୁଠି ଅନୁକୂଳ କରିବା କଥା, ହେଲେ ଚାଷୀ ପାଖରେ ଅଖୀ ମୁଠି ଅନୁକୂଳ କରିବା ଲାଗି ମୁଠାଏ ବି ବିହନ ନାହିଁ। ମାତ୍ର ହାସ୍ୟାସ୍ପଦ କଥା ବିହନ ବଦଳରେ କୃଷି କାର୍ଯ୍ୟାଳୟରେ ଗଦା ହୋଇଛି ସାର। ଚାଷିମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇ ଏଠୁ ସେଠୁ ବିହନ ଯୋଗାଡ କରି ଅଖୀ ମୁଠି ଅନୁକୂଳ କରିବା ପରେ ବିଭିନ୍ନ ସମବାୟ ସମିତି ଓ ବିକ୍ରୟ କେନ୍ଦ୍ରରେ ଚିଠା ଅନୁଯାୟୀ କ୍ୱିଣ୍ଟାଲ କ୍ୱିଣ୍ଟାଲ ବିହନ ଆସି ପହଁଚିବ। ଯାହା ଚାଷୀଙ୍କ କାମରେ ଠିକ ଭାବରେ ପହଁଚି ପାରିବନାହିଁ। ତେଣୁ ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କାର ଯୋଜନା ସଫଳ ରୂପାୟନ ନହୋଇ ବାଟବଣା ହେଉଛି। ଏ ସମ୍ପର୍କରେ କୃଷି ଅଧିକାରୀ ଜ୍ୟୋତି ରଞ୍ଜନ ମିଶ୍ର କହିଛନ୍ତି, ଚଳିତ ଖରିଫ ଋତୁରେ ଶେରଗଡ଼ ବ୍ଲକରେ ପ୍ରାୟ ୭୨୦୦ ହେକ୍ଟର ଜମିରେ ଧାନ ଓ ୮୫୦୦ ହେକ୍ଟର ଜମିରେ ଅଣଧାନ ଚାଷ ଲାଗି ଯୋଜନା କରାଯାଇଛି। ଚଳିତ ବର୍ଷ ୮୫୦ କ୍ୱିଂଟାଲ ଧାନ ବିହନ ବିକ୍ରି ହେବାର ଯୋଜନା ରହିଛି। ବିହନ ବଦଳରେ ସାର ଗାଡି ଲାଗିବା ସମ୍ବନ୍ଧରେ ଜାଣିବାକୁ ପଚାରିବାରୁ-ସେ ପ୍ରକାଶ କରିଛନ୍ତି, ଚଳିତ ବର୍ଷ ସାରର ଅଭାବୀ ବିକ୍ରିକୁ ଏଡାଇବା ଲାଗି ସମବାୟ ସମିତି ଓ ଘରୋଇ ଡିଲରଙ୍କ ମାଧ୍ୟମରେ ଅଗ୍ରୀମ ସାର ଆଣି ମହଜୁଦ ରଖାଯାଉଛି। ତତସହିତ ଚାଷୀମାନଙ୍କୁ ସଚେତନତା କରିବା ଲାଗି ମୋବାଇଲ ନମ୍ବରରେ ମେସେଜ ପଠାଇବା ସହିତ କୃଷକ ସାଥୀ, ଗ୍ରାମ୍ୟ କୃଷି କର୍ମଚାରୀଙ୍କ ମାଧ୍ୟମରେ ସମ୍ପାଦନା କରାଯାଉଛି।

## ଶଶୁର ଘରେ ଜ୍ୱାଇଁର ଆତ୍ମହତ୍ୟା

**ଫିରିଙ୍ଗିଆ, ୯।୫(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସହରର ବନ୍ଧସାହିରେ ଶଶୁର ଘରେ ଜ୍ୱାଇଁ ଆତ୍ମହତ୍ୟା କରିଥିବା ଘଟଣା ସାରା ଫିରିଙ୍ଗିଆ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁସାରେ ଫିରିଙ୍ଗିଆ ଥାନା କେଳାପଡ଼ା ଗାଁର ରାଜେଶ କୁମାର ନାୟକ ବନ୍ଧସାହିର ଶ୍ରୀନିବାସ ସାହୁଙ୍କ ଝିଅକୁ ବିବାହ କରିଥିଲେ। ଶଶୂର ଘରେ ଘର ଜ୍ୱାଇଁ ଭାବରେ ରହିଆସୁଥିଲେ। ବୁଧବାର ହଠାତ ଯୁବକ ଜଣକ ସ୍ତ୍ରୀ ର ପିନ୍ଧା ଲୁଗାକୁ ବେକରେ ବାନ୍ଧି ଝୁଲି ପଡ଼ିଥିଲେ। ଶଶୂର ଘର ଲୋକେ ତାଙ୍କୁ ଫିରିଙ୍ଗିଆ ଡାକ୍ତରଖାନାକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଇଛି। ପାରିବାରିକ କଳହକୁ ନେଇ ଯୁବକ ଜଣକ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଥିବା ବେଳେ ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ସୂଚନା ଦେଇଛନ୍ତି।

ପ୍ରଚାର ବେଳେ ସୁବାସଙ୍କୁ ବିପୁଳ ସମର୍ଥନ

# ପ୍ରଚାର କଲେ ସିନେ ତାରକା ଜ୍ୟୋତି ଓ ଦିବ୍ୟା



**ଛତ୍ରପୁର, ୯ ।୫(ସମିସ):** ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ ଛତ୍ରପୁର ବ୍ଲକରେ ବିଜେଡି ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରାଙ୍କ ପ୍ରଚାର ଅଭିଯାନ ଦିନକୁ ଦିନ ଦମ୍‌ଦାର ରହୁଛି। ସବୁଠି ବିଜେଡି ବିଧାୟକ ପ୍ରାର୍ଥୀ ସୁବାସଙ୍କୁ ବିପୁଳ ସମର୍ଥନ ସହିତ ବିଭିନ୍ନ ଢ଼ଙ୍ଗରେ ସ୍ୱାଗତ କରାଯାଉଛି। ବିଧାୟକ ପ୍ରାର୍ଥୀ ଶ୍ରୀ ବେହେରା ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ସଭିଏଁ ସଙ୍କଳ୍ପ ନେବାକୁ ଆହ୍ୱାନ୍ ଦେଇଥିଲେ। ଗୁରୁବାର ଛତ୍ରପୁର ବ୍ଲକ ବଡମାଧପୁର ଓ ପୋଟଲାମପୁର ପଞ୍ଚାୟତ ରେ ଓଡିଆ ସିନେ ଅଭିନେତା ଜ୍ୟୋତି ଓ ଦିବ୍ୟା ବିଜେଡି ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ବ୍ଲକ ଉପାଧକ୍ଷା ଏସ୍.ଶାରଦା ରେଡ୍ଡୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏସ୍.କିଶୋର ଚନ୍ଦ୍ର ରେଡ୍ଡୀ, ମହେଶ୍ୱର ପ୍ରଧାନ, ଶିବଶଙ୍କର ସେଠୀ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତିସଭ୍ୟ ଶମ୍ଭୁନାଥ ସ୍ୱାଇଁ, ନିର୍ବାଚନମଣ୍ଡଳୀର ଯୁବ ବିଜେଡି ସଭାପିତ ସନମୁଖ ପଟ୍ଟନାୟକ, ଅଜିତ ସ୍ୱାଇଁ, ତ୍ରିଲୋଚନ ବେହେରାଙ୍କ ସମେତ ବହୁ କର୍ମୀ ପ୍ରଚାରେ ସାମିଲ ହୋଇଥିଲେ।

# ୮ ନଂ ୱାର୍ଡରେ ବିଜେଡିର ପ୍ରଚାର

**ଛତ୍ରପୁର, ୯ ।୫(ସମିସ):** ଛତ୍ରପୁର ପୌର ପରିଷଦ ଅନ୍ତର୍ଗତ ୮ନଂ ୱାର୍ଡରେ ବିଜେଡିର ଜୋରଦାର ପ୍ରଚାର ହୋଇଛି। କାଉନସିଲର କେ. ରମେଶଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ମୀମାନେ ନୀଳକଣ୍ଠେଶ୍ୱରଙ୍କ ମନ୍ଦିର ନିକଟରୁ ବହୁ ମହିଳା, ୱାର୍ଡ ବାସିନ୍ଦା, ଦଳର ଛାମୁଆ ନେତା ଓ କର୍ମୀ ମାନେ ପୂର୍ଜାର୍ଚ୍ଚନା କରି ୱାର୍ଡର ଘରକୁ ଘର ବୁଲି ବିଜେଡି ଛତ୍ରପୁର ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା ଓ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ରଙ୍କ ନିମନ୍ତେ ଭୋଟ ଭିକ୍ଷା କରିଛନ୍ତି। ରାଜ୍ୟ ସରକାରଙ୍କ ଜନ ମଙ୍ଗଳ କାର୍ଯ୍ୟ ତଥା ବିଏସକେୱାଇ କାର୍ଡ ଠାରୁ ଆରମ୍ଭ କରି ବିଭିନ୍ନ ଯୋଜନା ସମସ୍ତ ବର୍ଗର ଲୋକଙ୍କ ପାଇଁ କରିଛନ୍ତି। ଏଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରି ଭାରତ ବର୍ଷରେ ରେକର୍ଡ ସୃଷ୍ଟି କରିବା ପାଇଁ ସେମାନେ ଲୋକଙ୍କୁ ନିବେଦନ କରିଛନ୍ତି। ଏହି ପ୍ରଚାରରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ପୌର ପରିଷଦର ଉପାଧକ୍ଷ ଜି. ପାପା ରାଓ, ଛତ୍ରପୁର ବିଜେଡି ନଗର ସଭାପତି ବି. ରାଜୁବାବୁ, ଉପ ସଭାପତି ଅଟଳ ବିହାରୀ ପଟ୍ଟନାୟକ, କାଉନସିଲର ଦେବାଶିଷ ମିଶ୍ର, ସନ୍ତୋଷୀ ସେଠି, ପ୍ରୀତିଛନ୍ଦା ସାମଲ, ବି. ନିଶ୍ଚଳା ସ୍ୱାମୀ, ମମତା ପାତ୍ର ଓ ଡି ଇନ୍ଦୁ, ପୂର୍ବତନ ଏନଏସି ଉପାଧକ୍ଷ ପ୍ରଦୋଷ କୁମାର ବେହେରା, ପୂର୍ବତନ କାଉନସିଲର କେ. କ୍ରାନ୍ତି, କବିରାଜ, ଛତ୍ରପୁର ବିଜୁ ଆଇନ ସାମୁଖ୍ୟର ସଭାପତି ସୁରେଶ ପଣ୍ଡା, ସମ୍ପାଦକ ଏଲ. ଗୋପାଳ ରାଓ, ସିମାଞ୍ଚଳ ମହାପାତ୍ର, ଭୈରବୀ ପଟ୍ଟନାୟକ, କାଳୀଚରଣ ଦାଶଙ୍କ ସମେତ ବହୁ ମହିଳା ଓ ପୁରୁଷ ମାନେ ସାମିଲ ଥିଲେ।



● ବିଧାୟକ ପ୍ରାର୍ଥୀ ସୁବାସଙ୍କ ନିର୍ବାଚନ ପ୍ରଚାର

## ମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତା କହିଲେ

**ଗଞ୍ଜାମ, ୯ ।୫(ସମିସ):** ଛତ୍ରପୁର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା ଗଞ୍ଜାମ ବ୍ଲକର ବିଭିନ୍ନ ଅଞ୍ଚଳରେ ନିର୍ବାଚନ ପ୍ରଚାର କରିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଓ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ନିର୍ମଳ ଭାବମୂର୍ତ୍ତି ଓ ସ୍ୱଚ୍ଛ ଶାସନକୁ ସେ ମୁଖ୍ୟ ଆୟୁଧ କରି ଭୋଟର ମାନଙ୍କ ପାଖକୁ ଭୋଟ ଭିକ୍ଷା କରିବାକୁ ଯାଉଛନ୍ତି। ଗଞ୍ଜାମ ସହରରେ ରହିଥିବା ଐତିହାସିକ ପୋତାଗଡ଼ ଦୁର୍ଗକୁ ଆକର୍ଷଣୀୟ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାପାଇଁ ଉଦ୍ୟମ କରାଯାଇଛି। ଉକ୍ତ ଦୁର୍ଗରେ କୋଟି କୋଟି ଟଙ୍କା ଅର୍ଥ ବିନିଯୋଗ କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି।

● ପ୍ରଥମ ପର୍ଯ୍ୟାୟ ମତଦାନ

## ଜିଲ୍ଲାର ୭୦୩ କେନ୍ଦ୍ରର ୱେବକାଷ୍ଟ ହେବ

**ଛତ୍ରପୁର, ୯ ।୫(ସମିସ):** ଗଞ୍ଜାମ ଜିଲ୍ଲାରେ ଆଉ ତିନି ଦିନ ପରେ ୧୩ ତାରିଖ ଦିନ ୨୦-ବ୍ରହ୍ମପୁର ଲୋକସଭା ଏବଂ ୧୨୭-ଛତ୍ରପୁର, ୧୩୨-ଗୋପାଳପୁର, ୧୩୩-ବ୍ରହ୍ମପୁର, ୧୩୪-ଦିଗପହଣ୍ଡି ଓ ୧୩୫- ଚିକିଟି ବିଧାନ ସଭା ଗୁଡିକର ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନ ସକାଶେ ସମୁଦାୟ ୩୦୪୬ଟି ବୁଥ୍ ପ୍ରସ୍ତୁତ ହୋଇସାରିଛି। ସମସ୍ତ ନିର୍ବାଚନ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଆଇନ ଶୃଙ୍ଖଳା ପରିସ୍ଥିତି ଠାରୁ ଆରମ୍ଭ କରି ସମସ୍ତ ଦିଗ ପ୍ରତି ପ୍ରଶାସନ ନଜର ରଖିଛି। ଅପ୍ରୀତିକର ପରିସ୍ଥିତି କିମ୍ବା ସନ୍ଦେହଜନକ ପରିସ୍ଥିତିକୁ ରୋକିବା ସକାଶେ ଜିଲ୍ଲା ସ୍ତରରେ ଓ୍ବେବକାଷ୍ଟ ଦ୍ୱାରା ନଜର ରଖାଯିବ। ଏଥି ନିମନ୍ତେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଛତ୍ରପୁର ଠାରେ ୱେବକାଷ୍ଟ ହେବ। ୧୩ ତାରିଖ ନିର୍ବାଚନର ୭୦୩ଟି ବୁଥ୍‌ର ୱେବକାଷ୍ଟ ହେବ। ଏହି ୱେବକାଷ୍ଟ ଦ୍ୱାରା ୭୦୩ ଗୋଟି ବୁଥରେ କିଭଳି ମତଦାନ ସଂଗ୍ରହ ହେଉଛି ସେହି ପ୍ରକ୍ରିୟା ନିର୍ବାଚନ ଅଧିକାରୀ, ପର୍ଯ୍ୟବେକ୍ଷକଗଣ ସିଧାସଳଖ ଦେଖିପାରିବେ। ଏହି ବ୍ୟବସ୍ଥା ଦ୍ୱାରା ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ହେବା ଆଶା ରଖାଯାଉଛି।

## ଯୁକ୍ତ ତିନି ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ଜଗନ୍ନାଥପ୍ରସାଦ, ୯ ।୫(ସମିସ):** ଗତ ମଇ ମାସ ୭ ତାରିଖରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଯୁକ୍ତ ୩ ଅନ୍ତିମ ବର୍ଷ କଳା ପରୀକ୍ଷାର ଫଳ ଅନୁଯାୟୀ ସ୍ଥାନୀୟ ଆଞ୍ଚଳିକ ଡ଼ିଗ୍ରୀ କଲେଜର ଛାତ୍ରଛାତ୍ରୀ ମାନେ ଅର୍ଥନୀତି, ଇତିହାସ, ଓଡ଼ିଆ ଓ ରାଜନୀତି ବିଜ୍ଞାନ ସମ୍ମାନରେ ସମସ୍ତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେବା ଦ୍ୱାରା କଲେଜର ଫଳାଫଳ ଶତ ପ୍ରତିଶତ ହୋଇଛି। ଏଥିସହିତ ଇତିହାସ ସମ୍ମାନର ଛାତ୍ରୀ ବିଷ୍ଣୁପ୍ରିୟା ପ୍ରଧାନ ପଞ୍ଚମ ସ୍ଥାନ ଏବଂ କାଜଲ ସେଠୀ ଦଶମ ସ୍ଥାନ ଓ ଓଡ଼ିଆ ସମ୍ମାନର ଛାତ୍ରୀ ଶ୍ରଦ୍ଧାଞ୍ଜଳି ନାୟକ ନବମ ସ୍ଥାନ ଅଧିକାର କରି ପ୍ରଥମ ଦଶ ଜଣ ମଧ୍ୟରେ ନିଜର ନାମ ବଜାୟ ରଖି କଲେଜର ଗୌରବକୁ ଦ୍ୱିଗୁଣିତ କରିଛନ୍ତି। ଛାତ୍ରଛାତ୍ରୀ ମାନଙ୍କ ଏହି କୃତିତ୍ୱ ପାଇଁ ଅଧକ୍ଷ ସନାତନ ସାହୁ ସମସ୍ତ ଛାତ୍ରଛାତ୍ରୀ ଓ ଅଧାପକ, ଅଧାପିକା ଓ କର୍ମଚାରୀ ମାନଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି।



# ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର



**ଦିଗପହଣ୍ଡି, ୯ ।୫(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଚଷାନିମଖଣ୍ଡି ପଞ୍ଚାୟତର ଶ୍ୟାମସୁନ୍ଦରପଲ୍ଲୀ ଗାଁରେ ବୁଧବାର ମୋଡେର୍ଣ୍ଣ ଆଇ କେୟାର ସେଣ୍ଟର ଓ ବ୍ରହ୍ମପୁରସ୍ଥିତ ଏନଜିଓ ‘ସ୍ଥାୟୀ ବିକାଶ ଲକ୍ଷ୍ୟ’ର ମିଳିତ ଆନୁକୂଲ୍ୟରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିନ୍ଧବା, ବଡ଼ପଦା, ପ୍ରତାପପୁର, ଭୀମପୁର, ପାଳଝାଡି, ସଉରାପାହାଡ ଏବଂ ଶ୍ୟାମସୁନ୍ଦରପଲ୍ଲୀର ଦୁଇଶହରୁ ଊର୍ଦ୍ଧ୍ୱ ଲୋକଙ୍କ ଚକ୍ଷୁ ପରୀକ୍ଷା, ମଧୁମେହ, ରକ୍ତଚାପ ଏବଂ ଅନ୍ୟାନ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରାଯାଇଥିଲା।

କାର୍ଯ୍ୟକ୍ରମ ପୂର୍ବରୁ ଗାଁର ଉତ୍ସାହୀ ଯୁବକ ତଥା ଗାଁ ପିଲାଙ୍କୁ ମାଗଣାରେ ପାଠ ପଢ଼ାଉଥିବା ଦେବାଶିଷ ମଲ୍ଲିକ ଓ ପବିତ୍ର କୁମାର ମଲ୍ଲିକଙ୍କୁ ପ୍ରଫେସର ଏସ୍‌ଏନ୍ ତ୍ରିପାଠୀ ଓ ମିରାରାଣୀ ତ୍ରିପାଠୀ ତଥା ଏନ୍‌ଜିଓର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ମିଶ୍ର ପ୍ରମୁଖ ସମ୍ମାନିତ କରିଥିଲେ। ଏହି ଅବରସରେ ପିଲାଙ୍କୁ ଏନଜିଓ ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା ଏବଂ ଏସବିଏଲ ‘ସ୍ଥାୟୀ ବିକାଶ ଲକ୍ଷ୍ୟ’ର ୧୭ଟି ଲକ୍ଷ୍ୟ ବିଷୟରେ ଆଲୋଚନା କରି ଛୋଟ ଛୋଟ ପିଲାଙ୍କୁ ଶିକ୍ଷା ପ୍ରଦାନ କରିଥିଲେ ସଂସ୍ଥାର ସିଇଓ ରବୀନ୍ଦ୍ର ମିଶ୍ର। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀନୃସିଂହ ସାହୁ, ରବୀନ୍ଦ୍ର ଗୌଡ଼, ଭରତ ମିଶ୍ର, ଦେବାଶିଷ ମଲ୍ଲିକ, ଏନ ସଞ୍ଜିବ ରତ୍ନ, ନାରାୟଣ ପ୍ରଧାନ, ସନ୍ତୋଷ ମଲ୍ଲିକ, କପିଳ ବେହେରା, ରାଜ୍ ସାହୁ, ପବିତ୍ର କୁମାର ମଲ୍ଲିକ, ସୁଦୟା ଏବଂ ବାବୁ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ମୋଡେର୍ଣ୍ଣ ଆଇ କେୟାର ସେଣ୍ଟର ପକ୍ଷରୁ ନନ୍ଦ ବାବୁ ଓ ତାଙ୍କ ସହଯୋଗୀମାନେ ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶେଷରେ ଉମାଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ +୩ ପରୀକ୍ଷା

## ଶିକ୍ଷାରେ ଟପ୍ପର ହେଲେ ମାମାଲି

**ଦିଗପହଣ୍ଡି, ୯ ।୫(ସମିସ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁକ୍ତ ୩ କଳା ଶେଷବର୍ଷ ପରୀକ୍ଷାଫଳ ପ୍ରକାଶ ପାଇଛି। ଶିକ୍ଷା (ସମ୍ମାନ) ବିଭାଗରେ ଦିଗପହଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଛାତ୍ରୀ ପି. ମାମାଲି ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ହାସଲ ପଛରେ ପିତା ପି. ବାବୁ ଓ ମା’ ପି. ରଞ୍ଜିତାଙ୍କ ଆଶୀର୍ବାଦ ରହିଥିବା କହିବା ସହ ମହାବିଦ୍ୟାଳୟ ଅଧକ୍ଷା ଡ. ସ୍ୱାଗତିକା ପାତ୍ର, ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଡ. ସୁଜାତା ପାତ୍ର ଓ ଅନ୍ୟ ଅଧ୍ୟାପିକା, ଅଧ୍ୟାପକଙ୍କ ପ୍ରେରଣା ରହିଥିବା କହିଛନ୍ତି। ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ପଞ୍ଚାୟତ ଅନ୍ତର୍ଗତ କାଣ୍ଡଶର ଗ୍ରାମର ଏକ ସାଧାରଣ ଚାଷୀ ପରିବାରରୁ ଆସି ସଫଳତାର ଶୀର୍ଷରେ ପହଞ୍ଚିଥିବା ମାମାଲିଙ୍କ ପାଇଁ ନିଜ ଗାଁ ଏବଂ ମହାବିଦ୍ୟାଳୟ ଛାତ୍ରୀଙ୍କ ମହଲରେ ଖୁସିର ଲହରୀ ଖେଳି ଯାଇଥିବା ଦେଖିବାକୁ ମିଳିଥିବା ବେଳେ ମାମାଲିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।



# ଭଞ୍ଜନଗର, ଆସ୍କା ଓ ସୋରଡ଼ା ବିଧାନସଭାର ରିଣ୍ଡୋମାଇଜସନ୍

**ଭଞ୍ଜନଗର, ୯ ।୫(ସମିସ):** ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ନିର୍ବାଚନ ନିରୀକ୍ଷଣ ପର୍ଯ୍ୟବେକ୍ଷକ ହରିମୋହନ ମୀନା, ରିଟର୍ଣ୍ଣିଂ ଅଧିକାରୀ ଅନିଲ କୁମାର ସେଠୀ, ବିଶ୍ୱରଞ୍ଜନ କର ଏବଂ ନିର୍ବାଚନ ଲଢୁଥିବା ପ୍ରାର୍ଥୀ ତଥା ତାଙ୍କ ପ୍ରତିନିଧିମାନଙ୍କ ଉପସ୍ଥିତିରେ ବୁଥଗୁଡିକର ଦ୍ୱିତୀୟ ରେଣ୍ଡୋମାଇଜସନ କରାଯାଇ ଉପସ୍ଥିତ ସମସ୍ତଙ୍କୁ ଭିଡିଓ ସ୍କ୍ରିନିଂ ଦ୍ୱାରା ଦେଖାଯାଇଥିଲା। ସାଧାରଣ ପର୍ଯ୍ୟବେକ୍ଷକ ହରିମୋହନ ମୀନା ଶାନ୍ତିଶୃଙ୍ଖଳାରେ କିଭଳି ନିରପେକ୍ଷ ନିର୍ବାଚନ ହେବ, ଭୋଟରମାନେ ଯେପରି ନିର୍ଭୟ ଭାବେ ଭୋଟ ଦେଇପାରବେ ଏବଂ ନିର୍ବାଚନ ଆଚରଣବିଧି ଉପରେ ପ୍ରାଞ୍ଜଳ ଭାବେ ଆଲୋଚନା କରିଥିଲେ।





DECLARATION ABOUT CRIMINAL CASES

( As per the judgment dated 25 September, 2018. of Hon'ble Supreme Court in WT (Civil) No. 536 of 2011 ( Public Interest Foundation & Ors. Vs. Union of Indiz & Anr)

Name and address of candidate :- **Brahmananda Tripathy**.

Name of political party :- INDEPENDENT (Independent candidates should write "Independent here)

Name of Election: ODISHA STATE ASSEMBLY

*Name of Constituency:. 133- BERHAMPUR.

I **BRAHMANANDA TRIPATHY** (name of candidate), a candidate for the above mentioned election, declare for public information the following details about my criminal antecedents:

( A ) Pending Criminal Cases

| Sl no. | Name of Court | Case No. And Dated | Status of Case(s) | Section(s) of Act Concerned and brief description of offence(s). |
|---|---|---|---|---|
| 1. | High Court of Odisha | CRLMA 192/22 filed before High Court of Odisha. (Arising out of conviction in 1CC No. 307/2016 of the SDJM Berhampur) | stay granted on 12.05.2022 and Pending | Section 138 of NI Act. |
| 2. | Additional Chief Judicial Magistrate, Berhampur. | ST-165/22 | Pending | Section 451/294/353/506/ 332/307 IPC |

(B) Details about cases of Conviction for Criminal Offences.

| SL No. | Name of Court & date(s) of order(s) | Description of office(s) & punishment imposed | Maximum punishment imposed |
|---|---|---|---|
| 1. | 1CC No. 307/2016 of The SDJM, Berhampur. (against conviction CRLMA 192/22 is pending before the Hon'ble High Court of Odisha and stay granted on 12.05.2022) | Convicted for Two years with compensation of Rs. 50,00,000/- | Convicted for Two years |
| 2. | NIL | NIL | NIL |
| 3. | NIL | NIL | NIL |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

BRAHMANANDA TRIPATHY


## ଜନ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ

**ଗଞ୍ଜାମ, ୯ ।୫(ସମିସ):** ଗଞ୍ଜାମ ଥାନା ଅନ୍ତର୍ଗତ ୫ନଂ ୱାର୍ଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱ ରାସ୍ତାରେ ଜୈନେକ ଜନ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଆକସ୍ମିକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଚମାଖଣ୍ଡି ଥାନା ଅନ୍ତର୍ଗତ ବଣବୁଲାପଲ୍ଲୀ ଗ୍ରାମର ସୁଦର୍ଶନ ବେହେରା (୪୬)। ସେ ୫ନଂ ୱାର୍ଡରେ ପୂର୍ବାହ୍ନ ସମୟରେ ଡିୟୁଟିରେ ଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ। ଫଳରେ ତାଙ୍କ ସ୍କୁଟିଟି ସେଠାରେ ରଖିଦେଇ ରାସ୍ତା ପାର୍ଶ୍ୱରେ ରହିଥିବା ସିମେଣ୍ଟ ଚେୟାରରେ ବସିବା ଅବସ୍ଥାରେ ଶୋଇପଡ଼ିଥିଲେ। ସେ ସେଠାରେ ସୁପ୍ତ ଅବସ୍ଥାରେ ପଡ଼ି ରହିଥିବା ଦେଖି ଅଞ୍ଚଳବାସୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ପକ୍ଷରୁ ଶବ ଜବତ କରାଯାଇ ୩/୨୦୨୪ ପ୍ରକାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିଲା।




# ବିଜେଡି ପାଇଁ ତେଲୁଗୁ ସୁପରଷ୍ଟାର ସୁମନଙ୍କ ରୋଡ୍ ଶୋ'




**କାଶୀନଗର, ୯ ।୫(ସମିସ)**

ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଇଂ. ରୂପେଶ କୁମାର ପାଣିଗ୍ରାହୀ ଓ ସାଂସଦ ପ୍ରାର୍ଥୀ ଭଗୁ ବକ୍ସିପାତ୍ରଙ୍କ ପାଇଁ ତେଲୁଗୁ ସୁପରଷ୍ଟାର ତଥା ଭେଟେରାନ ଅଭିନେତା ସୁମନ ଦମଦାର ପ୍ରଚାର କରିଛନ୍ତି। ଅଭିନେତା ସୁମନ ପ୍ରଥମେ କାଶୀନଗର ବ୍ଲକ ରାଣୀପେଣ୍ଠରୁ ଶୋଭାଯାତ୍ରାରେ ବାହାରି ସିଧାମଡଙ୍ଗ, ସିଙ୍ଗିପୁର, ସୀତାପୁର, ଭିସ୍ତଲା, ହାଡୁଭାଙ୍ଗି, କିଡିଗାଁ, କାଶୀନଗର ଏନଏସି, ବୁଦୁରା, ବଥବା, ଗୋରିବନ୍ଧା, ବିଏଲପୁର, ଖୁରୀଗାଁ, ଓ ଖାରାଡା ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୫୫ କିମି ଶୋଭାଯାତ୍ରାରେ ପରିକ୍ରମା କରି ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବାପାଇଁ ନିବେଦନ କରିଥିଲେ। ଶୋଭାଯାତ୍ରା ବେଳେ ବହୁ ସଂଖ୍ୟକ କର୍ମୀ ବାଇକ ଯୋଗେ ସାମିଲ ହୋଇଥିଲେ। ପ୍ରକାଶ ଯେ, ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ଦ୍ୱିଭାଷୀ ତଥା ତେଲୁଗୁ ଓ ଓଡ଼ିଆ ଅଞ୍ଚଳ ହୋଇଥିବାରୁ ଉଭୟ ଭାଷୀ ଲୋକେ ତେଲୁଗୁ ଚଳଚିତ୍ର ଦେଖନ୍ତି। ଏପରିକି ଏହି ଅଞ୍ଚଳରେ ସୁମନଙ୍କ ବହୁ ସଂଖ୍ୟକ ପ୍ରଶଂସକ ମଧ୍ୟ ଅଛନ୍ତି। ଏହି ମେଗା ରୋଡ ସୋ ରେ ବିଧାୟକ ପ୍ରାର୍ଥୀ ଶ୍ରୀ ପାଣିଗ୍ରାହୀ ଓ ସାଂସଦ ପ୍ରାର୍ଥୀ ଶ୍ରୀ ବକ୍ସିପାତ୍ରଙ୍କ ସମେତ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ଏନ୍ଏସି ଅଧ୍ୟକ୍ଷା ଏମ.ସୁଧାରାଣୀ, ଉପାଧ୍ୟକ୍ଷ ରଘୁରାମ ସାହୁ, ବ୍ଲକ ଅଧ୍ୟକ୍ଷା ବି. ସାୟାମ୍ମା, ଉପାଧ୍ୟକ୍ଷା ଏସ. କଲ୍ୟାଣୀ, ଜୋନ୧ ଜିଲ୍ଲା ପରିଷଦ ସଦସ୍ୟା ଆର୍. ରାଜ୍ୟଲକ୍ଷ୍ମୀ, ସ୍ଥାନୀୟ ବିଜେଡିର ବରିଷ୍ଠ ନେତାଙ୍କ ସହ ବହୁ ସଂଖ୍ୟାରେ ବିଜେଡି ସମର୍ଥକ ସାମିଲ ହୋଇଥିଲେ। ରୋଡ ସୋ ବେଳେ ପ୍ରତ୍ୟେକ ଗ୍ରାମରେ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀ ପାଣିଗ୍ରାହୀ ଓ ସାଂସଦ ପ୍ରାର୍ଥୀ ପାତ୍ରଙ୍କୁ ବିପୁଳ ଜନସମର୍ଥନ ମିଳିଥିବା ବେଳେ ସୁପରଷ୍ଟାର ସୁମନଙ୍କୁ ଦେଖିବା ପାଇଁ ପ୍ରବଳ ଭିଡ଼ ହୋଇଥିଲା। ପ୍ରଚାରରେ କାଶୀନଗରବାସୀଙ୍କ ମନ କିଣି ନେଇଥିଲେ ଇଂ.ରୂପେଶ। ଜଣସାଧାରଣଙ୍କ ସମର୍ଥନ ବିପୁଳ ପରିମାଣରେ ଥିବା ଯୋଗୁଁ ବିଜେଡିର ବିଜୟ ନିଶ୍ଚିତ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

# ଶତାଧିକ ବିଜେପି କର୍ମୀ ବିଜେଡିରେ ସାମିଲ



**ରାୟଗଡ଼, ୯ ।୫(ସମିସ):** ଚଳିତ ମାସ ୧୩ ତାରିଖରେ ମତଦାନ। ଏଥିପାଇଁ ତିନି ପ୍ରମୁଖ ଦଳ ଭିତରେ ଚାଲିଛି କଡ଼ା ଟକ୍କର। ସେଥିପାଇଁ ଗଜପତି ଜିଲ୍ଲାର ମୋହନା ବିଧାନସଭା ଆସନ ଦଖଲ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ପ୍ରଚାର ଜୋରଦାର ଆରମ୍ଭ ହୋଇଯାଇଛ। ମୋହନା ନିର୍ବାଚନମଣ୍ଡଳୀରେ ଭାଙ୍ଗୁଛି ବିଜେପି ଗଡ଼। ବଳ ସାଉଁଟିଛି ବିଜେଡି ଶିବିର। ଶତାଧିକ ବିଜେପି ଓ ଟ୍ରାକ୍ଟର ଓ ଅଟୋ ସଂଘର ସଦସ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ବରିଷ୍ଠ ବିଜେଡି ନେତା ବାଳକୃଷ୍ଣ ପଟ୍ଟନାୟକଙ୍କ ନେତୃତ୍ୱରେ ମୋହନା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗ ଙ୍କ ଉପସ୍ଥିତିରେ ରାୟଗଡ଼ ବ୍ଲକର ଏସ୍. କରଡ଼ାସିଂ ଓ ଲାଇଲାଇ ପଞ୍ଚାୟତର ବହୁ ବିଜେପି ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଥିବା ଜଣାପଡ଼ିଛି। ଏସ.କରଡ଼ାସିଂ ଓ ଲାଇଲାଇ ପଞ୍ଚାୟତର ସୁକାନ୍ତି ଶବର, ପୁରନଜନି ଶବର, ଉମାବତୀ ଶବର ଓ ବବିତା ଶବରଙ୍କ ସମେତ ପଞ୍ଚାୟତର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତ। ଏହି ଅବସରରେ ସାମିଲ ହୋଇଥିବା ବିଜେପି ନେତା ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରୀମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଥିବା ପ୍ରକାଶ କରିଛନ୍ତି। ନୂତନ ଓଡ଼ିଶା ସଶକ୍ତ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରରୂପେ ତୁଲାଇବୁ ବୋଲି ମଧ୍ୟ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଦଳରେ ଗ୍ରହଣ କରାଯାଇଥିବାରୁ ନବାଗତ ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନଙ୍କ ସମେତ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ଜିଲ୍ଲା ପରିଷଦ ସଭ୍ୟା ଗୌତମୀ ଜାନି, ବରିଷ୍ଠ ବିଜେଡି ନେତା ଟି. ବିଶ୍ୱନାଥ, ଅବନୀ ପଟନାୟକ, ଅଜିତ ସାହୁକାର ଙ୍କ ସମେତ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

# ବିପଦପୂର୍ଣ୍ଣ ସ୍ଥିତିରେ ପିଲାମାନେ ଲଗାଉଛନ୍ତି ବିଜେପି ଦଳୀୟ ପତାକା

**ପାରଳାଖେମୁଣ୍ଡି, ୯ ।୫ (ସମିସ):** ପାରଳାଖେମୁଣ୍ଡି ରାଜଦାଣ୍ଡ ସ୍ଥିତ ଏକ ଫଙ୍କସନହଲ୍ ନିକଟରେ ପିଲାମାନେ ବିଜେପି ଦଳୀୟ ପତାକାକୁ ବିପଦଭରାରେ ଲଗାଉଥିବାର ଦେଖିବାକୁ ମିଳିଛି। ଏନେଇ ସହରରେ ଆଲୋଚନା ହେଉଥିବା ବେଳେ ଅନ୍ୟଦଳକୁ ଟାର୍ଗେଟ କରି ଅଭିଯୋଗ ଆଣୁଥିବା ବିଜେପି କିପରି ପିଲାଙ୍କୁ ଦଳୀୟ ପତାକା ଲଗାଇବାରେ ନିୟୋଜିତ କରିଛି ତାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ସବୁଠାରୁ ଉଲ୍ଲେଖନୀୟ କଥା ହେଲା ବିପଦଭରାରେ ଥିବା ବିଦ୍ୟୁତ ଏବଂ ଟେଲିଫୋନ ଖୁଣ୍ଟ ଉପରେ ପିଲାମାନେ ଚଢି ପତାକା ଲଗାଉଛନ୍ତି। ମୁଣ୍ଡ ଉପରେ ଉଚ୍ଚ ସମ୍ପନ୍ନ ବିଦ୍ୟୁତ ତାର ସାଙ୍ଗକୁ ଟେଲିଫୋନ୍ ତାର ଆଦି ରହିଛି। ଯଦି କୌଣସି ଅଘଟଣ ହୁଏ ତେବେ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ଏନେଇ ବିଜେଡି ନେତା କହିଛନ୍ତି ଯେ, ଶୃଙ୍ଖଳିତ ଦଳ ବୋଲି ଆମ୍ ପ୍ରଚାର କରୁଥିବା ବିଜେପି ଘାତକ ପାଲଟିଛି। ଜିଲ୍ଲା ନିର୍ବାଚନ ଅଧିକାରୀ ଏ ଦିଗରେ ତଦନ୍ତ କରି ଯଥାବିଧି ଦଣ୍ଡାଦେଶ ଦେବାକୁ ଦାବି କରିଛନ୍ତି।




# ନିର୍ବାଚନ ପାଇଁ କାଶୀନଗର ବ୍ଲକ୍ ପ୍ରଶାସନର ବ୍ୟାପକ ପ୍ରସ୍ତୁତି

**କାଶୀନଗର, ୯ ।୫(ସମିସ):** ଗଜପତି ଜିଲ୍ଲାରେ ଆଗାମୀ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜିଲ୍ଲାରେ ଦୁଇ ନିର୍ବାଚନମଣ୍ଡଳୀ ରହିଥିବା ବେଳେ ସେଥିମଧ୍ୟରୁ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ରାଜନୈତିକ ହାଲଚାଲ ଦିନକୁ ଦିନ ବଢ଼ି ଚାଲିଛି। ଏହି ନିର୍ବାଚନମଣ୍ଡଳୀରେ ତିନୋଟି ବ୍ଲକ, ଗୋଟିଏ ଏନଏସି ଓ ମ୍ୟୁନିସିପାଲଟି ରହିଛି। କାଶୀନଗର ବ୍ଲକ ଓ ଏନ୍ଏସିରେ ରାଜନୈତିକ ମହଲର ଉଷ୍ମତା ବଢିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳାରେ ମତଦାନ ଠିକ୍ ଭାବରେ ହେବା ପାଇଁ ସମସ୍ତ ପ୍ରସ୍ତୁତି ଜାରି ରହିଛି। କାଶୀନଗର ଏନଏସିରେ ୮୫୪୨ଜଣ ଭୋଟର ଥିବା ବେଳେ ବ୍ଲକରେ ମୋଟ ୪୪, ୪୨୮ ଜଣ ଭୋଟର ରହିଛନ୍ତି। ମୋଟ ୫୨, ୯୭୦ ଭୋଟରଙ୍କ ମଧ୍ୟରୁ ବରିଷ୍ଠ ନାଗରିକ ୩୩୪ ଜଣ, ୧୮ ରୁ ୧୯ ବର୍ଷୀୟ ଯୁବକ/ଯୁବତୀ ୧୫୪୦, ୧୦୭୬ଜଣ ଭିନ୍ନକ୍ଷମ ଅଛନ୍ତି। ପୁରୁଷ ଭୋଟର ସଂଖ୍ୟା ୨୫, ୯୧୮ ଓ ମହିଳା ଭୋଟର ୨୭, ୦୫୧ ଅଛନ୍ତି। ଜଣେ ମାତ୍ର କିନ୍ନର ରହିଥିବା ନେଇ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି। ଏଥିପାଇଁ କାଶୀନଗର ଏନଏସି ଠାରେ ୧୦ଟି ମଡେଲ ତଥା ସ୍ମାର୍ଟ ବୁଥ ଓ ବ୍ଲକରେ ୫୮ ବୁଥ କରାଯାଇଛି। ସୂଚନା ଅନୁଯାୟୀ କାଶୀନଗର ଏନଏସି ଓ ବ୍ଲକରେ ମୋଟ ୬୮ ବୁଥ ରହିଥିବା ବେଳେ ମଡେଲ ବୁଥ ୧୫, ସାକ୍ଷୀ ବୁଥ ୧୨ ଓ ୨ ଇକୋ ପରିବାର ବୁଥ୍ ରହିଥିବା ତହସିଲଦାର ଅଶୋକ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ସମସ୍ତ ବୁଥରେ ପାଣିର ସୁବିଧା, ବିଦ୍ୟୁତ୍ ସୁବିଧା କରାଯାଇଥିବା ସହ ଆବଶ୍ୟକ କେତେକ ବୁଥରେ ସିସି କ୍ୟାମେରା ଲଗାଯାଇଥିବା ଜଣାପଡ଼ିଛି। ଭୂୟାଁ ସାହି, ତାଡ଼ବା, ଉଲ୍ଲାଭଦ୍ରା ଓ ଅର୍ମଡ଼ା ଠାରେ ଥିବା ବୁଥରେ ମୋବାଇଲ ନେଟୱାର୍କ ସୁବିଧା ନଥିବା ଯୋଗୁ ସେଇଥିପାଇଁ ଉକ୍ତ ବୁଥ ମାନଙ୍କରେ ପ୍ରସସାନ ତରଫରୁ ଅନ୍ୟ ସୁବିଧା ପ୍ରସ୍ତୁତ କରାଯାଇଛି। ଭିନ୍ନକ୍ଷମ ଭୋଟର 'ସକ୍ଷମ' ଆପ ମାଧ୍ୟମରେ ମତଦାନ ନିମନ୍ତେ ଆବେଦନ କରିପାରିବେ। ସେମାନଙ୍କ ପାଇଁ ଘରୋଇ ମତଦାନ ସୁବିଧା ହେଉକି ଗାଡ଼ିର ସୁବିଧା ବା ହ୍ୱିଲଚେୟାର ସୁବିଧା ପ୍ରଶାସନ ତରଫରୁ କରାଯିବା ବ୍ୟବସ୍ଥା ରହିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦେଇଛନ୍ତି। ସେହିପରି କାଶୀନଗର ଥାନା ଅନ୍ତର୍ଗତରେ ୫୬ଟି ବୁଥ ରହିଥିବା ବେଳେ ପେଶାଦାର ଅପରାଧରେ ଜଡ଼ିତ ଥିବା ୧୧ଜଣ ବ୍ୟକ୍ତିଙ୍କୁ ୧୧୦ଧାରା ନୋଟିସ କରାଯାଇଥିବା ଓ ବିଭିନ୍ନ ଅପ୍ରୀତିକର ଅପରାଧରେ ଜଡ଼ିତ ୧୭୪ଜଣ ବ୍ୟକ୍ତିଙ୍କୁ ୧୦୭ଧାରା ନୋଟିସ ଜାରି କରିଥିବା ନେଇ ଥାନା ଅଧିକାରୀ ଗୋବିନ୍ଦ ଗୌଡ଼ ସୂଚନା ଦେଇଛନ୍ତି। ନୋଟିସ ଜାରି କରାଯାଇଥିବା ବ୍ୟକ୍ତି ମାନଙ୍କ ଗତିବିଧିକୁ ତୀକ୍ଷ୍ଣ ନଜର ରଖିବା ସହ ଶାନ୍ତି ଶୃଙ୍ଖଳାରେ ପ୍ରତ୍ୟେକ ବୁଥରେ ମତଦାନ କିପରି ହେଇପାରିବ ସେଇଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

## ● ପ୍ରଚାର ବେଳେ ହଟହଟା ଦାଶରଥି

# ବିଧାୟକଙ୍କୁ ପାଞ୍ଚ ବର୍ଷର ହିସାବ ମାଗିଲେ ଲୋକେ



**ମୋହନା, ୯।୫(ସମିସ):** ନିର୍ବାଚନ ପ୍ରଚାର ବେଳେ ବିଧାୟକଙ୍କୁ ଅଟକାଇ ପାଞ୍ଚ ବର୍ଷର ବିକାଶର ହିସାବ ମାଗିଛନ୍ତି ଜନତା। ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ବ୍ଲକ ଅଡବା ଗ୍ରାମରେ। ଗୁରୁବାର କଂଗ୍ରେସର ନିର୍ବାଚନ ପ୍ରଚାରରେ ମୋହନା ବିଧାୟକ ତଥା ମୋହନା କଂଗ୍ରେସ ବିଧାୟକ ପ୍ରାର୍ଥୀ ଦାଶରଥୀ ଗମାଙ୍ଗ ଯାଇଥିବା ବେଳେ ଅଡବା ଗ୍ରାମର ଜନସାଧାରଣ ବିଧାୟକଙ୍କ ଶୋଭାଯାତ୍ରାକୁ ଅଟକାଇ ପାଞ୍ଚ ବର୍ଷରେ ନିର୍ବାଚନମଣ୍ଡଳୀରେ କଣ ବିକାଶ କରିଛନ୍ତି ଯେ ଭୋଟ ମାଗିବା ପାଇଁ ଆସିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଜିତିବା ପର ଠାରୁ ବିଧାୟକ ଅଞ୍ଚଳରେ ଦେଖା ଦେଇ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଲୋକଙ୍କ ପ୍ରଶ୍ନବାଣରେ ଘାଇଲା ବିଧାୟକ କୌଣସି ଉତ୍ତର ନ ଦେଇ ସେଠାରୁ ଚାଲିଯାଇଥିଲେ। ତେବେ ଏଭଳି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# 'ନିର୍ବାଚନମଣ୍ଡଳୀର ବିକାଶ ହିଁ ଏକମାତ୍ର ଲକ୍ଷ୍ୟ'



**ପାରଳାଖେମୁଣ୍ଡି, ୯ ।୫(ସମିସ):** ଚଳିତ ସାଧାରଣ ନିର୍ବାଚନରେ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀରେ ଅନେକ ଉଚ୍ଚ ଶିକ୍ଷିତ ଯୁବକ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୦ ଜଣ ବିଧାୟକ ପ୍ରାର୍ଥୀ ରହିଥିବା ବେଳେ ପ୍ରମୁଖ ଦଳ ମାନଙ୍କ ସହ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟ ଦବ୍ ଦବା ରହିଛି। ଏଥି ମଧ୍ୟରେ ଗୁରାଣ୍ଡି ଗ୍ରାମର ସଞ୍ଜୟ କୁମାର ରାଉତ ଅନ୍ୟତମ। ଜଣେ ଉଚ୍ଚ ଶିକ୍ଷିତ ଯୁବକ ହୋଇଥିବା ବେଳେ ପ୍ରାଇଭେଟ ସେକ୍ଟରରେ ଉଚ୍ଚ ପଦ ପଦରେ କାମ କରି ଦେଶର ବିଭିନ୍ନ ସ୍ଥାନର ବିଭିନ୍ନ ବର୍ଗର ଲୋକଙ୍କ ସହ ରହିଆସିଛନ୍ତି। ଯୁବକ ଜଣକ ରାଜନୀତି ମାଧ୍ୟମରେ ସମାଜର ଉନ୍ନତି ଓ ବିକାଶ ପାଇଁ ଲକ୍ଷ୍ୟ ରଖିଥିବା କହିଛନ୍ତି। ନିର୍ବାଚନ ଲଢି ସମାଜର କାମ କରିବାକୁ ମନ ବଳାଇଛନ୍ତି। ତାଙ୍କୁ ବିଶେଷ କରି ଯୁବଗୋଷ୍ଠୀ ସଞ୍ଜୟଙ୍କୁ ସମର୍ଥନ କରୁଥିବା ଦେଖିବାକୁ ମିଳିଛି।

# ପାରଳାରେ ସିନେତାରକା ବାବୁସାନ ଓ ଏଲିନାଙ୍କ ପ୍ରଚାର



**ପାରଳାଖେମୁଣ୍ଡି, ୯ ।୫(ସମିସ):** ପାରଳାଖେମୁଣ୍ଡିରେ ଗୁରୁବାର ସନ୍ଧ୍ୟାରେ ଓଡ଼ିଆ ସିନେ ତାରକା ବାବୁସାନ ମହାନ୍ତି ଓ ଏଲିନା ସାମନ୍ତରାୟ ବିଜେଡି ପାଇଁ ପ୍ରଚାର କରିଥିଲେ। ଏଥିରେ ବହୁ ସଂଖ୍ୟାରେ ବିଜେଡି ସମର୍ଥକ ମାନେ ଯୋଗ ଦେଇଥିବା ବେଳେ ନିଜ ପ୍ରିୟ ସିନେତାରକାଙ୍କୁ ଦେଖିବାପାଇଁ ଲୋକେ ଛକ ତଥା ସାହି ସାହିରେ ଭିଡ ଜମାଇଥିଲେ। ସ୍ଥାନୀୟ ହାଇଟେକ ପ୍ଲାଜା ଠାରୁ ଆରମ୍ଭ ହୋଇଥିବା ରୋଡ୍ ସୋ'ରେ ବହୁ ସଂଖ୍ୟାରେ ବିଜେଡି ସମର୍ଥକ ମାନେ ନଗର ପରିକ୍ରମା ଯଥା ସାହି କୁ ସାହି ବୁଲି ପାରଳା ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଇଂ.ରୂପେଶ କୁମାର ପାଣିଗ୍ରାହୀଙ୍କ ପାଇଁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ମତଦାନ ତାରିଖ ପାଖେ ଆସୁଥିବା ବେଳେ ବିଜେଡିର ଲୋକପ୍ରିୟ ମଧ୍ୟ ବୃଦ୍ଧି ହେଉଥିବା ଦେଖିବାକୁ ମିଳୁଛି।

# ଗୋଷାଣି ବ୍ଲକର ବିଭିନ୍ନ ସ୍ଥାନରେ ବିଜେଡିର ପ୍ରଚାର




**ପାରଳାଖେମୁଣ୍ଡି, ୯ ।୫(ସମିସ):** ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋଷାଣି ବ୍ଲକର ବିଭିନ୍ନ ସ୍ଥାନରେ ବିଜେଡିର ପ୍ରଚାର ଜୋରଜାର ଚାଲିଛି। ଏଥିରେ ସ୍ଥାନୀୟ ନେତାଙ୍କ ଠାରୁ ଆରମ୍ଭ କରି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, ବିଜେଡି ବ୍ଲକ ସଭାପତି ଏସ୍. ଈଶ୍ୱର ରାଓଙ୍କ ସହ ଯୁବ ନେତା ଓ କର୍ମୀ ଉତ୍ସାହର ସହ ଦଳ ପାଇଁ ପ୍ରଚାର କରୁଛନ୍ତି। ଏଥିଯୋଗୁଁ ଗୋଷାଣି ବ୍ଲକରେ ବିଜେଡି ଅଗ୍ରଣୀ ବୋଲି ଆଲୋଚନା ହେଉଛି। ଏହା ସହ ପାରଳାଖେମୁଣ୍ଡି ବିଧାନସଭାର ବିଜେଡି ବିଧାୟକ ପ୍ରାର୍ଥୀ ଇଂ.ରୂପେଶ କୁମାର ପାଣିଗ୍ରାହୀ ଏବଂ ତାଙ୍କ ପରିବାର ଲୋକେ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ଘନ ଘନ ଗସ୍ତ କରି ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ବିଧାୟକ ପ୍ରାର୍ଥୀ ଶ୍ରୀ ପାଣିଗ୍ରାହୀଙ୍କ ପତ୍ନୀଙ୍କ ସମେତ ତାଙ୍କ ବଡ ଭାଉଜ, ବଡଭାଇ ଦିନରାତି ଏକ କରିଦେଇଛନ୍ତି ରୂପେଶଙ୍କ ବିଜୟ ଲାଗି। ରୂପେଶଙ୍କ ପରିବାର ଲୋକେ ଗୁରୁବାର ଗାରବନ୍ଧ ଗ୍ରାମାଞ୍ଚଳରେ ଘରକୁ ଘର ବୁଲି ଲୋକଙ୍କୁ ବିଜେଡି ତଥା ବିଧାୟକ ପାର୍ଥୀ ରୂପେଶଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଲୋକେ ମଧ୍ୟ ପ୍ରାର୍ଥୀଙ୍କ ପରିବାର ବର୍ଗଙ୍କ ପ୍ରଚାରକୁ ଦେଖି ଖୁସିବ୍ୟକ୍ତ କରୁଥିବା ବେଳେ ବିଜେଡିକୁ ଭୋଟ ଦେବାପାଇଁ ସମ୍ମତି ପ୍ରକାଶ କରୁଥିବାର ଲକ୍ଷ୍ୟ କରାଯାଇଛି।

# କାର୍ ଧକ୍କାରେ ଶିଶୁକନ୍ୟା ଗୁରୁତର

**ମୋହନା, ୯।୫(ସମିସ):** ଗଜପତି ଜିଲ୍ଲା ମୋହନା ଥାନା ସ୍ଥାନୀୟ ହିଲ୍‌ଟପ୍ କଲେଜ ଛକ ନିକଟରେ ଗୁରୁବାର କାର୍ ଧକ୍କାରେ ଜଣେ ଦୁଇ ବର୍ଷର ଶିଶୁ କନ୍ୟା ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ପ୍ରକାରେ ଆର.ଉଦୟଗିରି ଏସଡ଼ିପିଓଙ୍କ ପୁଅ ଓ ସ୍ତ୍ରୀ କାର ଆର.ଉଦୟଗିରିରୁ ଗଞ୍ଜାମ ଯାଉଥିଲେ। ସେହି ସମୟରେ ପୁତୁଲିପଙ୍କା ଗ୍ରାମର ମିଥୁନ ନାୟକ କଲେଜ ଛକରେ ଦୁଇ ପିଲାକୁ ଧରି ଥଣ୍ଡା ପିଉଥିବା ବେଳେ କାର୍ ଦ୍ରୁତ ଗତିରେ ଆସି ଶିଶୁ କନ୍ୟାକୁ ଧକ୍କା ଦେଇଥିଲା। ଗୁରୁତର ଆହତ ଶିଶୁ କନ୍ୟାକୁ ପ୍ରଥମେ ମୋହନା ଏବଂ ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ଏଏମ୍‌ସିଏସ୍ ମହାବିଦ୍ୟାଳୟ ପାଇଁ ସଫଳତା ଆଣିଲେ ଆଦ୍ୟାଶା



**ଟିକାବାଲି, ୯।୫(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ଏଏମସିଏସ ମହାବିଦ୍ୟାଳୟ ର ଶେଷବର୍ଷ ସ୍ନାତକ ଉଦ୍ଭିଦବିଜ୍ଞାନ ଛାତ୍ରୀ ଆଦ୍ୟାଶା ପଟ୍ଟନାୟକ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷାରେ ଅଷ୍ଟମ ସ୍ଥାନ ଅଧିକାର କରି କନ୍ଧମାଳ ଜିଲ୍ଲା ଏବଂ କଲେଜ ପାଇଁ ଗୌରବ ଆଣିଛନ୍ତି। ଏ ସଫଳତା ପାଇଁ ସେ ତାଙ୍କ ପିତା ବରିଷ୍ଠ ସାମ୍ବାଦିକ ଗୋପାଳ କୃଷ୍ଣ ପଟ୍ଟନାୟକ, ମା ସଂଗୀତା ପଟ୍ଟନାୟକ ଓ ପରିବାରର ଅନ୍ୟ ସଦସ୍ୟଙ୍କୁ ଶ୍ରେୟ ଦେଇଛନ୍ତି। ଏଥି ସହ କଲେଜର ପୂର୍ବତନ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି, ବିଭାଗୀୟ ମୁଖ୍ୟ ସନ୍ତୋଷ କୁମାର ରଥ, ଡେମୋନଷ୍ଟ୍ରେଟର ରବିନାରାୟଣ ପାଣିଗ୍ରାହୀ, ଅଧ୍ୟାପିକା ଲିପିକା ମହାନ୍ତିଙ୍କୁ ମଧ୍ୟ ଶ୍ରେୟ ଦେଇଛନ୍ତି। ଟିକାବାଲି କଲେଜର ଶିକ୍ଷାଦାନ ଓ ବିଭାଗୀୟ ମୁଖ୍ୟଙ୍କ ଶିକ୍ଷାଦାନ ଶୈଳୀଙ୍କୁ ପ୍ରଶଂସା କରିଛନ୍ତି। ସେ ଜଣେ ମେଧାବୀ ଛାତ୍ରୀ। ଜିଲ୍ଲା ସ୍ତରରେ ତର୍କ, ପ୍ରବନ୍ଧ ଓ ନୃତ୍ୟ ପ୍ରତିଯୋଗିତାରେ ସେ ସଫଳତା ଅର୍ଜନ କରିଛନ୍ତି। କଲେଜ ପାଇଁ ସଫଳତା ଆଣିଥିବାରୁ ଅଧ୍ୟକ୍ଷା, ଅଧ୍ୟାପକ, ସମସ୍ତ କର୍ମଚାରୀ ଓ ଅଂଚଳବାସୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପାରଳାରେ ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ

**ପାରଳାଖେମୁଣ୍ଡି, ୯ ।୫(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ, ରାଜେନ୍ଦ୍ର ମିଞ୍ଜ ଓ ଉପଜିଲ୍ଲାପଳ ଅନୁପ ପଣ୍ଡା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ବିଶ୍ୱ ରେଡକ୍ରସ୍ ଦିବସ ଉପରେ ଆଲୋଚନା କରିଥିଲେ। ପ୍ରତିବର୍ଷ ବିଶ୍ୱରେଡ କ୍ରସ୍ ଦିବସ ପାଳିତ ହେଉଛି। ଆଜି ଆମେ ସମସ୍ତେ ଏକତ୍ର ହୋଇ ଜେନ୍ ହେନରୀ ଡୁନଣ୍ଟଙ୍କ ପାଇଁ ସେ କେତେ ଯେ ମହାନ, କଳ୍ପନା କରିହେବନାହିଁ। ମାନବିକତା ଜୀବନ ଉପରେ ଚିନ୍ତା କରୁଥିଲେ। ଲୋକଙ୍କ ସାହାଯ୍ୟ ଓ ସହଯୋଗ ସମଗ୍ର ବିଶ୍ୱରେ ସବୁ ପ୍ରକାର ଲୋକଙ୍କ ସହ ଜଡିତ ହୋଇ ରହୁଥିଲେ। ବିଶ୍ୱ ଶାନ୍ତି ପାଇଁ ରେଡକ୍ରସ କାମ କରି ଆସୁଛି ବୋଲି ସମସ୍ତ ଅତିଥି କହିଥିଲେ। ଜିଲ୍ଲାପାଳ କହିଥିଲେ ଯେ ପୃଥିବୀର କୋଣ ଅଣୁକୋଣରେ ରେଡକ୍ରସ କାମ କରୁଛି ଏବଂ ଜଣେ ଜଣକୁ ପ୍ରତି ଆଦର ଓ ସାହାଯ୍ୟ କରିବାର ମନୋବୃତ୍ତି ରହିବା ଉଚିତ୍। ସମସ୍ତେ ଏକତା ହୋଇ କାମ କଲେ ଆମେ ବହୁତ ଲୋକଙ୍କୁ ସାହାଯ୍ୟ କରିବା ସହ ଅନେକଙ୍କ ଜୀବନ ବଞ୍ଚାଇ ପାରିବା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ପଟ୍ଟନାୟକ, ଆରଏମସି ସେକ୍ରେଟାରୀ ରବତ ମୋହନ ରାଉତ, ସାମ୍ବାଦିକ ଦିଲୀପ କୁମାର ଶତପଥୀ ସମେତ ସମସ୍ତ ଲାଇଫ ମେମ୍ବର ଉପସ୍ଥିତ ଥିଲେ। ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଜଗନ୍ନାଥ ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ।



# କନ୍ଧମାଳ ଟ୍ରାଇବଲ୍ ଡାୟସିସର ବାର୍ଷିକ ମହାସଭା ଉଦଯାପିତ

**ଦାରିଙ୍ଗବାଡ଼ି, ୯ ।୫(ସମିସ)**

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଲତେସବାନ୍ଧାରେ ଟ୍ରାଇବଲ୍ ଡାୟସିସ ଅଫ କନ୍ଧମାଳର କେର୍କେବାଡ଼ି ପାଷ୍ଟରେଟର ବାର୍ଷିକ ମହାସଭା ଉଦଯାପିତ ହୋଇଛି। ଏହି ମହାସଭା ୩ ଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ଗୁରୁବାର ଉଦଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଟ୍ରାଇବଲ୍ ଡାୟସିସ ଅଫ କନ୍ଧମାଳ ବିଶପ ବାଞ୍ଛାନିଧି ନାୟକ ଓ ସମ୍ମାନିତ ଅତିଥି ଭାବରେ ବିଶପ ଡ. ଦିଲୀପ କୁମାର୍ ବଳ ଯୋଗ ଦେଇଥିଲେ। ପ୍ରଥମ ଦିନ ମୁଖ୍ୟଅତିଥି ରିବନ୍ କାଟି କାର୍ଯକ୍ରମର ଶୁଭାରମ୍ଭ କରିଥିଲେ। ସଭାପତି ଆଚାର୍ଯ୍ୟ ଦୁର୍ବାସା ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ଧୀରେନ୍ଦ୍ର ପ୍ରଧାନ ସ୍ୱାଗତ କାର୍ଯ୍ୟକ୍ରମ ପରିଚାଳନା କରି ମଞ୍ଚସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଦ୍ୱିତୀୟ ଦିନ ବିଶପ ଡ. ଦିଲୀପ କୁମାର୍ ବଳଙ୍କୁ ଟ୍ରାଇବଲ୍ ଡାୟସିସ ଅଫ କନ୍ଧମାଳ ପକ୍ଷରୁ ଟ୍ରାଇବଲ୍ ଡାୟସିସକୁ ପରିଚାଳନା କରିବା ନିମନ୍ତେ ନୂତନ ଭାବରେ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ପୂର୍ବରୁ ଏହି ଦାୟିତ୍ୱରେ ବିଶପ ବାଞ୍ଛାନିଧି ନାୟକ ଥଲେ। ଏହି ଡ଼ାୟଶିସରେ ଅନେକ ମଣ୍ଡଳୀ ରହିଥିବା ବେଳେ ମୁଖ୍ୟଯାଜକ ଭାବରେ ବିଶପ ବଳଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଛି। ତିନି ଦିନର କାର୍ଯ୍ୟକ୍ରମରେ ମୁମ୍ବାଇର ଶେଖର କଲ୍ୟାଣପୁର ଓ ମଧ୍ୟପ୍ରଦେଶର ବିଶପ ଆମୋଷ ସିଂ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ସଙ୍ଗୀତ ପରିବେଷଣ ନବରଙ୍ଗପୁରର ଗାୟକ ଜଗନମୋହନ ନାଗ କରିଥିଲେ। କାର୍ଯ୍ୟକ୍ରମରେ ୮ ହଜାରରୁ ଅଧିକ ଖ୍ରୀଷ୍ଟ ବିଶ୍ୱାସୀ ଉପସ୍ଥିତ ରହି ଈଶ୍ୱରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଟ୍ରାଇବାଲ ଡାୟସିସର ସମସ୍ତ କର୍ମକର୍ତ୍ତା ବିଭିନ୍ନ ଦାୟିତ୍ୱରେ ରହି ସହଯୋଗ କରିଥିଲେ।



## କେଜ୍ରିୱାଲଙ୍କ ଜାମିନକୁ ଇଡିର ବିରୋଧ

# ନିର୍ବାଚନ ପ୍ରଚାର ମୌଳିକ ଅଧିକାର ନୁହେଁ

ନୂଆଦିଲ୍ଲୀ, ୯।୫(ଏଜେନ୍ସି)



ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ବର୍ତ୍ତମାନ ତିହାରଜେଲରେରହିଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଅନ୍ତରୀଣ ଜାମିନ ଆବେଦନ ଉପରେ ଗତ ୭ ତାରିଖରେ ସୁପ୍ରିମକୋର୍ଟରେ ଶୁଣାଣି କରାଯାଇଥିଲା। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ଦୀପଙ୍କର ଦତ୍ତାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ନିର୍ବାଚନ ପ୍ରଚାର ପାଇଁ କେଜ୍ରିୱାଲଙ୍କୁ ଅନ୍ତରୀଣ ଜାମିନ ଦେବାକୁ ତାଙ୍କ ଓକିଲ ଅଭିଷେକ ମନୁସିଂହଭି ଯୁକ୍ତି ବାଢିଥିଲା ବେଳେ ମେ ’ ୧୦ରେ ଏନେଇ ସର୍ବୋଚ୍ଚ ନ୍ୟାୟାଳୟ କିଛି ସକାରାତ୍ମକ ନିଷ୍ପତ୍ତି ନେଇପାରନ୍ତି ବୋଲି ସୂଚନା ମିଳିଥିଲା। ହେଲେ ଏହାପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କେଜ୍ରିୱାଲଙ୍କ ଜାମିନକୁ ଗୁରୁବାର ଦୃଢ ବିରୋଧ କରିଛି। ଇଡି ପକ୍ଷରୁ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯିବା ସହିତ ନିର୍ବାଚନ ପ୍ରଚାର କୌଣସି ନେତାଙ୍କ ମୌଳିକ କିମ୍ବା ସାମ୍ବିଧାନିକ ଅଧିକାର ନୁହେଁ ବୋଲି ଇଡି କହିଛି। ଏପରିକି ନିର୍ବାଚନ ପ୍ରଚାର ପାଇଁ ଜାମିନ ମିଳିବା କୌଣସି ନେତାଙ୍କ ପାଇଁ ଆଇନଗତ ଅଧିକାର ମଧ୍ୟ ନାହିଁ ବୋଲି ଇଡି କହିଛି। ଇଡି କହିଛି ଯେ,ଜେଲରେ ଥିବା କୌଣସି ନେତାଙ୍କୁ ନିର୍ବାଚନ ପ୍ରଚାର କରିବା ଆଧାରରେ ଜାମିନ ଦିଆଯିବାର ନଜିର ନାହିଁ। ଏପରିକି ଯଦି କୌଣସି ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥାଆନ୍ତି ତାଙ୍କୁ ମଧ୍ୟ ନିଜର ପ୍ରଚାର କରିବାକୁ ଜାମିନ ଦିଆଯାଇ ନାହିଁ। ଅରବିନ୍ଦ କେଜ୍ରିୱାଲ ନିଜେ ପ୍ରାର୍ଥୀ ହୋଇ ନଥିବା ବେଳେ ତାଙ୍କୁ ଅଦାଲତ କେମିତି ଜାମିନ ଦେବାକୁ ଚିନ୍ତା କରୁଛନ୍ତି ବୋଲି ଇଡି ଉପ ନିର୍ଦ୍ଦେଶକ ଭାନୁ ପ୍ରିୟା ଅନ୍ତରୀଣ ଜାମିନକୁ ବିରୋଧ କରି ସତ୍ୟପାଠ ଦାଖଲ କରିଛନ୍ତି। ଇଡି ପୁଣି କହିଛି ଯେ, ସମାନ କାରଣ ଦର୍ଶାଇ କେଜ୍ରିୱାଲ ପୂର୍ବରୁ ବହୁ ସମନକୁ ଏଡ଼ାଇ ଯାଇଥିଲେ। ସେ ୫ ରାଜ୍ୟରେ ନିର୍ବାଚନ ଚାଲିଥିବା କଥା କହି ବିଭିନ୍ନ ସମୟରେ ଜାରି କରାଯାଇଥିବା ସମନ ଅନୁଯାୟୀ ହାଜର ହୋଇ ନଥିଲେ।

**ନିମ୍ନ ଅଦାଲତରେ ଆଜି ଇଡି ଦାଖଲ କରିବ ଚାର୍ଜସିଟ୍**

ଯଦି ନିର୍ବାଚନ ପ୍ରଚାର ପାଇଁ ଅନ୍ତରୀଣ ଜାମିନ ଦିଆଯିବ, ତା’ହେଲେ କୌଣସି ରାଜନେତାଙ୍କୁ ଗିରଫ କରାଯାଇ ପାରିବ ନାହିଁ କିମ୍ବା ବିଚାର ବିଭାଗୀୟ ହାଜତରେ ରଖାଯାଇ ପାରିବ ନାହିଁ।ବିଗତ ୩ ବର୍ଷ ମଧ୍ୟରେ ପ୍ରାୟ ୧୨୩ଟି ନିର୍ବାଚନ ହୋଇଛି। ଯଦି ପ୍ରଚାର ପାଇଁ ଅନ୍ତରୀଣ ଜାମିନ ମିଳିବ ତେବେ ବର୍ଷ ତମାମ ନିର୍ବାଚନ ହେଉଥିବାରୁ କୌଣସି ରାଜନେତାଙ୍କୁ କେବେ ହେଲେ ଗିରଫ କରାଯାଇ ପାରିବ ନାହିଁ ବୋଲି ଇଡି ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। କେଜ୍ରିୱାଲଙ୍କୁ ସ୍ୱତନ୍ତ୍ର ଅନୁକମ୍ପା ଦେଖାଇ ଯଦି ସାଧାରଣ ନିର୍ବାଚନର ପ୍ରଚାର ପାଇଁ ଜାମିନ ଦିଆଯିବ, ତା’ହେଲେ ଏହା ପ୍ରଚଳିତ ଆଇନ ଓ ସମାନତା ଅଧିକାରୀକୁ ଉଲ୍ଲଙ୍ଘନ କରିବ। କାରଣ ଏହାକୁ ଅଧାର କରି ଅନ୍ୟ ଅଭିଯୁକ୍ତ ନେତା ମଧ୍ୟ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବେ। ତେଣୁ ଆଇନ ଦୃଷ୍ଟିରୁ ଜଣେ ସାଧାରଣ ଲୋକ ପାଇଁ ଯେଉଁ ବ୍ୟବସ୍ଥା ରହିଛି ଅରବିନ୍ଦ କେଜ୍ରିୱାଲ କିମ୍ବା ଅନ୍ୟ ରାଜନେତାଙ୍କ ପାଇଁ ମଧ୍ୟ ତାହା ପ୍ରଯୁଜ୍ୟ ହେବା ଦରକାର ବୋଲି ଇଡି କହିଛି।

■ ଭୋଟରଙ୍କୁ ପ୍ରିୟଙ୍କା ଗାନ୍ଧୀଙ୍କ ପ୍ରଶ୍ନ

## ୫କେଜି ରାସନ୍ ନା ଚାକିରି, କେଉଁଟା ବାଛିବ?



ରାଏବରେଲୀ, ୯ ।୫(ଏଜେନ୍ସି): କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଆଜି ଏକ ନିର୍ବାଚନ ପ୍ରଚାର ସଭାରେ କହିଛନ୍ତି, ୫ କିଲୋଗ୍ରାମ୍ ଫ୍ରି ରାସନ୍ ଜଣକୁ ଆତ୍ମନିର୍ଭର କରାଏ ନାହିଁ, କାହାର ଭବିଷ୍ୟତ ଗଢ଼େନାହିଁ। ଯଦି କାହାକୁ କୁହାଯାଏ ମାସକୁ ୫ କେଜି ମାଗଣା ରାସନ୍ ନେବେ ନା ଚାକିରୀ କରିବେ ତେବେ ସେ ନିଶ୍ଚୟ ଚାକିରୀ କରିବାକୁ ଚାହିଁବେ। ଚାକିରୀ ମିଳିଲେ ଜଣେ ସ୍ୱାବଲମ୍ବୀ ହୋଇପାରିବେ। ଯେଉଁ ରାଜନୈତିକ ଦଳ ଲୋକଙ୍କୁ ଆତ୍ମନିର୍ଭର ନକରି ପରନିର୍ଭର କରାଉଥିବା ଭଳି ନୀତି ଧରେ ଓ ତଦନୁଯାୟୀ ଯୋଜନା ବା ସ୍କିମ୍ ଆଣେ, ସେହି ରାଜନୈତିକ ଦଳକୁ ଭୋଟର ପ୍ରତ୍ୟାଖ୍ୟାନ କରିବା ଉଚିତ ବୋଲି ପ୍ରିୟଙ୍କା ତାଙ୍କ ଭାଷଣରେ କହିଛନ୍ତି।

## ବାଣ କାରଖାନାରେ ବିସ୍ଫୋରଣ; ୮ ମୃତ



ଶିବକାଶି, ୯ ।୫(ଏଜେନ୍ସି): ତାମିଲନାଡୁର ଶିବକାଶିର ଏକ ବାଣ କାରଖାନାରେ ବାଣ ଗଦାରେ ଗୁରୁବାର ଅପରାହ୍ନରେ ନିଆଁ ଲାଗି ବଡ଼ ଧରଣର ବିସ୍ଫୋରଣ ଘଟିବାରୁ ୮ ଶ୍ରମିକଙ୍କ ମୃତ୍ୟୁ ହେବା ସହିତ ଅନ୍ୟ ୩ ଜଣ ପୋଡ଼ିଯାଇ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ମହିଳା ଅଛନ୍ତି। ଆହତଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ରହିଥିବାରୁ ମୃତ୍ୟୁସଂଖ୍ୟା ବଢିବାର ଆଶଙ୍କା ରହିଛି। ବାଣ କାରଖାନାରେ ନିଆଁ ଲାଗିଥିବା ସୂଚନା ମିଳିବା ପରେ ଘଟଣାସ୍ଥଳରେ ଅଗ୍ନିଶମ ଟିମ୍ ପହଞ୍ଚି ନିଆଁ ଆୟତ୍ତ କରିଥିଲା। ଏହାସହିତ ଆହତମାନଙ୍କୁ ଉଦ୍ଧାର କରାଯାଇ ସରକାରୀ ହସପିଟାଲରେ ଭର୍ତ୍ତି କରାଯାଇଥିଲା ବୋଲି ପୁଲିସ୍ କହିଛି। ନିଆଁ ଲାଗିବାର କାରଣ ଜାଣିବାକୁ ପ୍ରୟାସ ଚାଲିଛି। ଏହି ବାଣ କାରଖାନାରେ ୧୦ଜଣ ମଜୁରିଆ କାର୍ଯ୍ୟରତ ଥିଲେ।

## ଯାଞ୍ଚ ବେଳେ ଟ୍ରକରୁ ୮ କୋଟି ଜବତ



ଗୁଣ୍ଟୁର, ୯।୫(ଏଜେନ୍ସି): ଚଳିତ ନିର୍ବାଚନକୁ ନେଇ ଆଚରଣ ବିଧି ଲାଗୁ ହୋଇଥିବା ସତ୍ତ୍ୱେ ଆନ୍ଧ୍ରପ୍ରଦେଶର ଏକ ଚେକ୍ ପୋଷ୍ଟରେ ଯାଞ୍ଚ ବେଳେ ଏକ ଟ୍ରକ୍‌ରୁ ଗୁରୁବାର ନଗଦ ୮ କୋଟି ଟଙ୍କା ଜବତ ହୋଇଛି। ଗରିକାପାଡୁ ଚେକ୍ ପୋଷ୍ଟରେ ପାଇପ୍ ଲୋଡ୍ ହୋଇ ଯାଉଥିବା ଟ୍ରକରେ ଚେକିଂ ବେଳେ ଏନଟିଆର ଜିଲ୍ଲା ପୁଲିସ ବିଡ଼ା ବିଡ଼ା ଟଙ୍କା ବଣ୍ଡଲ ଜବତ କରିଛି । ଏହି ଟ୍ରକର ସ୍ୱତନ୍ତ୍ର କ୍ୟାବିନରେ ଟଙ୍କା ଭର୍ତ୍ତି କରାଯାଇ ଏହାକୁ ହାଇଦରାବାଦରୁ ଗୁଣ୍ଟୁର ସହରକୁ ପଠାଯାଉଥିଲା ବୋଲି ଜଣାପଡ଼ିଛି। ଟ୍ରକ୍‌ରେ ଟଙ୍କା ଯାଉଥିବା ସୂଚନା ପାଇ ପୁଲିସ୍ ଟ୍ରକ୍ ଅଟକାଇବା ସହିତ ଯାଞ୍ଚ କରିଥିଲା। ଏହାପରେ ଟ୍ରକ୍‌ରୁ ବିଡ଼ା ବିଡ଼ା ଟଙ୍କା ଜବତ କରିଥିଲା। ଜବତ ହୋଇଥିବା ସମସ୍ତ ଟଙ୍କା ଜିଲ୍ଲା ଯାଞ୍ଚ ଟିମ୍‌କୁ ହସ୍ତାନ୍ତର କରାଯାଇଛି । ଏହି ଟଙ୍କା କାହାର ଏବଂ କେଉଁଠୁ ଆସିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଆସନ୍ତା ୧୩ ତାରିଖରେ ଏଠାରେ ବିଧାନସଭା ସହିତ ଲୋକସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏତେ ପରିମାଣର ଟଙ୍କା ଜବତକୁ ନେଇ ହଇଚଇ ସୃଷ୍ଟି ହୋଇଛି।

## ସନ୍ଦେଶଖାଲି ଘଟଣାକୁ ନେଇ ମହିଳାଙ୍କ ‘ୟୁ-ଟର୍ଣ୍ଣ’

କୋଲକାତା, ୯।୫(ଏଜେନ୍ସି)

ପଶ୍ଚିମବଙ୍ଗର ବହୁ ଚର୍ଚ୍ଚିତ ସନ୍ଦେଶଖାଲି ମାମଲା ଏବେ ୟୁ-ଟର୍ଣ୍ଣ ନେଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଟିଏମ୍‌ସି ନେତା ଶେଖ ଶାହଜାହାଁଙ୍କ ବିରୋଧରେ ପୂର୍ବରୁ ବହୁ ମହିଳା ଦୁଷ୍କର୍ମ ଅଭିଯୋଗ ଆଣିଥିଲା ବେଳେ ଏବେ କିଛି ମହିଳା ସେମାନଙ୍କ ଅଭିଯୋଗ ପ୍ରତ୍ୟାହାର କରିନେଇଥିବା କୁହାଯାଇଛି। ଶାହଜାହାଁଙ୍କ ବିରୋଧରେ ମିଛ ଅଭିଯୋଗ କରିବା ପାଇଁ ସେମାନଙ୍କୁ ଧମକ ମିଳିଥିବାରୁ ସେମାନେ ଏଭଳି ଅଭିଯୋଗ ଆଣିଥିବା କହିଛନ୍ତି। ଏନେଇ ଦୁଇ ଜଣ ମହିଳା କହିଛନ୍ତି ଯେ, ବିଜେପି ମହିଳା ମୋର୍ଚ୍ଚାର କିଛି ସ୍ଥାନୀୟ ନେତା ସେମାନଙ୍କ ଘରକୁ ଆସିଥିଲେ। ସେମାନେ ସାଦା କାଗଜରେ ମହିଳାମାନଙ୍କ ସ୍ୱାକ୍ଷର ନେଇଥିଲେ। ଏହାପରେ ଥାନାରେ ମିଛ ଦୁଷ୍କର୍ମ ଅଭିଯୋଗ କରାଯାଇଥିଲା ବୋଲି କିଛି ମହିଳା କହିଛନ୍ତି। ଏହା ଯୋଜନାବଦ୍ଧ ଏବଂ ଏହି ମିଥ୍ୟା ଅଭିଯୋଗର ଆମେ ଭାଗିଦାରୀ ହେବୁ ନାହିଁ ବୋଲି ସନ୍ଦେଶଖାଲିର ଦୁଇ ମହିଳା କହିବା ପରେ ଘଟଣା ଭିନ୍ନ ମୋଡ଼ ନେଇଛି।

### ବିଜେପି ପ୍ରାର୍ଥୀଙ୍କ ଗାଡ଼ି ଉପରକୁ ବୋମାମାଡ଼

ପଶ୍ଚିମବଙ୍ଗର କାନ୍ଥୀ ଲୋକସଭା ବିଜେପି ପ୍ରାର୍ଥୀ ସୌମେନ୍ଦୁ ଅଧିକାରୀଙ୍କ ଗାଡ଼ି ଉପରକୁ ଗୁରୁବାର ବୋମା ମାଡ଼ ହୋଇଛି। ନିର୍ବାଚନ ପ୍ରଚାର ଶୋଭାଯାତ୍ରା ବେଳେ ସୌମେନ୍ଦୁଙ୍କ କାରକେଡକୁ ନିଶାଣ କରି ଦୁର୍ବୃତ୍ତମାନେ ବୋମା ମାଡ଼ କରିଥିବା ଜଣାପଡ଼ିଛି। ତେବେ ଏଥିରେ କେହି ଆହତ ହୋଇନାହାନ୍ତି। ପୁଲିସ ଏହି ଘଟଣା ସଂପର୍କରେ ତଦନ୍ତ ଆରମ୍ଭ କରିଛି।

■ ପନ୍ନୁ ହତ୍ୟା ଷଡ଼ଯନ୍ତ୍ର ପ୍ରସଙ୍ଗରେ ରୁଷର ପ୍ରତିକ୍ରିୟା

## ପ୍ରମାଣ ନଥାଇ ଭାରତକୁ ଦୋଷ ଦେଉଛି ଆମେରିକା



ମସ୍କୋ, ୯ ।୫(ଏଜେନ୍ସି)

ଆମେରିକା ଭୂମିରେ ଜଣେ ଖାଲିସ୍ଥାନୀ ଆତଙ୍କବାଦୀକୁ ହତ୍ୟା କରିବା ଷଡ଼ଯନ୍ତ୍ରରେ ଭାରତୀୟ ନାଗରିକଙ୍କ ସଂପୃକ୍ତି ନେଇ ୱାଶିଂଟନ ପୋଷ୍ଟ’ର ରିପୋର୍ଟକୁ ରୁଷ ସରକାର ନିନ୍ଦା କରିଛନ୍ତି। ଏବେ ସାଧାରଣ ନିର୍ବାଚନ ଚାଲିଥିବା ବେଳେ ନିର୍ବାଚନରେ ଜଟିଳାବସ୍ଥା ସୃଷ୍ଟି କରିବା ଲକ୍ଷ୍ୟରେ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ଆମେରିକାର ଅବାଞ୍ଛିତ ହସ୍ତକ୍ଷେପ କରିଥିବା ଦର୍ଶାଇ ରୁଷ ସରକାର କହିଛନ୍ତି, କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ଉପସ୍ଥାପନ ନକରି ଆମେରିକା ନିୟମିତ ଭାବେ ନୂଆଦିଲ୍ଲୀ ଉପରେ ଦୋଷାରୋପ କରିଆସୁଛି। ରୁଷର ବିଦେଶ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି, ଜିଏସ୍ ପାନୁନ ନାମକ ଜଣେ ବ୍ୟକ୍ତିକୁ ହତ୍ୟା କରିବାକୁ ଭାରତୀୟ ନାଗରିକ ଷଡ଼ଯନ୍ତ୍ର କରିଥିବାର ବିଶ୍ୱସନୀୟ ପ୍ରମାଣ ୱାଶିଂଟନ ଏଯାଏଁ ଦେବାକୁ ସକ୍ଷମ ହୋଇନି। ପ୍ରମାଣ ନଥାଇ କେବଳ ଅନୁମାନରେ ଅଭିଯୋଗ, ଦୋଷାରୋପ କରାଯାଉଛି ଯାହା ଗ୍ରହଣୀୟ ନୁହେଁ। ଗତବର୍ଷ ନଭେମ୍ବରରେ ୟୁଏସ୍ ଫେଡେରାଲ ପ୍ରସିକ୍ୟୁଟରମାନେ ଭାରତୀୟ ନାଗରିକ ନିଖିଲ ଗୁପ୍ତା ଓ ଜଣେ ଭାରତୀୟ ସରକାରୀ କାର୍ଯ୍ୟକର୍ତ୍ତା ମିଶି ଆମେରିକାର ନାଗରିକତ୍ୱ ପାଇଥିବା ଶିଖ୍ ବ୍ୟକ୍ତି ଜିଏସ୍ ପାନୁନଙ୍କୁ ହତ୍ୟା କରିବା ପାଇଁ ପ୍ରସ୍ତୁତି ଚଳାଇଥିବା ଅଭିଯୋଗ ଆମେରିକାର ଏକ ଅଦାଲତରେ ଉଠାଇଥିଲେ। ପାନୁନ ହେଉଛନ୍ତି ଶିଖସ୍ ଫର୍ ଜଷ୍ଟିସ୍ ନାମକ ବେଆଇନ ଘୋଷିତ ସଂଗଠନର ମୁଖପାତ୍ର। ଭାରତ ତାଙ୍କୁ ଡେଜିଗ୍‌ନେଟେଡ୍ ଟେରରିଷ୍ଟ ଘୋଷଣା କରିଛି। ପାନୁନଙ୍କର ଉଭୟ ଆମେରିକା ଓ କାନାଡାର ଦ୍ୱୈତ ନାଗରିକତା ରହିଛି।

## ଓୱେସୀ ଭ୍ରାତାଙ୍କୁ ବିଜେପି ନେତ୍ରୀ ନବନୀତଙ୍କ ଖୋଲା ଚ୍ୟାଲେଞ୍ଜ; କାର୍ଯ୍ୟାନୁଷ୍ଠାନ ଦାବି

ହାଇଦରାବାଦ୍, ୯।୫(ଏଜେନ୍ସି): ଆସନ୍ତା ୧୩ ତାରିଖରେ ଲୋକସଭା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ମତଦାନ ହେବାକୁ ଯାଉଥିବା ବେଳେ ସବୁ ଦଳ ପକ୍ଷରୁ ପ୍ରଚାର ଅଭିଯାନ ଜୋରଦାର କରାଯାଇଛି। ପ୍ରଚାର ମୈଦାନରେ ମାଲମାଲ ହେଭିଓ୍ୱେଟ୍ ନେତା ଘନ ଘନ ରୋଡ୍ ଶୋକ କରୁଛନ୍ତି। ତେବେ ହାଇଦରାବାଦ୍‌ରେ ପ୍ରଚାର ଅଭିଯାନ ଚାଲିଥିବା ବେଳେ ବିଜେପି ନେତ୍ରୀ ନବନୀତ ରାଣାଙ୍କ ଏକ ବୟାନକୁ ନେଇ ବିବାଦୀୟ ପରିସ୍ଥିତି ଉପୁଜିଛି। ମହାରାଷ୍ଟ୍ରର ଅମରାବତୀ ସାଂସଦ ନବନୀତ ହାଇଦରାବାଦ୍‌ର ବିଜେପି ପ୍ରାର୍ଥୀ ମାଧବୀ ଲତାଙ୍କ ସମର୍ଥନରେ ପ୍ରଚାର କରିଥିଲା ବେଳେ ଏହି ସମୟରେ ସେ ଏମଆଇଏମଆଇଏମ ନେତା ଆସାଦୁଦ୍ଦିନ ଓୱେସୀ ଏବଂ ତାଙ୍କ ଭାଇଙ୍କୁ ଖୋଲାଖୋଲି ଧମକ ଦେବା ଘଟଣା ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ଏକ ଜନସଭାକୁ ସମ୍ବୋଧିତ କରି ନବନୀତ ଓୱେସୀ ଭ୍ରାତାଙ୍କ ଉପରେ ବର୍ଷିଥିଲା ବେଳେ ଆସାଦୁଦ୍ଦିନ ଓୱେସୀଙ୍କ ବିଧାୟକ ସାନ ଭାଇ ଅକବରଦୁଦ୍ଦିନ ଓୱେସୀଙ୍କ ପୂର୍ବ ବିବାଦୀୟ ବୟାନକୁ ସାମ୍ନାକୁ ଆଣିଥିଲେ। ‘ପୁଲିସକୁ ଯଦି ୧୫ ମିନିଟ ପାଇଁ ହଟାଇ ଦିଆଯାଏ ତେବେ ଆମେ କ’ଣ କରିପାରିବୁ ତାହା ଦେଖାଇବୁ’ ବୋଲି ଅକବରଦୁଦ୍ଦିନ କହିଥିଲା ବେଳେ ନବନୀତ କହିଥିଲେ ଯେ, ତୁମକୁ ୧୫ ମିନିଟ ଲାଗିବ। ହେଲେ ଆମକୁ କେବଳ ୧୫ ସେକେଣ୍ଡ ଲାଗିବ। ଯଦି ପୁଲିସକୁ ୧୫ ସେକେଣ୍ଡ ପାଇଁ ହଟାଇ ଦିଆଯାଏ ତେବେ ଓୱେସୀ ଭ୍ରାତା ଜାଣିପାରିବେ ନାହିଁ ଯେ, ସେମାନେ କେଉଁଠାରୁ ଆସିଛନ୍ତି ଏବଂ କେଉଁଠାକୁ ଯିବେ।’ନବନୀତ ରାଣାଙ୍କ ଏହି ବୟାନକୁ ନେଇ ବିବାଦ ଉପୁଜିଛି। ତାଙ୍କର ଏହି ବୟାନକୁ ନେଇ ଏଆଇଏମ୍‌ଆଇଏମ୍ ପକ୍ଷରୁ ତୀବ୍ର ବିରୋଧ ପ୍ରକାଶ କରାଯାଇଥିଲା ବେଳେ ନିର୍ବାଚନ କମିସନ କ’ଣ କରୁଛନ୍ତି ବୋଲି ଦଳ ପ୍ରଶ୍ନ କରିଛି। ନିର୍ବାଚନ ଆୟୋଗ ଏହି ବୟାନ ଉପରେ ରାଣାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦଳୀୟ ପ୍ରବକ୍ତା ୱାରିସ୍ ପଠାନ ଦାବି କରିଛନ୍ତି।



■ ନେତନ୍ୟାହୁଙ୍କୁ ବାଇଡେନଙ୍କ ଚେତାବନୀ

## ରାଫହା ଆକ୍ରମଣ କଲେ ଇସ୍ରାଏଲକୁ ମିଳିବନି ଅସ୍ତ୍ର

ୱାଶିଂଟନ, ୯ ।୫(ଏଜେନ୍ସି)

ହମାସ ବିରୋଧରେ ବିଗତ ମାସ ମାସ ଧରି ଇସ୍ରାଏଲ ସେନା ଗାଜା ଅଞ୍ଚଳରେ ଆକ୍ରମଣ କରିଥିଲା ବେଳେ ଏବେ ଏହି ଅଞ୍ଚଳ ଭଗ୍ନସ୍ତୂପରେ ପରିଣତ ହୋଇଛି। ହଜାର ହଜାର ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଲକ୍ଷାଧିକ ଲୋକ ବାସଚ୍ୟୁତ ମଧ୍ୟ ହୋଇଛନ୍ତି। କିନ୍ତୁ ଗାଜା ପରେ ଏବେ ଇସ୍ରାଏଲ ରାଫହା ସହରରେ ଅପେରସନ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବାରୁ ଏହାକୁ ନେଇ ବିଶ୍ୱସ୍ତରରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ଏହିକ୍ରମରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଇସ୍ରାଏଲକୁ ଚେତାବନୀ ଦେଇ ଏଭଳି ଆଭିମୁଖ୍ୟରୁ ଦୂରେଇବାକୁ କହିଛନ୍ତି।ଯଦି ଇସ୍ରାଏଲ ରାଫହା ସହରର ଦକ୍ଷିଣ ଗାଜାର ଶରଣାର୍ଥୀଙ୍କ ଉପରେ ଆକ୍ରମଣ କରେ ତେବେ ଆମେରିକା ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ଦେବା ବନ୍ଦ କରିଦେବ ବୋଲି ବାଇଡେନ ଗଣମାଧ୍ୟମକୁ ଏକ ସାକ୍ଷାତକାର ଦେବା ଅବସରରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ଉଦ୍ଦେଶ୍ୟରେ କହିଛନ୍ତି।



ହାଇଦରାବାଦରେ ବାଦଲଫଟା ବର୍ଷା

## କାନ୍ଥ ପଡ଼ି ୪ ଓଡ଼ିଆଙ୍କ ମୃତ୍ୟୁ

ହାଇଦରାବାଦ, ୯।୫(ଏଜେନ୍ସି): ମଙ୍ଗଳବାର ହାଇଦରାବାଦରେ ହୋଇଥିବା ବାଦଲଫଟା ବର୍ଷା କାରଣରୁ ବର୍ତ୍ତମାନ ସୁଦ୍ଧା ୧୪ଜଣଙ୍କ ମୃତ୍ୟୁ ହୋଇଛି। ତେବେ ମୃତକଙ୍କ ମଧ୍ୟରେ ୪ଜଣ ଓଡ଼ିଆ ରହିଥିବା ଗୁରୁବାର ସ୍ପଷ୍ଟ ହୋଇଛି।ମଙ୍ଗଳବାର ସନ୍ଧ୍ୟାରେ ଅଚାନକ ବର୍ଷା ଏବଂ ଘଡଘଡ଼ି ଯୋଗୁଁ ହାଇଦରାବାଦ ସହରର ବଚୁଆଲ୍ଲୀ ଅଞ୍ଚଳର କୌଶଲ୍ୟା କଲୋନୀରେ ବନ୍ୟା ପ୍ରାୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଘର କାନ୍ଥ ପଡ଼ିଯିବାରୁ ୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଥିଲେ। ଏହି ମୃତକଙ୍କ ମଧ୍ୟରେ ଓଡ଼ିଶାରୁ ୪ଜଣ ରହିଥିବା ସ୍ଥାନୀୟ ପୁଲିସ ସୂଚନା ଦିଆଯାଇଛି। ମୃତକମାନେ ଶଙ୍ଖଦେବ ଗୌଡ(୧୮) ଏବଂ ଶ୍ରୀପତି ମାଝି(୨୩) ଚନ୍ଦ୍ର ପଣ୍ଡା(୩୮) ଏବଂ ମନୋଜ ଦାସ(୪୫) ବୋଲି ଜଣାପଡ଼ିଛି।

## ହରିୟାଣାରେ ରାଜନୈତିକ ବିବାଦ ତେଜିଲା

# ଆସ୍ଥା ଭୋଟ କରାଇବାକୁ ଦୁଷ୍ୟନ୍ତ ଚୌତାଲାଙ୍କ ଦାବି

ଚଣ୍ଡିଗଡ଼, ୯।୫(ଏଜେନ୍ସି)



**ଆହ୍ୱାନର ସାମ୍ନା କରିବାକୁ ପ୍ରସ୍ତୁତ କହିଲା ବିଜେପି**

ଜନନାୟକ ଜନତା ପାର୍ଟି(ଜେଜେପି) ନେତା ଦୁଷ୍ୟନ୍ତ ଚୌତାଲାଙ୍କୁ ନେଇ ଏବେ ହରିୟାଣା ରାଜନୀତିରେ ହଲଚଲ ଜାରି ରହିଛି। ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନିଙ୍କ ନେତୃତ୍ୱ ସରକାର ପ୍ରତି ଜେଜେପିର କୌଣସି ସମର୍ଥନ ନାହିଁ ବୋଲି ଦୁଷ୍ୟନ୍ତ ଦାବି କରିବା ପରେ ଏଠାକାର ବିଜେପି ସରକାରର ସ୍ଥିତି ଟଳମଳ ସ୍ଥିତିରେ ରହିଛି। କେଉଁ ମୁହୂର୍ତ୍ତରେ ସରକାର ଭାଙ୍ଗି ଯାଇପାରେ ବୋଲି କୁହାଯାଉଛି। ଏହିକ୍ରମରେ ଏହି ରାଜନୈତିକ ଯୁଦ୍ଧ ଏବେ ଦୁଷ୍ୟନ୍ତ ଚୌତାଲା ବନାମ ନାୟବ ସିଂହ ସାଇନିରେ ପରିଣତ ହୋଇଛି। ଗୁରୁବାର ଦୁଷ୍ୟନ୍ତ ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟଙ୍କୁ ଚିଠି ଲେଖି ସରକାରଙ୍କ ପ୍ରତି ତାଙ୍କର ସମର୍ଥନ ନାହିଁ ବୋଲି ଦର୍ଶାଇଥିଲା ବେଳେ ତୁରନ୍ତ ଆସ୍ଥା ଭୋଟ କରିବାକୁ ଜଣାଇଛନ୍ତି। ସେ ମୁଖ୍ୟମନ୍ତ୍ରୀ ନାୟବ ସିଂହଙ୍କୁ ଖୋଲାଖୋଲି ଫ୍ଲୋର ଟେଷ୍ଟ ପାଇଁ ଚ୍ୟାଲେଞ୍ଜ କରିଛନ୍ତି। ତେବେ ଦୁଷ୍ୟନ୍ତଙ୍କ ଚ୍ୟାଲେଞ୍ଜକୁ ମୁଖ୍ୟମନ୍ତ୍ରୀ ନାଏବ ସିଂ ଗ୍ରହଣ କରିଛନ୍ତି। ସେ ଆସ୍ଥା ଭୋଟ ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି। ଦୁଇ ଦିନ ତଳେ ତିନି ସ୍ୱାଧୀନ ବିଧାୟକ ସେମାନଙ୍କ ସମର୍ଥନ ପ୍ରତ୍ୟାହାର କରି ନେବା ପରେ ବିଜେପି ନେତୃତ୍ୱାଧୀନ ନାୟବ ସିଂହ ସରକାର ସଂଖ୍ୟା ଗରିଷ୍ଠତା ହରାଇଥିବା କୁହାଯାଇଛି। ଏହି ସମୟରେ ବିଜେପି ସରକାରକୁ ହଟାଇବା ଲାଗି ବାହାରୁ କଂଗ୍ରେସକୁ ସମର୍ଥନ କରିବାକୁ ଦୁଷ୍ୟନ୍ତ ଖୋଲା ଖୋଲି ଘୋଷଣା କରିଛନ୍ତି। ରାଜ୍ୟପାଳଙ୍କୁ ଏକ ଚିଠି ଲେଖି ବିଧାନସଭା ଅଧିବେଶନ ଡାକି ଆସ୍ଥା ଭୋଟ କରିବାକୁ ସେ ଦାବି କରିଛନ୍ତି। ସେ ନିଜ ଚିଠିରେ କହିଛନ୍ତି ଯେ ବିରୋଧୀ ଦଳ ପ୍ରତି ତାଙ୍କର ପୂର୍ଣ୍ଣ ସମର୍ଥନ ରହିଛି। ଆମେ ବର୍ତ୍ତମାନର ସରକାରଙ୍କୁ ସମର୍ଥନ କରୁନାହୁଁ। ବିଜେପି ବ୍ୟତୀତ ସରକାର ଗଠନ ପାଇଁ ଅନ୍ୟ ଯେ କୌଣସି ଦଳକୁ ସମର୍ଥନ କରିବାକୁ ଆମେ ପ୍ରସ୍ତୁତ ରହିଛୁ।

ଏଭଳି ସ୍ଥିତିରେ ନାଏବ ସିଂ ସରକାରକୁ ନେଇ ଜଟିଳ ପରିସ୍ଥିତି ଉପୁଜିଛି। ଉଲ୍ଲେଖଯୋଗ୍ୟ ଯେ, ହରିୟାଣାର ୯୦ ଆସନ ବିଶିଷ୍ଟ ବିଧାନସଭାରେ ବର୍ତ୍ତମାନ ୮୮ ଜଣ ବିଧାୟକ ରହିଥିବା ବେଳେ ବିଜେପିର ୪୦ ଏବଂ କଂଗ୍ରେସରେ ୩୦ ଜଣ ବିଧାୟକ ଅଛନ୍ତି। ସେହିପରି ଜେଜେପିରେ ୬ ଏବଂ ଅନ୍ୟ ଦଳର ଜଣେ ଲେଖାଏଁ ବିଧାୟକ ଅଛନ୍ତି। ତେଣୁ ଆସ୍ଥା ଭୋଟ ହେଲେ ଏହି ସରକାର ତିଷ୍ଠି ରହିବ କି ନାହିଁ ତାହା ସନ୍ଦେହ ଘେରକୁ ଚାଲି ଆସିଛି। ଅନ୍ୟପକ୍ଷରେ ଜେଜେପିର ୪ ବିଧାୟକ ବିଜେପି ନେତା ଜଗଦୀଶ ଖଟରଙ୍କୁ ଭେଟିଥିବା ସୂଚନା ମିଳିଛି। ଯଦି ଏହି ବିଷୟ ସତ୍ୟ ହୋଇଥାଏ ତେବେ ନାଏବ ସିଂଙ୍କ ବିଜେପି ସରକାର ଭାଙ୍ଗିବା ପରିବର୍ତ୍ତେ ଜେଜେପି ଦୁଇ ଫାଳ ହୋଇଯିବ ବୋଲି କୁହାଯାଉଛି।



## ଅନୁକୂଳର ପର୍ବ ଅକ୍ଷୟ ତୃତୀୟା

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିକୁ ଅକ୍ଷୟ ତୃତୀୟା ବା ଅକ୍ଷି ତୃତୀୟା ଭାବେ ପାଳନ କରଯାଏ । ଏହା ମୁଖ୍ୟତଃ ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଓଡ଼ିଶାର ପୁରପଲ୍ଲୀରେ କୃଷକମାନେ ଏହାକୁ ବେଶ୍ ଆନନ୍ଦ ଓ ଉତ୍ସାହର ସହ ପାଳନ କରିଥାନ୍ତି । ଏହିଦିନ କୃଷକମାନେ ଭଲ ସମୟ ଦେଖି ଅଖିମୁଠି ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାନ୍ତି । ଅକ୍ଷୟ ତୃତୀୟା ତିଥି ଅତ୍ୟନ୍ତ ଶୁଭଦାୟକ ହୋଇଥିବାରୁ, ପ୍ରାୟତଃ ଏହିଦିନ ଗୃହନିର୍ମାଣ, ଗୃହପ୍ରତିଷ୍ଠା, ନିର୍ବନ୍ଧ, ବିବାହ, ଉପନୟନ ଆଦି ଶୁଭ କର୍ମମାନ ଅନୁଷ୍ଠିତ ହୁଏ । ପୌରାଣିକ ଦୃଷ୍ଟିକୋଣରୁ ଏ ଦିନର ମହତ୍ତ୍ୱ ଯଥେଷ୍ଟ ଅଧିକ । ଏହି ଦିନକୁ ସତ୍ୟ ଯୁଗର ପ୍ରାରମ୍ଭ ଦିବସ ରୂପେ ଗ୍ରହଣ କରାଯାଇଛି । ଅକ୍ଷୟ ତୃତୀୟାରେ ମହର୍ଷି ବେଦବ୍ୟାସ ଓ ପ୍ରଭୁ ଗଣେଶ ମହାଭାରତ ଲେଖିବା ଆରମ୍ଭ କରିଥିଲେ । ଏହି ଦିନ ସ୍ୱର୍ଣ୍ଣ କ୍ରୟ କଲେ ଲକ୍ଷ୍ମୀ ଧନଧାନ୍ୟରେ ଗୃହ ପୂର୍ଣ୍ଣ କରିଦିଅନ୍ତି ବୋଲି ବିଶ୍ୱାସ ଅଛି । ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ପର୍ଶୁରାମଙ୍କ ଜୟନ୍ତୀ ଭାବେ ଏହି ଦିନକୁ ପାଳନ କରାଯାଏ । 'ଗୀତଗୋବିନ୍ଦ'ର ରଚୟିତା କବି ଜୟଦେବ ଅକ୍ଷୟ ତୃତୀୟା ଦିନ ଜନ୍ମଗ୍ରହଣ କରିଥିଲେ ବୋଲି କୁହାଯାଏ । ବଦ୍ରି-ନାରାୟଣ କପାଟ ଏହି ଦିନ ଖୋଲିଥାଏ । ମା' ଗଙ୍ଗା ମଧ୍ୟ ଏହି ଦିନ ମର୍ତ୍ତ୍ୟରେ ଅବତରଣ କରିଥିଲେ ବୋଲି କିମ୍ବଦନ୍ତୀ କୁହେ । ଅକ୍ଷୟ ତୃତୀୟା ଦିନ ସକାଳେ ଶଙ୍ଖ ଓ ହୁଳହୁଳି ଧ୍ୱନି ମଧ୍ୟରେ ଚାଷୀମାନେ ହଳଦୀ, ଚନ୍ଦନ ଓ ସିନ୍ଦୂର ବୋଳା ଧାନ ବିହନ ପୂର୍ଣ୍ଣ ନୂଆ ଗଉଣି ଏବଂ ଅନ୍ୟ ଏକ ନୂଆ ଟୋକେଇରେ ପିଠାପଣାକୁ ମୁଣ୍ଡରେ ଥୋଇ, ହଳଲଙ୍ଗଳ ଧରି କ୍ଷେତକୁ ଯାଇଥାନ୍ତି । ସେଠାରେ ମା' ଲକ୍ଷ୍ମୀଙ୍କୁ ଭୋଗ ଲଗାଯାଏ । ଏହାପରେ ସେହି ଭୋଗକୁ କ୍ଷେତର ଈଶାଣ କୋଣରେ ପୋତି ହଳ ବୁଲାଯାଏ ଓ ମୁଠାମୁଠା ବିହନ କିଆରିରେ ବୁଣାଯାଏ, ଯାହାକୁ ଅଖିମୁଠି ବୋଲି କୁହାଯାଏ । ସଧବା ମହିଳାମାନେ ଏହିଦିନ ଷଠୀଦେବୀଙ୍କ ପୂଜା କରିଥାନ୍ତି । ଏହି ତିଥିରେ ଶ୍ରୀଜୀଉମାନଙ୍କର ରଥ ନିର୍ମାଣ ପାଇଁ ଅନୁକୂଳ କରାଯାଏ । ବିଧି ଅନୁସାରେ, ତିନିଖଣ୍ଡି ଧଉରା କାଠରେ ମନ୍ତ୍ରରେ ପୂଜିତ କୁରାଢ଼ି ଲଗାଇ ବନଜାଗ ହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥନିର୍ମାଣର ଶୁଭାରମ୍ଭ କରିଥାନ୍ତି । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ରଥଖଳାକୁ ବିଜେ କରିଥାଏ । ଏହାକୁ ତିନିଜଣ ପୂଜାପଣ୍ଡା ଆଣିଥାନ୍ତି । ଶ୍ରୀନଅର ସମ୍ମୁଖସ୍ଥ ରଥଖଳାରେ ଦେଉଳ ପୁରୋହିତ, ରାଜଗୁରୁ ଓ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ବନଜାଗ ପୂଜା ସମ୍ପାଦନା କରିଥାନ୍ତି । ରୂପକାର, କମାର, ଚିତ୍ରକର, ଭୋଇ ସେବକମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢ଼ିବନ୍ଧା ନୀତି ପାଳିତ ହୁଏ । ରଥ ସଂହିତା ଓ ଶିଳ୍ପଶାସ୍ତ୍ର ଅବଲମ୍ବନରେ ରଥ ନିର୍ମାଣ କରାଯାଏ । ଏହି ଦିନଠାରୁ ଶ୍ରୀକ୍ଷେତ୍ରରେ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହୁଏ । ଏହି ପବିତ୍ର ଦିନକୁ ରାଜ୍ୟ ସରକାର 'କୃଷକ ଦିବସ' ଭାବେ ଘୋଷଣା କରିଛନ୍ତି । କୃଷି ଓ କୃଷକଙ୍କୁ ଉପଯୁକ୍ତ ସମ୍ମାନ ଦେବା ତଥା ସମସ୍ତ ଚାଷୀଭାଇମାନଙ୍କୁ ଉତ୍ସାହିତ କରିବା ହେଉଛି 'କୃଷକ ଦିବସ' ପାଳନର ମୂଳ ଉଦ୍ଦେଶ୍ୟ । କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟାର ମହତ୍ତ୍ୱ ଓଡ଼ିଆ ପରମ୍ପରାରେ ଆଜି ବି ଉଜ୍ଜୀବିତ ରହିଛି । ଏହି ପବିତ୍ର ଦିନରେ ଯେକୌଣସି ଧର୍ମକାର୍ଯ୍ୟ କଲେ କ୍ଷୟ ନ ହୋଇ ଅକ୍ଷୟ ହୋଇ ରହିଥାଏ ବୋଲି ବିଶ୍ୱାସ ରହିଛି ।

## ଅଳିଆଗଦାରେ ୧୦ ଘଣ୍ଟା ରହିଲେ ଧନୁଷ



ସାଉଥ୍‌ର ଲୋକପ୍ରିୟ ଅଭିନେତା ଧନୁଷ, ଶେଖର କମ୍ମୁଲାଙ୍କ ନିର୍ଦ୍ଦେଶିତ ଫିଲ୍ମ 'କୁବେର'ରେ ନଜର ଆସିବେ । କିଛିଦିନ ତଳେ ଏହି ସିନେମାରେ ତାଙ୍କର ଫାଷ୍ଟ ଲୁକ୍ ଜାରି କରାଯାଇଥିଲା । ଯେଉଁଥିରେ ଧନୁଷ ଭିକାରି ବେଶରେ ନଜର ଆସିଥିଲେ । ଯାହାକୁ ଲୋକେ ଖୁବ୍ ପସନ୍ଦ କରିଥିଲେ । ଏହାରି ଭିତରେ ସିନେମା ସୁଟିଂକୁ ନେଇ ନୂଆ ଏକ ଖବର ସାମ୍ନାକୁ ଆସିଛି । ଯେଉଁଥିପାଇଁ ଧନୁଷ କେବଳ ଚର୍ଚ୍ଚାରେ ନାହାନ୍ତି, ବରଂ ଚାରିଆଡୁ ପ୍ରଶଂସା ବି ସାଉଁଟୁଛନ୍ତି । ମୁମ୍ବାଇର ଏକ ଅଳିଆଗଦାରେ ଧନୁଷ ଗୋଟିଏ ଦୃଶ୍ୟ ପାଇଁ ଅନବରତ ଭାବେ ସୁଟିଂ କରିଛନ୍ତି । ସେଥିପାଇଁ ତାଙ୍କୁ ଅଳିଆ-ଆବର୍ଜନାର ଗନ୍ଧ ଭିତରେ ୧୦ ଘଣ୍ଟାରୁ ଅଧିକ ସମୟ ଅତିବାହିତ କରିବାକୁ ପଡ଼ିଥିଲା । ଏପରିକି ସେ ଏଭଳି ଏକ ସ୍ଥାନରେ ସୁଟିଂ କରିବା ପାଇଁ ମନା କରି ନ ଥିଲେ । ଏହି ସିନ୍‌କୁ ବାସ୍ତବ ରୂପ ଦେବା ପାଇଁ ସୁଟିଂ ସମୟରେ ସେ ମାସ୍କ ମଧ୍ୟ ବ୍ୟବହାର କରି ନ ଥିଲେ । ତେବେ ଦୃଶ୍ୟଟି କିଭଳି ଜୀବନ୍ତ ଓ ଦର୍ଶକଙ୍କ ହୃଦୟ ଜିଣିବ, ତା' ଉପରେ ହିଁ ତାଙ୍କ ଧ୍ୟାନ ଥିବାରୁ ଆବର୍ଜନାର ଗନ୍ଧ ତାଙ୍କୁ ଛୁଇଁପାରି ନ ଥିବା କୁହାଯାଉଛି । ଧନୁଷଙ୍କର କାମ ପ୍ରତି ଥିବା ନିଷ୍ଠାକୁ ଦେଖି ସମସ୍ତେ ଚକିତ ହୋଇଛନ୍ତି । ଅନ୍ୟପଟେ ଏହି ସିନେମାରେ ଧନୁଷଙ୍କ ବ୍ୟତୀତ ରଶ୍ମିକା ମନ୍ଦାନା ଏବଂ ନାଗାର୍ଜୁନ ମଧ୍ୟ ନଜର ଆସିବେ । ଏହି ଫିଲ୍ମଟି ତାମିଲ, ତେଲୁଗୁ, ହିନ୍ଦୀ, ମାଲାୟାଲମ୍, କନ୍ନଡ଼ ଭାଷାରେ ରିଲିଜ୍ ହେବ ।

## ଆଜି ବାହୁଡ଼ିଥିଲେ

### ଗଣକବି ବୈଷ୍ଣବ ପାଣି



ଗୀତିନାଟ୍ୟ ଓ ଯାତ୍ରା ଜଗତର ପଥିକୃତ ସ୍ରଷ୍ଟା ଥିଲେ ଗଣକବି ବୈଷ୍ଣବ ପାଣି । ଶତାଧିକ ଗୀତିନାଟ୍ୟ, ଭଜନ, ଜଣାଣ, ସୁଆଙ୍ଗ, ଗୀତ, ଉପନ୍ୟାସ, ଜଣାଣ, ଚଉତିଶା ଆଦି ରଚନା କରି ସେ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ବୈଷ୍ଣବ ପାଣି ୧୮୮୨ ମସିହା ୨୬ ଅକ୍ଟୋବରରେ କଟକ ମାହାଙ୍ଗା ଥାନା ଅନ୍ତର୍ଗତ ବିରୂପା ନଈ କୂଳର ଗାଁ କୋଠପଦାଠାରେ ଜନ୍ମଗ୍ରହଣ କରିଥିଲେ । ପିଲାଟି ଦିନରୁ ତାଙ୍କର ନୃତ୍ୟଗୀତରେ ରୁଚି ଥିଲା । କୋଠପଦାର ମହନ୍ତ ବୈଷ୍ଣବ ପାଣିଙ୍କୁ ଡୋରାବିଶ ନିବାସୀ ଶିବରାମ ସିଂହଙ୍କ ତତ୍ତ୍ୱାବଧାନରେ ଛାଡ଼ିଲେ । ସେହିଦିନଠାରୁ ପାଣିଙ୍କର ନାଟକ ପ୍ରତି ଆଗ୍ରହ ବୃଦ୍ଧି ପାଇଲା । ୧୯୦୩ ମସିହାରୁ ୧୯୫୬ ମସିହା ପର୍ଯ୍ୟନ୍ତ ଯଥାର୍ଥ ରୂପକାର ଭାବେ ସମାଜର ବିଭିନ୍ନ ଚଳଣିକୁ ନିଜ ଲେଖନୀ ମୁନରେ ରୂପ ଦେଇଛନ୍ତି । ବୈଷ୍ଣବ ପାଣି ଓଡ଼ିଆ ଯାତ୍ରା ଓ ଗୀତାଭିନୟ କ୍ଷେତ୍ରରେ ଅନେକ ନାଟକ ଲେଖିଯାଇଛନ୍ତି । ତାଙ୍କ ରଚନାରେ ଛୁଆଁଅଛୁଆଁ ଭଳି ସାମାଜିକ କୁସଂସ୍କାର, ଇଂରେଜ ଶାସନର ଅତ୍ୟାଚାର, ମାଦକ ବର୍ଜନ, ଓଡ଼ିଆଙ୍କ କୁଲିଗିରି ଆଦିର ସମାଲୋଚନା ପ୍ରତିଫଳିତ ହୋଇଛି । ୧୯୦୩ ମସିହାରେ, ୨୧ ବର୍ଷ ବୟସରେ ସେ ପ୍ରଥମ ନାଟକ ଗୀତାଭିନୟ 'ମେଘନାଦ ବଧ' ଲେଖିଥିଲେ । 'ଶକୁନ୍ତଳା' ଓ 'ଛାନ୍ଦ କିଶୋରୀ' ବିଳାପ ତାଙ୍କର ଦୁଇଟି ଗାଥାକାବ୍ୟ । ମହାକବି କାଳିଦାସଙ୍କ 'ଅଭିଜ୍ଞାନ ଶାକୁନ୍ତଳମ୍' ଓ ସ୍ୱଭାବ କବି ଗଙ୍ଗାଧରଙ୍କ 'ପ୍ରଣୟ ବଲ୍ଲରୀ' କାବ୍ୟ ଅନୁସରଣ କରି ବୈଷ୍ଣବ ପାଣି ରଚନା କରିଛନ୍ତି 'ଶକୁନ୍ତଳା' କାବ୍ୟ । ତାଙ୍କ ଶୋକ ଗୀତି କବିତା ମଧ୍ୟରେ 'ଉତ୍କଳମଣି ଗୋପବନ୍ଧୁ ଶୋକ', 'ପଞ୍ଜାବ କେଶରୀ ବିୟୋଗ' ଓ 'ଅନ୍ତିମ ଶଯ୍ୟାରେ ମର୍ଦ୍ଧାରବୀ' ଅନ୍ୟତମ । ସେ 'ସ୍ୱରାଜ୍ୟ ପ୍ରଶଂସା', 'ସତ୍ୟାଗ୍ରହୀ', 'ଜାତୀୟ ଗୀତିକା', 'ବାପୁଜୀ' ପ୍ରଭୃତି ବହୁ ଦେଶାତ୍ମବୋଧ ଗୀତି କବିତା ରଚନା କରିଥିଲେ । ଗଣକବିଙ୍କ ସୃଷ୍ଟି ସାମାଜିକ ସଚେତନତା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଜାତୀୟତାଭାବ ଉଦ୍ରେକ କରିବାରେ ସହାୟକ ହୋଇଥିଲା । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ଆବେଗାତ୍ମକ ସମ୍ପର୍କ ତାଙ୍କ ରଚିତ ଶତାଧିକ ଭଜନ, ଜଣାଣରେ ବେଶ୍ ପରିସ୍ଫୁଟ ହୋଇଥାଏ । ଭାଷା ଓ ଭାବକୁ ନେଇ ସେ ଯେଉଁ ଗୀତିନାଟ୍ୟ ରଚନା କରିଛନ୍ତି, ସେଥିରେ ସାମାଜିକ ମୂଲ୍ୟବୋଧର ଚିତ୍ର ସ୍ପଷ୍ଟ ବାରିହୁଏ । ସେଥିପାଇଁ ସେ ପ୍ରକୃତରେ ଜନମାନସର କବି । ୧୯୫୬ ମସିହା ଆଜିର ଦିନରେ ତାଙ୍କର ଦେହାନ୍ତ ହୋଇଥିଲା ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଜୀବନରେ ସମସ୍ତ ବାଧାବିଘ୍ନ ଦୂର ହେବ । ଆର୍ଥିକସ୍ଥିତିରେ ସୁଧାର ଆସିବ । ମହିଳାମାନେ ଆଳସ୍ୟତା ଅନୁଭବ କରିବେ ।

**ବୃଷ:** ବିଭିନ୍ନ କାର୍ଯ୍ୟରେ ସଫଳତା ପାଇବେ । ପୂର୍ବାପେକ୍ଷା ଆର୍ଥିକ ସ୍ଥିତିରେ ସୁଧାର ଆସିବ । ବିଦ୍ୟାର୍ଥୀମାନେ କ୍ୟାରିୟର ପାଇଁ ଯୋଜନା କରିବେ । ପ୍ରେମିକପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ମିଥୁନ:** କୌଣସି ଜରୁରୀ କାର୍ଯ୍ୟରେ ବ୍ୟସ୍ତ ରହିବେ । ଚକ୍ଷୁ ପାଇଁ କଷ୍ଟ ପାଇପାରନ୍ତି । ଜୀବନରେ ଆଗକୁ ବଢ଼ିବା ପାଇଁ ସୁଯୋଗ ପାଇବେ । ସନ୍ତାନଙ୍କ ସହ ମୂଲ୍ୟବାନ ସମୟ କଟାଇବେ ।

**କର୍କଟ:** କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ବୈବାହିକ ଜୀବନ ସୁଖମୟ ହେବ । ଆର୍ଥିକ ଉନ୍ନତି ପାଇଁ ନୂଆ ଉପାୟ ମିଳିବ । ଲଗାତାର ଚେଷ୍ଟା କରି ସଫଳତା ପାଇବେ । କାର୍ଯ୍ୟଭାର ବୃଦ୍ଧି ପାଇବ ।

**ସିଂହ:** ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ । ଅଫିସ୍ କାର୍ଯ୍ୟ ଯୋଗୁଁ ଦୂରଯାତ୍ରା ପାଇଁ ସୁଯୋଗ ପାଇପାରନ୍ତି । ମାନସିକ ସ୍ତରରେ ଚାପଗ୍ରସ୍ତ ରହିବେ ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ । ଉଚ୍ଚଅଧିକାରୀଙ୍କ ସହଯୋଗରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପୂରଣ ହେବ । ଅବିବାହିତଙ୍କ ପାଇଁ ଉତ୍ତମ ବିବାହ ପ୍ରସ୍ତାବ ଆସିପାରେ ।

**ତୁଳା:** କୌଣସି କାର୍ଯ୍ୟରେ ସଫଳତା ନପାଇ ନିରାଶ ରହିପାରନ୍ତି । ସାହିତ୍ୟ ତଥା ଅନ୍ୟାନ୍ୟ ସୃଜନଶୀଳ କଳା ପ୍ରତି ଆଗ୍ରହ ବୃଦ୍ଧି ପାଇବ । ମହିଳାମାନେ ଉଚିତ ନିଷ୍ପତ୍ତି ଗ୍ରହଣ କରିବେ ।

**ବିଛା:** ଦୀର୍ଘ ସମୟ ଧରି ଅଟକି ରହିଥିବା କାର୍ଯ୍ୟ ପୂର୍ଣ୍ଣ ହେବ । ସରକାରୀ ଚାକିରିଆଙ୍କ ପାଇଁ ଦିନଟି ବହୁତ ଭଲ । ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ । ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ ।

**ଧନୁ:** ପାରିବାରିକ ସମ୍ପର୍କ ମଜଭୁତ ହେବ । ନୂତନ ବ୍ୟବସାୟ ପାଇଁ ଚିନ୍ତା କରିବେ । ଜୀବନସାଥୀଙ୍କୁ ଉପହାର ଦେଇପାରନ୍ତି । ମହିଳାମାନେ ପୂଜାର୍ଚ୍ଚନାରେ ସମୟ ବିତାଇବେ ।

**ମକର:** ପରିବାର ସହିତ ସମୟ ବିତିବ । କ୍ରୋଧରେ ଆସି କିଛି ଭୁଲ କରିପାରନ୍ତି । ମହିଳାମାନେ ସ୍ୱାଭିମାନୀ ହୋଇ କାର୍ଯ୍ୟ କରିବେ । ପିଲାମାନଙ୍କର ଖେଳ ପ୍ରତି ଆଗ୍ରହ ବଢ଼ିବ ।

**କୁମ୍ଭ:** ଅଧିକ ଖର୍ଚ୍ଚାନ୍ତରେ ପଡ଼ିପାରନ୍ତି । କର୍ମସ୍ଥଳୀରେ କିଛି ନୂତନ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହେବେ । ସୁଯୋଗର ସଠିକ୍ ଉପଯୋଗ କରିବେ । ଉଧାର ଦେଇଥିବା ଟଙ୍କା ଫେରିପାଇବାରେ ବିଳମ୍ବ ହେବ ।

**ମୀନ:** ଧାର୍ମିକ କାର୍ଯ୍ୟ ପ୍ରତି ମନ ଆକର୍ଷିତ ହେବ । କୋର୍ଟକଚେରୀ ମାମଲାର ଅନ୍ତ ଘଟିବ । ଆୟ ଓ ବ୍ୟୟ ସମାନ ରହିବ । ପତି-ପତ୍ନୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇପାରେ । ପୂଜାର୍ଚ୍ଚନାରେ ସମୟ ବିତିବ ।




## ଗର୍ଭବତୀ ଗୋଡ଼ ଛନ୍ଦି ବସନ୍ତୁନି



ଅଫିସ୍ ହେଉ କି କାର୍ଯ୍ୟାଳୟ ଅଧିକାଂଶ ସମୟରେ ପ୍ରାୟତଃ ଆରାମ ପାଇବାକୁ ଗୋଡ଼ ଉପରେ ଗୋଡ଼ ରଖି ବସିଥାନ୍ତି । ଏହି ଶୈଳୀରେ ବସିବାକୁ ଇଂରାଜୀରେ କ୍ରସ୍ ଲେଗ୍ ପୋଜ୍ କୁହାଯାଇଥାଏ । ଅନେକ ଏହାକୁ ଆରାମଦାୟକ ଭାବିଥାନ୍ତି । ହେଲେ ଘଣ୍ଟା ଘଣ୍ଟା ଧରି ଗୋଡ଼ ଛନ୍ଦି ବସିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ । ଏହାଦ୍ୱାରା ପେଲ୍‌ଭିକ୍ ସ୍ଥାନରେ ହାଡ଼ ଏନ୍‌ଲାଇମେଣ୍ଟର ସମସ୍ୟା ବୃଦ୍ଧି କରିବା ସହ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି କରେ । ଯେଉଁମାନେ କ୍ରସ୍‌ଲେଗ୍ ଶୈଳୀରେ ବସିବା ଅଭ୍ୟାସ ରଖିଥାନ୍ତି, ସେମାନଙ୍କୁ ଭିନ୍ନ ଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଭୋଗିବାକୁ ପଡ଼ିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦିଅନ୍ତି । ତେବେ ଗର୍ଭାବସ୍ଥା ସମୟରେ ମହିଳାଙ୍କ ଶରୀରରେ ବିଭିନ୍ନ ପ୍ରକାର ହର୍ମୋନ୍ ପରିବର୍ତ୍ତନ ହେଉଥିବାରୁ ଏହି ସମୟରେ ମାଂସପେଶୀ ଓ ପିଠି ଯନ୍ତ୍ରଣା ହୋଇଥାଏ । ତେବେ ଏହି ସମୟରେ ମହିଳାମାନେ ଗୋଡ଼ ଛନ୍ଦି ବସିବା ଦ୍ୱାରା ମା' ଓ ଗର୍ଭରେ ଥିବା ଶିଶୁର ପାଦ ଓ ଆଣ୍ଠୁଗଣ୍ଠି ଯନ୍ତ୍ରଣା ହେବାର ଅଧିକ ଆଶଙ୍କା ରହିଥାଏ । ଗବେଷଣାରୁ ଜଣାପଡ଼ିଛି, କ୍ରସ୍ ଲେଗ୍ ଶୈଳୀରେ ବସିବା ଦ୍ୱାରା ରକ୍ତଚାପ ଅସ୍ଥାୟୀ ରୂପେ ବନ୍ଦ ହୋଇଯିବା ସହ ଶିରା ପ୍ରଶିରାରେ ମଧ୍ୟ ବିଭିନ୍ନ ସମସ୍ୟା ଦେଖାଯାଏ ।

## ଇମ୍ୟୁନୋ ଥେରାପି 'ଡୋଷ୍ଟାରଲିମାବ'

### ମଳାଶୟ କର୍କଟର ଆଧୁନିକ ଚିକିତ୍ସା

### ସ୍ୱାସ୍ଥ୍ୟ ବିଜ୍ଞାନ

ବିଶ୍ୱରେ ବିଭିନ୍ନ କର୍କଟ ରୋଗ ଦେଖାଯାଉଥିବାବେଳେ ତନ୍ମଧ୍ୟରୁ ଖାଦ୍ୟନଳୀ କର୍କଟ ତୃତୀୟ ସାଧାରଣ ରୋଗ । ପ୍ରତିବର୍ଷ ପ୍ରାୟ ୧୫ ଲକ୍ଷ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଭାରତରେ ପ୍ରତି ଲକ୍ଷେ ଲୋକଙ୍କ ମଧ୍ୟରୁ ପ୍ରାୟ ୫ରୁ ୭ ଜଣ ଲୋକ ଏଥିରେ ଆକ୍ରାନ୍ତ ହୋଇଥାନ୍ତି । ଖାଦ୍ୟନଳୀ କର୍କଟ ମଧ୍ୟରେ ମଳାଶୟ କର୍କଟ ଏକ ସାଧାରଣ ରୋଗ । ଅତ୍ୟଧିକ ମଦ, ତମାଖୁ ସେବନ ଓ ଲାଲ୍‌ମାଂସ ଆଦି ଖାଇବା ଦ୍ୱାରା ଏହି ରୋଗ ହୋଇଥାଏ । ବାରମ୍ବାର ଝାଡ଼ା ଲାଗିବା, ମଳରେ ରକ୍ତ ପଡ଼ିବା, ତଳିପେଟ ବହୁତ ଦରଜ ହେବା ଆଦି ରୋଗର ପ୍ରାରମ୍ଭିକ ଲକ୍ଷଣ । ଏହି ରୋଗର ସାଧାରଣ ଚିକିତ୍ସା ପଦ୍ଧତି ହେଉଛି, ବିକିରଣ ଚିକିତ୍ସା, କେମୋଥେରାପି ଓ ଅସ୍ତ୍ରୋପଚାର ବା ସର୍ଜରୀ । ପ୍ରାରମ୍ଭିକ ଭାବେ ବିକିରଣ ଚିକିତ୍ସା ଦିଆଯାଇଥାଏ । ପ୍ରାଥମିକ ଟ୍ୟୁମରଟି ଛୋଟ ହୋଇଗଲା ପରେ ଅସ୍ତ୍ରୋପଚାର କରି ତାହାକୁ ବାହାର କରି ମଳଦ୍ୱାରକୁ ବଞ୍ଚାଇ ରଖାଯାଇପାରେ । ସର୍ଜରୀ ଦ୍ୱାରା ଯଦି ମଳଦ୍ୱାରକୁ ବାହାର କରିଦିଆଯାଏ, ତେବେ ଲୋକଙ୍କ ପରବର୍ତ୍ତୀ ଜୀବନଯାପନରେ ନାନା ଅସୁବିଧା ହୋଇଥାଏ । ସାଧାରଣରେ ଏହା ଏକ ଗ୍ରହଣୀୟ ଚିକିତ୍ସା ପଦ୍ଧତି ନୁହେଁ । ଖୁସିର ବିଷୟ, ବର୍ତ୍ତମାନ ଏକ ନୂଆ ପ୍ରକାର ଇମ୍ୟୁନୋ ଥେରାପି ଚିକିତ୍ସାର ଉଦ୍ଭାବନ ହୋଇଛି । ଏହାର ସଫଳ ମାନବ ପରୀକ୍ଷଣ ମଧ୍ୟ ହୋଇସାରିଛି । ଏମ୍‌ଏସ୍‌କେ, କ୍ୟାନ୍‌ସର ସେଣ୍ଟର ନ୍ୟୁୟର୍କରେ ପ୍ରାୟ ୧୪ ଜଣ ମଳାଶୟ କର୍କଟ ରୋଗୀଙ୍କ ଉପରେ ୬ମାସ ଧରି ଉପରୋକ୍ତ ଇମ୍ୟୁନୋଥେରାପି (ଡୋଷ୍ଟାରଲିମାବ) । ଏହି ଔଷଧକୁ ପ୍ରାୟ ୯ ଥର ପ୍ରତି ତିନିସପ୍ତାହରେ ଥରେ ୬ମାସ ପାଇଁ ରୋଗୀଙ୍କୁ ଦିଆଯାଇଥିଲା । ନୂଆ ଚିକିତ୍ସା ଦ୍ୱାରା ଏହି ରୋଗ ସମ୍ପୂର୍ଣ୍ଣ ଭାବେ ଭଲ ହୋଇଯାଇଥିବା ଦେଖିବାକୁ ମିଳିଥିଲା । ସବୁ ମଳାଶୟ କର୍କଟ ରୋଗୀଙ୍କ ପାଇଁ ଏହା କାମ ଦେବ ତାହାନୁହେଁ, ଯେଉଁ ରୋଗୀଙ୍କ କ୍ଷେତ୍ରରେ କିଛି ନିର୍ଦ୍ଦିଷ୍ଟ କର୍କଟ ରୋଗର କୋଷରେ ଗୁଣସୂତ୍ରରେ ପରିବର୍ତ୍ତନ ହୋଇଛି ଏମ୍‌ଏସ୍‌ଆଇ କିମ୍ବା ଏମ୍‌ଏମ୍‌ଆର୍‌ଡି (ଯେଉଁଥିରେ ଗୁଣସୂତ୍ରର କ୍ଷୟର ମରାମତି ହୋଇପାରିନଥାଏ) ଯାହାକି ମାତ୍ର ୫ରୁ ୧୦ପ୍ରତିଶତ ରୋଗୀଙ୍କ ଠାରେ ଦେଖାଯାଇଥାଏ । ସେହି ରୋଗୀଙ୍କ କ୍ଷେତ୍ରରେ ଉପରୋକ୍ତ ଚିକିତ୍ସା ପ୍ରାୟ ଶତପ୍ରତିଶତ ସଫଳ ଦେଇଥାଏ ।



ଇମ୍ୟୁନୋଥେରାପି ଚିକିତ୍ସା କହିଲେ, ଶରୀର ମଧ୍ୟରେ ସ୍ୱ-ପ୍ରତିରୋଧକ ଶକ୍ତି ପ୍ରସ୍ତୁତ କରି ବିଭିନ୍ନ ସଂକ୍ରାମକ ରୋଗରୁ ମୁକ୍ତି ଦେବାର ସମସ୍ତେ ଜାଣନ୍ତି ସମ୍ପ୍ରତି ଚିକିତ୍ସା ବିଜ୍ଞାନର ଅଗ୍ରଗତି ଯୋଗୁଁ ନିର୍ଦ୍ଦିଷ୍ଟ ପ୍ରକାର ଆଣ୍ଟିବଡି ପ୍ରସ୍ତୁତ କରି ସ୍ୱ-ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରାଯାଇ ତାହାକୁ କର୍କଟ ରୋଗ କୋଷିକା ବିପକ୍ଷରେ ବ୍ୟବହାର କରାଯାଇଥାଏ । ଏହି ଇମ୍ୟୁନୋଥେରାପି (ଡୋଷ୍ଟାରଲିମାବ) ସଫଳ ଭାବେ ବ୍ୟବହାର କରି ଏକ ନିର୍ଦ୍ଦିଷ୍ଟ ପ୍ରକାରର ମଳାଶୟ କର୍କଟର ରୋଗର ସଫଳ ଚିକିତ୍ସା ହୋଇପାରୁଛି । ତେବେ ଚିକିତ୍ସା ବିଜ୍ଞାନରେ ନିରନ୍ତର, ବିକାଶ ଓ ଅନୁସନ୍ଧାନ, ପରୀକ୍ଷଣ ଦ୍ୱାରା ଶରୀରର ଅନ୍ୟାନ୍ୟ ଅଙ୍ଗର କର୍କଟ ରୋଗକୁ ମଧ୍ୟ ଭଲ କରାଯାଇପାରିବା ନେଇ ଆଶା ରହିଛି ।

## ଏକାଧିକ ରୋଗ ସୃଷ୍ଟି କରେ ଲୁପସ୍



### ସକାଳର ସ୍ୱାସ୍ଥ୍ୟ

**ଲୁପସ୍ ହେଉଛି ଏକ ଦୀର୍ଘକାଳୀନ ଏବଂ ଅଟୋଇମ୍ୟୁନ୍ ରୋଗ । ଲୁପସ୍ ପ୍ରତିରକ୍ଷା ପ୍ରଣାଳୀ, ସୁସ୍ଥ କୋଷ, ଶରୀରର ବିଭିନ୍ନ ଅଙ୍ଗକୁ ଆକ୍ରମଣ କରି ପ୍ରଦାହ ସୃଷ୍ଟି କରିଥାଏ । ଏହା ବ୍ୟକ୍ତି ବିଶେଷଙ୍କଠାରେ ଅଲଗା ଅଲଗା ଲକ୍ଷଣର ହୋଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ଜିନ୍, ପରିବେଶ ଓ ହର୍ମୋନ ସହିତ ଜଡ଼ିତ ବୋଲି କୁହନ୍ତି । କିଛି ଜଣଙ୍କଠାରେ ଏହି ରୋଗ ଅତି ସାମାନ୍ୟ ଲକ୍ଷଣ ଦେଖାଯାଉଥିବାବେଳେ ଅନ୍ୟପକ୍ଷେ ଏହା ଗୁରୁତର ପ୍ରଦାହ ସୃଷ୍ଟି କରିଥାଏ । ଏହାଦ୍ୱାରା ଶରୀରର ଗଣ୍ଠି, ଚର୍ମ, କିଡ୍‌ନୀ, ହୃଦୟ, ଫୁସ୍‌ଫୁସ୍, ମସ୍ତିଷ୍କ, ରକ୍ତକଣିକା, ଯକୃତ୍ ଆଦି ପ୍ରଭାବିତ ହୋଇଥାଏ । ତେଣୁ ଲୁପସ୍‌ର ଲକ୍ଷଣ ଓ ଉପଚାର ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୧୦ ତାରିଖକୁ ବିଶ୍ୱ ଲୁପ୍‌ସ ଦିବସ ଭାବେ ପାଳନ କରାଯାଇଥାଏ ।**

**ଲକ୍ଷଣ:** ଆମେରିକୀୟ କଲେଜ୍ ଅଫ୍ ରିମାଟୋଲୋଜି ପକ୍ଷରୁ ବିଭିନ୍ନ ଲକ୍ଷଣକୁ ତାଲିକାଭୁକ୍ତ କରାଯାଇଛି । ତନ୍ମଧ୍ୟରୁ ଗାଲ ଉପରେ ପ୍ରଜାପତି ଆକୃତି ଓ ଗୋଲାକାର ଦାଗ, ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା ବେଳେ ଚର୍ମ ଲାଲ୍ ଦାଗ ହେବା, ଦୀର୍ଘ ସମୟ ଧରି ପାଟି କିମ୍ବା ନାକରେ ଘା', ଆର୍ଥ୍ରାଇଟିସ୍, ଫୁସ୍‌ଫୁସ୍ କିମ୍ବା ହୃଦୟରେ ପ୍ରଦାହ ଦ୍ୱାରା ଛାତି ଯନ୍ତ୍ରଣା ହେବା, ରକ୍ତ କିମ୍ବା ପ୍ରୋଟିନ୍ ମିଶା ପରିସ୍ରା, ଷ୍ଟ୍ରୋକ୍ କିମ୍ବା ମାନସିକ ଚାପ, ଦୀର୍ଘଦିନ ଧରି ଜ୍ୱର ଲାଗି ରହିବା, କେଶ ଝଡ଼ିବା, ପ୍ଲେଟ୍‌ଲେଟ୍‌ସ କମିଯିବା, ଥକ୍କାପଣ ଆଦି ଏହାର ମୁଖ୍ୟ ଲକ୍ଷଣ ।

**ପ୍ରଭାବିତ ଅଙ୍ଗ:** ଗବେଷଣା ଅନୁଯାୟୀ ଲୁପସ୍ ଥିବା ପ୍ରାୟ ଅଧା ଲୋକ ଚିନ୍ତା ପ୍ରକ୍ରିୟା ସହିତ ଜ୍ଞାନଗତ ଅସୁବିଧାର ସମ୍ମୁଖୀନ ହୁଅନ୍ତି । କିଛି ଜଣଙ୍କ ଶରୀରରେ ରକ୍ତ ଜମାଟ ବାନ୍ଧିପାରେ । ଏହା ମଧ୍ୟ ଷ୍ଟ୍ରୋକ୍ ପରି ବିପଜ୍ଜନକ ଜଟିଳତାର କାରଣ ହୋଇପାରେ । ଓଭର-ଦି-କାଉଣ୍ଟର (ଓଟିସି), ଔଷଧ ଖାଇବା ପରେ ମୁଣ୍ଡବିନ୍ଧା ଭଲ ନହେଲେ, ଲୁପସ୍ ରୋଗୀ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ଭାସ୍କୁଲାଇଟିସ୍ କିମ୍ବା ରକ୍ତନଳୀରେ ପ୍ରଦାହ, ମୁଣ୍ଡବିନ୍ଧାର କାରଣ ହୋଇପାରେ । ପୀଡ଼ିତଙ୍କ ଚକ୍ଷୁ ଜନିତ ସମସ୍ୟା ମଧ୍ୟରେ ଆଖି ଚର୍ମ ଶୁଖିଲା, ସ୍ନାୟୁଗୁଡ଼ିକରେ କ୍ଷତି, ପରଳରେ ଯନ୍ତ୍ରଣା, ଦୃଷ୍ଟିଶକ୍ତି ହ୍ରାସ ଆଦି ଦେଖାଯାଏ । ସାଧାରଣତଃ ୪୦ ରୁ ୪୫ ପ୍ରତିଶତ ଲୁପ୍‌ସ ରୋଗୀଙ୍କଠାରେ ପାଟିଘା', ପ୍ରାୟ ୭୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ଚର୍ମ ସମସ୍ୟା ତଥା ସୂର୍ଯ୍ୟକିରଣରେ ଅତି ବାଇଗଣୀ ରଶ୍ମି ପ୍ରତି ସମ୍ବେଦନଶୀଳ ଦେଖାଦିଏ । ୪୦ ପ୍ରତିଶତ ଲୋକଙ୍କ ଗାଲ ଏବଂ ନାକରେ ପ୍ରଜାପତି ଆକୃତିର ଚିତ୍ର ହୋଇଥାଏ । ସେହିପରି ଲୁପସ୍ ରୋଗୀଙ୍କଠାରେ ରକ୍ତବ୍ୟାଧି, ଥ୍ରୋମ୍ବୋସିସ୍, ରକ୍ତନଳୀରେ ପ୍ରଦାହ, ଲ୍ୟୁକୋପେନିଆ ଏବଂ ନିଉଟ୍ରୋପେନିଆ ଆଦି ଦେଖାଯାଇଥାଏ । ଏମାନେ ହୃଦ୍‌ରୋଗରେ ଅଧିକ ସଂକ୍ରମିତ ହୋଇଥାନ୍ତି । ଅନ୍ୟପଟେ କିଡ୍‌ନୀକୁ ପ୍ରଭାବିତ ଲୁପସ୍‌କୁ "ଲୁପସ୍ ନେଫ୍ରାଇଟିସ୍" କୁହାଯାଏ । ଏଥିରେ ରୋଗୀଙ୍କ ଓଜନ ବୃଦ୍ଧି ସହ ଗୋଡ ଏବଂ ହାତ ଫୁଲିବା ସହ ଶୁଷ୍କତା ହୋଇଥାଏ ।



ପ୍ରଫେସର ଡା. ଜ୍ୟୋତିରଞ୍ଜନ ପରିଡ଼ା

ଲୁପସ୍ ଥିବା ମହିଳାଙ୍କର ଗର୍ଭଧାରଣରେ ଜଟିଳତା ହେବା (ଅକାଳ ଜନ୍ମ, ପ୍ରିକ୍ଲମ୍ପସିଆ) ଆଶଙ୍କା ଅଧିକ ଥାଏ । କର୍ଟିକୋଷ୍ଟେରଏଡ୍ ଔଷଧ ଗର୍ଭବତୀ ମହିଳାଙ୍କଠାରେ ଉଚ୍ଚ ରକ୍ତଚାପ ସୃଷ୍ଟି କରି ମଧୁମେହ ହେବା ଆଶଙ୍କା ବଢ଼ାଇଥାଏ । ତେଣୁ ଗର୍ଭବତୀ ହେବା ପୂର୍ବରୁ ମହିଳା ନିଜର ଏବଂ ଶିଶୁଙ୍କ ସୁରକ୍ଷା ପାଇଁ ଡାକ୍ତରଙ୍କୁ ଯୋଗାଯୋଗ କରିବା ଉଚିତ ।

**ଉପଚାର:** ଔଷଧରେ ଲୁପସ୍ ରୋଗ ନିୟନ୍ତ୍ରଣ ସମ୍ଭବ । ତେବେ ପୀଡ଼ିତଙ୍କୁ ନିୟମିତ ବ୍ୟାୟାମ, ଧୂମପାନ ତ୍ୟାଗ, ସିଧାସଳଖ ସୂର୍ଯ୍ୟ ଏବଂ ଫ୍ଲୋରୋସେଣ୍ଟ ଆଲୋକ ଏକ୍ସପୋଜରରୁ ଦୂରେଇ ରହିବା, ଭିଟାମିନ୍ ଡି ଗ୍ରହଣ, ସଂକ୍ରମଣ ରୋକିବାକୁ ନିୟମିତ ହାତ ଧୋଇବା, ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କଠାରୁ ପରାମର୍ଶ ନେଇ ମାନସିକ ସ୍ୱାସ୍ଥ୍ୟ ପରିଚାଳନା କରିବା ଜରୁରି । ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧର ସଠିକ୍ ସନ୍ତୁଳନ ନିଶ୍ଚିତ କରିବା ଜରୁରି ।

- ଚିକିତ୍ସା ନିର୍ଦ୍ଦେଶକ
ଓଡ଼ିଶା ଆର୍ଥ୍ରାଇଟିସ୍ ଏବଂ ର୍ୟୁମାଟୋଲୋଜି ସେଣ୍ଟର
ଶହୀଦନଗର, ଭୁବନେଶ୍ୱର, ମୋ: ୯୩୩୮୬୫୩୦୮୬

## ଜାତୀୟ କରାଟେ: ଭାଲେନା ଭାଲେଣ୍ଟିନାଙ୍କୁ ଡବଲ ସ୍ୱର୍ଣ୍ଣ



**ଭୁବନେଶ୍ୱର, ୯।୫ (ସମିସ):** ଓଡ଼ିଶାର ଭାଲେନା ଭାଲେଣ୍ଟିନା ଡେରାଡୁନ୍‌ରେ ଆରମ୍ଭ ହୋଇଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ଡବଲ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କରାଟେକା ଭାଲେନା ବ୍ୟକ୍ତିଗତ କାଟା ଓ ଟିମ୍ କାଟାରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଟିମ୍ କାଟାରେ ଭାଲେନାଙ୍କ ସହ ସୁରୋମିତା ସିହ୍ନା, ଅଫିଫା ପରବେଜ ଓ ସଞ୍ଚିତା ମହାନ୍ତି ଭାଗ ନେଇଥିଲେ। ସେହିପରି ବରିଷ୍ଠ ଫାଇଟିଙ୍ଗ୍‌ର ୮୪ କିଲୋଗ୍ରାମ୍‌ରେ ରୀତେଶ ରାୟଙ୍କୁ ରୌପ୍ୟ ଓ ମହିଳା ୫୫ କିଲୋଗ୍ରାମ୍‌ରେ ଅନୁପମା ସ୍ୱାଇଁଙ୍କୁ କାଂସ୍ୟ ପଦକ ମିଳିଛି। ପ୍ରଥମ ଦିନରେ ଓଡ଼ିଶାକୁ ୪ଟି ପଦକ ମିଳିଛି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ କାଂସ୍ୟ ପଦକ ରହିଛି ବୋଲି ଓଡ଼ିଶା କରାଟେ ଡୋ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

● ବରିଷ୍ଠ ମହିଳା ଜାତୀୟ ଫୁଟବଲ

## ମଣିପୁରଠାରୁ ହାରିଲା ଓଡ଼ିଶା

**କଟକ,୯।୫(ସମିସ):** କୋଲକାତାରେ ଚାଲିଥିବା ୨୮ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ତଥା ରାଜମାତା ଜିଜାବାଈ ଟ୍ରଫିର ୪ର୍ଥ ମ୍ୟାଚ୍‌ରେ ଓଡ଼ିଶାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ମଣିପୁର ୩-୧ ଗୋଲରେ ଓଡ଼ିଶାକୁ ହରାଇଛି। ଖେଳର ପ୍ରଥମାର୍ଦ୍ଧରେ ମଣିପୁର ୨-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ଅଧିନାୟିକା ଏନ ବାଲା ଦେବୀ ୧୭ତମ ମିନିଟରେ ଦଳ ନିମନ୍ତେ ପ୍ରଥମ ଗୋଲ ସ୍କୋର କରିଥିଲେ। ୨୬ତମ ମିନିଟରେ ଦଳ ପାଇଁ ଦ୍ୱିତୀୟ ଗୋଲ ଦେଇଥିଲେ ମିଡଫିଲ୍ଡର ଡାନମେଇ ଗ୍ରେସ୍। ଦ୍ୱିତୀୟାର୍ଦ୍ଧ ଖେଳ ପ୍ରାରମ୍ଭରେ ମଧ୍ୟ ମଣିପୁର ପ୍ରଭାବ ବିସ୍ତାର କରି ରଖିଥିଲା। ଅଧିନାୟିକା ବାଲା ଦେବୀ ୬୬ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ମ୍ୟାଚର ସ୍ଥିତିକୁ ୩-୦ରେ ପହଞ୍ଚାଇଥିଲେ। ଓଡ଼ିଶା ଖେଳାଳିମାନେ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ନିମନ୍ତେ ଉଦ୍ୟମ କରି ସୁଦ୍ଧା ଫେଲ୍ ମାରିଥିଲେ। ବଦଳ ଖେଳାଳି ଭାବେ ପଡ଼ିଆକୁ ଆସିଥିବା ମନୀଷା ନାୟକ ୮୭ତମ ମିନିଟରେ ଓଡ଼ିଶା ନିମନ୍ତେ ଏକମାତ୍ର ଗୋଲ ଦେଇଥିଲେ। ଆସନ୍ତା ୧୧ ତାରିଖରେ ସିକିମ୍ ବିପକ୍ଷରେ ଓଡ଼ିଶା ଅନ୍ତିମ ତଥା ୫ମ ମ୍ୟାଚ୍ ଖେଳିବ।

● ଅରବିନ୍ଦ ମେମୋରିଆଲ କ୍ରିକେଟ

## କ୍ୱାର୍ଟର ଫାଇନାଲରେ ପ୍ରଗତି ସ୍ପୋର୍ଟିଂ

**ଭୁବନେଶ୍ୱର, ୯।୫ (ସମିସ):** ଆଦିତ୍ୟ ଷଡଙ୍ଗୀଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ପ୍ରଗତି ସ୍ପୋର୍ଟିଂ ଚତୁର୍ଥ ଦଳ ଭାବେ ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ଆଦିତ୍ୟ ୪ଟି, ଅନ୍‌ମୋଲ ପଟ୍ଟନାୟକ ଓ ନୀଲେଶ ବେବର୍ତ୍ତା ୨ଟି ଲେଖାଏଁ ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଟାଉନ୍ କ୍ଲବ୍ ୯୧ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଆୟୁଷ ଅମ୍ଲାନଙ୍କ ୨୭ ରନ୍‌କୁ ବାଦ୍ ଦେଲେ ଅନ୍ୟ କେହି ଦୁଇ ଅଙ୍କରେ ପହଞ୍ଚିବାକୁ ସମର୍ଥ ହୋଇ ପାରି ନଥିଲା। ଜବାବରେ ପ୍ରଗତି ସ୍ପୋର୍ଟିଂ ମାତ୍ର ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ଆଦିତ୍ୟ ଆଉଟ ନ ହୋଇ ୧୫, ଅସୀମ ବରାଡ଼ ଆଉଟ ନ ହୋଇ ୨୧ ଓ ପ୍ରତ୍ୟୁଷ ୨୮ ରନ୍ କରିଥିଲେ। ଏହା ଫଳରେ ଦଳ ସହଜରେ ୭ ୱିକେଟରେ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଆଦିତ୍ୟଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆୟୋଜକ ପାରାମାଉଣ୍ଟ ସ୍ପୋର୍ଟିଂର ସଦସ୍ୟ ବିବେକାନନ୍ଦ ଦାଶ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।



# ଓଡ଼ିଶାରୁ ଏକା ଅମିତ ରୋହିଦାସ

## ହକି ପ୍ରୋ-ଲିଗ୍ ଲାଗି ଭାରତୀୟ ଦଳ ଘୋଷିତ

ନୂଆଦିଲ୍ଲୀ, ୯।୫(ଏଜେନ୍ସି)



ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ-ଲିଗ୍‌ର ୟୁରୋପ ଲେଗ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ହରମନପ୍ରୀତ୍ ସିଂ ପୂର୍ବପରି ଏହି ଦଳର ଅଧିନାୟକ ରହିଛନ୍ତି। ୨୪ ଜଣିଆ ଘୋଷିତ ଦଳରେ ଅମିତ ରୋହିଦାସ ଏକମାତ୍ର ଓଡ଼ିଆ ଖେଳାଳିଭାବେ ଦଳରେ ରହିଛନ୍ତି। ୟୁରୋପ ଲେଗ୍‌ରେ ଭାରତ ୪ଟି ଦେଶ ସହ ୮ଟି ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ଦେଶଗୁଡ଼ିକ ହେଲା ଆର୍ଜେଣ୍ଟିନା, ବେଲଜିୟମ, ଜର୍ମାନୀ ଓ ଇଂଲଣ୍ଡ। ଦୁଇଟି ପର୍ଯ୍ୟାୟରେ ଏହି ମ୍ୟାଚ ଖେଳାଯିବ। ପ୍ରଥମ ପର୍ଯ୍ୟାୟ ବେଲଜିୟମର ଆଣ୍ଟୱେର୍ପରେ ମେ ୨୨ରୁ ୩୦ ତାରିଖ ଓ ଦ୍ୱିତୀୟ ପର୍ଯ୍ୟାୟ ଜୁନ୍ ୧ରୁ ୧୨ ତାରିଖଯାଏ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତା ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ପ୍ରସ୍ତୁତି କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ କହିଲେ ଏହି ଲେଗ୍ ଅଲିମ୍ପିକ୍ସ ଲାଗି ଡ୍ରେସ ରିହରସାଲ ବୋଲି କୁହାଯାଉଛି। ଅଲିମ୍ପିକ୍‌ରେ ହକି ଜୁଲାଇ ୨୭ରୁ ଆରମ୍ଭ ହେବାକୁ ଯାଉଥିଲାବେଳେ ଭାରତୀୟ କୋଚ୍ କ୍ରେଗ୍ ଫୁଲଟନଙ୍କ ଲାଗି ଦଳର ଦୋଷ ଦୁର୍ବଳତା ଜାଣିବାରେ ବେଶ ସହାୟତା କରିବ। ନିକଟରେ ଅଷ୍ଟ୍ରେଲିଆ ନିକଟରୁ ୦-୫ରେ ଟେଷ୍ଟ ସିରିଜ୍ ହାରିବା ପରେ ଦଳକୁ ସଜାଡିବାକୁ ଫୁଲଟନ ଅନେକ ଶ୍ରମ ସ୍ୱୀକାର କରିଛନ୍ତି। ଏବେ ସୁଦ୍ଧା ପ୍ରୋ-ଲିଗ୍‌ରେ ଭାରତ ୮ଟି ମ୍ୟାଚ୍ ଖେଳି ୧୫ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି। ସମାନ ସଂଖ୍ୟକ ମ୍ୟାଚ୍ ଖେଳି ଅଷ୍ଟ୍ରେଲିଆ ୨୦ ପଏଣ୍ଟ ସହ ଦ୍ୱିତୀୟ ଓ ୧୨ଟି ମ୍ୟାଚ୍‌ରୁ ୨୬ ପଏଣ୍ଟ ସହ ନେଦରଲାଣ୍ଡ୍ସ ପ୍ରଥମ ସ୍ଥାନରେ ରହିଛନ୍ତି।

ପ୍ୟାରିସ୍ ଅଲିମ୍ପିକ୍ସ ପୂର୍ବରୁ ୟୁରୋପରେ ଖେଳାଯିବାକୁ ଥିବା ହକି-ପ୍ରୋ ଲିଗ୍ ଅଲିମ୍ପିକ୍ସ ପ୍ରସ୍ତୁତି ଲାଗି ବେଶ ସହାୟକ ହେବ। ଏଥିରେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତା ଲାଗି ଆମେ ଭଲ ପ୍ରସ୍ତୁତି କରିଛୁ ଓ ଖେଳାଳିମାନେ ଭଲ ପ୍ରଦର୍ଶନ ଦେବେ ବୋଲି କୋଚ୍ କ୍ରେଗ୍ ଫୁଲଟନ କହିଛନ୍ତି। ଅଲିମ୍ପିକ୍ ବର୍ଷରେ ଆମକୁ ସଫଳତା ପାଇବାକୁ ହେଲେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିବା ନିହାତି ଆବଶ୍ୟକ। ମୋର ବିଶ୍ୱାସ ଆମ ନିକଟରେ ସେହିଭଳି ପ୍ରତିଭା ରହିଛନ୍ତି ଓ ସେମାନେ ଭଲ କରିବେ ବୋଲି ଅଧିନାୟକ ହରମନପ୍ରୀତ ସିଂ ଆଶା ପ୍ରକାଶ କରିଛନ୍ତି।

ଭାରତୀୟ ଦଳରେ ଗୋଲରକ୍ଷକ ଭାବେ ପିଆର ଶ୍ରୀଜେଶ, କ୍ରିଷନ ବାହାଦୁର ପାଠକଙ୍କୁ ସାମିଲ କରାଯାଇଛି। ରକ୍ଷଣଭାଗରେ ଜରମନପ୍ରୀତ୍ ସିଂହ, ଅମିତ ରୋହିଦାସ, ଅଧିନାୟକ ହରମନପ୍ରୀତ୍ ସିଂହ, ସୁମିତ, ସଞ୍ଜୟ, ଜୁଗରାଜ ସିଂହ, ବିଷ୍ଣୁକାନ୍ତ ସିଂ ରହିଛନ୍ତି। ମଧ୍ୟଭାଗରେ ବିବେକ ପ୍ରସାଦ ସାଗର, ନୀଳକାନ୍ତ ଶର୍ମା, ମନପ୍ରୀତ ସିଂହ, ସମଶେର ସିଂହ, ହାର୍ଦ୍ଦିକ ସିଂହ, ରାଜକୁମାର ପାଲ, ମହମ୍ମଦ୍ ରାହିଲ ମୌସିନଙ୍କୁ ନିଆଯାଇଛି। ଅଗ୍ରଭାଗ ମନଦୀପ ସିଂହ, ଅଭିଷେକ, ସୁଖଜିତ ସିଂହ, ଲଳିତ କୁମାର ଉପାଧ୍ୟାୟ, ଗୁରଜାନ୍ତ ସିଂହ, ଆକାଶଦୀପ ସିଂହ, ଅରାଇଜିତ ସିଂ ହୁଣ୍ଡାଲ ଓ ବବି ସିଂ ଧାମିଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି।

## ଗ୍ରୁପ୍ ଏ'ରେ ଶ୍ରୀଲଙ୍କା, ବି'ରେ ସ୍କଟଲାଣ୍ଡ

### ମହିଳା ଟି-୨୦ ବିଶ୍ୱକପ୍

**ନୂଆଦିଲ୍ଲୀ, ୯।୫(ଏଜେନ୍ସି):** ମହିଳା କ୍ରିକେଟରେ ଏବେ ଲୋକପ୍ରିୟତା ବଢ଼ିଛି। ବିଭିନ୍ନ ଦେଶରେ ପେସାଦାର ମହିଳା ଲିଗ୍ ଆୟୋଜିତ ହେବା ଫଳରେ ଖେଳାଳିମାନେ କେବଳ କ୍ରିକେଟ ଉପରେ ନିର୍ଭର କରି କ୍ୟାରିୟର ଗଠନ କରିହେବ ବୋଲି ଏବେ ସୁଯୋଗ ରହିଛି। ଏହା ଫଳରେ ମହିଳା ଟି-୨୦ ବିଶ୍ୱକପ୍‌ର ଚାହିଦା ମଧ୍ୟ ସେହି ପରିମାଣରେ ବୃଦ୍ଧି ପାଇଛି। ଏହି ପ୍ରତିଯୋଗିତାରେ ଗୋଟିଏ ଭଲ ପ୍ରଦର୍ଶନ ବିଭିନ୍ନ ଫ୍ରାଞ୍ଚାଇଜଗୁଡ଼ିକୁ ଆକୃଷ୍ଟ କରିପାରିବ ବୋଲି ଆଶା କରାଯାଉଛି। ଯାହା ଫଳରେ ଏହି ଇଭେଣ୍ଟକୁ ମହିଳା ଖେଳାଳିମାନେ ବେଶ ଗୁରୁତ୍ୱ ଦେଉଛନ୍ତି। ବାଂଲାଦେଶରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟ ଲାଗି ନିକଟରେ ଖେଳାଯାଇଥିବା ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଶ୍ରୀଲଙ୍କା ଓ ସ୍କଟଲାଣ୍ଡ ଯୋଗ୍ୟତା ଅର୍ଜନ କରିଛି।



ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିବା ଶ୍ରୀଲଙ୍କା ଗ୍ରୁପ୍-ଏ'ରେ ଶକ୍ତିଶାଳୀ ଦଳଗୁଡିକ ସହ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଡିଫେଣ୍ଡିଂ ତଥା ୬ଥରର ଚାମ୍ପିଅନ ଅଷ୍ଟ୍ରେଲିଆ, ଶକ୍ତିଶାଳୀ ଭାରତ, ପାକିସ୍ତାନ ଓ ନ୍ୟୁଜିଲାଣ୍ଡକୁ ସ୍ଥାନ ମିଳିଛି। ସେହିପରି ରନର୍ସଅପ୍ ହୋଇଥିବା ସ୍କଟଲାଣ୍ଡକୁ ଗ୍ରୁପ୍-ବି'ରେ ସ୍ଥାନିତ କରାଯାଇଛି। ଏହି ଗ୍ରୁପ୍‌ରେ ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍, ଦକ୍ଷିଣ ଆଫ୍ରିକା ଓ ଆୟୋଜକ ବାଂଲାଦେଶକୁ ସ୍ଥାନ ମିଳିଛି।



ଶ୍ରୀଲଙ୍କା କ୍ରିକେଟ ଦଳ ଘୋଷଣା

## ଷଷ୍ଠ ଟି-୨୦ ବିଶ୍ୱକପ୍ ଖେଳିବେ ମାଥ୍ୟୁସ

**କଲମ୍ବୋ, ୯।୫ (ଏଜେନ୍ସି):** ଜୁନ ୧ରୁ ଆରମ୍ଭ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଲାଗି ଗୁରୁବାର ଶ୍ରୀଲଙ୍କା ଦଳ ଘୋଷଣା କରାଯାଇଛି। ଅଲ୍‌ରାଉଣ୍ଡର ୱାନିନ୍ଦୁ ହାସରଙ୍ଗାଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିଭଳି ଭେଟେରାନ ଆଞ୍ଜେଲୋ ମାଥ୍ୟୁସଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ୩ ବର୍ଷର ବ୍ୟବଧାନ ପରେ ଗତ ଜାନୁଆରୀରେ ମାଥ୍ୟୁସ ଟି-୨୦ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ୩୮ ବର୍ଷୀୟ ମାଥ୍ୟୁସଙ୍କ ଏହା ୬ଷ୍ଠ ଟି-୨୦ ବିଶ୍ୱକପ୍ ହେବ। ୨୦୧୪ ବିଶ୍ୱକପ୍ ବିଜୟୀ ଦଳର ସେ ସଦସ୍ୟ ରହିଥିଲେ। ସେହିଭଳି ଘୋଷିତ ଦଳରେ ବର୍ତ୍ତମାନ ଶ୍ରୀଲଙ୍କା ଏକଦିବସୀୟ ଦଳର ଅଧିନାୟକ ରହିଥିବା କୁଶଳ ମେଣ୍ଡିସ ଓ ଟେଷ୍ଟ ଅଧିନାୟକ ଧନଞ୍ଜୟ ଡି ସିଲଭା ମଧ୍ୟ ସ୍ଥାନ ପାଇଛନ୍ତି। ବିଶ୍ୱକପ୍‌ରେ ଶ୍ରୀଲଙ୍କା ଗ୍ରୁପ୍-ଡି'ରେ ଦକ୍ଷିଣ ଆଫ୍ରିକା, ବାଂଲାଦେଶ, ନେଦରଲାଣ୍ଡ୍ସ ଓ ନେପାଳ ସହ ସ୍ଥାନ ପାଇଛି। ଜୁନ ୩ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳି ସିଂହଳୀ ଦଳ ତାହାର ଅଭିଯାନ ଆରମ୍ଭ କରିବ।

**ଶ୍ରୀଲଙ୍କା ଦଳ:** ୱାନିନ୍ଦୁ ହାସରଙ୍ଗା (ଅଧିନାୟକ), ଚରିଥ ଆସଲଙ୍କା (ଉପ-ଅଧିନାୟକ), କୁଶଳ ମେଣ୍ଡିସ, ପାଥୁମ ନିଶାଙ୍କ, କାମିନ୍ଦୁ ମେଣ୍ଡିସ, ସଦୀରା ସମରବିକ୍ରମା, ଆଞ୍ଜେଲୋ ମାଥ୍ୟୁସ, ଦସୁନ ଶନକା, ଧନଞ୍ଜୟ ଡି ସିଲ୍‌ଭା, ମହୀଶ ଥିକଶାନା, ଦୁନିଥ ୱେଲାଲାଗେ, ଦୁଶ୍ମନ୍ତ ଚାମିରା, ନୁୱାନ ତୁଷାରା, ମଥିଶା ପତିରାଣା ଓ ଦିଲଶାନ ମଦୁଶନକା। **ରିଜର୍ଭ ଖେଳାଳି:** ଅସିଥ ଫର୍ଣ୍ଣାଣ୍ଡୋ, ବିଜୟକାନ୍ତ ବୈଶକାନ୍ତ, ଭାନୁକା ରାଜପକ୍ଷେ ଓ ଜାନିଥ ଲିୟାଙ୍ଗେ।

ଚାମ୍ପିଅନ୍ସ ଲିଗ୍ ଫୁଟବଲ

## ଫାଇନାଲରେ ରିଅଲ ମାଦ୍ରିଦ୍

**ମାଦ୍ରିଦ୍, ୯।୫(ଏଜେନ୍ସି):** ଜଣାଶୁଣା ଫୁଟବଲ କ୍ଲବ ରିଅଲ ମାଦ୍ରିଦ୍ ୟୁରୋପିଆନ ୟୁନିୟନ ଅଫ୍ ଫୁଟବଲ ଆସୋସିଏସନ (ୟୁଇଏଫ୍‌) ଚାମ୍ପିଅନ୍ସ ଲିଗ୍ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ଲିଗର ଦ୍ୱିତୀୟ ସେମିଫାଇନାଲ ଦ୍ୱିତୀୟ ଲେଗ୍ ଅର୍ଥାତ ଚରଣ ମୁକାବିଲାରେ ମାଦ୍ରିଦ୍ ଗୋଟିଏ ଗୋଲ ପଛରେ ଥାଇ ପ୍ରତ୍ୟାବର୍ତ୍ତନ କରିବା ସହ ୨-୧ ଗୋଲରେ ବେୟର୍ଣ୍ଣ ମ୍ୟୁନିକ୍‌କୁ ପରାସ୍ତ କରି ଫାଇନାଲ ଟିକଟ୍ ହାସଲ କରିଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଲେଗ୍ ମୁକାବିଲା ୨-୨ ଗୋଲରେ ଅମୀମାଂସିତ ରହିଥିଲା। ଫଳରେ ମାଦ୍ରିଦ୍ ଏଗ୍ରିଗେଟ୍‌ରେ ୪-୩ ଗୋଲ ବ୍ୟବଧାନରେ ବିଜୟୀ ହୋଇ ଅଗ୍ରଗତି କରିଛି। ଏବେ ଜୁନ୍ ୨ରେ ଲଣ୍ଡନସ୍ଥିତ ୱେମ୍ବ୍ଲି ଷ୍ଟାଡିୟମରେ ମାଦ୍ରିଦ ଟାଇଟଲ ପାଇଁ ଡର୍ଟମଣ୍ଡକୁ ଭେଟିବ। ମାଦ୍ରିଦ୍ ଏପର୍ଯ୍ୟନ୍ତ ୧୪ଥର ଚାମ୍ପିଅନ୍ସ ଲିଗ୍ ଟାଇଟଲ ହାସଲ କରି ସଫଳତମ ଦଳ ବିବେଚିତ ହେଉଛି। ଫାଇନାଲରେ ବିଜୟୀ ହେଲେ ମାଦ୍ରିତ ୧୫ତମ ଟାଇଟଲ ଜିତି ତା'ର ରେକର୍ଡକୁ ଆହୁରି ମଜବୁତ୍ କରିବ। ଗତ ୨୦୨୨-୨୩ ସଂସ୍କରଣରେ ମାଞ୍ଚେଷ୍ଟର ସିଟି ଟାଇଟଲ ଜିତିଥିଲା।

## ମିଜୋରାମକୁ ହରାଇଲା ଓଡ଼ିଶା

**ରାଞ୍ଚି, ୯।୫ (ଏଜେନ୍ସି):** ରାଞ୍ଚିରେ ଚାଲିଥିବା ଜାତୀୟ ମହିଳା ହକି ଲିଗ୍ (୨୧ ବର୍ଷରୁ କମ୍) ପ୍ରତିଯୋଗିତାର ପ୍ରଥମ ଫେଜ୍ ଗୁରୁବାର ଶେଷ ହୋଇଛି। ଏଥିରେ ଓଡ଼ିଶା ଏହାର ୭ମ ମୁକାବିଲାରେ ୨-୦ ଗୋଲରେ ମଣିପୁରକୁ ପରାସ୍ତ କରିଛି। ଏଥିସହ ଓଡ଼ିଶା ୭ ମ୍ୟାଚରୁ ୪ ବିଜୟ, ୧ ସୁଟ୍ ଆଉଟ୍ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ସୁଟ୍ ଆଉଟ୍ ପରାଜୟ ସହ ୧୫ ପଏଣ୍ଟ ପାଇ ଆଠ ଦଳୀୟ ଟେବଲ ତାଲିକାର ୨ୟ ସ୍ଥାନରେ ରହିଛି।



ଏହି ପ୍ରତିଯୋଗିତାର ୨ୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ଖୁବ୍ ଶୀଘ୍ର ପ୍ରକାଶ ପାଇବ। ଗୁରୁବାର ଓଡ଼ିଶା ଓ ମିଜୋରାମ ମହିଳା ଦଳ ମଧ୍ୟରେ ଖେଳାଯାଇଥିବା ଏହି ମୁକାବିଲାର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ତଥା ୨୫ତମ ମିନିଟ୍‌ରେ ପ୍ରତିଭା ଏକ୍କା ଓଡ଼ିଶା ପାଇଁ ଗୋଲ୍ ଖାତା ଖୋଲିଥିଲେ। ପ୍ରତିଭା ଫିଲ୍ଡ ଗୋଲ୍ ଜରିଆରେ ଏହି ଗୋଲଟି ଦେଇଥିଲେ। ଏହାପରେ ପ୍ରଥମ ଭଳି ୩ୟ କ୍ୱାର୍ଟର ମଧ୍ୟ ଗୋଲଶୂନ୍ୟ ରହିଥିଲା। ତେବେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଓଡ଼ିଶା ଆଉ ଏକ ଗୋଲ୍ ଦେଇ ୨-୦ରେ ମ୍ୟାଚକୁ ହାତେଇ ନେଇଥିଲା। ୫୨ତମ ମିନିଟ୍‌ରେ କରୁଣା ମିଞ୍ଜଙ୍କ ଷ୍ଟିକ୍‌ରୁ ଏହି ଗୋଲଟି ବାହାରିଥିଲା। ଦିବସର ଅନ୍ୟ ଏକ ମ୍ୟାଚରେ ବେଙ୍ଗଲ ୪-୦ ଗୋଲରେ ମଣିପୁରକୁ ଓ ହରିୟାଣା ସୁଟ୍ ଆଉଟ୍‌ରେ ୩-୨ ଗୋଲରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି।

## ୧୩ ବର୍ଷ ପରେ ପାକିସ୍ତାନର ଯୋଗ୍ୟତା

### ସୁଲତାନ ଆଜ୍‌ଲାନ୍ ଶାହ କପ୍

**ଇପୋ, ୯।୫ (ଏଜେନ୍ସି):** ଦୀର୍ଘ ୧୩ ବର୍ଷର ବ୍ୟବଧାନ ପରେ ପାକିସ୍ତାନ ହକି ଦଳ ସମ୍ମାନଜନକ ସୁଲତାନ ଆଜଲାନ ଶାହ କପ୍‌କୁ ଯୋଗ୍ୟତା ଅର୍ଜନ କରିଛି। ମାଲେସିଆରେ ଚାଲିଥିବା ଆଜଲାନ ଶାହ କପ୍‌ର ଫାଇନାଲକୁ ପ୍ରବେଶ କରି ପାକିସ୍ତାନ ଏହି ସଫଳତା ପାଇଛି। ପାକିସ୍ତାନ ସହ ଜାପାନ ମଧ୍ୟ ଆଜଲାନ ଶାହ କପ୍ ଫାଇନାଲକୁ ପ୍ରବେଶ କରିଛି। ଏଥିସହ ଜାପାନ ମଧ୍ୟ ସୁଲତାନ ଆଜଲାନ ଶାହ କପ୍ ଟିକଟ୍ ହାସଲ କରିଛି। ଆଜଲାନ ଶାହ କପ୍‌ରେ ଉଭୟ ପାକିସ୍ତାନ ଓ ଜାପାନ ୩ଟି ଲେଖାଏ ବିଜୟ ଓ ଗୋଟିଏ ଡ୍ର ଲାଭ କରିଛନ୍ତି। ପାକିସ୍ତାନ ଶେଷଥର ଲାଗି ୨୦୧୧ ସୁଲତାନ ଆଜଲାନ ଶାହ କପ୍ ଖେଳିଥିଲା।

**ମହିଳା ଟି-୨୦ ସିରିଜ**

# ୫-୦ରେ ଭାରତର କ୍ଲିନ୍ ସୁଇପ୍

ସିଲହେଟ୍, ୯।୫(ଏଜେନ୍ସି)

ବାଂଲାଦେଶ ଗସ୍ତରେ ଯାଇଥିବା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା କ୍ରିକେଟ ଦଳ ଟି-୨୦ ସିରିଜରେ ୫-୦ରେ କ୍ଲିନ୍ ସୁଇପ୍ କରିଛି। ସ୍ଥାନୀୟ ସିଲହେଟ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ୫ମ ତଥା ଅନ୍ତିମ ମ୍ୟାଚ୍‌ରେ ଭାରତ ୨୧ ରନରେ ବାଂଲାଦେଶକୁ ହରାଇ ଏହି ବିରଳ ସଫଳତା ପାଇଛି। ପୂର୍ବର ପ୍ରଥମ ମ୍ୟାଚ୍‌ରେ ଭାରତ ୪୪ ରନରେ, ଦ୍ୱିତୀୟରେ ଡିଏଲ୍‌ଏସ୍ ପ୍ରଣାଳୀରେ ୧୯ ରନରେ, ତୃତୀୟରେ ୭ ୱିକେଟରେ ଓ ଚତୁର୍ଥ ମ୍ୟାଚ୍‌ରେ ଡିଏଲ୍‌ଏସ୍ ପ୍ରଣାଳୀରେ ୫୬ ରନରେ ବିଜୟୀ ହୋଇଥିଲା। ଭାରତୀୟ ସ୍ପିନର ରାଧା ଯାଦବ ମ୍ୟାଚ୍ ଓ ସିରିଜରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେ ମ୍ୟାଚ୍‌ରେ ୩ ୱିକେଟ ଓ ୫ଟିକିଆ ସିରିଜରେ ମୋଟ୍ ୧୦ ୱିକେଟ ନେଇଥିଲେ।




ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ହରାଇ ୧୫୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଦୟାଳନ ହେମଲତା ୨୮ ବଲରୁ ୨ଟି ଲେଖାଏ ଚୌକା ଓ ଛକା ସହ ସର୍ବାଧିକ ୩୭, ସ୍ମୃତି ମନ୍ଧାନା ୩୩, ହରମନପ୍ରୀତ ୩୦, ଓପନର ଶେଫାଳୀ ବର୍ମା ୧୪ ରନକରି ଆଉଟ ହୋଇଥିଲେ। ୱିକେଟରକ୍ଷକ ବ୍ୟାଟର ରିଚା ଘୋଷ ମାତ୍ର ୧୭ଟି ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୧ ଛକା ସହ ଦ୍ରୁତ ୨୮ ରନ କରି ଅପରାଜିତ ରହିବା ସହ ଦଳର ସ୍କୋରକୁ ଦେଢ଼ଶହ ରନ ପାର କରାଇଥିଲେ। ବୋଲିଂରେ ବାଂଲାଦେଶ ପାଇଁ ରାବେୟା ଖାନ୍ ଓ ନାହିଦା ଅଖତେର ୨ଟି ଲେଖାଏ, ସୁଲତାନ ଖାତୁନ୍ ଗୋଟିଏ ୱିକେଟ ନେଇଥିଲେ। ଜବାବରେ ବାଂଲାଦେଶ ୬ ୱିକେଟ ହରାଇ ୧୩୫ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଦଳ ତରଫରୁ ରତୁ ମୋନି ସର୍ବାଧିକ ୩୭, ରୁବ୍ୟା ହାଇଦର ୨୦, ସୋଭନା ମୋସ୍ତାରୀ ୧୩ ରନକରି ଆଉଟ ହୋଇଥିବା ବେଳେ ଶୋରିଫା ଖାତୁନ୍ ୨୮ ଓ ରାବେୟା ୧୪ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ସ୍ପିନର ରାଧା ଯାଦବ ସର୍ବାଧିକ ୩, ଲେଗ୍ ସ୍ପିନର ଆଶା ଶୋଭନା ୨, ତିତାସ ସାଧୁ ଗୋଟିଏ ୱିକେଟ ନେଇଥିଲେ।

● ସାଉଦି ସ୍ମାଶ୍ ୨୦୨୪ ଟିଟି

## କ୍ୱାର୍ଟର ଫାଇନାଲରେ ମନିକା

**ନୂଆଦିଲ୍ଲୀ, ୯।୫(ଏଜେନ୍ସି):** ଭାରତର ଶ୍ରେଷ୍ଠ ମହିଳା ଖେଳାଳି ମନିକା ବାତ୍ରା ଜେଦ୍ଦାରେ ଚାଲିଥିବା ସାଉଦି ସ୍ମାଶ୍ ୨୦୨୪ ଟିଟି ପ୍ରତିଯୋଗିତାରେ ଚମତ୍କାର ଫର୍ମ ବଜାୟ ରଖିଛନ୍ତି। ବୁଧବାର ଅନୁଷ୍ଠିତ ମୁକାବିଲାରେ ସେ ବିଶ୍ୱର ନଂ-୧୪ ଖେଳାଳି ନିନା ମିତେଲହାମଙ୍କୁ ପରାସ୍ତ କରି ଏହି ପ୍ରତିଦ୍ୱନ୍ଦ୍ୱିତାମୂଳକ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ଦ୍ୱିତୀୟ ରାଉଣ୍ଡରେ ବିଶ୍ୱର ନଂ-୨ ଖେଳାଳି ୱାଙ୍ଗ ମାନ୍ୟୁଙ୍କୁ ପରାସ୍ତ କରି ମନିକା ସବୁଠାରୁ ବଡ଼ ବିପର୍ଯ୍ୟୟ ଘଟାଇଥିଲେ।



ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ମନିକା ମାତ୍ର ୨୨ ମିନିଟ୍ ମୁକାବିଲାରେ ଜର୍ମାନୀର ମିତେଲହାମଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌କୁ ସେ ୩-୦ ବା ୧୧-୬, ୧୧-୯ ଓ ୧୧-୭ ସିଧାସଳଖ ସେଟ୍‌ରେ ବିଜୟୀ ହୋଇଥିଲେ। ବିଜୟ ଫଳରେ ଦିଲ୍ଲୀର ଏହି ତାରକା ଖେଳାଳି ପ୍ରଥମଥର ଏହି ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛନ୍ତି। କ୍ୱାର୍ଟରରେ ସେ ଜାପାନର ହୀନା ହାୟାତାଙ୍କୁ ଭେଟିବେ। ବିଶ୍ୱରେ ହୀନାଙ୍କ ମାନ୍ୟତା ଏବେ ୫ରେ ରହିଛି। ମନିକାଙ୍କ ମାନ୍ୟତା ୩୯ତମ ସ୍ଥାନରେ ଥିଲାବେଳେ ଏବେ ଶ୍ରୀଜା ଆକୁଲା ଭାରତର ନଂ-୧ ଖେଳାଳି ହୋଇଛନ୍ତି। ଅବଶ୍ୟ ଏହି ଟୁର୍ଣ୍ଣାମେଣ୍ଟରେ ମନିକାଙ୍କର ଚମତ୍କାର ପ୍ରଦଶନ ବଳରେ ଖୁବ୍ ଶୀଘ୍ର ସେ ନଂ-୧ ସ୍ଥାନକୁ ଫେରିବେ ବୋଲି ଜଣାଯାଇଛି। ୨୦୧୮ ରେ ମନିକା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ।

କିଙ୍ଗ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ

# ବିରାଟ କୋହଲି ଶତକରୁ ବଞ୍ଚିତ




**ଧର୍ମଶାଳା, ୯।୫(ଏଜେନ୍ସି)**

ତାରକା ଖେଳାଳି ବିରାଟ କୋହଲି ଓ ରଜତ ପଟିଦାରଙ୍କ ଧୂଆଁଧାର ଅର୍ଦ୍ଧଶତକ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ପଞ୍ଜାବ କିଙ୍ଗ୍ସ ବିପକ୍ଷ ମୁକାବିଲାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୭ ୱିକେଟରେ ୨୪୧ରନ୍‌ର ବିଶାଳ ସ୍କୋର ସଂଗ୍ରହ କରିଛି। ଦଳ ପକ୍ଷରୁ କୋହଲି ୪୭ ବଲ୍‌ରେ ସର୍ବାଧିକ ୯୨ ରନ୍ କରି ଶତକରୁ ବଞ୍ଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଟିଦାର ୨୩ ବଲ୍‌ରେ ୫୫ ଓ କାମେରନ ଗ୍ରୀନ୍ ୨୭ ବଲ୍‌ରେ ୪୬ ରନ୍ କରିଥିଲେ। ଘରୋଇ ଦଳ ପକ୍ଷରୁ ଦୁଇ ପେସ୍ ବୋଲର ହର୍ଷଲ ପଟେଲ ୩ଟି ଓ ବିଦ୍ୱାତ କାଭେରାପ୍ପା ୨ଟି ୱିକେଟ ପାଇଥିଲେ। ଏହି ମ୍ୟାଚ୍‌ରେ ପଞ୍ଜାବର ଫିଲ୍ଡରମାନେ ଅଧାଡଜନ କ୍ୟାଚ୍ ହାତଛଡ଼ା କରିଥିଲେ। ବେଙ୍ଗାଲୁରୁ ପ୍ରଦତ୍ତ ୨୪୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପଞ୍ଜାବ କିଙ୍ଗ୍ସ ୫.୫ ଓଭରରେ ୨ ୱିକେଟ ହରାଇ ୭୧ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ରିଲି ରୁଷୋ ୩୭ ରନ୍‌ରେ ବ୍ୟାଟିଂ କରୁଥିଲେ। ଜନି ବେୟାରଷ୍ଟୋ ୨୭ ଓ ପ୍ରଭସିମରନ ସିଂ ୬ ରନ୍ କରି ଆଉଟ୍ ହୋଇଛନ୍ତି। ବର୍ଷା ଯୋଗୁଁ ୨୫ ମିନିଟ୍ ଖେଳ ବନ୍ଦ ରହିଥିଲା। ଏହି ମ୍ୟାଚ୍ ପୂର୍ବରୁ ବେଙ୍ଗାଲୁରୁ ୧୧ ମ୍ୟାଚ୍‌ରୁ ୪ ବିଜୟ ସହ ୮ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି। ପଞ୍ଜାବ ସମାନ ମ୍ୟାଚ୍‌ରୁ ସମାନ ପଏଣ୍ଟ ପାଇଥିଲେ ମଧ୍ୟ କମ୍ ରନ୍‌ରେଟ୍ ଯୋଗୁଁ ୮ମ ସ୍ଥାନରେ ରହିଛି। ଏହି ମ୍ୟଚ୍‌ରେ ବିଜେତା ଦଳ ପ୍ଲେ ଅଫ୍ ଦୌଡ଼ରେ ତିଷ୍ଠି ରହିବ। ପରାଜିତ ଦଳ ପ୍ଲେ ଅଫ ଖେଳିବାରୁ ବଞ୍ଚିତ ହେବ।

### ପଟିଦାରଙ୍କ ବିସ୍ଫୋରକ ବ୍ୟାଟିଂ

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ଦଳ ଆରମ୍ଭରୁ ଝଟ୍‌କା ପାଇଥିଲା। ପଞ୍ଜାବ କିଙ୍ଗ୍ସ ପକ୍ଷରୁ ଏଠାରେ ପଦାର୍ପଣ କରିଥିବା କର୍ଣ୍ଣାଟକ ପେସ୍ ବୋଲର ବିଦ୍ୱାତ କାଭେରାପ୍ପା ଚମତ୍କାର ବୋଲିଂ କରି ପାୱାର ପ୍ଲେ'ରେ ୨ ୱିକେଟ ନେଇଥିଲେ। ତାଙ୍କ ବୋଲିଂରେ ୩ଟି କ୍ୟାଚ୍ ହାତଛଡ଼ା କରିବା ଫଳରେ ଦଳକୁ ଅନେକ ମୂଲ୍ୟ ଦେବାକୁ ପଡ଼ିଥିଲା। ଏହା ଫଳରେ ବିରାଟ କୋହଲି ଦଳ ପକ୍ଷରୁ ସର୍ବାଧିକ ୯୨ ରନ୍ କରିଥିଲେ। ସେ ତୃତୀୟ ୱିକେଟରେ ରଜତ ପଟିଦାରଙ୍କ ସହ ୩୨ ବଲ୍‌ରୁ ୭୬ ଓ କାମେରନ ଗ୍ରୀନ୍‌ଙ୍କ ସହ ୪୬ ବଲ୍‌ରୁ ୯୨ ରନ୍ ଯୋଗାଇ ବେଙ୍ଗାଲୁରୁ ଲାଗି ଏକ ବିଶାଳ ସ୍କୋର ସଂଗ୍ରହ କରିଥିଲେ। ମାତ୍ର ୮ ରନ୍ ଲାଗି ଶତକରୁ ବଞ୍ଚିତ ହୋଇଥିବା କୋହଲି ୪୭ ବଲ୍‌ର ପାଳିରେ ୭ ଚୌକା ଓ ୬ ଛକା ମାରିଥିଲେ। କିନ୍ତୁ ପଟିଦାର ଓ ଗ୍ରୀନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ବେଙ୍ଗାଲୁରୁ ଫାଇଦାରେ ରହିଥିଲା। ପଟିଦାର ମାତ୍ର ୨୩ ବଲ୍ ଖେଳି ୩ ଚୌକା ଓ ୬ଛକା ସହାୟତାରେ ୫୫ ଓ ଗ୍ରୀନ୍ ୨୭ ବଲ୍‌ରେ ୫ ଚୌକା ଓ ୧ଛକା ସହାୟତାରେ ୪୬ ରନ୍ କରିଥିଲେ। ଦିନେଶ କାର୍ତ୍ତିକ ମଧ୍ୟ ୭ଟି ବଲ୍‌ରୁ ୧୮ ରନ୍‌ର ଯୋଗଦାନ ଦେଇଥିଲେ। ପଞ୍ଜାବ ପକ୍ଷରୁ ଘରୋଇ ପିଚ୍‌ରେ ବୋଲରମାନେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଫିଲ୍ଡରଙ୍କଠାରୁ ଉପଯୁକ୍ତ ସହାୟତା ପାଇ ନ ଥିଲେ। ବିପକ୍ଷ ଦଳର ଟପ୍ ସ୍କୋରର କୋହଲିଙ୍କର ୨ଟି କ୍ୟାଚ୍ ହାତଛଡ଼ା ହୋଇଥିଲା। ପଞ୍ଜାବ ପକ୍ଷରୁ ହର୍ଷଲ ପଟେଲ ଶେଷ ଓଭରରେ ୩ଟି ୱିକେଟ ପାଇଥିଲାବେଳେ ଆଇପିଏଲ୍ ପଦାର୍ପଣ କରିଥିବା ବିଦ୍ୱାଥ କାଭେରାପ୍ପା ୨ଟି ୱିକେଟ ନେଇଥିଲେ।

**ଆଇପିଏଲ୍-୧୭**

**ଆଜିର ମ୍ୟାଚ୍**

**ଗୁଜରାଟ- ଚେନ୍ନାଇ**

**ସ୍ଥାନ-** ଅହମ୍ମଦାବାଦ୍, **ସମୟ-** ରାତି ୭.୩୦

**- ପ୍ରସାରଣ -**

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

**ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| କୋଲକାତା | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ | ୧୧ | ୮ | ୩ | ୧୬ | +୦.୪୭୬ |
| ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ଚେନ୍ନାଇ | ୧୧ | ୬ | ୫ | ୧୨ | +୦.୭୦୦ |
| ଦିଲ୍ଲୀ | ୧୨ | ୬ | ୬ | ୧୨ | -୦.୩୧୬ |
| ଲକ୍ଷ୍ନୌ | ୧୨ | ୬ | ୬ | ୧୨ | -୦.୭୬୯ |
| ବେଙ୍ଗାଲୁରୁ* | ୧୧ | ୪ | ୭ | ୮ | -୦.୦୪୯ |
| ପଞ୍ଜାବ* | ୧୧ | ୪ | ୭ | ୮ | -୦.୧୮୭ |
| ମୁମ୍ବାଇ | ୧୨ | ୪ | ୮ | ୮ | -୦.୨୧୨ |
| ଗୁଜରାଟ | ୧୧ | ୪ | ୭ | ୮ | -୧.୩୨୦ |

ହାଇଦ୍ରାବାଦ୍ ନିକଟରୁ ଲଜ୍ଜାଜନକ ପରାଜୟ

# ରାହୁଲଙ୍କ ଉପରେ ବର୍ଷିଲେ ଲକ୍ଷ୍ନୌ ମାଲିକ ଗୋଏଙ୍କା



**ହାଇଦରାବାଦ୍, ୯।୫ (ଏଜେନ୍ସି):** ଚଳିତ ଆଇପିଏଲ୍‌ରେ ବୁଧବାର ଖେଳାଯାଇଥିବା ଏକ ମୁକାବିଲାରେ ସନରାଇଜର୍ସ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ୧୦ ୱିକେଟ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ପରାସ୍ତ କରିଛି। ଏହି ମ୍ୟାଚରେ ଲୋକେଶ ରାହୁଲଙ୍କ ନେତୃତ୍ୱାଧୀନ ଲକ୍ଷ୍ନୌ ୧୬୬ ରନର ଲକ୍ଷ୍ୟ ଘରୋଇ ହାଇଦ୍ରାବାଦ୍ ସାମ୍ନାରେ ରଖିଥିଲା। ଯାହାକୁ ହାଇଦ୍ରାବାଦ୍‌ର ଦୁଇ ଓପନର୍ ଟ୍ରାଭିସ ହେଡ୍ (୩୦ ବଲରେ ୮୯ ରନ) ଓ ଅଭିଷେକ ଶର୍ମା (୨୮ ବଲରେ ୭୫ ରନ) କୌଣସି କ୍ଷତି ହେବାକୁ ନଦେଇ ଦଳକୁ ୯.୪ ଓଭରରେ ଜିତାଇଥିଲେ। ଏହି ଲଜ୍ଜାଜନକ ପରାଜୟ ପରେ ଲକ୍ଷ୍ନୌ ଫ୍ରାଞ୍ଚାଇଜର ମାଲିକ ସଞ୍ଜୀବ ଗୋଏଙ୍କା ଅଧିନାୟକ ରାହୁଲଙ୍କ ନେତୃତ୍ୱ ଶୈଳୀ ଉପରେ ଅତ୍ୟନ୍ତ କ୍ଷୁବ୍ଧ ହୋଇପଡ଼ିଥିଲେ। ଏପରିକି ମ୍ୟାଚ୍ ଶେଷ ହେବାପରେ ଗୋଏଙ୍କା ପଡ଼ିଆ ମଧ୍ୟକୁ ଯାଇ ହଜାର ହଜାର ଦର୍ଶକ ଓ କ୍ୟାମେରା ସମ୍ମୁଖରେ ରାହୁଲଙ୍କ ଉପରେ କିଛି ସମୟ ପର୍ଯ୍ୟନ୍ତ ଅସନ୍ତୋଷ ଜାହିର କରିଥିଲେ। ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଭାରତର ଜଣେ ଆଗଧାଡ଼ିର କ୍ରିକେଟର୍‌ଙ୍କ ସହ ଗୋଏଙ୍କା ପଡ଼ିଆ ମଧ୍ୟରେ କରିଥିବା ଏହି ବ୍ୟବହାରକୁ ଚାରିଆଡ଼ୁ ସମାଲୋଚନା କରାଯାଇଛି। ଦଳର ମାଲିକ ଭାବେ ସେ ପ୍ରଦର୍ଶନରେ ଅସନ୍ତୁଷ୍ଟ ଜାହିର କରିପାରିବେ। କିନ୍ତୁ ଖୋଲା ପଡ଼ିଆ ଓ କ୍ୟାମେରା ସାମ୍ନା ପରିବର୍ତ୍ତେ ବନ୍ଦ କୋଠରୀରେ ରାହୁଲଙ୍କୁ ଡାକି ନିଜର ଅସନ୍ତୋଷ ଜାହିର କରିପାରିଥାନ୍ତେ ବୋଲି ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଆହୁରି ମଧ୍ୟ ଜଣାପଡ଼ିଛି ଚଳିତ ଆଇପିଏଲ୍‌ର ଶେଷ ଦୁଇଟି ମ୍ୟାଚରୁ ରାହୁଲଙ୍କୁ ନେତୃତ୍ୱ ହରାଇବାକୁ ପଡ଼ିପାରେ।

### ୨୦୧୭ରେ ଧୋନିଙ୍କୁ ନେତୃତ୍ୱରୁ ବାହାର କରିଥିଲେ ଗୋଏଙ୍କା

ସଞ୍ଜୀବ ଗୋଏଙ୍କା ଓ ମହେନ୍ଦ୍ର ସିଂ ଧୋନିଙ୍କ ମଧ୍ୟରେ ସମ୍ପର୍କ ୨୦୧୬ରେ ଯୋଡ଼ି ହୋଇଥିଲା, ଯେତେବେଳେ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ୨ ବର୍ଷ ଲାଗି ଆଇପିଏଲ୍‌ରୁ ବାସନ୍ଦ କରାଯାଇଥିଲା। ସେ ସମୟ (୨୦୧୬) ରେ ଗୋଏଙ୍କା ରାଇଜିଂ ପୁଣେ ସୁପର୍ ଜାଏଣ୍ଟ୍ସ ଦଳକୁ କ୍ରୟ କରିଥିଲେ ଧୋନିଙ୍କୁ ଦଳର ନେତୃତ୍ୱ ପ୍ରଦାନ କରିଥିଲେ। କିନ୍ତୁ ଧୋନିଙ୍କ ନେତୃତ୍ୱରେ ରାଇଜିଂ ପୁଣେ ଦଳ ୧୪ ମ୍ୟାଚ୍ ଖେଳି ମାତ୍ର ୫ଟି ବିଜୟ ସହ ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଏଥିରେ ଧୋନିଙ୍କ ଉପରେ ଅସନ୍ତୁଷ୍ଟ ହୋଇ ଗୋଏଙ୍କା ୨୦୧୭ ସଂସ୍କରଣରେ ତାଙ୍କଠାରୁ ନେତୃତ୍ୱ ଛଡ଼ାଇ ନେଇ ଷ୍ଟିଭ ସ୍ମିଥ୍‌ଙ୍କୁ ଦେଇଥିଲେ। ଏହାପରେ ସେହି ସଂସ୍କରଣର ପ୍ରଥମ ମୁକାବିଲାରେ ସ୍ମିଥ୍ ଚମତ୍କାର ଅଧିନାୟକ ପାଳି ଖେଳି ରାଇଜିଂ ପୁଣେକୁ ଜିତାଇଥିଲେ। ଏଥିରେ ଅତ୍ୟନ୍ତ ଖୁସି ହୋଇ ଗୋଏଙ୍କା ଟୁଇଟ୍ କରିଥିଲେ 'ସ୍ମିଥ୍ ପ୍ରମାଣିତ କରିଦେଲେ ସେ ଜଙ୍ଗଲର ଅସଲି ସିଂହ'। ଏହି ଟୁଇଟ୍ ହିଁ ସେ ସମୟରେ ପ୍ରମାଣିତ କରିଦେଇଥିଲା ଧୋନି ଓ ଗୋଏଙ୍କା'ଙ୍କ ମଧ୍ୟରେ ସବୁକିଛି ଠିକ୍‌ଠାକ ନ ଥିଲା।

# ନୀରଜଙ୍କ ଉପରେ ନଜର, ପଦାର୍ପଣ କରିବେ କିଶୋର

**ଦୋହା, ୯।୫(ଏଜେନ୍ସି)**

**ଦୋହା ଡାଇମଣ୍ଡ ଲିଗ୍ ଆଜି**

ମଧ୍ୟପ୍ରାଚ୍ୟ ଦେଶ ଦୋହାରେ ଶୁକ୍ରବାର ଦୋହା ଡାଇମଣ୍ଡ ଲିଗ୍ ଅନୁଷ୍ଠିତ ହେବ। ଦୋହାର ସୁହେଇମ୍ ବିନ୍ ହାମାଦ କତାର ଷ୍ଟାଡିୟମରେ ଆୟୋଜନ ହେବାକୁ ଥିବା ଡାଇମଣ୍ଡ ଲିଗ୍‌ର ଏହି ୨୫ତମ ସଂସ୍କରଣରେ ବିଶ୍ୱରେ ଶ୍ରେଷ୍ଠ କ୍ରୀଡ଼ାବିତ୍‌ମାନେ ଦୌଡ଼କୁଦରେ ଭିନ୍ନ ଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରମାଣିତ କରିବାର ସୁଯୋଗ ପାଇବେ। ଏଡି ମେଗା ଇଭେଣ୍ଟରେ ଦୁଇ ଭାରତୀୟ ଜାଭେଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ଓ ଓଡ଼ିଶାର କିଶୋର ଜେନାଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି। ଏଥିରେ ଅଂଶଗ୍ରହଣ କରି ୨୦୨୦ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ନୀରଜ ଅଭିଯାନ ଆରମ୍ଭ କରିବେ। ନୀରଜ ଓ କିଶୋରଙ୍କ ସମେତ ମୋଟ୍ ୧୦ ଜଣ ଜାଭେଲିନ୍ ଫିଙ୍ଗାଳି ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଦକ୍ଷିଣ ଆଫ୍ରିକା ଓ ତୁର୍କୀରେ ଟ୍ରେନିଂ କରିବା ପରେ ୨୬ ବର୍ଷୀୟ ନୀରଜ ଏକ ଧମାକାଦାର ସିଜନ ଆରମ୍ଭ କରିବେ ବୋଲି ଆଶା କରାଯାଉଛି। ୫ ଦିନ ମଧ୍ୟରେ ଦୁଇ ତାରକା ଦୁଇଟି ଇଭେଣ୍ଟରେ ଭାଗ ନେବେ। ଦୋହା ଡାଇମଣ୍ଡ ଲିଗ୍ ପରେ ଆସନ୍ତା ୧୫ ତାରିଖରେ ଦୁହେଁ ଫେଡେରେସନ କପ୍‌ରେ ଅଂଶଗ୍ରହଣ କରିବାକୁ ଭୁବନେଶ୍ୱର ଆସିବେ। ଦୋହାରେ ପବନ ବହୁଥିବାରୁ ଲଙ୍ଗ ଥ୍ରୋ ଉପରେ ସବୁ ଜାଭେଲିନ ଫିଙ୍ଗାଳି ନିର୍ଭର କରିବେ। ନୀରଜଙ୍କୁ ୯୦ ମିଟର ପାର କରିବାର ଚାପ ରହିଛି। ସେ ଏହି ଚାପରୁ ମୁକୁଳି କିପରି ପ୍ରଦର୍ଶନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ ନୀରଜ ୮୮.୮୮ ମିଟର ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିବା ସହ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।



ଜାଭେଲିନ୍ ଇଭେଣ୍ଟ ଆରମ୍ଭ: ଶୁକ୍ରବାର ରାତି ୧୦.୧୦
ସିଧା ପ୍ରସାରଣ: ସ୍ପୋର୍ଟ୍ସ ୧୮ ନେଟ୍‌ୱର୍କ, ଜିଓ ସିନେମା

# ମଉଳିଲା ବଜରଙ୍ଗଙ୍କ ପ୍ୟାରିସ୍ ଅଲିମ୍ପିକ୍ ଆଶା

**ନୂଆଦିଲ୍ଲୀ, ୯।୫(ଏଜେନ୍ସି)**

**ନାଡା ପରେ ନିଲମ୍ବନ କଲା ବିଶ୍ୱ କୁସ୍ତି ମହାସଂଘ**



୨୦୨୦ ଟୋକିଓ ଅଲିମ୍ପିକ୍ସ କାଂସ୍ୟ ପଦକ ବିଜେତା ଭାରତୀୟ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆଙ୍କୁ ଜବରଦସ୍ତ ଝଟ୍‌କା ଲାଗିଛି। ଜାତୀୟ ନିଶା ନିବାରଣ ସଂସ୍ଥା (ନାଡା) ପରେ ଏବେ ବିଶ୍ୱ କୁସ୍ତି ମହାସଂଘ ବା ୱାର୍ଲ୍ଡ ରେସଲିଂ ଫେଡେରେସନ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ମଧ୍ୟ ତାଙ୍କୁ ନିଲମ୍ବନ କରିଛି। ସେ ନାଡ଼ାକୁ ଡୋପ୍‌ଟେଷ୍ଟ ପାଇଁ ନମୁନା ଦେବାକୁ ମନା କରିଥିବାରୁ ଏହିଭଳି ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଏକ୍ସପାରୀ ହୋଇଥିବା କିଟ୍ ଦିଆଯିବାରୁ ସେ ନମୁନା ଦେବାକୁ ମନା କରିଦେଇଥିଲେ। ଏହା ଦ୍ୱାରା ସେ ନିଶା ନିବାରଣ ନିୟମର ଉଲ୍ଲଂଘନ କରିଥିବାରୁ ଗତ ଏପ୍ରିଲ ୨୩ରେ ନାଡା ତାଙ୍କୁ ସାମୟିକ ଭାବେ ନିଲମ୍ବନ କରିଥିଲା। ୟୁଡବ୍ଲ୍ୟୁଡବ୍ଲ୍ୟୁ ତାଙ୍କୁ ଚଳିତ ବର୍ଷ ଶେଷ (ଡିସେମ୍ବର ୩୧) ପର୍ଯ୍ୟନ୍ତ ନିଲମ୍ବନ କରିଛି। ଫଳରେ ପ୍ୟାରିସ ଅଲିମ୍ପିକ୍ସ ଖେଳିବା ନେଇ ତାଙ୍କ ସ୍ୱପ୍ନ ଶେଷ ହୋଇଛି। ନାଡାର ଏହି ପଦକ୍ଷେପ ସତ୍ତ୍ୱେ ଭାରତୀୟ ଖେଳ ପ୍ରାଧୀକରଣ (ସାଇ) ଆଶ୍ଚର୍ଯ୍ୟଜନକ ଭାବେ ତାଙ୍କୁ ବିଦେଶରେ ଟ୍ରେନିଂ ନେବାକୁ ୯ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଛି। ଏପ୍ରିଲ ୧୮ ସୁଦ୍ଧା ତାଙ୍କୁ କାରଣ ଦର୍ଶାଅ ନୋଟିସର ଉତ୍ତର ଦେବାକୁ କୁହାଯାଇଥିଲେ ମଧ୍ୟ ସେ ଏହାର ଜବାବ ଦେଇ ନଥିଲେ। ଫଳରେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେ ଆସନ୍ତା ୨୮ରୁ ରୁଷିଆରେ ଟ୍ରେନିଂ ନେବାର କାର୍ଯ୍ୟକ୍ରମ ରହିଛି।

ଏମ୍‌ଜିଏମ୍ ସ୍କୁଲ ଅଫ ସ୍ପୋର୍ଟ୍ସ

# ୧୬ରୁ ଅଣ-ଆବାସିକ ଖେଳାଳିଙ୍କ ପ୍ରଶିକ୍ଷଣ



**କଟକ, ୯।୫(ସମିସ):** ଗୁରୁଡିଝାଟିଆ କପୁରସିଂହ ସ୍ଥିତ ଏମଜିଏମ୍ ସ୍କୁଲ ଅଫ ସ୍ପୋର୍ଟସରେ କ୍ରିକେଟ ପ୍ରଶିକ୍ଷଣ ନେଇ ପ୍ରସ୍ତୁତି ଜୋରଦାର ଭାବେ ଜାରି ରହିଛି। ପର୍ଯ୍ୟାୟକ୍ରମେ ଖେଳାଳି ଚୟନ କରାଯାଉଛି। ଆସନ୍ତା ୧୬ ତାରିଖରୁ ଅଣ-ଆବାସିକ ଖେଳାଳିଙ୍କ ପଞ୍ଜୀକରଣ ଓ ପ୍ରଶିକ୍ଷଣ ଆରମ୍ଭ ହେବ। ୧୮ ଓ ୧୯ ତାରିଖରେ ଏଠାରେ ଦୁଇ ଦିନିଆ ଖେଳାଳି ଚୟନ ଶିବିର ଆୟୋଜନ କରାଯିବ। ଏଥିରୁ ଆବାସିକ ପ୍ରଶିକ୍ଷଣ ନିମନ୍ତେ ଖେଳାଳି ବଛାଯିବେ। ଜୁନ୍ ୨ରୁ ଏମଜିଏମ୍ ସ୍କୁଲ ଅଫ ସ୍ପୋର୍ଟସର ଆବାସିକ ଖେଳାଳିଙ୍କ ପ୍ରଶିକ୍ଷଣ ଆରମ୍ଭ ହେବ ବୋଲି ଆଜି ଏକ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଅତ୍ୟାଧୁନିକ ବ୍ୟବସ୍ଥା ଓ ସର୍ବୋତ୍ତମ ପରିବେଶ ଭିତରେ ଆବାସିକ ଖେଳାଳିଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହାଛଡ଼ା ମର୍ଯ୍ୟାଦାଜନକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁଡିକରେ ଭାଗ ନେଇ ପ୍ରତିଭାର ବିକାଶ ପାଇଁ ଏଠାକାର ଖେଳାଳିଙ୍କୁ ସୁଯୋଗ ଦିଆଯିବ। ଏମଜିଏମ୍ ଏକାଡେମୀରେ ନାମ ପଞ୍ଜୀକରଣ ନିମନ୍ତେ କ୍ଷୀରୋଦ ଓ ବିଶ୍ୱପ୍ରକାଶ ମହାପାତ୍ରଙ୍କ ସହ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି। ପ୍ରକାଶଥାଉକି, ଦେଶର ଖ୍ୟାତିସମ୍ପନ୍ନ କ୍ରିକେଟ ଅନୁଷ୍ଠାନ 'କୋଚିଙ୍ଗ ବିୟଣ୍ଡ' ସହିତ ଏମଜିଏମ୍ ସ୍କୁଲ ଅଫ ସ୍ପୋର୍ଟସ ଏକ ଏମଓୟୁ ସ୍ୱାକ୍ଷର କରିଛି। କୋଚିଙ୍ଗ ବିୟଣ୍ଡର ପ୍ରତିଷ୍ଠାତା ହେଉଛନ୍ତି ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ରବି ଶାସ୍ତ୍ରୀ, ବି ଅରୁଣ ଏବଂ ଆର ଶ୍ରୀଧର। କ୍ରିକେଟ ଜଗତର ଏହି ତିନି ଚର୍ଚ୍ଚିତ ବ୍ୟକ୍ତିତ୍ୱ ମୁଖ୍ୟ ପ୍ରଶିକ୍ଷକ ଭାବେ ଏମଜିଏମ୍ ଏକାଡେମୀର ଖେଳାଳିଙ୍କ ଦକ୍ଷତା ବିକାଶ ଦିଗରେ ଗୁରୁତ୍ୱ ଦେବେ। ଏହାଛଡ଼ା ବିସିସିଆଇର ଲେଭଲ-୨ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ପ୍ରଦାନ କରିବେ। ସେହିପରି ପୂର୍ବତନ କ୍ରିକେଟର ଭେଙ୍କଟପତି ରାଜୁ ମଧ୍ୟ ଏଠାରେ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ସୂଚନା ଦିଆଯାଇଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA